ବର୍ଷ-୫୧ : ସଂଖ୍ୟା-୮ ଅଗଷ୍ଟ, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଚେତନାକୁ ପ୍ରସାରିତ କର | ··· | ଶ୍ରୀମା | ··· | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ଉପସଂହାର - ୧) | | | | |
| ବ୍ରିଟିଶ ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦ ପ୍ରସଙ୍ଗ | ··· | ମନୋଜ ଦାସ | ··· | ୯ |
| ଯୋଗିରାଜ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୧୩ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଦ୍ୱାବିଂଶ ଅଧ୍ୟାୟ) | | | | |
| ତ୍ରିଗୁଣାତୀତ | ··· | ଶେଖ ଅବଦୁଲ କାଶମ | ··· | ୧୪ |
| ଭୟର ଦୂରୀକରଣ | ··· | ଶ୍ରୀମା | ··· | ୧୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୭) | ··· | ··· | ··· | ୨୦ |
| ଆଶ୍ଚର୍ଯ୍ୟ ପ୍ରଦୀପର ଶେଷକଥା | ··· | ମନୋଜ ଦାସ | ··· | ୨୪ |
| ପ୍ରଣମ୍ୟହଂ (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୨୬ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୨) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୦) | ··· | ସାହାନା ଦେବୀ | ··· | ୩୧ |
| କବି ନିଶିକାନ୍ତ (୧) | ··· | ··· | ··· | ୩୩ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୩) | ··· | ଗୟାଧର ଦାଶ | ··· | ୩୬ |
| ମହାଶକ୍ତିଙ୍କ ପାର୍ଥିବ ଅଭିଯାତ୍ରା (୨) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୦ |
| ସୁସ୍ଥତାର ପରମ ଗୋପନୀୟତା (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୪ |
| ଆମ ଶରୀର (୨୮) | ··· | ଭୋଳେଶ୍ୱର ଭୂୟାଁ | ··· | ୪୭ |
| ଶ୍ରମର ଆନନ୍ଦ | ··· | ··· | ··· | ୫୧ |
| ଏ ସଂଘର୍ଷ ଚୂଡ଼ାନ୍ତ ନିଶ୍ଚୟ (କବିତା) | ··· | ଜ୍ୟୋତ୍ସ୍ନାରାଣୀ ଦାଶ | ··· | ୫୨ |
| ଯାହାକୁ ରଖନ୍ତି ଅନନ୍ତ | ··· | ··· | ··· | ୫୩ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୫ |
| ଦୁର୍ଯୋଗ ନିହିତ ସମ୍ଭାବ୍ୟ 'ସଙ୍କେତ' | ··· | ମନୋଜ ଦାସ | ··· | ୫୯ |


❖

# ପ୍ରାର୍ଥନା

କ'ଣ ତେବେ ସେ ତ୍ରୁଟି, ସେ ବିଚ୍ୟୁତି, ଯାହା ତୁମକୁ (ଆମର) ଅର୍ଘ୍ୟ ସ୍ୱାଗତ କରିବାକୁ ଦେଉ ନାହିଁ, ଯେଉଁ ସକାଶେ (ଆମର) ଯଜ୍ଞାର୍ପଣ ତୁମର ଗ୍ରହଣଯୋଗ୍ୟ ମନେ ହେଉ ନାହିଁ ?... ଏହି ସତ୍ତା ଭିତରେ ଅଦ୍ୟାବଧି ରହିଛି କେତେକ ସୀମିତତା, କିନ୍ତୁ ତୁମେ କ'ଣ ସେସବୁକୁ ଧ୍ୱସ୍ତ କରି ଦେବ ନାହିଁ ?

ହେ ପ୍ରଭୁ, ଆମେ ଜାଣୁ, ପୃଥିବୀ ସକାଶେ ଏହା ଏକ ଅତୀବ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ : ଏ ସଂଘର୍ଷ ଭିତରୁ ଏକ ମହତ୍ତର ସଂହତି ଏବଂ ତା'ର ଅନ୍ଧକାର କଦର୍ଯ୍ୟତା ଭିତରୁ ଏକ ଦିବ୍ୟତର ସୌନ୍ଦର୍ଯ୍ୟର ଉଦ୍ଭବ ସମ୍ଭବ କରିବା ନିମନ୍ତେ ଏ ପୃଥିବୀ ପାଇଁ ଯେଉଁମାନେ ତୁମର ମଧ୍ୟସ୍ଥ ହୋଇ ପାରିବେ ସେମାନେ କର୍ମ ସକାଶେ ପ୍ରସ୍ତୁତ ରହିବା ଆବଶ୍ୟକ । ହେ ପ୍ରଭୁ, ହେ ଶାଶ୍ୱତ ମୁନିବ, ତୁମକୁ ଆମର ମିନତି, ଆମ ପ୍ରୟାସର ପ୍ରତ୍ୟୁତ୍ତର ଦିଅ, ଏହାକୁ ଜ୍ଞାନାଲୋକିତ କର, ଆମକୁ ମାର୍ଗ ପ୍ରଦର୍ଶନ କର, ସମସ୍ତ ଆଭ୍ୟନ୍ତରୀଣ ବାଧା ଏବଂ ପ୍ରତ୍ୟେକ ପ୍ରତିବନ୍ଧକ ଅତିକ୍ରମ କରିବା ସକାଶେ ଆମକୁ ଶକ୍ତି ପ୍ରଦାନ କର ।

ହେ ମୋର ମଧୁମୟ ମୁନିବ, ତୁମ ପଦପ୍ରାନ୍ତେ ମୁଁ ସାଷ୍ଟାଙ୍ଗ ପ୍ରଣତ; ମୋର ସମଗ୍ର ସତ୍ତା ଏକ ଉଦ୍ଦୀପ୍ତ ପ୍ରାର୍ଥନାରେ ତୁମକୁ ଆର୍ତ୍ତକଣ୍ଠେ ଜଣାଏ ... ''ମୋତେ ବ୍ୟକ୍ତି ସୀମିତ ଅସ୍ତିତ୍ୱର ଅକ୍ଷମତାରୁ ମୁକ୍ତ କର ।''

ଅଗଷ୍ଟ ୬, ୧୯୧୪ — ଶ୍ରୀମା



# ମାତୃବାଣୀ

Sri Aurobindo incarnated in a human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by his own personal realisation given us the example; he has provided us with the proof that the thing can be done and the time is now to do it.

(MCW, Vol. 13 p. 21) – The Mother

ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଏକ ମାନବଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ ତାହା ନୁହେଁ, ବରଂ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

(୯୬)

## ଶ୍ରୀଅରବିନ୍ଦ

AROUND him shone a great felicitous Day.
ତାଙ୍କ ଚତୁଃପାର୍ଶ୍ୱରେ ଉଦ୍ଭାସିତ ହୋଇଉଠିଲା ଏକ ମହାନ୍ ସୁଖାପ୍ଲୁତ ଦିବସ ।
A lustre of some rapturous Infinite,
It held in the splendour of its golden laugh
Regions of the heart's happiness set free,
Intoxicated with the wine of God,
Immersed in light, perpetually divine.
କେଉଁ ହର୍ଷୋତ୍‌ଫୁଲ୍ଲ ଅନନ୍ତର ଏକ ଜ୍ୟୋତିଃ ଆପଣାର ହିରଣ୍ମୟ ହାସ୍ୟର ଶୋଭା ଗୌରବରେ ଧରି ରଖିଥିଲା ମୁକ୍ତ ହୃଦୟର ପ୍ରସନ୍ନତାଭରା ମୁଲକସକଳ, ବିଭୁଙ୍କ ସୋମରସରେ ସେସବୁ ଥିଲେ ମଦମତ୍ତ, ଆଲୋକ-ନିମଗ୍ନ, ଚିରନ୍ତନ ଭାବେ ଦିବ୍ୟ ।
A favourite and intimate of the Gods
Obeying the divine command to joy,
It was the sovereign of its own delight
And master of the kingdoms of its force.
ଦେବଗଣଙ୍କର ପ୍ରିୟ ଏବଂ ଅନ୍ତରଙ୍ଗ, ଦେବାଦେଶ ପାଳନ-ପୂର୍ବକ ତାହା ଆନନ୍ଦାଭିମୁଖୀ ହେଉଥିଲା, ଆପଣା ଆହ୍ଲାଦର ଆପେ ହିଁ ସର୍ବାଧିପତି ତଥା ଆପଣା ଶକ୍ତିମତ୍ତାର ଯେତେସବୁ ରାଜ୍ୟ ତାହାର ଏକଛତ୍ର ପ୍ରଭୁ ହୋଇ ରହିଥିଲା ।
Assured of the bliss for which all forms were made,
Unmoved by fear and grief and the shocks of Fate
And unalarmed by the breath of fleeting Time
And unbesieged by adverse circumstance,
It breathed in a sweet secure unguarded ease
Free from our body's frailty inviting death,
Far from our danger-zone of stumbling Will.
ଯେଉଁ ଆନନ୍ଦ ସକାଶେ ସମସ୍ତ ରୂପର ସର୍ଜନା ହୋଇଥିଲା ସେ ବିଷୟରେ ତାହା ସୁନିଶ୍ଚିତ ଥିଲା, ଭୟ, ଶୋକ ଓ ଭାଗ୍ୟର ଆଘାତ ସକଳରେ ଥିଲା ଅବିଚଳ, ଧାବମାନ କାଳର ଶ୍ୱାସ ତାହାକୁ ଆତଙ୍କିତ କରିପାରୁ ନ ଥିଲା । ପ୍ରତିକୂଳ ପରିସ୍ଥିତି ଦ୍ୱାରା ତାହା ଅନବରୁଦ୍ଧ ହୋଇ ରହିଥିଲା, ଏକ ସୁମଧୁର ନିରାପଦ ପହରାରହିତ ସ୍ୱଚ୍ଛନ୍ଦତାକୁ ତାହା ଶ୍ୱାସବାୟୁ ରୂପେ ସେବନ କରୁଥିଲା, ମୃତ୍ୟୁକୁ ଆମନ୍ତ୍ରଣ କରୁଥିବା ଆମ ଦେହର ଦୌର୍ବଲ୍ୟରୁ ତାହା ମୁକ୍ତ ଥିଲା, ପଦେ ପଦେ ସ୍ଖଳିତ ହେଉଥିବା ଆମ ସଂକଳ୍ପର ସଂକଟ ମଣ୍ଡଳରୁ ତାହା ବହୁ ଦୂରରେ ଅବସ୍ଥାନ କରୁଥିଲା ।
It needed not to curb its passionate beats;
Thrilled by the clasp of the warm satisfied sense
And the swift wonder-rush and flame and cry
Of the life-impulses' red magnificent race,
It lived in a jewel-rhythm of the laughter of God
And lay on the breast of universal love.
ହୃଦୟାବେଗର ସ୍ପନ୍ଦନସକଳକୁ ଦମନ କରିବାର କୌଣସି ପ୍ରୟୋଜନ ନ ଥିଲା ତା' ପାଖରେ; ତୃପ୍ତ ଇନ୍ଦ୍ରିୟର ଉଷ୍ମ ଆଲିଙ୍ଗନ ଏବଂ ଜୀବନ-ପ୍ରେରଣାର ଅପରୂପ ରକ୍ତିମ ସ୍ରୋତର କ୍ଷିପ୍ର ଆଶ୍ଚର୍ଯ୍ୟ-ପ୍ରବେଗ, ଅଗ୍ନିଶିଖା ଓ କଣ୍ଠରବରେ ଶିହରିତ ହୋଇ ଈଶ୍ୱରଙ୍କ ହାସ୍ୟର ଏକ ରତ୍ନ-ଛନ୍ଦ ମଧ୍ୟରେ ତାହା ନିବାସ କରୁଥିଲା ଏବଂ ବିଶ୍ୱମୟ ପ୍ରେମର ବକ୍ଷ ଉପରେ ନେଉଥିଲା ଆଶ୍ରୟ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଚେତନାକୁ ପ୍ରସାରିତ କର

## ଶ୍ରୀମା

### ସ୍ଥିର ହୋଇ ବସ

ତୁମ ହାତରେ ଯେତେବେଳେ ଟିକେ ସମୟ ଅଛି, ଘଣ୍ଟାଏ ହେଉ କି କେତୋଟି ମିନିଟ ହେଉ, ସେତେବେଳେ ତୁମେ ନିଜକୁ କୁହ, ‘‘ଯାହାହେଉ, ଶେଷରେ ମୋତେ ଟିକେ ସମୟ ମିଳିଲା ଏକାଗ୍ର ହେବା ପାଇଁ, ନିଜକୁ ସଂଗୃହୀତ କରିବା ପାଇଁ, ଜୀବନର ଉଦ୍ଦେଶ୍ୟକୁ ପୁନରୁଜ୍ଜୀବିତ କରିବା ପାଇଁ, ସତ୍ୟ ଏବଂ ଶାଶ୍ୱତଙ୍କ ପାଖରେ ନିଜକୁ ସମର୍ପଣ କରିବା ପାଇଁ ।’’ ଯଦି ତୁମେ ଏଇ କଥାଟି ବରାବର କରୁଥାଅ, ତାହାହେଲେ ବାହ୍ୟ ପରିସ୍ଥିତି ଦ୍ୱାରା ତୁମେ କେବେ ଆକ୍ରାନ୍ତ ହେବ ନାହିଁ । ତା’ହେଲେ ତୁମେ ଦେଖିବ ଯେ ତୁମେ ଠିକ୍ ରାସ୍ତାରେ ଶୀଘ୍ର ଶୀଘ୍ର ଅଗ୍ରସର ହୋଇ ଚାଲିଛ । ଏଣୁ ତେଣୁ ଅର୍ଥହୀନ ଗପ କରି, ଏଣୁ ତେଣୁ ଅନାବଶ୍ୟକ କାମ କରି ଏବଂ ଚେତନାକୁ ନିମ୍ନଗାମୀ କରୁଥିବା ଏଣୁ ତେଣୁ ବହି ପଢ଼ି ସମୟ ନଷ୍ଟ କରିବା ପରିବର୍ତ୍ତେ ... ନିଜକୁ ଉଦାର, ଶାନ୍ତ-ସମାହିତ ରଖିବା, ଭାରସାମ୍ୟ ଭିତରେ ରଖିବା, ନିଜେ ଧୈର୍ଯ୍ୟଶୀଳ ହେବା, ନୀରବ ଓ ନିଶ୍ଚଳ ରହିବା ଅତ୍ୟନ୍ତ କଲ୍ୟାଣକର । କିନ୍ତୁ ଯେଉଁ ସୁଯୋଗ ତୁମକୁ ଦିଆଯାଇଛି ତାକୁ କେତେବେଳେ ହେଲେ ବି ହାତଛଡ଼ା କରିବା ଉଚିତ ନୁହଁ । ତା’ମାନେ, ଯେଉଁ କେତୋଟି ଅବସରପୂର୍ଣ୍ଣ ମୁହୂର୍ତ୍ତ ତୁମକୁ ମିଳୁଛି ତାକୁ ଏହି ପରି ଯଥାର୍ଥ ଉଦ୍ଦେଶ୍ୟରେ ବିନିଯୋଗ କରିବା ଉଚିତ ।

... କେଉଁଠି ଟିକେ ଶାନ୍ତ ସମାହିତ ହୋଇ ଆକାଶ ତଳେ ବସ, ସମୁଦ୍ର କୂଳରେ କିଂବା ଗଛମୂଳରେ, ଯେଉଁଠି ସମ୍ଭବ ସେଠି ଯାଇ ଚୁପ୍‌ଚାପ ବସ ... ବୁଝିବାକୁ ଚେଷ୍ଟା କର କେଉଁଥି ପାଇଁ ତୁମେ ବଞ୍ଚିଛ, କିପରି ବଞ୍ଚିବା ଉଚିତ ତାହା ଶିକ୍ଷା କର, କ’ଣ ତୁମେ କରିବାକୁ ଚାହୁଁଛ ଏବଂ କ’ଣ କରିବା ଉଚିତ, ଯେଉଁ ଅଜ୍ଞାନ, ମିଥ୍ୟା ଓ ଯନ୍ତ୍ରଣା ଭିତରେ ତୁମେ ବଞ୍ଚିଛ ସେଥିରୁ ରକ୍ଷା ପାଇବା ପାଇଁ ସର୍ବୋତ୍ତମ ଉପାୟ କ’ଣ ? ସେ ସମ୍ବନ୍ଧେ ନୀରବ, ନିଶ୍ଚଳ ଓ ଶାନ୍ତ ଭାବେ ଏକାଗ୍ର ହୁଅ ।

### ତୁମ ଚେତନାକୁ ପ୍ରସାରିତ କର

ତୁମେ ଯଦି ଉପଲବ୍ଧି କରିପାର ... ଦେଖିପାର ଓ ସେହି ଛବିଟି ମନରେ ଆଙ୍କିପାର ଯେ ଏଇ ଯେଉଁ ଛୋଟ ପୃଥିବୀରେ ତୁମେ ରହିଛ, ତା’ ଭିତରେ ତୁମେ କେଡ଼େ ଛୋଟ ବ୍ୟକ୍ତିଟିଏ, ଏବଂ ସେହି ଛୋଟ ମୁହୂର୍ତ୍ତକର ଚେତନାଟି ମଧ୍ୟ କେତେ କ୍ଷୁଦ୍ର ଯାହା ବର୍ତ୍ତମାନ ତୁମକୁ ଏତେ କଷ୍ଟଦାୟକ ଓ ଅପ୍ରୀତିକର ଲାଗୁଥିଲା,... ହଠାତ୍ ତୁମେ ବୁଝିପାର ଯେ ଯେଉଁ ଘଟନାଟି ତୁମକୁ ଏତେ କଷ୍ଟ ଦେଇଥିଲା, ତାହା ଉପରେ ଗୁରୁତ୍ୱ ଦେବା କେଡ଼େ ହାସ୍ୟକର କଥା ... । **ସତକୁ ସତ** ତୁମେ ଅନୁଭବ କର ଯେ... କେବଳ ନିଜ ଜୀବନ ଉପରେ, ନିଜ ଉପରେ ଏବଂ ତୁମ ପାଇଁ ଯାହା ଘଟିଗଲା ତା’ ଉପରେ କୌଣସି ଗୁରୁତ୍ୱ ଦେବା କେଡ଼େ ଉଦ୍ଭଟ ବ୍ୟାପାର । ତୁମେ ଯଦି ଏହା ଠିକ୍ ଭାବେ କରିପାର ତେବେ ତିନି ମିନିଟ୍ ଭିତରେ ସବୁ କିଛି ଅପ୍ରୀତିକର ଅବସ୍ଥା ଭାସି ଯିବ । ଏପରିକି ଅତି ଗଭୀର ଯନ୍ତ୍ରଣାଟିଏ ମଧ୍ୟ ପୋଛି ହୋଇଯିବ । ନିଜକୁ ସେଇ ଅସୀମ ଓ ଶାଶ୍ୱତଙ୍କ ଭିତରକୁ ନେଇ ଯିବା ଲାଗି ଏଇ ଭଳି ଟିକିଏ ଏକାଗ୍ରତା ଦରକାର । ତା’ପରେ ସବୁ କିଛି ଚାଲି ଯାଏ । ଜଣେ ତା’ ଭିତରୁ ପରିଷ୍କାର ହୋଇ ବାହାରି ଆସେ । ଜଣେ **ସବୁ ପ୍ରକାର** ଆସକ୍ତିରୁ ମୁକ୍ତି ପାଏ, ଏବଂ ଏପରିକି, ମୁଁ କହୁଛି, ତୁମେ ତୁମର ଗଭୀରତମ ଦୁଃଖରୁ ମଧ୍ୟ ରକ୍ଷା ପାଇଯିବ – ଯଦି ତୁମେ ଠିକ୍ ଭାବେ ଏହା କରି ପାରିବ, ତାହାହେଲେ ଏହି ବାଟରେ ସବୁ କଥାରୁ ମୁକ୍ତି ପାଇଯିବ । ଏହା ସଙ୍ଗେ ସଙ୍ଗେ ତୁମକୁ ତୁମ କ୍ଷୁଦ୍ର ଅହଂକାର ଭିତରୁ ବାହାର କରି ଆଣେ । ବାସ୍ ସେତିକି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ଉପସଂହାର - ୧)
## ବ୍ରିଟିଶ ପାର୍ଲିଆମେଣ୍ଟରେ ଶ୍ରୀଅରବିନ୍ଦ ପ୍ରସଙ୍ଗ

## ମନୋଜ ଦାସ


''ନିର୍ବାଚିତ ସଂସଦ ଯାହାକି ଇଂରେଜ ରାଜନୈତିକ ପ୍ରତିଭାର ଉଦ୍ଭାବନ, ଗଣତନ୍ତ୍ରର ବିକାଶରେ ଏକ ଆବଶ୍ୟକୀୟ ପର୍ଯ୍ୟାୟ । କାରଣ ଏହା ବିନା, ସାମାନ୍ୟ ଦ୍ୱନ୍ଦ୍ୱ ସତ୍ତ୍ୱେ, ବହୁଳ ସଂଖ୍ୟକ ହାରାହାରି ମଣିଷଙ୍କ ପାଇଁ ରାଜନୀତି, ପ୍ରଶାସନ, ଅର୍ଥନୀତି, କାନୁନ ପ୍ରଣୟନ ଭଳି ବିରାଟ ସମସ୍ୟାସବୁରେ ସହଜରେ ଉନ୍ନୟନ ବିଧାନ ହୋଇପାରନ୍ତା ନାହିଁ । ଆହୁରି ମଧ୍ୟ ଏହାହିଁ ଶାସନ କଳକୁ ବ୍ୟକ୍ତି ଓ ଜାତିର ସ୍ୱାଧିକାର କ୍ଷୁଣ୍ଣ କରିବାରୁ ନିବୃତ୍ତ ରଖିବା ନିମନ୍ତେ ଅଦ୍ୟାବଧି ଆବିଷ୍କୃତ ଏକମାତ୍ର ସଫଳ ଉପାୟ ।''

— ଶ୍ରୀଅରବିନ୍ଦ[୧]

ସାମୟିକ ଭାବରେ ଚିତ୍କାରଧର୍ମୀ ବକ୍ତୃତାର ପରମ୍ପରାରେ ବିରତି ଦେଖା ଦେଇଥିଲା । (ଅବଶ୍ୟ ଦୁଇ ମହାଯୁଦ୍ଧ କାଳରେ ତା'ର ପୁନଃପ୍ରବର୍ତ୍ତନ ହେଲା ।) ବ୍ରିଟିଶ ଗଣତନ୍ତ୍ରର ଦୁଇ ସର୍ବୋଚ୍ଚ ପ୍ରତିଷ୍ଠାନ ହେଲେ House of Commons (ଆମ ଲୋକସଭାର ପ୍ରତିରୂପ) ଏବଂ House of Lords (ଅବିକଳ ନ ହେଲେ ମଧ୍ୟ ଆମ ରାଜ୍ୟସଭାର ଭୂମିକା ସହ ଏହାର ଭୂମିକା ତୁଳନୀୟ); ଉପନିବେଶ ବଜାୟ ରଖିବା ଅବଶ୍ୟ ଉଭୟ ପ୍ରତିଷ୍ଠାନର ଅଧିକାଂଶ ସଦସ୍ୟଙ୍କର ଆକାଂକ୍ଷା ଥାଏ, ଯଦ୍ୟପି ମୁଷ୍ଟିମେୟଙ୍କର ହୃଦୟ ପରିବର୍ତ୍ତନ ଆରମ୍ଭ ହୋଇଥିଲା ।

ଏହି ପରିସ୍ଥିତିରେ ବ୍ରିଟିଶ ଲୋକସଭାରେ ଦୀର୍ଘ ଆଲୋଚନାଟିଏ ହୋଇଥିଲା ଶ୍ରୀଅରବିନ୍ଦଙ୍କ ଉପରେ । କୌଣସି ଭାରତୀୟ ରାଷ୍ଟ୍ରନେତାଙ୍କ ସମ୍ପର୍କରେ ସେଭଳି ଆଲୋଚନା ଅଥବା ବିତର୍କ ପୂର୍ବରୁ ହୋଇଥିବାର ପ୍ରମାଣ ନାହିଁ । ପରବର୍ତ୍ତୀ କାଳରେ ମଧ୍ୟ ହୋଇଛି ବୋଲି ମନେ ହୁଏନା । ବିଡ଼ମ୍ବନା ହେଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଲିପିକାରମାନେ ଏହାର ଉଲ୍ଲେଖ ମଧ୍ୟ କରି ନାହାନ୍ତି ।

ପଟଭୂମି ଏହିପରି :

ପ୍ରଥମ ଥର ପାଇଁ ''ଶ୍ରମିକ ପ୍ରତିନିଧି ସମିତି'' ନାମକ ଦଳ ବ୍ରିଟେନର ଲୋକସଭାକୁ ୨୯ଟି ଆସନରୁ ନିର୍ବାଚିତ ହେଲେ ଏବଂ ଦଳର ନାମ ବଦଳାଇ ''ଶ୍ରମିକ ଦଳ'' ବୋଲି ରଖିଲେ । ଏ ଅଭ୍ୟୁତ୍ଥାନମୁଖୀ ଦଳର ଦୁଇ ନେତା ହେଲେ ସ୍କଟ୍‌ଲାଣ୍ଡର କିର ହାର୍ଡ଼ି (୧୮୫୬ - ୧୯୧୫) ଏବଂ ରାମ୍‌ସେ ମ୍ୟାକ୍‌ଡୋନାଲଡ୍ (୧୮୬୬ - ୧୯୩୭) । ମ୍ୟାକ୍‌ଡୋନାଲଡ୍ ତାଙ୍କ ଦଳର ନେତା ଭାବରେ ଦୁଇଥର (୧୯୨୪ ଓ ୧୯୩୧) ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଥିଲେ ।

କ୍ରମେ କିଞ୍ଚିତ୍ ବିଜ୍ଞ ବିଲାତବାସୀମାନେ ବୁଝିବାକୁ ଆରମ୍ଭ କରିଥିଲେ ଯେ ଖାଲି ଭାରତର କେତେକ ବିଶେଷ ଶ୍ରେଣୀର ଲୋକେ ଯେ ସ୍ୱାଧୀନତା ପାଇଁ ଦୃଢ଼ପ୍ରତିଜ୍ଞ ତାହା ନୁହେଁ, ସେ ବିଶାଳ ଭୂଖଣ୍ଡର ଜନସାଧାରଣଙ୍କ ଭିତରେ ମଧ୍ୟ ସେଥିପାଇଁ ଗଭୀର ଆଗ୍ରହ ବଢ଼ିବାରେ ଲାଗିଛି । ଗତାନୁଗତିକ ଦମନ ରୀତିରେ ସେ ଆଗ୍ରହ ରୋକିବା ସମ୍ଭବପର ହେବ ନାହିଁ ।

୧୯୧୦ ଏପ୍ରିଲ ୨୮ ତାରିଖରେ ହୋଇଥିବା ଏ ବିତର୍କ ବେଳେ ପ୍ରଧାନମନ୍ତ୍ରୀ ଥିଲେ ଅଧୁନା ବିଲୁପ୍ତ ଉଦାର ଦଳ (Liberal Party)ର ନେତା ଲର୍ଡ଼ ଆସ୍‌କୁଇଥ୍ । ବ୍ରିଟିଶ ଲୋକସଭାରେ ଶ୍ରୀଅରବିନ୍ଦ ପୂର୍ବରୁ ମଧ୍ୟ କେତେଥର ଆଲୋଚିତ ହୋଇଥିଲେ । ୧୯୦୯ ଅଗଷ୍ଟ ୫ ତାରିଖରେ ଜେ. ଡ଼ି. ରିସ୍ ନାମଧେୟ ସାଂସଦ ଦାବି କରି ଥିଲେ ଯଦ୍ୟପି ବିନା ବିଚାରରେ ଦ୍ୱୀପାନ୍ତର ସ୍ୱୈରାଚାରିତା, ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ସେ ନୀତି ମୁଲତବୀ ରଖି ତାଙ୍କୁ ତୁରନ୍ତ ସେ ଦଣ୍ଡ ଦେବା ଆବଶ୍ୟକ, ଯେହେତୁ ଭାରତର ଯୁବସମାଜ ଉପରେ ତାଙ୍କର ପ୍ରଭାବ ପ୍ରଚଣ୍ଡ । ସେ ଆହୁରି ମଧ୍ୟ ଘୋଷଣା କରିଥିଲେ, ''ପ୍ରାଚ୍ୟ ଭୂଖଣ୍ଡର ଲୋକେ ଜାଣିବା ଉଚିତ ଯେ ସେମାନଙ୍କ ଶାସନକର୍ତ୍ତାମାନେ ଶକ୍ତିମାନ୍ । ତେଣୁ ପରିସ୍ଥିତି ଗୁରୁତର ହେଲେ

ସ୍ୱେରାଚାରୀ ରୀତିରେ ହିଁ ବ୍ରିଟେନ ତା' ଶକ୍ତି ବ୍ୟବହାର କରିବା ଚାହି ।''[୨]

କିନ୍ତୁ କେତେଜଣ ସାଂସଦ ସମେତ ବ୍ରିଟେନର ବେଶ୍ କେତେକ ବୁଦ୍ଧିଜୀବୀ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି । ୧୯୦୯ ଅକ୍ଟୋବର ୫ ତାରିଖରେ ସାର୍ ହେନ୍ରି କଟନ୍‌ଙ୍କ ତରଫରୁ ଶ୍ରମିକ ଦଳର ପ୍ରତିଷ୍ଠାତା କିର୍ ହାର୍ଡ଼ି ସରକାରଙ୍କୁ ପ୍ରଶ୍ନ କଲେ ଯେ ଆଲିପୁର ମାମଲାର ରାୟ ଦେଇ ବିଚାରକ ମହୋଦୟ ଶ୍ରୀଅରବିନ୍ଦଙ୍କ ସମସ୍ତ ଭାଷଣ କେବଳ ଦେଶାତ୍ମବୋଧଭିତ୍ତିକ ଏବଂ ସେଥିରେ ଅପରାଧମୂଳକ କିଛି ନାହିଁ ବୋଲି ଦର୍ଶାଇବା ସତ୍ତ୍ୱେ ଏବଂ ଅଭିଯୁକ୍ତ ମଧ୍ୟ ନିର୍ଦୋଷ ବୋଲି ମୁକ୍ତ ହେବା ସତ୍ତ୍ୱେ – ସେ ବକ୍ତୃତାମାଳାକୁ ସଂକଳନ ଓ ମୁଦ୍ରଣ କରିଥିବା ଯୋଗୁଁ କୋହଲାଟ୍‌କାର ନାମକ ବ୍ୟକ୍ତିଙ୍କୁ ୧୫ ମାସ ସଶ୍ରମ କାରାଦଣ୍ଡ ଦିଆଗଲା କାହିଁକି ?[୩] ସରକାରୀ ମୁଖପାତ୍ର ଉତ୍ତରରେ ଯାହା କହିଲେ ସଂକ୍ଷେପରେ ତାହା ହେଲା, ସେ ଭଦ୍ରଲୋକଙ୍କ ବିରୋଧରେ ରାଜଦ୍ରୋହମୂଳକ ଲେଖା ପ୍ରଚାର ଓ ପ୍ରସାର କରୁଥିବାର ଅଭିଯୋଗ ଆସନ୍ତେ ଜଣେ ଭାରତୀୟ ବିଚାରକ ହିଁ ତାଙ୍କୁ ଦଣ୍ଡିତ କଲେ । ଅଭିଯୁକ୍ତ ବ୍ୟକ୍ତି ତାଙ୍କ ପ୍ରଦେଶର ସବୁଠାରୁ ବଡ଼ ଅଦାଲତକୁ ଗଲେ । ବିଚାରକ ମହୋଦୟ ଦଣ୍ଡର ମାତ୍ରା କମାଇ ଦେଲେ, କିନ୍ତୁ ସେ ଦୋଷୀ ବୋଲି ସିଦ୍ଧାନ୍ତ ବଜାୟ ରଖିଲେ । ଏହା ସତ ଯେ ଅନ୍ୟ ପ୍ରଦେଶର ଜଣେ ବିଚାରକ ସେସବୁ ଲେଖା ନିର୍ଦୋଷ ବୋଲି ରାୟ ଦେଇ ଥିଲେ । କିନ୍ତୁ ଏ ପ୍ରଦେଶର ସେହି ସ୍ତରର ବିଚାରକ ଭିନ୍ନ ମତ ପୋଷଣ କଲେ କ'ଣ କରାଯିବ ? (ଉଲ୍ଲେଖ ଯୋଗ୍ୟ ଯେ ମୁଖପାତ୍ର ତଳ ଅଦାଲତର ବିଚାରକଙ୍କୁ ଭାରତୀୟ ବୋଲି ଉଲ୍ଲେଖ କରିବାର ହେତୁ ଉଚ୍ଚ ବିଚାରାଳୟର ବିଚାରକ ନିଶ୍ଚୟ ଇଂରେଜ ଥିଲେ !)

ଜଣେ ସାଂସଦ କିର୍ ହାର୍ଡ଼ିଙ୍କୁ ସମର୍ଥନ କରି ସରକାରୀ ପକ୍ଷକୁ ପ୍ରଶ୍ନ କଲେ ଯେ ଲେଖାତକ ପରା ଖାଲି ବକ୍ତୃତାର ନକଲ ଏବଂ ସେସବୁ ନିର୍ଦ୍ଦୋଷ ବୋଲି ଜଣେ ବିଚାରକ ମତ ଦେଲେ ?

ରିସ୍ ନାମକ ସାଂସଦ ତାଙ୍କୁ ଶୁଣାଇଲେ, ''ମାନ୍ୟବର ସଦସ୍ୟଙ୍କୁ କ'ଣ ଜଣା ନାହିଁ ଯେ ସେସବୁ ଭାଷଣ ଦେଇଥିବା ବ୍ୟକ୍ତି ଜଣକ ବ୍ରିଟିଶ ଶାସନର ଭୟଙ୍କର ଶତ୍ରୁ ?''

କିନ୍ତୁ ଏଭଳି ବାଦପ୍ରତିବାଦମାନ ରାମ୍‌ସେ ମ୍ୟାକ୍‌ଡୋନାଲ୍ଡ଼୍‌ଙ୍କ ଗଭୀର ଚିନ୍ତା ଓ ଭାବବ୍ୟଞ୍ଜକ ପ୍ରଶ୍ନଧର୍ମୀ ବକ୍ତୃତାର ଭୂମିକା ମାତ୍ର ଥିଲା ।

**୭ ଏପ୍ରିଲ ୧୯୧୦**

ମ୍ୟାକ୍‌ଡୋନାଲ୍ଡ଼୍ ଭାରତ ବ୍ୟାପାର ବିଭାଗର ଅନ୍ୟତମ ମୁଖ୍ୟଙ୍କୁ ପ୍ରଶ୍ନ କଲେ କି ୧୯୦୯ ଡିସେମ୍ବର ୨୫ ତାରିଖ 'କର୍ମଯୋଗୀନ୍' ରେ ପ୍ରକାଶିତ ଏକ ନିବନ୍ଧ ନିମନ୍ତେ ଶ୍ରୀଅରବିନ୍ଦ ଏବଂ ପତ୍ରିକାର ପ୍ରକାଶକଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି କି ? ଯଦି ହୋଇଛି ଆଇନର କେଉଁ ଧାରାରେ ହୋଇଛି ? 'କର୍ମଯୋଗୀନ୍'ର ସେ ସଂଖ୍ୟାଟି ଆମ୍ଭମାନଙ୍କ ଗୋଚରାର୍ଥେ ସାଂସଦ ପାଠାଗାରରେ ରଖାଯିବ କି ? ଉତ୍ତରଦାତା ମଣ୍ଟାଗୁ ଜଣାଇଲେ କି ସେମାନେ ମଧ୍ୟ 'ଟାଇମସ୍' କାଗଜରେ ସେ ସମ୍ବାଦ ଦେଖିଛନ୍ତି । କିନ୍ତୁ ସରକାରୀ ସ୍ତରରେ କୌଣସି ବିବରଣୀ ପାଇ ନାହାନ୍ତି । ସବିଶେଷ ବ୍ୟାପାର ଜଣାଇବା ନିମନ୍ତେ ଭାରତବର୍ଷକୁ ଟେଲିଗ୍ରାଫ୍ କରାଯାଇଛି ।

**୧୪ ଏପ୍ରିଲ ୧୯୧୦**

ମ୍ୟାକ୍‌ଡୋନାଲ୍ଡ଼୍ ପୁନର୍ବାର ତାଙ୍କର ପ୍ରଶ୍ନ ଉତ୍ଥାପନ କଲେ ଏବଂ ପତ୍ରିକାଟି ସାଂସଦବର୍ଗଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିବା ଚାହି ବୋଲି ମନେ ପକାଇ ଦେଲେ ।

ମୁଖ୍ୟ ଜଣକ କିଛି ଉତ୍ତର ଦେବା ପୂର୍ବରୁ ପୂର୍ବୋକ୍ତ ଶ୍ରୀଅରବିନ୍ଦ-ବିରୋଧୀ ରିସ୍ ସାହେବ ଉଠି ପଡ଼ି ରୋଷାନ୍ୱିତ ଭାବରେ ମ୍ୟାକ୍‌ଡୋନାଲ୍ଡ଼୍‌ଙ୍କୁ ଲକ୍ଷ୍ୟ କରି କହିଲେ, ସେ କ'ଣ ଚାହାଁନ୍ତି ନାହିଁ ଯେ ରାଜଦ୍ରୋହୀମାନେ ଦଣ୍ଡିତ ହୁଅନ୍ତୁ ? ମ୍ୟାକ୍‌ଡୋନାଲ୍ଡ଼୍‌ଙ୍କ ପ୍ରତି ଗୋଟିଏ ଅଭଦ୍ର ଶବ୍ଦ ମଧ୍ୟ ସେ ପ୍ରୟୋଗ କଲେ ଏବଂ ମ୍ୟାକ୍‌ଡୋନାଲ୍ଡ଼୍ ତା'ର ପ୍ରତିବାଦ କରନ୍ତେ ସେ ତାହା ପ୍ରତ୍ୟାହାର କରି ନେଲେ ।

ମଣ୍ଟାଗୁ ଜଣାଇଲେ କି ସମ୍ବାଦଟି ସତ୍ୟ ଏବଂ ଭାରତୀୟ ପିଙ୍ଗଳ କୋର୍ଡର ୧୨୪କ ଧାରାରେ ପରୱାନା ଜାରି କରାଯାଇଛି । ''ଆପଣମାନଙ୍କ ଅବଗତି ନିମନ୍ତେ, ସମ୍ପ୍ରତି (ଭାରତରୁ) ଖବରାଖବର ଆସିବାରେ ବହୁତ ବିଳମ୍ବ ହେଉଛି ଏବଂ ଆମ ମାନ୍ୟବର ବନ୍ଧୁ ଧୈର୍ଯ୍ୟ ସହକାରେ ଅପେକ୍ଷା କରିବେ ବୋଲି ଅନୁରୋଧ ।''

ପୁଣି ରିସ୍ ସାହେବ କ୍ରୁଦ୍ଧଭାବେ ପ୍ରଶ୍ନ କଲେ, ''ଅଦ୍ୟାବଧି କୌଣସି ମତେ ଜୀବିତ ଥିବା'' ଯେଉଁ ଅରବିନ୍ଦଙ୍କୁ ତାଙ୍କ ବ୍ରିଟିଶ ଶାସନ ବିରୋଧୀ ଏବଂ ରାଜଦ୍ରୋହମୂଳକ ଲେଖାସବୁ ଯୋଗୁଁ ଭାରତ ସରକାର ଗିରଫ କରିବାକୁ

ଉଦ୍‌ଗ୍ରୀବ, ତାଙ୍କ ରଚନା ସଂସଦ ପାଠାଗାରରେ ରଖାଯିବା କେତେଦୂର ଯଥାର୍ଥ, ସେକଥା ବିଚାର୍ଯ୍ୟ ନୁହେଁ କି ?

ମଣ୍ଟାଗୁ ଉତ୍ତର ଦେଲେ କି ରିସ୍ ସାହେବଙ୍କ ମତ ଗ୍ରହଣ କରାଯାଇ ପାରିବ ନାହିଁ।

ମ୍ୟାକ୍‌ଡୋନାଲ୍‌ଡ୍ ୨୬ ତାରିଖ ଏପ୍ରିଲରେ ପୁନର୍ବାର ଏକ ହିଁ ପ୍ରଶ୍ନ ଉତ୍ଥାପନ କରନ୍ତେ ପୁନର୍ବାର ମଣ୍ଟାଗୁ ଜଣାଇଲେ ଯେ ସେ ଏପର୍ଯ୍ୟନ୍ତ ପତ୍ରିକାଟି ପାଇ ନାହାନ୍ତି ଏବଂ ତେଣୁ କୌଣସି ନୂଆ କଥା କହିବାକୁ ଅକ୍ଷମ।

**୨୮ ଏପ୍ରିଲ ୧୯୧୦**

୨୮ ତାରିଖ ଏପ୍ରିଲରେ ପୁନର୍ବାର ମ୍ୟାକ୍‌ଡୋନାଲ୍‌ଡ୍ ପ୍ରଶ୍ନ କଲେ, ସରକାର ସେ ସମ୍ପର୍କରେ ଏଯାଏ କ'ଣ କିଛି ବିଶେଷ ସମ୍ବାଦ ପାଇ ନାହାନ୍ତି ?

ମଣ୍ଟାଗୁ : ମୁଁ ମାନ୍ୟବର ସାଂସଦଙ୍କୁ ଜଣାଇ ସାରିଛି ଯେ ବଙ୍ଗ ସରକାର ଭାରତୀୟ ପିଙ୍ଗଳ କୋର୍ଡ଼ର ୧୨୪କ ଧାରା ଅନୁସାରେ ଶ୍ରୀ ଘୋଷଙ୍କ ଉପରେ ପଦକ୍ଷେପ ନେଉଛନ୍ତି... ବିଶେଷ ବିବରଣୀ ଅଦ୍ୟାବଧି ଆମଠିଁ ପହଞ୍ଚି ନାହିଁ। ମୋର ମାନ୍ୟବର ବନ୍ଧୁଙ୍କ ପରାମର୍ଶ ଅନୁସାରେ ଆମେ କାମ କଲେ ସେ ରଚନାର ବିଜ୍ଞପ୍ତି ଦେବା ପ୍ରାୟ ହେବ ନାହିଁ କି ? ଲେଖାଟି ଯେହେତୁ ରାଜଦ୍ରୋହମୂଳକ ବୋଲି ବିବେଚିତ ଏବଂ ତାହା ଠିକ୍ ଅବା ଭୁଲ୍ ବିଚାରାଳୟରେ ନିର୍ଣ୍ଣିତ ହେବ, ପୂର୍ବରୁ ଆମେ ସେ ସମ୍ପର୍କରେ କୌଣସି ରାୟ ଦେବା ଠିକ୍ ହେବ କି ? ଅବଶ୍ୟ ମୁଁ ଜାଣେ ମୋ ମାନ୍ୟବର ବନ୍ଧୁ ଏଥିରେ କଦାଚ ଏକମତ ହେବେ ନାହିଁ।

ମ୍ୟାକ୍‌ଡୋନାଲ୍‌ଡ୍ : ''ମୁଁ ଏକ ବିପୁଳ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗୃହର ଧ୍ୟାନ ଆକର୍ଷଣ କରୁଛି। ଏହି ମାସ ୭ ତାରିଖ 'ଟାଇମ୍‌ସ'ରେ ମୁଁ ପଢ଼ିଲି ଯେ ୨୫ ତାରିଖ ଡିସେମ୍ବର ସଂଖ୍ୟା 'କର୍ମଯୋଗୀନ୍'ରେ ଶ୍ରୀଅରବିନ୍ଦ ଘୋଷ ଲେଖିଥିବା ଗୋଟିଏ ନିବନ୍ଧ ବାବଦରେ ତାଙ୍କ ନାମରେ ଗିରଫ ପରଓ୍ୱାନା ବାହାର କରାଯାଇଛି। ମୁଁ ତତ୍‌କ୍ଷଣାତ୍ ସେ ସମ୍ପର୍କରେ ପ୍ରଶ୍ନ ପଚାରିବି ବୋଲି 'ଇଣ୍ଡିଆ ହାଉସ୍'କୁ ଜଣାଇଲି। ମୋତେ (ଭାରତ ବ୍ୟାପାରର) ଉପ-ସଚିବ ଜଣାଇଲେ କି ସେମାନେ କିଛି ଖବର ପାଇ ନାହାନ୍ତି। ମୋତେ ପରେ ପୁନର୍ବାର ପଚାରିବାକୁ ଅନୁରୋଧ କରାଗଲା। ମୁଁ ତିନିଥର ସେ କାର୍ଯ୍ୟଟି କରି ସାରିଲିଣି। ଆଜି ଚତୁର୍ଥ ଥର ତାହା କଲା ପରେ ମଧ୍ୟ ମୁଁ ଏତିକି ମାତ୍ର ଜାଣୁଛି ଯେ ଶ୍ରୀ ଘୋଷଙ୍କୁ ଭାରତୀୟ ପିଙ୍ଗଳ କୋର୍ଡର ୧୨୪କ ଧାରାରେ ଅଭିଯୁକ୍ତ କରାଯାଇଛି।

''ମୋର ମାନ୍ୟବର ବନ୍ଧୁ କହୁଛନ୍ତି ଯେ ସେ ଲେଖା ସମ୍ପର୍କରେ କିଛି ମନ୍ତବ୍ୟ ଦେବା ବିଚାର ପଦ୍ଧତିକୁ ପ୍ରଭାବିତ କରିପାରେ। ମୁଁ ସସମ୍ମାନ କହୁଛି ଯେ ମୁଁ ଏକମତ ନୁହେଁ। ମୁଁ କେବଳ ଚାହେଁ ସେ ପତ୍ରିକାଟି ସାଂସଦମାନଙ୍କ ଗୋଚରାର୍ଥେ ଆମ ପାଠାଗାରରେ ସ୍ଥାନିତ ହେଉ; ସରକାର ତାହା ଉପରେ କିଛି ମତ ଦିଅନ୍ତୁ ବୋଲି ମୁଁ କହି ନାହିଁ।... ମୁଁ କଦାଚ କହି ନାହିଁ ଯେ ଆମ ସରକାରଙ୍କ ଭାରତ ବିଭାଗ ଭାରତ ସରକାରଙ୍କ ସପକ୍ଷରେ ବା ଶ୍ରୀଅରବିନ୍ଦ ଘୋଷଙ୍କ ସପକ୍ଷରେ କୌଣସି ମତ ଦିଅନ୍ତୁ।''

ଏହା ପରେ ମ୍ୟାକ୍‌ଡୋନାଲ୍‌ଡ୍ ଭାରତରେ ସୃଷ୍ଟି ହୋଇଥିବା ସମ୍ବେଦନଶୀଳ ବାତାବରଣ ପରିପ୍ରେକ୍ଷୀରେ ସେଠାକାର ସରକାରୀ ଦୃଷ୍ଟିକୋଣ ଏବଂ ଉଚ୍ଚ କର୍ମଚାରୀମାନଙ୍କ ଆଚରଣ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରି ପୁଣି କହିଲେ :

''ଗତ ପ୍ରାୟ ତିନି ସପ୍ତାହ ଭିତରେ ସାଧାରଣ ପଦ୍ଧତିରେ ଆସୁଥିବା ଡାକରେ ମୁଁ ଭାରତରୁ ଯେତେ ସମ୍ବାଦପତ୍ର ପାଇଛି, ଶ୍ରୀଅରବିନ୍ଦ ଘୋଷ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ବିଷୟରେ ସେ ସଭିଏଁ ଏକମତ। ଏକଥା ଉତ୍ତମ ରୂପେ ଜଣା ଯେ ଆମ ଦେଶରେ ଯାହାକୁ ସର୍ବସାଧାରଣ ଜୀବନ (Public life) କୁହାଯାଏ, ଶ୍ରୀ ଘୋଷ ତହିଁରୁ ବିଦାୟ ନେଇଛନ୍ତି। ସେ ବିଶ୍ୱର ସ୍ଥୂଳ ବ୍ୟାପାରଭିତ୍ତିକ ଯାବତୀୟ ଜଞ୍ଜାଳରୁ ଅବ୍ୟାହତି ନେଇଛନ୍ତି ଶାଶ୍ୱତ ସହ ତାଙ୍କର ଶାନ୍ତି ସ୍ଥାପନ ନିମନ୍ତେ।...''

ମ୍ୟାକ୍‌ଡୋନାଲ୍‌ଡ୍ ତତ୍ପରେ ୧୨୪କ ଧାରାର ଉତ୍ପତ୍ତି ଉପରେ ଆଲୋକପାତ କଲେ ଏବଂ ରାଜଦ୍ରୋହର କିପରି ବ୍ୟାପକ ବ୍ୟାଖ୍ୟା ଓ ପ୍ରୟୋଗ ସମ୍ଭବ ତାହା ଦର୍ଶାଇଲେ। ତାଙ୍କ ସଧୈର୍ଯ୍ୟ ବକ୍ତୃତା ମଝିରେ ଦୁଇ ଥର ଅଧୈର୍ଯ୍ୟ ରିସ୍ ସାହେବ ତାଙ୍କୁ ଅଟକାଇବାକୁ ପ୍ରୟାସ କଲେ ଓ ବକ୍ତା ସେ ଭଦ୍ରଲୋକଙ୍କୁ ଠିକଣା ଜବାବ ଦେଇ ଚୁପ୍ କରି ଦେଲେ।

ତତ୍ପରେ ମ୍ୟାକ୍‌ଡୋନାଲ୍‌ଡ୍ ତାଙ୍କ ବୁଝିବା ଅନୁସାରେ ସଂକ୍ଷେପରେ ଶ୍ରୀଅରବିନ୍ଦଙ୍କର ଜୀବନ ବୃତ୍ତାନ୍ତ ବର୍ଣ୍ଣନା କଲେ :

''ଶ୍ରୀଅରବିନ୍ଦ ଘୋଷଙ୍କୁ ଜଣେ ଇଂରେଜ ବୋଲି କହିଲେ ଚଳନ୍ତା (Practically an Englishman)।... ସେ ପ୍ରାୟ ଶିଶୁ ଥିବା ଅବସ୍ଥାରେ ତାଙ୍କୁ ଏ ଦେଶକୁ ଅଣାଗଲା

ଏବଂ ସେ ମ୍ୟାଞ୍ଚେଷ୍ଟର୍‌ରେ ଶିକ୍ଷାଲାଭ କଲେ । ମ୍ୟାଞ୍ଚେଷ୍ଟର୍‌ରୁ ସେ ଆସିଲେ ଲଣ୍ଡନର ସେଣ୍ଟପଲ୍ ବିଦ୍ୟାଳୟକୁ ଏବଂ ସେଠାରୁ ଗଲେ କ୍ୟାମ୍ବ୍ରିଜ୍ । ସେଠାରେ ସେ ଆଇ. ସି. ଏସ୍. କୁ ଉତ୍ତୀର୍ଣ୍ଣ ହେଲେ । କିନ୍ତୁ ଘୋଡ଼ା ଚଢ଼ିବାରେ ଅପାରଗତା ଯୋଗୁଁ ତାଙ୍କୁ ସେ ସେବାରେ ନିଆଗଲା ନାହିଁ । ସେ ସେଠାରୁ ଭାରତ ଗଲେ ଏବଂ ବରୋଦାରେ ଗାଏକ୍‌ୱାଡ଼ ତାଙ୍କୁ ତାଙ୍କ ବିଦ୍ୟାଳୟରେ ଗ୍ରହଣ କଲେ – ଯାହା ଏକ ପ୍ରଶଂସନୀୟ ପ୍ରତିଷ୍ଠାନ । ଯିଏ ବରୋଦା ଯାଇଥିବ ଏବଂ ତାହା ପରିଦର୍ଶନ କରିଥିବ, ସେ ଗଭୀର ସନ୍ତୋଷ ଲାଭ କରିଥିବ ।''...

ମ୍ୟାକ୍‌ଡୋନାଲ୍‌ଡ୍ (ଯିଏ ମହାବିଦ୍ୟାଳୟକୁ ବିଦ୍ୟାଳୟ ବୋଲି ଭୁଲ୍ କରୁଥିଲେ) ତପ୍ପରେ ସେଠାରେ ଶ୍ରୀଅରବିନ୍ଦଙ୍କ ଧ୍ୟାନ ଧାରଣାର ବିକାଶର ଦୀର୍ଘ ବିବରଣୀ ଦେଇ ମନ୍ତବ୍ୟ ଦେଲେ :

''ସେ ଭାରତ ସରକାରଙ୍କ କାର୍ଯ୍ୟକଳାପ ଲକ୍ଷ୍ୟ କରି ସମାଲୋଚନାମୂଳକ ଲେଖା ଲେଖନ୍ତେ ତତ୍‌କ୍ଷଣାତ୍ ବରିଷ୍ଠ ହାକିମମାନଙ୍କ ଦ୍ୱାରା 'କଳା ବହି'ର ନାମ-ତାଲିକା ଅନ୍ତର୍ଭୁକ୍ତ ହେଲେ ଏବଂ ସେମାନେ ବିଚାରିଲେ ତାଙ୍କୁ ରାଜଦ୍ରୋହୀ ଭାବରେ ଗଣ୍ୟ କରାଯିବ କିଂବା ତାଙ୍କ ଉପରେ ସର୍ବଦା ଆଖି ରଖିବାକୁ ପଡ଼ିବ । ମୁଁ କିଛି ଗୋପନ କଥା କହିଦେଉ ନାହିଁ; ଭାବନ୍ତୁ, ଏହି ବ୍ୟକ୍ତି ଯାହାଙ୍କୁ ଏଭଳି ଅପରାଧରେ ଅଭିଯୁକ୍ତ କରାଗଲା ଯେ ତାଙ୍କୁ ପ୍ରାଣଦଣ୍ଡ ମିଳି ପାରିଥା'ନ୍ତା, ଅଥଚ ବିଚାରକଙ୍କ ଅତି ସ୍ପଷ୍ଟ ରାୟ ଅନୁସାରେ ସେ ଅପରାଧୀ ନ ଥିଲେ ଏବଂ ତାଙ୍କୁ ନିର୍ଦୋଷ ବୋଲି ମୁକ୍ତ କରାଗଲା, ଏମନ୍ତ ବ୍ୟକ୍ତିଜଣଙ୍କୁ ବିନା ବିଚାରରେ ଦ୍ୱୀପାନ୍ତର ଦଣ୍ଡ ଦେବାର ଯୋଜନା ହେଉଥିଲା !''

ମ୍ୟାକ୍‌ଡୋନାଲ୍‌ଡ୍ ଆଲିପୁର ବିଚାର ଉପରେ କିଛି ପ୍ରଶ୍ନବାଚୀ ମନ୍ତବ୍ୟ ଦେବା ଅନ୍ତେ କହିଲେ :

''ସେ ଆଜି ଏମିତି କିଛି କରୁ ନାହାନ୍ତି ବା କହୁ ନାହାନ୍ତି, ଯାହାର ବିକୃତ ବ୍ୟାଖ୍ୟା କରାଯାଉ ନାହିଁ । ଆଜି ଯେତେବେଳେ ସେ ସାମାଜିକ ଜୀବନରୁ ଅବସର ନେଇଛନ୍ତି, ସେତେବେଳେ ସରକାର ଏହାକୁ ଏକ ଚାଲ୍ ବୋଲି ମନେ କରୁଛନ୍ତି । ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ୍ କଲି ସେତେବେଳେ ସେ ମୋତେ କହିଥିଲେ ଯେ ସେ ପୃଥିବୀର ସ୍ଥୂଳ ସମସ୍ୟାସବୁରେ କିଂବା ସାମ୍ପ୍ରଦାୟିକତାରେ ବେଶୀ ଦିନ ଜଡ଼ିତ ରହିବେ ନାହିଁ !

''ଯେଉଁ ନିବନ୍ଧଟିକୁ ନେଇ ଏତେ କଥା, ତାହା କ'ଣ ? ମୋର ମାନ୍ୟବର ବନ୍ଧୁ ମୋତେ ତା'ର ନକଲଟିଏ ଦେଇ ପାରିଲେ ନାହିଁ । କିନ୍ତୁ ମୋଠି ତାହା ଅଛି । 'କର୍ମଯୋଗୀନ୍' ଏକ ସାପ୍ତାହିକ ପତ୍ରିକା ଏବଂ କିଛିଦିନ ତଳ ପର୍ଯ୍ୟନ୍ତ ତାହା ଶ୍ରୀଅରବିନ୍ଦ ଘୋଷ ସମ୍ପାଦନା କରୁଥିଲେ । ମୁଁ ନିବନ୍ଧଟିର ମାତ୍ର ଦୁଇଟି ଅଂଶ ପଢ଼ିବାକୁ ଚାହୁଁଛି । ଶ୍ରୀଅରବିନ୍ଦ ଘୋଷଙ୍କ ମନ କଥା ସେଥିରେ ଅଭିବ୍ୟକ୍ତ ଏବଂ ତାଙ୍କ ଅପରାଧର ସ୍ତର କ'ଣ ସେଥିରୁ ସ୍ପଷ୍ଟ ହେବ । ସମଗ୍ର ନିବନ୍ଧର ମର୍ମ ଯେଉଁ ଗୋଟିକ ବାକ୍ୟରେ ନିହିତ ତାହା ହେଲା, ''ଯଦି ଜାତୀୟତାବାଦୀମାନେ ପଶ୍ଚାତ୍‌ପଦ ହୋଇ ରହିବେ, ତେବେ ହୁଏତ ଜାତୀୟ ଆନ୍ଦୋଳନ ବିଲୁପ୍ତ ହେବ କିଂବା ସେ ଶୂନ୍ୟସ୍ଥାନ ନେବ ଭୟଙ୍କର ଏବଂ ହିଂସ୍ର କାର୍ଯ୍ୟକଳାପ । ଦେଶର ପ୍ରଗତି ଓ ସ୍ୱାଧୀନତା ଆଶାୟୀ କୌଣସି ବ୍ୟକ୍ତି ଏ ଦୁଇରୁ ଗୋଟିଏ ପରିଣତି ସହ୍ୟ କରିବ ନାହିଁ ।

''ସନ୍ଦେହ ନାହିଁ ଯେ ଯିଏ ବି ଏ ନିବନ୍ଧକୁ ଯଥାର୍ଥ ଭାବରେ ପଢ଼ିବ, ତା' ପାଇଁ ଏହାର ଅର୍ଥ ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟ । ଯିଏ ବି ଶ୍ରୀଅରବିନ୍ଦ ଘୋଷଙ୍କ କାର୍ଯ୍ୟକଳାପ ଏବଂ ଲେଖାସବୁ ଅନୁଧ୍ୟାନ କରିଥିବ, ସେ ନିଶ୍ଚିତ ଭାବରେ ବିଶ୍ୱାସ କରିବ ଯେ ଜାତୀୟତାବାଦୀ ଦଳର ଯିଏ ତୁଙ୍ଗ ନେତା ବା ଯିଏ କିଛି ଦିନ ପୂର୍ବଯାଏ ତୁଙ୍ଗ ନେତା ଥିଲେ, ସେହି ଶ୍ରୀଅରବିନ୍ଦ ଘୋଷ ହିଁ ଭାରତରେ ହିଂସାଚାର ନ ହେବାର ଏକମାତ୍ର ପ୍ରତିଶ୍ରୁତି (the one guarantee that there shall be no violence done in India) । ଜାତୀୟତା ଭାବକୁ ଦମନ କରିବା ଦିଗରେ ସରକାରୀ କର୍ମଚାରୀମାନଙ୍କ ତତ୍ପରତା ହିଁ ହିଂସାକାଣ୍ଡ ଘଟିବାର ହେତୁ ବୋଲି ତାଙ୍କ ମତ ।''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

୧. The Human Cycle, CWSA, Vol. 25

୨. ଏ ପରିଚ୍ଛେଦରେ ଉଦ୍ଧୃତ ସମସ୍ତ ବାକ୍ୟ ବା ଅନୁଚ୍ଛେଦ ଲଣ୍ଡନସ୍ଥ Old India Office ସଂଗ୍ରହାଳୟରୁ ଲେଖକଙ୍କ ଦ୍ୱାରା ସଂଗୃହୀତ ।

୩. ଶ୍ରୀ ଅଚ୍ୟୁତରାଓ କୋହାଲାଟ୍କର (ନାଗପୁର : ୧୮୭୯ - ୧୯୩୧) ଥିଲେ ଜଣେ ବିଶିଷ୍ଟ ମରାଠୀ ଲେଖକ ଓ ସାମ୍ବାଦିକ । ସେ ଥିଲେ ଜଣେ ସଚ୍ଚା ଓ ନିର୍ଭୀକ ଜାତୀୟତାବାଦୀ । ଶ୍ରୀଅରବିନ୍ଦଙ୍କ ଭାଷଣମାନ ସମ୍ବାଦପତ୍ରରୁ ସଂଗ୍ରହ କରି ଗ୍ରନ୍ଥାକାରେ ପ୍ରକାଶ କରିଥିବା ଯୋଗୁଁ ତାଙ୍କୁ ରାଜଦ୍ରୋହ ଅପରାଧରେ ଗିରଫ କରାଯାଇଥିଲା ଏବଂ ସେ କ୍ଷମାପ୍ରାର୍ଥନା ନ କରିବାରୁ ତାଙ୍କୁ ନିର୍ମମ ଶାରୀରିକ ଯନ୍ତ୍ରଣା ଦିଆ ଯାଇଥିଲା । ❑

# ଯୋଗିରାଜ

**ହୃଷୀକେଶ ପଣ୍ଡା**

ଝରକା ଖୋଲା ଥିଲେ
ବେଳେ ବେଳେ ପଶି ଆସେ
ଦଲକାଏ ସ୍ୱର୍ଗୀୟ ପବନ
କେଉଁ ଏକ ଅଦ୍ଭୁତ ମାଧ୍ୟମରେ
ଜଣା ପଡ଼ିଯାଏ ତୁମ ଉପସ୍ଥିତି,
ଯାହାକୁ ଖୋଜୁ ଖୋଜୁ
ଦିନ ବିତେ, ରାତି ବିତେ
କେବେ ମିଳିଯିବ ତୁମଠାରୁ
ନୂଆ ଏକ ଜୀବନର ପୂର୍ଣ୍ଣ ପ୍ରତିଶ୍ରୁତି,
ଖୋଜିବାର ବିଭ୍ରାନ୍ତିରେ ପୁଣି
ଉଙ୍କିମାରେ ଶତ ପ୍ରଶ୍ନବାଚୀ ।

ସେ ପବନ କିନ୍ତୁ ଏକାନ୍ତ ନିଆରା
ସ୍ପର୍ଶ ମାତ୍ରେ ଜଳି ଉଠେ
ଆସ୍ପୃହାର ଲେଲିହାନ ଶିଖା
ମହମ ପରି ତରଳି ଯାଏ
ସନ୍ଦେହର ସବୁ ସୀମାରେଖା,
ଆଶ୍ୱାସନାର ଅଭେଦ୍ୟ ପାଚେରିଟିଏ
ଉଭା ହୋଇଯାଏ ସାମନାରେ
ଭାବର ଉଚ୍ଛ୍ୱାସରେ ଭାସି ଉଠେ
ଅନନ୍ତ ସମ୍ଭାବନା
ତୁମ ଧୀର ପଦପାତେ
ଝରି ପଡ଼େ ଅପାର କରୁଣା,
ତୁମର ସେ ଅପଲକ ଦୃଷ୍ଟି
ବ୍ୟାପୀ ଯାଏ ଚେତନାର
ଚଉଦିଗ ଭେଦି ।

ହେ ଯୋଗିରାଜ !
ଦେଖି ତବ ଜ୍ୟୋତିଃ କଳେବର
ହଜିଯାଏ ନିଜ ଆତ୍ମ ସତ୍ତା
ବିଶ୍ୱାସରେ ନିଃଶ୍ୱାସରେ
ଜାଗି ଉଠେ ଦୃଢ଼ ନିଶ୍ଚୟତା –
ତୁମେ ସେହି ଅବତାର
ରହିଥିବ ଚିରକାଳ
ଜାଗ୍ରତ ପ୍ରହରୀ ସାଜି
ମାନବ ଆତ୍ମାର ।। ❑



# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଦ୍ୱାବିଂଶ ଅଧ୍ୟାୟ)

## ତ୍ରିଗୁଣାତୀତ

### ଶେଖ ଅବଦୁଲ କାଶମ

ଆମେ ଭାବୁ ଯେ ଅହଂ ହେଉଛି ଆମର ପ୍ରକୃତ ଆତ୍ମସତ୍ତା, କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ । ଏହି ଅହଂଟି ହେଉଛି ପ୍ରକୃତିର ହିଁ ଏକ ଯନ୍ତ୍ର । ଅହଂର ପ୍ରତ୍ୟେକ ଇଚ୍ଛା ଓ କାର୍ଯ୍ୟ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ବା ନିର୍ଦ୍ଧାରିତ ହୋଇଥାଏ । ଅତୀତରେ ଆମେ ଯେଉଁସବୁ କର୍ମ କରିଛୁ, ଯେଉଁସବୁ ପରିବର୍ତ୍ତନ ଆମ ଭିତରେ ସଂଘଟିତ ହୋଇଛି ତାକୁ ନେଇ ଆମର ବ୍ୟକ୍ତିଗତ ପ୍ରକୃତି ଗଠିତ ହୋଇଥାଏ । ଆମର ବର୍ତ୍ତମାନର କର୍ମ ସେହି ପ୍ରକୃତି ଦ୍ୱାରା ନିୟନ୍ତ୍ରିତ । ଯେତେବେଳେ ସର୍ବପ୍ରଥମେ ଆମେ କର୍ମଟିଏ ଆରମ୍ଭ କରୁ ଆମେ ଭାବୁ ଯେ ତାହା ଆମର ସ୍ୱାଧୀନ ଇଚ୍ଛାର ପରିଣାମ ଅଟେ । ମାତ୍ର ପ୍ରକୃତରେ ତାହା ଅତୀତରେ ଗଠିତ ଆମର ପ୍ରକୃତି ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ । ଆମେ ସର୍ବଦା ଆମର ବର୍ତ୍ତମାନଠାରୁ ଭବିଷ୍ୟତ୍ ଆଡ଼କୁ ଦୃଷ୍ଟି ରଖି ଜୀବନଯାପନ କରୁଥିବାରୁ ଏହି ସ୍ୱାଧୀନ କର୍ମାରମ୍ଭର ଭ୍ରାନ୍ତ ଧାରଣା ସୃଷ୍ଟି ହୁଏ ।

ଆମ ଭିତରେ ରହିଥିବା ଇଚ୍ଛା ଆମ ସମ୍ମୁଖକୁ ଆସୁଥିବା ଅନେକ ସମ୍ଭାବନା ଭିତରୁ ଗୋଟିକୁ ବାଛି ନେଇଥାଏ । ମାତ୍ର ଏଇ ବାଛିବାଟା ଆମ ଭିତରେ କ୍ରିୟା କରୁଥିବା ପ୍ରକୃତିର ଇଚ୍ଛା ଦ୍ୱାରା ହିଁ ପ୍ରେରିତ । ତେବେ 'ନିଜ ଇଚ୍ଛା' ବା 'ନିଜ କର୍ମ'ର ଏଇ ଯେଉଁ ଭ୍ରାନ୍ତ ଧାରଣା ଆମର ରହିଛି ତାହାର ମଧ୍ୟ ଏକ ଉପଯୋଗିତା ରହିଛି । କାରଣ ଏହା ଦ୍ୱାରା ଆମର ଯେଉଁ ଅନୁଭୂତି ଓ ଜ୍ଞାନ ଲାଭ ହୁଏ ତାହା ଆମକୁ କର୍ମର ଏକ ଉଚ୍ଚତର ସମ୍ଭାବନା ଆଡ଼କୁ ନେଇଯାଏ । ଏଇ ତଥାକଥିତ ବ୍ୟକ୍ତିଗତ ଇଚ୍ଛା ଓ ଅହଂ ଧାରଣା ଦ୍ୱାରା ଆମେ ତାମସିକ ପ୍ରକୃତି ଓ ନିଶ୍ଚେଷ୍ଟତା ଭିତରୁ ବାହାରି ଆସି ରାଜସିକ ଆବେଗ ଓ କର୍ମଶୀଳତା ମଧ୍ୟରେ ପ୍ରବେଶ କରୁ । ସେହିପରି ରାଜସିକ ପ୍ରକୃତିରୁ ବାହାରି ଆସି ସାତ୍ତ୍ୱିକ ପ୍ରକୃତିର ଆନନ୍ଦ ଓ ପବିତ୍ରତା ମଧ୍ୟକୁ ଉନ୍ନୀତ ହୋଇ ଯିବାରେ ମଧ୍ୟ ତାହା ସାହାଯ୍ୟ କରେ । ସୁତରାଂ ସ୍ୱାଧୀନ ଇଚ୍ଛାର ବୋଧ ଭ୍ରାନ୍ତ ହେଉ କି ନ ହେଉ ତାହା ପ୍ରକୃତିର କର୍ମରେ ଏକ ଆବଶ୍ୟକୀୟ ଯନ୍ତ୍ର ରୂପେ କାର୍ଯ୍ୟ କରେ । ମନୁଷ୍ୟର ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟ ପର୍ଯ୍ୟନ୍ତ ଏହାର ଆବଶ୍ୟକତା ରହିଛି ।

ଶ୍ରୀଅରବିନ୍ଦ କହନ୍ତି ଯେ ସ୍ୱାଧୀନ ଇଚ୍ଛାର ଏହି ଭ୍ରାନ୍ତ ଧାରଣା ସମ୍ପୂର୍ଣ୍ଣ ରୂପେ ଏକ ଭ୍ରମ ନୁହେଁ । ଏହା କେବଳ ଦୃଷ୍ଟିକୋଣଗତ ଏକ ଭ୍ରାନ୍ତି (an error of standpoint), ଏକ ନିର୍ଦ୍ଦିଷ୍ଟ ବିଷୟକୁ ତା'ର ଯଥାର୍ଥ ସ୍ଥାନ ଦେବାରେ କରାଯାଉଥିବା ଏକ ଭୁଲ୍ (an error of placement) । ଅର୍ଥାତ୍ ଏହା ହେଉଛି ସେହି ଭୁଲ୍ ଯଦ୍ୱାରା ଆମେ ଆତ୍ମାକୁ ସତ୍ତାର କେନ୍ଦ୍ର ରୂପେ ସ୍ୱୀକାର ନ କରି ତା' ସ୍ଥାନରେ ଅହଂକୁ ହିଁ ଚେତନା ଓ କର୍ମର କେନ୍ଦ୍ର ରୂପେ ଧାରଣା କରି ବସୁ ।

ଆମ ହୃଦୟ ଭିତରେ ସଂଗୁପ୍ତ ହୋଇ ରହିଥିବା ଦିବ୍ୟ ସତ୍ୟ ବା ଈଶ୍ୱରୀୟ ଅଂଶ ହିଁ ପ୍ରକୃତରେ ସମସ୍ତ କର୍ମର ଯଥାର୍ଥ କେନ୍ଦ୍ର । ଅହଂ ହେଉଛି ସେହି ସତ୍ୟର ଏକ ବିକୃତ ଛାୟା ମାତ୍ର । ପ୍ରକୃତିର ଇଚ୍ଛା ସେହି ଦିବ୍ୟ ସତ୍ୟ ବା ଆତ୍ମାର ଇଚ୍ଛାର ଏକ ପରିବର୍ତ୍ତିତ ଓ ଆଂଶିକ ପ୍ରତିବିମ୍ବ । ପ୍ରକୃତିର ବଶୀଭୂତ ହୋଇଥିବା ଅହଂର ଇଚ୍ଛାସବୁ ନିରନ୍ତର ପରିବର୍ତ୍ତିତ ହେବାରେ ଲାଗିଥାଏ, କିନ୍ତୁ ଆମର ଅନ୍ତର ଭିତରେ ଥିବା ଦିବ୍ୟ ଇଚ୍ଛା କାଳର ଊର୍ଦ୍ଧ୍ୱରେ ରହି ପୂର୍ଣ୍ଣ ଜ୍ଞାନ ସହିତ କ୍ରିୟା କରେ । ଆମ ଭିତରେ ପ୍ରକୃତି ଅହଂ ବୋଧକୁ ଆଶ୍ରୟ କରି ସେହି ଦିବ୍ୟ ଇଚ୍ଛାକୁ ଅଜ୍ଞାନର କଷ୍ଟକର ପରିସ୍ଥିତି ମଧ୍ୟ ଦେଇ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଥାଏ ।

ଯଦି ଆମେ ଅହଂ-ଭାବାତ୍ମକ ସ୍ୱାଧୀନ ଇଚ୍ଛାର ଧାରଣାକୁ ପ୍ରତ୍ୟାଖ୍ୟାନ କରୁ ତାହାହେଲେ ଯେ କର୍ମର ଆବଶ୍ୟକତା ଆଉ ରହିବ ନାହିଁ, ଏପରି ନୁହେଁ । କାରଣ, ଯେହେତୁ ପ୍ରକୃତି ହିଁ କର୍ମର କର୍ତ୍ତ୍ରୀ ତେଣୁ ଅହଂବୋଧ ନ ରହିଲେ ମଧ୍ୟ ପୂର୍ବଭଳି ପ୍ରକୃତି କର୍ମ କରି ଚାଲିବ । ତେବେ ଅହଂକୁ ପରିତ୍ୟାଗ କରିଥିବା ମନୁଷ୍ୟ ଭିତରେ ମହତ୍ତର କର୍ମର ବିକାଶ ସମ୍ଭବ ହୋଇଥାଏ । ସେପରି ମନୁଷ୍ୟ ତା'ର ଆତ୍ମବିକାଶ ସମ୍ପର୍କରେ ଅଧିକ ସଚେତନ ହୁଏ । ତା' ଭିତରେ ଥିବା ମହତ୍ତର ସମ୍ଭାବନାଗୁଡ଼ିକୁ ବିକଶିତ ଓ କାର୍ଯ୍ୟକାରୀ କରିବା ଲାଗି ସେ ଆତ୍ମପୁରୁଷର ଅନୁମୋଦନ

ତଥା ପ୍ରକୃତିର ସହାୟତା ଲାଭ କରେ । ତେବେ ସ୍ୱାଧୀନ ଇଚ୍ଛାର ବର୍ଜନ ଏକ ଭାଗ୍ୟବାଦରେ ପରିଣତ ନ ହେବା ଉଚିତ ।

ଶ୍ରୀଅରବିନ୍ଦ କହନ୍ତି ଯେ ଗୀତା ବର୍ଣ୍ଣିତ ପୁରୁଷ ସାଂଖ୍ୟଦର୍ଶନର ପୁରୁଷଠାରୁ ଭିନ୍ନ ଅଟେ । ସାଂଖ୍ୟ ମତରେ ପୁରୁଷ ତା'ର ମୂଳ ସତ୍ତାରେ ସ୍ୱାଧୀନ, କିନ୍ତୁ ସେ ନିଷ୍କ୍ରିୟ ଓ ଅକର୍ତ୍ତା ହୋଇ ରହିଥିବା ଯୋଗୁଁ ହିଁ ସ୍ୱାଧୀନ । ମାତ୍ର ଯେତେବେଳେ ସେ ତା'ର ନିଷ୍କ୍ରିୟ ଆତ୍ମା ଉପରେ କର୍ମର ଛାୟା ପକାଇବା ପାଇଁ ପ୍ରକୃତିକୁ ଅନୁମତି ଦିଏ ସେତେବେଳେ ସେ ବାହ୍ୟତଃ ଗୁଣ ସମୂହର କ୍ରିୟା ଦ୍ୱାରା ଆବଦ୍ଧ ହୋଇ ପଡ଼େ । ଅର୍ଥାତ୍ ପୁରୁଷ ନିଜକୁ ପ୍ରକୃତି ସହିତ ଏକାତ୍ମ କରିଥିବା ପର୍ଯ୍ୟନ୍ତ କର୍ମ ସମ୍ଭବ ହୁଏ । ଯେତେବେଳେ ସେ ନିଜ ଉପରେ ପ୍ରକୃତିର କ୍ରିୟାକୁ ପ୍ରତିଫଳିତ ହେବା ଲାଗି ଆଉ ଅନୁମତି ଦିଏ ନାହିଁ ସେତେବେଳେ କର୍ମ ଆପେ ବନ୍ଦ ହୋଇଯାଏ । ପୁରୁଷର ଏହି ନୀରବ, ନିଷ୍କ୍ରିୟ ସ୍ଥିତିକୁ ଉପଲବ୍ଧି କଲେ ମନୁଷ୍ୟ ମୁକ୍ତିଲାଭ କରେ । ଅନ୍ୟ ପକ୍ଷରେ ଗୀତାର ପୁରୁଷ ମୁକ୍ତିର ଉପଲବ୍ଧି ପରେ ମଧ୍ୟ ସକ୍ରିୟ ହୋଇ ରହିଥାଏ । ସେ ପ୍ରକୃତି ଉପରେ ନିୟନ୍ତ୍ରଣ କରେ, ପ୍ରକୃତିର ପ୍ରଭୁ ହୋଇଯାଏ । ପ୍ରକୃତିର ବଶତାରୁ ମୁକ୍ତ ହେଲା ପରେ ମନୁଷ୍ୟ ପାଇଁ ଦୁଇଟି ସମ୍ଭାବ୍ୟ ପଥ ଉନ୍ମୁକ୍ତ ହୋଇପାରେ – ସେ ସମସ୍ତ କର୍ମରୁ ବିରତ ହୋଇ ରହିପାରେ ଓ ଅସ୍ତିତ୍ୱରୁ ନିଜକୁ ପ୍ରତ୍ୟାହାର କରି ନେଇପାରେ କିଂବା ପ୍ରକୃତି ଉପରେ ପ୍ରଭୁତ୍ୱ ଲାଭ କରି ସକଳ କର୍ମ କରିପାରେ । ସୁତରାଂ ସାଂଖ୍ୟର କ୍ଷେତ୍ରରେ ପରିଣାମ ହେଉଛି କର୍ମର ସମ୍ପୂର୍ଣ୍ଣ ବିରତି, କିନ୍ତୁ ଗୀତାର କ୍ଷେତ୍ରରେ ପରିଣାମ ହେଉଛି ନିଷ୍କାମ ଦିବ୍ୟ କର୍ମ ।

ସାଂଖ୍ୟ ଦର୍ଶନ ପୁରୁଷ ଓ ପ୍ରକୃତିକୁ ଦୁଇଟି ସମ୍ପୂର୍ଣ୍ଣ ପୃଥକ୍ ବସ୍ତୁ ରୂପେ ବିଚାର କରେ । କିନ୍ତୁ ଗୀତାରେ ପୁରୁଷ ଓ ପ୍ରକୃତି ହେଉଛି ଏକ ହିଁ ପରମସତ୍ତାର ଦୁଇଟି ବିଭାବ । ସାଂଖ୍ୟ ମତରେ ପୁରୁଷ ହେଉଛି ଅନୁମନ୍ତା ଯିଏ କେବଳ ନିଷ୍କ୍ରିୟ ଅନୁମତି ଦିଏ, ସେ ପ୍ରକୃତିର ସକଳ କ୍ରିୟାର ସାକ୍ଷୀ ସ୍ୱରୂପ ହୋଇ ରହିଥାଏ । କିନ୍ତୁ ଗୀତାର ଦୃଷ୍ଟିରେ ପୁରୁଷ କେବଳ ଅନୁମନ୍ତା ନୁହେଁ ସେ ମଧ୍ୟ ପ୍ରକୃତିର ପ୍ରଭୁ । ସେ ପ୍ରକୃତି ଭିତର ଦେଇ ଜଗତର ଲୀଳାକୁ ଉପଭୋଗ କରେ ତଥା ଭଗବତ୍ ଇଚ୍ଛାକୁ କାର୍ଯ୍ୟକାରୀ କରିଥାଏ । ଏହି ପୁରୁଷକୁ ଜାଣିବା କିପରି ମହତ୍ତ୍ୱପୂର୍ଣ୍ଣ ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

"To know, to respond to, to live in the divine being and nature of this Soul is the object of withdrawing from the ego and its action. One rises then above the lower nature of the gunas to the higher divine nature."

(Essays on the Gita, p. 228)

ଅର୍ଥାତ୍, ''ଏହି ପୁରୁଷକୁ ଜାଣିବା, ତାହାର ଆହ୍ୱାନର ଉତ୍ତର ଦେବା, ତାହାର ଦିବ୍ୟସତ୍ତା ଓ ପ୍ରକୃତିରେ ବାସ କରିବା – ଏହାହିଁ ହେଉଛି ଅହଂ ଓ ତାହାର କ୍ରିୟାରୁ ନିବୃତ୍ତ ହେବାର ହେତୁ । ତା'ହେଲେ ଯାଇ ମନୁଷ୍ୟ ନିମ୍ନ ତ୍ରିଗୁଣ ପ୍ରକୃତିର ଊର୍ଦ୍ଧ୍ୱକୁ ଉଠି ଉଚ୍ଚତର ଭାଗବତ ପ୍ରକୃତି ଲାଭ କରି ପାରିବ ।''

(ଗୀତା-ନିବନ୍ଧମାଳା, ପୃ. ୨୭୮)

ପ୍ରକୃତି ସହିତ ପୁରୁଷର ଜଟିଳ ସମ୍ବନ୍ଧକୁ ବୁଝିଲେ ଯାଇ ଆମେ ତ୍ରିଗୁଣମୟୀ ପ୍ରକୃତିର ଊର୍ଦ୍ଧ୍ୱକୁ ଉଠିବାର ପ୍ରକ୍ରିୟାଟି କ'ଣ ତାହା ଜାଣି ପାରିବା । ଏଥି ପାଇଁ ଗୀତା ବର୍ଣ୍ଣିତ ତିନୋଟି ପୁରୁଷ (କ୍ଷର, ଅକ୍ଷର, ପରାତ୍ପର ବା ପୁରୁଷୋତ୍ତମ)ର ତତ୍ତ୍ୱ ପ୍ରଥମେ ଜାଣିବା ଆବଶ୍ୟକ । ଯେଉଁ ପୁରୁଷ ପ୍ରକୃତିର ପରିବର୍ତ୍ତନ ସଙ୍ଗରେ ପରିବର୍ତ୍ତିତ ହେଉଥାଏ, ତାହା ହେଉଛି କ୍ଷର ପୁରୁଷ । ସେ ଉଭୟ ବ୍ୟକ୍ତିଗତ ଓ ବିଶ୍ୱଗତ ସ୍ତରରେ ପ୍ରକୃତି ସହିତ ଏକାତ୍ମ ଓ ଜଡ଼ିତ ହୋଇ ରହିଥାଏ । କ୍ଷର ପୁରୁଷ ଯେଉଁ ସମ୍ଭାବନାକୁ ନିଜ ମଧ୍ୟରେ ଧାରଣ କରିଥାଏ ସେହି ଅନୁସାରେ ପ୍ରକୃତି କାର୍ଯ୍ୟ କରିଥାଏ । ଏହି ଜଟିଳ ପ୍ରକ୍ରିୟାକୁ ଦେଖିଲେ ମନେ ହୁଏ ସତେ ଯେମିତି ପୁରୁଷ ନିଜକୁ ପ୍ରକୃତି ମଧ୍ୟରେ ସମ୍ପୂର୍ଣ୍ଣ ହରାଇ ଦେଇଛି, କିନ୍ତୁ ପ୍ରକୃତରେ ତାହା ନୁହେଁ । ପୁରୁଷ ସମ୍ଭୂତି ବା ବିବର୍ତ୍ତନର ପ୍ରବାହକୁ ଅନୁସରଣ କରିବା ଫଳରେ ସେପରି ମନେ ହୁଏ । ପ୍ରକୃତି ହେଉଛି ବିବର୍ତ୍ତନର ଯନ୍ତ୍ର ଓ କାର୍ଯ୍ୟକାରିଣୀ ଶକ୍ତି । ପୁରୁଷସତ୍ତାର ବିବର୍ତ୍ତନକୁ ହିଁ ସେ ରୂପାୟିତ କରେ । ପୁରୁଷ ହେଉଛି ସେହି ସଚେତ ସତ୍ତା ଯାହା ଭିତରୁ କର୍ମ ଓ ପରିବର୍ତ୍ତନର ଶକ୍ତି ଉଦ୍ଭୂତ ହୋଇଛି । ପୁରୁଷ ଭିତରୁ ହିଁ ପ୍ରକୃତି ତା'ର ପରିବର୍ତ୍ତନଶୀଳ ଇଚ୍ଛାକୁ ଆହରଣ କରିଛି ।

କ୍ଷର ପୁରୁଷର ଊର୍ଦ୍ଧ୍ୱରେ ରହିଛି ଅକ୍ଷର ପୁରୁଷ (the Immutable, the Impersonal Purusha) ଯିଏ ନୀରବ, ନିଶ୍ଚଳ, ସ୍ୱୟଂ ସ୍ଥିତ ଓ ଅପରିବର୍ତ୍ତନୀୟ । ଏହା ବିବର୍ତ୍ତନଗତ ସତ୍ତା ନୁହେଁ । ସାଂଖ୍ୟ ଅନୁସାରେ ଅକ୍ଷର ପୁରୁଷର ସ୍ଥିତି ହେଉଛି ଏପରି ଏକ ଅବସ୍ଥା ଯେତେବେଳେ ପ୍ରକୃତିର ଗୁଣ ସମୂହ ସାମ୍ୟାବସ୍ଥା ପ୍ରାପ୍ତ ହୁଅନ୍ତି । କ୍ଷର ପୁରୁଷ ସଗୁଣ ବ୍ୟଷ୍ଟି ପୁରୁଷ (Personal) ହୋଇଥିବା ବେଳେ ଅକ୍ଷର ପୁରୁଷ ନିର୍ଗୁଣ ଓ

ନୈର୍ବ୍ୟକ୍ତିକ (Impersonal) ହୋଇଥାଏ । ଅକ୍ଷର ପୁରୁଷ ନିଜକୁ ଗୁଣ ସମୂହର କ୍ରିୟାରୁ ପୃଥକ୍ କରି ଦେଇ ନିଷ୍କ୍ରିୟ, ଅକର୍ତ୍ତା ଓ ସାକ୍ଷୀ ମାତ୍ର ହୋଇ ରହେ ।

ମନୁଷ୍ୟର ଆତ୍ମା ଯେତେବେଳେ କ୍ଷର ଭାବକୁ ଗ୍ରହଣ କରେ ସେତେବେଳେ ତାହା ପ୍ରକୃତିର ଅଧୀନ ହୋଇ ବ୍ୟକ୍ତିକ ସ୍ତରରେ କ୍ରିୟା କରେ । ଆଉ ଯେତେବେଳେ ତାହା ଅକ୍ଷର ଭାବକୁ ଗ୍ରହଣ କରେ ସେତେବେଳେ ପ୍ରକୃତିର କ୍ରିୟାରୁ ମୁକ୍ତ ହୋଇ ନୈର୍ବ୍ୟକ୍ତିକ ସ୍ଥିତିରେ ଅକର୍ତ୍ତା ହୋଇ ରହେ । ମନୁଷ୍ୟର ମନକୁ ଏଇ ଦୁଇଟି ଭାବ ମଧ୍ୟରୁ କୌଣସି ଗୋଟିଏ ଆଡ଼କୁ ଝୁଙ୍କିବାକୁ ହୋଇଥାଏ ।

ଯଦି ଜଣେ କ୍ଷର ଭାବରୁ ନିଜକୁ ଅପସାରିତ କରି ଅକ୍ଷର ଭାବରେ ପ୍ରତିଷ୍ଠିତ ହୁଏ, ତେବେ ବିଭିନ୍ନ ଯୋଗ ମାର୍ଗର ସିଦ୍ଧାନ୍ତ ଅନୁସାରେ ସେ ମୁକ୍ତି ଲାଭ କରିଛି ବୋଲି କୁହାଯିବ । ମାତ୍ର ଶ୍ରୀଅରବିନ୍ଦ କହନ୍ତି ଯେ ଏହା କେବଳ ନିର୍ଗୁଣ ବ୍ରହ୍ମ ବା ନୈର୍ବ୍ୟକ୍ତିକ ପୁରୁଷର ଏକ ଉପଲବ୍ଧି । ଏହାର ଊର୍ଦ୍ଧ୍ୱରେ ରହିଛନ୍ତି ପୁରୁଷୋତ୍ତମ ବା ପରାତ୍ପର ପରମ ପୁରୁଷ (The Transcendent Being) । କ୍ଷର ଓ ଅକ୍ଷର ହେଉଛନ୍ତି ଏହି ପୁରୁଷୋତ୍ତମଙ୍କର ଦୁଇଟି ବିଭାବ । ପରମପୁରୁଷ ହେଉଛନ୍ତି ପରମେଶ୍ୱର, ସର୍ବଜୀବଙ୍କର ପ୍ରଭୁ (ସର୍ବଭୂତ ମହେଶ୍ୱର) । ସେ ସକଳ ବସ୍ତୁ ଓ ସକଳ ସତ୍ତାର ଅତୀତ । କ୍ଷର ବା ଅକ୍ଷର, ବ୍ୟକ୍ତିକ ବା ନୈର୍ବ୍ୟକ୍ତିକ ସକଳ ବିଭାବର ଊର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ସେ ଦେଶ କାଳର ଅତୀତ, ବିଶ୍ୱାତୀତ ପୁରୁଷ । ସେ ନିଜର ସକ୍ରିୟ ପ୍ରକୃତି (ସ୍ୱାଂ ପ୍ରକୃତିମ୍)କୁ ଜୀବ ମଧ୍ୟରେ ପ୍ରକଟ କରିଛନ୍ତି । ତାଙ୍କର ଦିବ୍ୟ ପ୍ରକୃତି ହିଁ ପ୍ରତ୍ୟେକ ଜୀବକୁ ତା'ର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ପରିଚାଳିତ କରୁଛି, ବିବର୍ତ୍ତନର ଲକ୍ଷ୍ୟ ପଥରେ ଆଗେଇ ନେଉଛି ।

କ୍ଷର ପୁରୁଷର ସ୍ତରରେ ପୁରୁଷୋତ୍ତମ ସର୍ବବ୍ୟାପୀ ଦିବ୍ୟ ସଂକଳ୍ପ ରୂପେ କ୍ରିୟା କରୁଥା'ନ୍ତି । ସେତେବେଳେ ସେ ସକ୍ରିୟ ଈଶ୍ୱର ରୂପେ ସମସ୍ତଙ୍କ ଭିତରେ ବିଦ୍ୟମାନ ଯଦିଓ ସେ ପ୍ରକୃତି ଭିତରେ ନିଜକୁ ଜଡ଼ିତ କରି ରଖିଥା'ନ୍ତି । ଅକ୍ଷର ପୁରୁଷର ସ୍ତରରେ ସେଇ ପୁରୁଷୋତ୍ତମ ନିଷ୍କ୍ରିୟ, ଅପରିବର୍ତ୍ତନୀୟ ଓ ନୈର୍ବ୍ୟକ୍ତିକ ସତ୍ତା ହୋଇ ପ୍ରକୃତିର ଖେଳାକୁ ସାକ୍ଷୀ ଭାବରେ ଦେଖୁଥା'ନ୍ତି । ଅର୍ଥାତ୍ ଏଇ ତିନୋଟିଯାକ ସ୍ତରରେ, ବସ୍ତୁତଃ ଚେତନାର ସକଳ ସ୍ତରରେ, ପୁରୁଷୋତ୍ତମଙ୍କ ଦିବ୍ୟ ସଂକଳ୍ପ ହିଁ ବିଭିନ୍ନ ରୂପରେ କ୍ରିୟାଶୀଳ ହୋଇ ରହିଥାଏ ।

ଅହଂ ଭାବ ଦ୍ୱାରା ଆମର ଆତ୍ମଜ୍ଞାନ ଆଚ୍ଛାଦିତ ହୋଇଥିବାରୁ ଆମେ ପୁରୁଷର ଏଇ ତିନୋଟି ସ୍ଥିତିକୁ ଧାରଣା କରିପାରୁ ନାହିଁ । କ୍ଷର ପୁରୁଷର ସ୍ତରରେ ମନୁଷ୍ୟର ଆତ୍ମା ଗୁଣ ସମୂହର ଖେଳା ଭିତରେ ଏପରି ବୁଡ଼ି ରହିଥାଏ ଯେ ସେ ନିଜକୁ ସକଳ କର୍ମର କର୍ତ୍ତା ବୋଲି ଭୁଲ୍ ଧାରଣା କରେ । ଅକ୍ଷର ପୁରୁଷର ସ୍ତରକୁ ଆସି ମନୁଷ୍ୟର ଆତ୍ମା ପ୍ରକୃତିର କ୍ରିୟା କ୍ଷେତ୍ରରୁ ନିଜକୁ ବିଚ୍ଛିନ୍ନ କରି ରଖେ । ଏଠାରେ ଏକ ଦ୍ୱୈତ ସତ୍ତା ରହିଥାଏ ଯଥା – ସାକ୍ଷୀ ସତ୍ତା (ଯିଏ ପ୍ରକୃତିର କ୍ରିୟାରୁ ସ୍ୱତନ୍ତ୍ର) ଏବଂ ବାହ୍ୟସତ୍ତା (ଯିଏ ପ୍ରକୃତିର କ୍ରିୟାରେ ଲିପ୍ତ) । ଏହି ଉଭୟ ସ୍ତର (କ୍ଷର, ଅକ୍ଷର)ରେ କର୍ମରୁ ବିରତ ରହିବାର ପ୍ରଲୋଭନ ମନୁଷ୍ୟକୁ ପୂର୍ଣ୍ଣ ଉପଲବ୍ଧିର ଲକ୍ଷ୍ୟରୁ ବିଚ୍ୟୁତ କରିବାର ସମ୍ଭାବନା ରହିଛି । ପୁରୁଷୋତ୍ତମଙ୍କ ଚେତନା ସହିତ ଏକୀଭୂତ ହେଲେ ମନୁଷ୍ୟ ପ୍ରକୃତ ଏକତ୍ୱକୁ ଉପଲବ୍ଧି କରିପାରେ । କାରଣ ଏହି ସ୍ତରରେ କ୍ଷର ଓ ଅକ୍ଷର ବା ସକ୍ରିୟ ଓ ନିଷ୍କ୍ରିୟ ବିଭାବ ଦ୍ୱୟ ଏକତ୍ର ସମାହିତ ହୋଇଥା'ନ୍ତି । ସେତେବେଳେ କର୍ମରୁ ବିରତ ହେବାର ଆବଶ୍ୟକତା ରହେ ନାହିଁ । କାରଣ ସକଳ କର୍ମ ପୁରୁଷୋତ୍ତମଙ୍କ ପରମ ଦିବ୍ୟ ସଂକଳ୍ପରୁ ଉତ୍ସାରିତ ହୋଇଥାଏ ।

ଅଜ୍ଞାନତା ମଧ୍ୟରେ କରାଯାଉଥିବା ସାଧାରଣ କର୍ମକୁ ଦିବ୍ୟକର୍ମରେ ପରିଣତ କରିବାକୁ ହେଲେ ଆମକୁ ଗୁଣ ସମୂହର ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ଏହି ଗୁଣଗୁଡ଼ିକ ପରସ୍ପର ସହିତ ମିଶି କରି ରହିଥା'ନ୍ତି । ଏକ ସାତ୍ତ୍ୱିକ ବ୍ୟକ୍ତି ଭିତରେ ମଧ୍ୟ ରଜୋଗୁଣ ଓ ତମୋଗୁଣ ଥାଇପାରେ । ସେହିପରି ରାଜସିକ ବ୍ୟକ୍ତି ଭିତରେ କିଛି ସାତ୍ତ୍ୱିକ ଗୁଣ ଓ ତମୋଗୁଣ ଥାଇପାରେ । ବ୍ୟକ୍ତି ଭିତରେ ଯେଉଁ ଗୁଣର ପ୍ରାଧାନ୍ୟ ରହିଥାଏ ସେହି ଅନୁସାରେ ତାହାକୁ ସାତ୍ତ୍ୱିକ, ରାଜସିକ ବା ତାମସିକ ବ୍ୟକ୍ତି ବୋଲି କୁହାଯାଏ । ଗୁଣଗୁଡ଼ିକର ଏହି ଜଟିଳ ଓ ମିଶ୍ରିତ କ୍ରିୟା ଯୋଗୁଁ ଜଣେ ବ୍ୟକ୍ତିକୁ ଠିକ୍ ଭାବରେ ଜାଣିବା କଷ୍ଟସାଧ୍ୟ ହୋଇଥାଏ । ମନୁଷ୍ୟ ଅହଂବୋଧ ଭିତରେ ଥିବା ପର୍ଯ୍ୟନ୍ତ ଏହି ଗୁଣଗୁଡ଼ିକ ତା' ସତ୍ତା ଭିତରେ କ୍ରିୟାଶୀଳ ହୋଇ ରହିଥା'ନ୍ତି । ତେବେ ଏହି ଅହଂକୁ ଦୂର କରିବାର ଉପାୟ କ'ଣ ? ଅହଂକୁ ଦୂର କରିବାକୁ ଚେଷ୍ଟା କଲେ ତାହା ଦୂର ହୁଏ ନାହିଁ । ଏଥିପାଇଁ ପୁରୁଷ-ଚେତନା ବା ଆତ୍ମାକୁ ଆବାହନ କରିବାକୁ ହୁଏ, ଭଗବାନଙ୍କ ପାଖରେ ସଚେତନ ଭାବେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ କରିବାକୁ ହୁଏ । ଭଗବତ୍ ଚେତନା ବ୍ୟକ୍ତି ଭିତରେ ଯେତେ ବେଶୀ ପ୍ରକାଶିତ ହୁଏ, ଅହଂର ପ୍ରଭାବ ଓ ଶକ୍ତି ସେତେ କ୍ଷୟ ହେବାକୁ ଲାଗେ । ଏପରି ଏକ ସମୟ ଆସେ ଯେତେବେଳେ ଦିବ୍ୟ ଚେତନା ପୂର୍ଣ୍ଣ

ପ୍ରକାଶିତ ହେବା ଦ୍ୱାରା ଅହଂ ସମ୍ପୂର୍ଣ୍ଣ ଦୂରୀଭୂତ ହୁଏ ଏବଂ ସେତେବେଳେ ଗୁଣଗୁଡ଼ିକର ଅଧୀନତାରୁ ବ୍ୟକ୍ତି ମୁକ୍ତ ହୋଇଯାଏ ।

ଯୋଗ ସାଧନାର ପଥରେ ଆମେ ତିନୋଟି ପର୍ଯ୍ୟାୟ ରହି ଥିବାର ଲକ୍ଷ୍ୟ କରୁ । ପ୍ରଥମେ ପ୍ରକୃତିର ଖେଳାରୁ ନିବୃତ୍ତି, ତା'ପରେ ପ୍ରକୃତି ଉପରେ ଏକ ସଚେତନ ନିୟନ୍ତ୍ରଣର ସ୍ଥିତି, ଏବଂ ପରିଶେଷରେ ପ୍ରକୃତି ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ଲାଭ ।

ମନୁଷ୍ୟ ନିଜର ଅଜ୍ଞାନତା ଓ ଆସକ୍ତି ଯୋଗୁଁ ଜାଣି ପାରେ ନାହିଁ ଯେ ପ୍ରକୃତି ହିଁ ସବୁକିଛି କରୁଛି । ଅହଂ ଦ୍ୱାରା ବିମୂଢ଼ ହୋଇ ସେ ସତ୍ୟ ଓ ବାସ୍ତବତାକୁ ଦେଖିପାରେ ନାହିଁ । ସେ ସକଳ କର୍ମ ସହ ନିଜକୁ ଏକାତ୍ମ କରି ଦିଏ । ଗୁଣମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ସୁଖ, ଦୁଃଖ, କାମ, କ୍ରୋଧ, ଈର୍ଷା, ଘୃଣା ଆଦିର ବଶୀଭୂତ ହୁଏ । ଫଳତଃ ସ୍ୱାଧୀନତାର ଅନୁଭବ ତା' ପାଇଁ ଅପହଞ୍ଚ ହୋଇ ରହିଥାଏ ।

ଏହି ଅସହାୟ ବିକଳ ଅବସ୍ଥାରୁ ମୁକ୍ତ ହେବାକୁ ହେଲେ ମନୁଷ୍ୟ ନିଜକୁ ପ୍ରକୃତିର ଖେଳା ଭିତରୁ ପ୍ରତ୍ୟାହାର କରି ନେବା ଆବଶ୍ୟକ । ଅକ୍ଷର ଭାବରେ ପ୍ରତିଷ୍ଠିତ ହୋଇ ତାହାକୁ ଗୁଣ ସମୂହର ଊର୍ଦ୍ଧ୍ୱକୁ ଉଠି ଯିବାକୁ ହେବ । ସେ ପ୍ରକୃତିର କ୍ରିୟାକୁ ଏକ ଶାନ୍ତ, ନିର୍ଲିପ୍ତ ସାକ୍ଷୀ ଭାବରେ ଦେଖିବ । ନିଜକୁ ଏକ ଅକ୍ଷର ନିର୍ଗୁଣ ସତ୍ତା ବୋଲି ଜାଣି ସେ ପ୍ରକୃତିର କ୍ରିୟାବଳୀ ସହିତ ଏକୀଭୂତ ହେବ ନାହିଁ । କର୍ତ୍ତା ଭାବକୁ ସେ ପରିତ୍ୟାଗ କରିବ । ସେ ନିରନ୍ତର ଆଧ୍ୟାତ୍ମିକ ନିର୍ମଳତା ମଧ୍ୟରେ ବାସ କରିବ । ତା'ର ବାହ୍ୟ ସତ୍ତାରେ ଗୁଣମାନଙ୍କର ଖେଳା ଚାଲୁ ଥିଲେ ମଧ୍ୟ ସେ ସର୍ବଦା ଆନ୍ତରସତ୍ତାରେ ପ୍ରତିଷ୍ଠିତ ହୋଇଥିବାରୁ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହେବ ନାହିଁ । ଶୁଭ-ଅଶୁଭ, ପାପ-ପୁଣ୍ୟ ଓ ସୁଖ-ଦୁଃଖର ଭ୍ରାନ୍ତି ତାକୁ ସ୍ପର୍ଶ କରି ପାରିବ ନାହିଁ ।

କିନ୍ତୁ ଏହା (ଅକ୍ଷର ବ୍ରହ୍ମର ସ୍ଥିତି ବା ଉପଲବ୍ଧି) ମନୁଷ୍ୟ ପାଇଁ ଚୂଡ଼ାନ୍ତ ସମ୍ଭାବନା ନୁହେଁ । ଏହା ହେଉଛି ଏକ ବିଭକ୍ତ ଅବସ୍ଥା, ସମ୍ପୂର୍ଣ୍ଣ ସମନ୍ୱୟର ଅବସ୍ଥା ନୁହେଁ । ଏ କ୍ଷେତ୍ରରେ ଜଣେ ଆତ୍ମାର ଭୂମିରେ ମୁକ୍ତି ଲାଭ କରେ ସତ, ମାତ୍ର ତା'ର ପ୍ରକୃତିରେ ଅପୂର୍ଣ୍ଣତା ରହିଥାଏ । ସନ୍ନ୍ୟାସୀମାନେ ପ୍ରକୃତିର କବଳରୁ ମୁକ୍ତି ଲାଭ କରିବା ପାଇଁ କର୍ମକୁ ବର୍ଜନ କରିଥା'ନ୍ତି । ଏ ପ୍ରକାର ସମାଧାନକୁ ଗୀତା ଯଦିଓ ସ୍ୱୀକାର କରିଛି, ମାତ୍ର ଏହାକୁ ପସନ୍ଦ କରି ନାହିଁ । ସମସ୍ତ କର୍ମର ତ୍ୟାଗ କରିବାକୁ ହେବ ବୋଲି ଗୀତା ମଧ୍ୟ କହିଛି (ସର୍ବକର୍ମାଣି ସନ୍ନ୍ୟସ୍ୟ) । ମାତ୍ର ଏହି ତ୍ୟାଗ ବାହ୍ୟ ତ୍ୟାଗ ନୁହେଁ, ଏହା ହେଉଛି ଅନ୍ତରରେ ବ୍ରହ୍ମଙ୍କ ପାଖରେ ସମର୍ପଣ ।

କର୍ମର ଆନ୍ତର ତ୍ୟାଗ ଓ ସମର୍ପଣର ଏକନିଷ୍ଠ ସାଧନା ଦ୍ୱାରା ବ୍ୟକ୍ତି ଯେତେବେଳେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରେ ସେତେବେଳେ ସେ କ୍ଷର ଓ ଅକ୍ଷରକୁ ଏକ ହିଁ ପୁରୁଷୋତ୍ତମଙ୍କର ଦୁଇଟି ବିଭାବ ରୂପେ ଜାଣିପାରେ । ପୁରୁଷୋତ୍ତମ ହିଁ କ୍ଷର ରୂପରେ ପ୍ରକୃତିର କର୍ମକୁ ସମର୍ଥନ କରନ୍ତି ଏବଂ ଅକ୍ଷର ରୂପରେ କର୍ମକୁ ସମର୍ଥନ କଲେ ସୁଦ୍ଧା କର୍ମଠାରୁ ପୃଥକ୍ ହୋଇ ରହିଥା'ନ୍ତି । ବ୍ୟକ୍ତି ଆହୁରି ଜାଣିପାରେ ଯେ ପୁରୁଷୋତ୍ତମ ସର୍ବଭୂତରେ ଗୁପ୍ତ ଈଶ୍ୱର ରୂପେ ବିରାଜମାନ କରି ପ୍ରକୃତିକୁ ନିୟନ୍ତ୍ରଣ କରୁଛନ୍ତି । ପୁରୁଷୋତ୍ତମ ଭାବ ସହିତ ନିଜକୁ ଏକୀଭୂତ କରିଥିବା ବ୍ୟକ୍ତି ଦେଖିପାରେ ଯେ ତା' ଭିତରେ ପ୍ରକୃତି ଭଗବତ୍ ଇଚ୍ଛାର ଯନ୍ତ୍ର ରୂପେ କ୍ରିୟା କରୁଛି । ଏପରି ଅବସ୍ଥାରେ ବ୍ୟକ୍ତି ତ୍ରିଗୁଣାତୀତ ହୋଇଯାଏ । ତା'ର କର୍ମ ଅହଂ ବା ଗୁଣସମୂହ ଦ୍ୱାରା ପ୍ରେରିତ ନ ହୋଇ ପ୍ରତ୍ୟକ୍ଷ ଭାବେ ପୁରୁଷୋତ୍ତମ ଭଗବାନଙ୍କର କର୍ମ ବା ଦିବ୍ୟ କର୍ମରେ ପରିଣତ ହୁଏ । ସେତେବେଳେ ସେ ବ୍ରହ୍ମ ପରି ଗୁଣ ସବୁର ଭୋକ୍ତା ହୁଏ, ମାତ୍ର ସେଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୁଏ ନାହିଁ (ନିର୍ଗୁଣଂ ଗୁଣଭୋକ୍ତୃ ଚ) । ସେ ବ୍ରହ୍ମ ପରି ଅନାସକ୍ତ ହୋଇ ରହିପାରେ ତଥା ସବୁକିଛିର ଭର୍ତ୍ତା ହୋଇ ମଧ୍ୟ ରହିପାରେ (ଅସକ୍ତଂ ସର୍ବଭୃତ୍) । ଏପରି ବ୍ୟକ୍ତି ମଧ୍ୟରେ ଗୁଣ ସମୂହ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇ ଯାଇଥା'ନ୍ତି । ସେଗୁଡ଼ିକ ଅହଂଗତ କ୍ରିୟା-ପ୍ରତିକ୍ରିୟାରୁ ମୁକ୍ତ ହୋଇଥା'ନ୍ତି ।

ଅଜ୍ଞାନର କ୍ଷେତ୍ରରେ ଯାହା ପ୍ରକୃତି ରୂପେ କାର୍ଯ୍ୟ କରୁଥାଏ, ଜ୍ଞାନର କ୍ଷେତ୍ରରେ ତାହା ଦିବ୍ୟ ଶକ୍ତି ରୂପେ କାର୍ଯ୍ୟ କରେ । ଜଣେ ପ୍ରକୃତିର ଗୁଣଗୁଡ଼ିକର ଦାସତ୍ୱରୁ ଯେତେ ମୁକ୍ତ ହୁଏ, ତା' ଭିତରେ ପ୍ରକୃତିର ଶକ୍ତି ଦିବ୍ୟ ଶକ୍ତି ରୂପେ ସେତେ ପ୍ରକାଶିତ ହେବାକୁ ଲାଗେ । ନିଜର ସମଗ୍ର ସତ୍ତାକୁ ପୁରୁଷୋତ୍ତମଙ୍କ ଭିତରେ ଏକୀଭୂତ କରିଥିବା ବ୍ୟକ୍ତି ଭାଗବତ ପ୍ରକୃତିକୁ ପ୍ରାପ୍ତ ହୁଏ (ମଦ୍‌ଭାବମ୍ ଆଗତାଃ), ତା'ର ମନ ଓ ଚେତନା ଭଗବାନଙ୍କ ସହ ଯୁକ୍ତ ହୋଇ ଯାଇଥାଏ । ଏହି ଅବସ୍ଥାକୁ ଗୀତାରେ ଶ୍ରୀକୃଷ୍ଣ ''ମନ୍ମନାଃ'', ''ମଚ୍ଚିତ୍ତଃ'' ଅବସ୍ଥା ବୋଲି ଅଭିହିତ କରିଛନ୍ତି । ଏହି ଅବସ୍ଥାରେ ଜୀବ ପ୍ରକୃତିର ପ୍ରଭୁ ହୋଇଯାଏ, ତା'ର ଇଚ୍ଛା ଭଗବତ ଇଚ୍ଛାରେ ଏବଂ ତା'ର କର୍ମ ଦିବ୍ୟ କର୍ମରେ ରୂପାନ୍ତରିତ ହୋଇଯାଏ ।

(କ୍ରମଶଃ)

❑❑❑

# ଭୟର ଦୂରୀକରଣ

## ଶ୍ରୀମା

ଏକ ଛୋଟ ଚିକିତ୍ସା ଅଛି ଯାହା ଖୁବ୍, ଖୁବ୍ ସହଜ । କାରଣ ସରଳଭାବେ ଏହାର ମୂଳଭିତ୍ତି ହେଉଛି ଏକ ବ୍ୟକ୍ତିଗତ ସାଧାରଣ ଜ୍ଞାନ ।... ତୁମକୁ ଏକ ଛୋଟ କଥା ନିରୀକ୍ଷଣ କରିବାକୁ ହେବ, ତୁମେ ଯେତେବେଳେ ଭୟଭୀତ ହୁଅ ସେତେବେଳେ ନିଜକୁ କୁହ ଯେ ଯାହାକୁ ତୁମେ ଭୟ କରୁଛ, ତାହାକୁ ଯେପରି ତୁମର ଭୟ ଟାଣି ଆଣୁଛି । ତୁମେ ଯଦି ରୋଗକୁ ଭୟକର, ତେବେ ତୁମେ ଯେପରି ଏହାକୁ ହିଁ ଆକର୍ଷଣ କର । ଯଦି ଆକସ୍ମିକ ଦୁର୍ଘଟଣାକୁ ଭୟ କରୁଛ, ତେବେ ଯେପରି ତୁମେ ଆକସ୍ମିକ ଦୁର୍ଘଟଣାକୁ ହିଁ ଆକର୍ଷଣ କରୁଛ । ତୁମେ ଯଦି ତୁମ ନିଜକୁ କିଂବା ତୁମର ଚାରିଦିଗକୁ ସାମାନ୍ୟ ଦେଖ ତୁମେ ଏକଥା ହୃଦୟଙ୍ଗମ କରିବ; ଏହା ଏକ ସ୍ପଷ୍ଟ କଥା (Patent fact) । ଯଦି ତୁମର ସାମାନ୍ୟ କିଛି ସାଧାରଣ ଜ୍ଞାନ ଥାଏ, ତେବେ ତୁମେ କହିବ : କୌଣସି ଜିନିଷକୁ ଭୟ କରିବା ହିଁ ହେଉଛି ମୂର୍ଖାମି, କାରଣ ତା'ହେଲେ ମୁଁ ସେହି ଜିନିଷକୁ ମୋ ପାଖକୁ ଆସିବା ଲାଗି ସଂକେତ ଦେଉଛି । ଯଦି ମୋର କେହି ଶତ୍ରୁ ମୋତେ ମାରିବାକୁ ଚାହେଁ, ମୁଁ ଯାଇ ତାକୁ କହିବି ନାହିଁ : ''ତୁମେ ଜାଣ, ମୁଁ ହିଁ ହେଉଛି ସେହି ବ୍ୟକ୍ତି ଯାହାକୁ ତୁମେ ମାରିବାକୁ ଚାହୁଁଛ !'' ଏହା ହେଉଛି ସେହିପରି କିଛି । ତେଣୁ ଯେହେତୁ ଭୟ ହେଉଛି ଏକ ମନ୍ଦ ଜିନିଷ, ଆମେମାନେ ଏହାକୁ ରଖିବୁ ନାହିଁ । ଏବଂ ଯଦି ତୁମେ କୁହ ବୁଦ୍ଧି ଦ୍ୱାରା ଏହାର ପ୍ରତିରୋଧ କରିବାରେ ତୁମେ ଅସମର୍ଥ, ତା'ହେଲେ ଏହାହିଁ ବୁଝାଏ ଯେ ନିଜ ଉପରେ ତୁମର କୌଣସି କର୍ତ୍ତୃତ୍ୱ ନାହିଁ ଏବଂ ନିଜକୁ ନିୟନ୍ତ୍ରଣ କରିବା ଲାଗି ତୁମକୁ ସାମାନ୍ୟ ଚେଷ୍ଟା କରିବାକୁ ହେବ । ଏତିକି ମାତ୍ର କଥା ।

ଓଃ ! ଭୟମୁକ୍ତ ହେବା ଲାଗି ଅନେକ ରାସ୍ତା ଅଛି । କିନ୍ତୁ ଶେଷରେ ନିଜ ଲାଗି ଯାହା ଭଲ ରାସ୍ତା ତାହା ଜଣକୁ ବାଛିବାକୁ ହେବ । ଲୋକେ ଅଛନ୍ତି ଯେଉଁମାନଙ୍କୁ ଏତିକି କହିଲେ ହିଁ ଯଥେଷ୍ଟ : ''ତୁମର ଭୟ ଏକ ଦୁର୍ବଳତା'', ଏବଂ ସେମାନେ ତତ୍କ୍ଷଣାତ୍ ଏହାକୁ ଘୃଣା ଦୃଷ୍ଟିରେ ଦେଖିବା ଲାଗି ଏକ ଉପାୟ ବାହାର କରିବେ, କାରଣ ଦୁର୍ବଳତା ପାଇଁ ସେମାନଙ୍କର ଏକ ଆତଙ୍କ ଥାଏ । ଅନ୍ୟମାନେ ଅଛନ୍ତି ଯାହାଙ୍କୁ ତୁମେ କହିପାର : ''ଭୟ ବିରୋଧୀ ଶକ୍ତିର ଏକ ପ୍ରରୋଚନା, ତୁମେ ବିରୋଧୀ ଶକ୍ତିମାନଙ୍କୁ ତଡ଼ିଦେବା ପରି ଏହାକୁ ମଧ୍ୟ ଅବଶ୍ୟ ତଡ଼ିଦେବ'', ଏବଂ ତାହାହିଁ ଖୁବ୍ ଭଲଭାବେ କାର୍ଯ୍ୟକରେ । ପ୍ରତ୍ୟେକଙ୍କ ଲାଗି ଏହା ଭିନ୍ନ ଭିନ୍ନ । କିନ୍ତୁ ପ୍ରଥମେ ତୁମକୁ ଜାଣିବାକୁ ହେବ ଯେ ଭୟ ଖୁବ୍ ଖରାପ । ଏହା ଖୁବ୍ ଖରାପ ଜିନିଷ; ଏହା ଏକ ଦ୍ରାବକ, ଏହା ଏକ ଏସିଡ୍ ଭଳି । ତୁମେ ଯଦି ଏହାର ଗୋଟିଏ ମାତ୍ର ଟୋପା କୌଣସି ପଦାର୍ଥ ଉପରେ ପକାଅ ଏହା ତାହାର ଉପାଦାନକୁ ଖାଇଯିବ । ପ୍ରଥମ ପଦକ୍ଷେପ ହେଲା ଭୟର ସମ୍ଭାବନାକୁ ପ୍ରବେଶ କରିବା ଲାଗି ଅନୁମତି ନ ଦେବା । ହଁ, ତାହାହିଁ ହେଉଛି ପ୍ରଥମ ପଦକ୍ଷେପ । ମୁଁ କେତେକ ଲୋକଙ୍କୁ ଜାଣିଛି ଯେଉଁମାନେ ସେମାନଙ୍କ ଭୟ ପାଇଁ ବାହାଦୁରି ଦେଖାଉଥିଲେ । ସେମାନଙ୍କୁ ନୀରୋଗ କରିବା ଅସାଧ୍ୟ । ତାହା ହେଉଛି, ସେମାନେ ସାଧାରଣ ଭାବେ କହନ୍ତି, ''ଆଃ, ଖାଲି କଳ୍ପନା କର ତ, ମୁଁ ଏତେ ଭୟଭୀତ ହୋଇ ଯାଇଥିଲି ।'' ଏବଂ ତା'ହେଲେ କ'ଣ ହେଲା ! ଏହା ଗର୍ବ କରିବା ଭଳି କିଛି କଥା ନୁହେଁ । ଏହିପରି ଲୋକମାନଙ୍କ ପାଇଁ ତୁମେ କିଛି କରିପାରିବ ନାହିଁ ।

ଯାହାହେଉ, ଥରେ ଯଦି ତୁମେ ଚିହ୍ନିପାର ଯେ ଭୟ ଗୋଟିଏ ଭଲ କଥା ନୁହେଁ, ତାହା ଲାଭଜନକ ନୁହେଁ କି ମହନୀୟ ନୁହେଁ, କିଂବା ଏକ ସାମାନ୍ୟ ଜ୍ଞାନଦୀପ୍ତ ଚେତନାର ଯୋଗ୍ୟ ବି ନୁହେଁ, ତା'ହେଲେ ଯାଇ ତୁମେ ଏହା ବିରୋଧରେ ସଂଘର୍ଷ କରିବାକୁ ଆରମ୍ଭ କରିବ । ଏବଂ ମୁଁ ଯେପରି କହିଛି, ଯେଉଁ ରାସ୍ତା ଜଣକ ଲାଗି ଭଲ ତାହା ଅନ୍ୟ ଜଣକ ଲାଗି ଭଲ ନୁହେଁ; ତୁମକୁ ତୁମର ରାସ୍ତା ଖୋଜି ବାହାର କରିବାକୁ ହେବ । ଏହା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରେ । ଭୟ ମଧ୍ୟ ଏକ ଜିନିଷ ଯାହା ଭୟଙ୍କରଭାବେ ସାମୂହିକ ଓ ସଂକ୍ରାମକ – ଏହା ସଂକ୍ରାମକ, ସର୍ବଶ୍ରେଷ୍ଠ ସଂକ୍ରାମକ ରୋଗର ଆକ୍ରମଣ ଅପେକ୍ଷା ଏହାର ଆକ୍ରମଣ ଅଧିକ ସହଜରେ ଗ୍ରହଣ କରାଯାଇ ପାରେ । ତୁମେ ଭୟର ଏକ ବାତାବରଣକୁ ତୁମ ନିଃଶ୍ୱାସରେ ଗ୍ରହଣ କର ଏବଂ ତତ୍କ୍ଷଣାତ୍ ଭୟଭୀତ ହୋଇଯାଅ, କାହିଁକି ଓ କିପରି କିଛି ନ ଜାଣି ତୁମେ ଭୟଭୀତ ହୋଇଯାଅ କାରଣ

ସେଠାରେ କେବଳ ଭୟର ଏକ ବାତାବରଣ ଥିଲା । ଏକ ଦୁର୍ଘଟଣାରେ ଯେଉଁ ଆତଙ୍କଟି ଦେଖାଯାଏ ତାହା ସମସ୍ତଙ୍କ ଉପରେ ବ୍ୟାପକ ଭୟର ବାତାବରଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହାକୁ ପୂରାପୂରି ଭଲ କରାଯାଇପାରେ । ଅଗଣିତ ଘଟଣା ରହିଛି ଯେଉଁଠିକି ଭୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି କାରଣ କେତେକ ଲୋକ କେବଳ ଏହି ଭୟର ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ ଏବଂ ବିପରୀତ ପ୍ରସ୍ତାବ ଦ୍ୱାରା ଏହାକୁ ଖଣ୍ଡନ କରିଥିଲେ । ଯୋଗୀମାନଙ୍କ ପାଇଁ ସର୍ବୋତ୍ତମ ଆରୋଗ୍ୟ ହେଲା କୌଣସି ଜିନିଷ ପ୍ରତି ଭୟ ଆସିବା ସଙ୍ଗେ ସଙ୍ଗେ ଭଗବାନଙ୍କୁ ଚିନ୍ତା କରିବା । ତା'ପରେ ତୁମେ ତାଙ୍କରି ବାହୁଯୁଗଳରେ କିଂବା ତାଙ୍କରି ଚରଣଯୁଗଳରେ ଆଶ୍ରୟ ନିଅ ଏବଂ ଭିତରେ, ବାହାରେ, ସବୁଠାରେ ଯାହା ଘଟୁଛି ସେଥିପାଇଁ ତାଙ୍କୁ ହିଁ ଦାୟୀ କର – ଏବଂ ତତ୍‌କ୍ଷଣାତ୍ ଭୟ ଉଭେଇଯାଏ । ଯୋଗୀମାନଙ୍କ ଲାଗି ଏହାହିଁ ଆରୋଗ୍ୟ । ଏହା ସର୍ବାପେକ୍ଷା ସହଜ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ତ ଯୋଗୀ ହେବାର ଭଗବତ୍ କୃପା ଉପଭୋଗ କରେ ନାହିଁ ।

*ଜଣେ ଯେତେବେଳେ ମାନସିକ ଓ ପ୍ରାଣିକ ସ୍ତରରେ ନିଜକୁ ମୁକ୍ତ କରିବାରେ ସଫଳ ହୋଇଛି, ତାକୁ ଶରୀରରେ ବିଶ୍ୱାସ ଜନ୍ମାଇବା ଏତେ କଷ୍ଟକର ହୁଏ କାହିଁକି ?*

**ଶ୍ରୀମା :** କାରଣ ଅଧିକାଂଶ କ୍ଷେତ୍ରରେ, ଶରୀର ଅବଚେତନା ସ୍ତରରୁ ଏହାର ପ୍ରେରଣା ପାଏ, ଏହା ଅବଚେତନାର ପ୍ରଭାବରେ ଥାଏ । ସମସ୍ତ ଭୟ ସକ୍ରିୟ ଚେତନାରୁ ତଡ଼ାଖାଇ ସେଠାରେ ଆଶ୍ରୟ ଗ୍ରହଣ କରନ୍ତି । ସହଜଭାବେ ସେମାନଙ୍କୁ ଅବଚେତନା ସ୍ତରରୁ ତଡ଼ିଦେଇ ସେହିଠାରୁ ହିଁ ସେମାନଙ୍କର ମୂଳୋତ୍ପାଟନ କରିବାକୁ ହେବ ।

(ପୂର୍ଣ୍ଣାଙ୍ଗ ନିରାମୟତା, ପୃଷ୍ଠା : ୭୩ - ୭୫) ❑

## ଚିନ୍ତା ଗଠନ ଓ ଅନ୍ୟମାନଙ୍କ ଲାଗି ପ୍ରାର୍ଥନା

**ଶ୍ରୀଅରବିନ୍ଦ**

ମସ୍ତିଷ୍କରେ ତଥା ହୃଦୟରେ ଦ୍ୱିଧାହୀନଭାବେ ଅନ୍ୟ ବ୍ୟକ୍ତିର ମଙ୍ଗଳକାମନା କରିବା ହେଉଛି ସର୍ବୋତ୍ତମ ସାହାଯ୍ୟ ଯାହା ଜଣେ ଦେଇପାରେ ।

(SABCL, Vol. 23, p. 831)

*

ଚିନ୍ତାରାଜିର ଏକ ଫଳପ୍ରଦ ଶକ୍ତି ରହିଛି – ସାଧାରଣତଃ ଏକ ବାତାବରଣ କିଂବା ଅନେକ ପ୍ରବଣତା ସୃଷ୍ଟି କରିବା ଦ୍ୱାରା – ଏହିପରି ଜଣେ ଅସୁସ୍ଥ ଥିଲାବେଳେ, ତାହାର ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କର ଭାବୀ ଅମଙ୍ଗଳସୂଚକ ଚିନ୍ତା, ଦୁଃଖ କିଂବା ଭୟ ରହିବା ଉଚିତ ନୁହେଁ, କାରଣ ତାହା ଆରୋଗ୍ୟର ବିରୋଧରେ କାର୍ଯ୍ୟ କରେ । କିନ୍ତୁ ସଚେତନ ଚିନ୍ତା-ସଂଗଠନର ସାମର୍ଥ୍ୟ ହେଉଛି ଏକ ସ୍ୱତନ୍ତ୍ର ଶକ୍ତି ଏବଂ ତାହା ଅସାଧାରଣ । ଏହାକୁ ଆହରଣ କରାଯାଇପାରେ କିଂବା ସାଧନା ଦ୍ୱାରା ଏହା ଆପଣାଛାଏଁ ଆସିଥାଏ ।

(SABCL, Vol. 24, p. 1490)

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୭)

**ଅନ୍ତେବାସୀମାନଙ୍କ ସହ ଶ୍ରୀମା :**

କିଞ୍ଚିତ୍ ପଶ୍ଚାଦ୍‌ବଲୋକନ – ସମୟ କାଳ ଥିଲା ୨୪ ନଭେମ୍ବର ୧୯୨୦ । ଭୋରରୁ ତୁମୂଳ ଧାରାରେ ବୃଷ୍ଟି ହୋଇ ଉପରଓଳି ଆଡ଼କୁ ଭୀଷଣ ଝଡ଼ଝଞ୍ଜାର ତାଣ୍ଡବଲୀଳା ଆରମ୍ଭ ହୋଇଗଲା । ଶ୍ରୀମା ସେତେବେଳେ 'ବାୟୁ ହାଉସ'ରେ ରହୁଥିଲେ । ଘରଟି ବେଶ୍ ପୁରୁଣା ଥିଲା । ଛାତଟି ପ୍ରାୟ ଭୁଶୁଡ଼ି ପଡ଼ିବା ଉପରେ । ଶ୍ରୀଅରବିନ୍ଦ କହିଲେ, ''ମୀରା (ମା'ଙ୍କୁ)ଙ୍କୁ ସେଠାରେ ରହିବାକୁ ଦେବା ଆଉ ଚଳିବନି । ସତର୍କତା ଅବଲମ୍ବନ ଦୃଷ୍ଟିରୁ ଯଥାଶୀଘ୍ର ଆମ ପାଖକୁ ନେଇ ଆସିବାକୁ ହେବ ।''

ନଳିନୀଙ୍କ ଉକ୍ତିରେ : ''ଏଇ ଭାବେ ମା (ଦତ୍ତାଙ୍କ ସହ) ଆମମାନଙ୍କ ପାଖକୁ ଆସିଲେ, ଆଉ ରହିଗଲେ ଚିରକାଳ ସକାଶେ ମା ହୋଇ । ତେବେ ସେତେବେଳେ ସେ 'ମା' ନାମ ଗ୍ରହଣ କରି ନଥିଲେ । ଆମମାନଙ୍କ ମୁଖରୁ ସେହି ନାମ (ବା ଆମମାନଙ୍କ ଅନ୍ତଃକରଣରୁ ସେଇ ନାମ) ଉଚ୍ଚାରିତ ହେବାକୁ ଆହୁରି ଛ' ବର୍ଷ ଲାଗିଗଲା ।

''ଯାହାହେଉ ଉପରୋକ୍ତ ଝଡ଼ଝଞ୍ଜାଟି ହୋଇ ଉଠିଥିଲା ଆଶୀର୍ବାଦ – ସତକୁ ସତ ପ୍ରକୃତି ଦେବୀ ଭାଗବତ ଉଦ୍ଦେଶ୍ୟରେ ସାକ୍ଷାତ୍ ସହଯୋଗୀ (collaborator) ହୋଇ ଉଠିଥିଲେ ।*

(ନଳିନୀ କାନ୍ତ ଗୁପ୍ତଙ୍କ ରଚନା-ସଂଗ୍ରହ, ୫ମ ଖଣ୍ଡ, ପୃ. ୪୦୯)

ଅନ୍ୟ ପକ୍ଷରେ ଏହି ଝଡ଼ଝଞ୍ଜାଟି ଥିଲା ଶ୍ରୀଅରବିନ୍ଦଙ୍କର ତଦାନୀନ୍ତନ ଅନ୍ତେବାସୀ ଯୁବଗଣଙ୍କ ସକାଶେ ଏକ ଭୟଙ୍କର ଆନ୍ତର ଝଡ଼ଝଞ୍ଜା, ଏକ ଆନ୍ତର ବିପ୍ଳବ । କିନ୍ତୁ ଏହି ବିପ୍ଳବ ବେଶୀ ଦିନ ରହି ନଥିଲା ।

ନଳିନୀଙ୍କ ଉକ୍ତିରେ : (ଛାତ୍ରଗଣଙ୍କୁ ଦେଇଥିବା ଭାଷଣରୁ ଉଦ୍ଧୃତି) ''ତୁମେମାନେ ଶ୍ରୀମା'ଙ୍କୁ ମା ବୋଲି ଚିହ୍ନିଛ ଓ ସମ୍ବୋଧନ କରିଛ ମଧ୍ୟ, କହିବାକୁ ଗଲେ ଆଜନ୍ମରୁ – ଯେଉଁ ମୁହୂର୍ତ୍ତରେ ତୁମମାନଙ୍କର ଜ୍ଞାନ ହୋଇଛି । ଆମମାନଙ୍କ କ୍ଷେତ୍ରରେ – ଅର୍ଥାତ୍ ବୟସ୍କମାନଙ୍କ କ୍ଷେତ୍ରରେ ସେ ସୌଭାଗ୍ୟ ହୋଇ ନଥିଲା । ଆମମାନଙ୍କର ଜ୍ଞାନ ଉଦୟ ହୋଇଥିଲା, ଆଖି ଖୋଲିଥିଲା ଅନେକ ବିଳମ୍ବରେ – ଅନେକ ସମୟ ଆମମାନଙ୍କର ବୃଥାରେ ନଷ୍ଟ ହୋଇଛି । ଯାହା ବି ହେଉ, ତୁମେମାନେ ତ ଜାଣ ନିଜକୁ ସଂଶୋଧନ କରି ନେବାରେ କେବେ ବି ବିଳମ୍ବର ପ୍ରଶ୍ନ ଉଠେନା । ବୃଥାରେ ବ୍ୟତୀତ ସମୟକୁ ମଧ୍ୟ ପୁନରୁଦ୍ଧାର କରାଯାଏ, ସଂଶୋଧନ ବି କରାଯାଇ ପାରେ ।...

''ଯେତେବେଳେ ପ୍ରଥମେ କଥା ଉଠିଥିଲା ଯେ ଫରାସୀ ଦେଶରୁ ଜଣେ 'ମହିୟସୀ' ମହିଳା ଭାରତକୁ ଆସି ଆମମାନଙ୍କ ସହିତ ବସବାସ କରିବେ, ସେତେବେଳେ ସମସ୍ୟା ଉଠିଲା ଆମମାନଙ୍କର (ପାଞ୍ଚ ଛ' ଜଣଙ୍କର) ଆଚାର-ବ୍ୟବହାର, ଚାଲିଚଳନ, ରୀତିନୀତି କି ପ୍ରକାର ହେବ ? କାରଣ ଆମେମାନେ ଥିଲୁ ବେପରୁଆ ଜୀବ – ଖାଇବା-ପିଇବାରେ, ବସାଉଠା କରିବା ଓ ପୋଷାକ ପରିଚ୍ଛଦରେ, ଘୁରାଫେରା କରିବା ଓ କଥାବାର୍ତ୍ତା କରିବାରେ ଥିଲୁ ବାଧାବନ୍ଧନହୀନ ମୁକ୍ତଛନ୍ଦର ଜୀବ । ଭଦ୍ର ସମାଜରେ ଠିକ୍ ସେମିତି ଚଳେନି ।

---

* 'ଭାଗବତ'ରେ ବର୍ଣ୍ଣିତ ହୋଇଛି : 'ଆନନ୍ଦ ହେଉ ଅଛି ମହି । କୃଷ୍ଣ ଜନ୍ମିବେ ଦେହ ବହି ।' (ଦଶମ ସ୍କନ୍ଧ, ୪ର୍ଥ ଅଧ୍ୟାୟ) ପ୍ରକୃତି ଦେବୀ କୃଷ୍ଣଙ୍କ ଜନ୍ମ ଓ ମାତା ଦେବକୀଙ୍କ କୋଳରୁ ଯାଇ ଯଶୋଦାଙ୍କ କୋଳରେ ଅବସ୍ଥାନ ହେବାର ଭାଗବତ ଉଦ୍ଦେଶ୍ୟରେ ସାକ୍ଷାତ୍ ସହଯୋଗୀ ହୋଇ ସେଦିନ ଝଡ଼ତୋଫାନର ତାଣ୍ଡବଲୀଳା ରୂପକ ଆନନ୍ଦରେ ବିଭୋର ହୋଇ ଉଠିଥିଲେ; ସେଦିନ ସେହି ଝଡ଼ଝଞ୍ଜାଟି ହୋଇ ଉଠିଥିଲା ଆଶୀର୍ବାଦ । ୨୪ ନଭେମ୍ବର ୧୯୨୦ର ଝଡ଼ଝଞ୍ଜାଟି ଥିଲା ଠିକ୍ ସେମିତି ଏକ ଆଶୀର୍ବାଦ । ଦିବ୍ୟ-ଜନନୀ ଆସିଲେ ପରମପ୍ରଭୁଙ୍କ ନିକଟକୁ ଚିରକାଳ ସକାଶେ । ଝଡ଼ଝଞ୍ଜା ରୂପକ ଆନନ୍ଦରେ ମହି ବିଭୋର ଉଠିଥିବ । ଆମେ କହିପାରୁ ଏହି ୨୪ ନଭେମ୍ବରଟି ଥିଲା 'ଆଶ୍ରମ' ଗଠନର ଭିତ୍ତିସ୍ଥାପନ ।

ଯାହାହେଉ ତଥାପି ସିଦ୍ଧାନ୍ତ ନେଲୁ – ପରିବର୍ତ୍ତିତ ଅବସ୍ଥାରେ ଆମମାନଙ୍କର ମୁକ୍ତଧାରା ଯଥାସମ୍ଭବ ବଜାୟ ରଖିବୁ ହିଁ ରଖିବୁ । ଆମେ କାହିଁକି ଆମର ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାଧୀନତାକୁ ଅବନତ, ଖର୍ବିତ ହେବାକୁ ଦେବୁ ? ମଣିଷର ଅଜ୍ଞାନ ଅହଂକାର ହିଁ ଏହି ପ୍ରକାରେ ତା'ର ନିଜତ୍ୱର ସ୍ପର୍ଦ୍ଧା ଘୋଷଣା କରିଥାଏ ।...''

(ତତ୍ରୈବ, ପୃ. ୪୯୪)

ମା ଏବଂ ଦତ୍ତା ଆସି 'ଗେଷ୍ଟ ହାଉସ୍'ରେ ରହିବାର ଠିକ୍ ପରେ ପରେ ମା ଧୀରେ ଧୀରେ ଘରର ଉପକରଣସବୁ ସଜାଡ଼ି ରଖିବାର, ଯତ୍ନ ନେବାର ଭାର ଗ୍ରହଣ କଲେ । ଏହି ଦୁଇ ବିଦେଶୀ ମହିଳାଙ୍କର ଏମିତି ଭାବରେ ଅନଧିକାର ହସ୍ତକ୍ଷେପ ଫଳରେ ଅନ୍ତେବାସୀଙ୍କର ସ୍ୱେଚ୍ଛାରେ ଗ୍ରହଣ କରିଥିବା ସାମାଜିକ ଓ ସଂସ୍କାର ବର୍ଜିତ ବୋହେମିୟାନ୍ ଜୀବନଧାରାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା ସତ, କିନ୍ତୁ ମା ତାଙ୍କର ସସ୍ନେହ ସହାନୁଭୂତି ଓ ବିନୀତ କର୍ମ ପ୍ରଣାଳୀରେ ସେମାନଙ୍କୁ ନିଜ ଧାରାକୁ ଆଣି ପାରିଥିଲେ ।

ନଳିନୀଙ୍କ ଉକ୍ତିରେ : ''ଆମେମାନେ ଯେ କି ପ୍ରକାରର ବିଶୃଙ୍ଖଳ ଥିଲୁ, ସେଇଟି ଆମମାନଙ୍କର ପ୍ରାୟ ନଜରରେ ପଡୁ ନ ଥିଲା । ଆସବାବପତ୍ରସବୁ ବିଶୃଙ୍ଖଳ, କ୍ରିୟାକଳାପସବୁ ବିଶୃଙ୍ଖଳ; ଆମମାନଙ୍କର ବାହାରର ଜୀବନଟା ଯେମିତି ବିଶୃଙ୍ଖଳ, ଅନ୍ତରର ଜୀବନଟା ବି ସେମିତି ବା ତତୋଽଧିକ । ଫଳତଃ ଅନ୍ତରର ଜୀବନଟା ବିଶୃଙ୍ଖଳ ବୋଲି ହିଁ ବାହାରର ଜୀବନଟା ବି ବିଶୃଙ୍ଖଳ ହୋଇ ଉଠିଥିଲା । ଆମେମାନେ ଚିନ୍ତା କରୁଥିଲୁ ବିଶୃଙ୍ଖଳ ଭାବରେ, ଆମମାନଙ୍କର ମଗଜ ଖିଆଲୀ ଚିନ୍ତାରେ ଭରପୂର ଥିଲା; ଦୁଇ ଚାରି ମିନିଟ ସ୍ଥିର ହୋଇ କେବଳ ଗୋଟିଏ ବିଷୟରେ ଅନୁଧାବନ ନିମନ୍ତେ ଶୃଙ୍ଖଳା ଅନୁସରଣ କରିପାରୁ ନ ଥିଲୁ, ସେଠାରେ ଶାନ୍ତି-ସଂଯମ-ସମନ୍ୱୟ ଆଦିର ବିନ୍ଦୁ ବିସର୍ଗ ନ ଥିଲା – ଆମମାନଙ୍କର ମସ୍ତିଷ୍କ ଥିଲା ଏକ ହଟ୍ଟମଣ୍ଡପ, କୋଳାହଳରେ ପରିପୂର୍ଣ୍ଣ । ମନର ଅବସ୍ଥା ଏଇ ରକମର, ଆଉ ପ୍ରାଣର ଅବସ୍ଥା ଆହୁରି ଶୋଚନୀୟ; କେତେ ରକମର କିମ୍ଭୂତ ପ୍ରେରଣା, ଅଭିଳାଷସବୁ ସେଠାରେ ଖେଳିଯାଏ, ସେସବୁର ହିସାବ-ନିକାଶ ନ ଥିଲା । ମସ୍ତିଷ୍କ ଯଦି ଥିଲା ହଟ୍ଟମନ୍ଦିର, ତେବେ ପ୍ରାଣ ଥିଲା ପାଗଳାଗାରଦ । ଯାହାହେଉ, ଆନ୍ତର ଜୀବନ କଥା ଆଉ ବଖାଣୁ ନାହିଁ । ବାହାରର ଜୀବନଟାକୁ, ବାହ୍ୟ ଜୀବନର ଉପକରଣାଦିକୁ ପରିଷ୍କାର-ପରିଚ୍ଛନ୍ନ ରଖିବା ଏବଂ ସବୁକିଛିକୁ ସଜାଇ, ଶୃଙ୍ଖଳିତ କରି, ଯତ୍ନରେ ଏକତ୍ର ରଖିବା ପାର୍ଥିବ ଜୀବନର ଯେ ଏକ ଅତି ପ୍ରୟୋଜନୀୟ କର୍ତ୍ତବ୍ୟ – ଏଇଟିକୁ ମା ଆସି କଥାରେ ଓ କାର୍ଯ୍ୟରେ ଉଭୟତଃ ଆମମାନଙ୍କୁ ଶିଖାଇବାକୁ ଚେଷ୍ଟା କଲେ ।...'' (ତତ୍ରୈବ, ପୃ. ୪୯୭)

ସେତେବେଳେ ଏହି କତିପୟ ଅନ୍ତେବାସୀଙ୍କର ଏତେ ବିଶୃଙ୍ଖଳ ଜୀବନର ଅନ୍ତର୍ନିହିତ କାରଣଟି ସମ୍ବନ୍ଧେ ଶ୍ରୀମା କହିଛନ୍ତି : ''...ବିଶେଷକରି ପ୍ରାରମ୍ଭରେ, ଶ୍ରୀଅରବିନ୍ଦ ସବୁକିଛି ନୈତିକ ଆଚାର-ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି ଦେଇଥିଲେ । ସେ ପ୍ରକୃତରେ ସେସବୁକୁ ଖଣ୍ଡ ଖଣ୍ଡ କରି, ଚୂରମାର୍ କରି ଏକେବାରେ ଧ୍ୱଂସ କରି ଦେଇଥିଲେ । ତେଣୁ ସେତେବେଳେ ତାଙ୍କ ସହିତ ବାସ କରୁଥିବା 'ଯୁବକଗଣ' ('youngsters') ଏହି ଭାବଧାରାରେ ବଢ଼ି ଉଠିଥିଲେ ଯେ 'ସେମାନେ ଯାହା ଇଚ୍ଛା ତା' କରିପାରନ୍ତି, ସେଥିରେ କାହାରି କିଛି ଯାଏ ଆସେ ନାହିଁ !' ସାଧାରଣ ଜୀବନରେ ନୈତିକତା କହିଲେ କ'ଣ ବୁଝାଏ, ସେ ସମ୍ବନ୍ଧେ ସେମାନଙ୍କର କୌଣସି ଧାରଣା ନ ଥିଲା । ତେଣୁ ମୋତେ ପ୍ରଥମେ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କେବଳ ଏକ ଉଚ୍ଚତର ଜୀବନଧାରାରେ ସୁପ୍ରତିଷ୍ଠିତ ହେବା ପରେ ହିଁ ଏହିସବୁ ନୈତିକ ଆଚାର-ବ୍ୟବହାରକୁ ପରିତ୍ୟାଗ କରାଯାଇପାରେ – ଏହି କଥାଟିକୁ ସେମାନଙ୍କୁ ବୁଝାଇବାକୁ ମୋତେ ଖୁବ୍ ଶ୍ରମ କରିବାକୁ ପଡ଼ିଥିଲା ।...''

(Mother's Agenda, 20 Sept. 1960, P. 420)

ପୁନଶ୍ଚ ନଳିନୀଙ୍କ ଉକ୍ତିରୁ : ''...ଇତିପୂର୍ବରୁ ମୁଁ କହିଛି ଯେ ଆମମାନଙ୍କର ଜୀବନଧାରାର ମୋଡ଼ ପରିବର୍ତ୍ତିତ ହେଲା ମା'ଙ୍କ ଆସିବା ପରେ । କି ଭାବରେ ? ଏହାର ମୂଳ କଥାଟି କ'ଣ ? ସେଇଟି ହେଉଛି – ମା ଆସି ଶ୍ରୀଅରବିନ୍ଦଙ୍କୁ ପ୍ରତିଷ୍ଠିତ କଲେ ଶ୍ରୀଗୁରୁଙ୍କ ଆସନରେ, ଯୋଗେଶ୍ୱର ରୂପେ । ଆମେମାନେ ତାଙ୍କୁ ବନ୍ଧୁ ହିସାବରେ, ମିତ୍ର ହିସାବରେ ଦେଖିଥିଲୁ – ଅବଶ୍ୟ ମନରେ, ପ୍ରାଣରେ ସେ ଗୁରୁଙ୍କ ଆସନରେ ପ୍ରତିଷ୍ଠିତ ଥିଲେ, ଏଇଟି ଠିକ୍; କିନ୍ତୁ ଆଚାର-ବ୍ୟବହାରରେ ଆମେମାନେ ତାଙ୍କୁ ପ୍ରାୟ ଆମମାନଙ୍କର ସମଗୋତ୍ରୀୟ କରି ରଖିଥିଲୁ ।... ଶ୍ରୀମା ଆସି ଶିଖାଇଲେ ତାଙ୍କ ନିଜର କଥାବାର୍ତ୍ତାରେ, ବ୍ୟବହାରରେ, କାର୍ଯ୍ୟତଃ ଦେଖାଇଲେ ଶିଷ୍ୟ ଭକ୍ତ କାହାକୁ କହନ୍ତି – ନିଜ ଆଚରଣରେ ସେ ଆମମାନଙ୍କୁ ଶିଖାଇଲେ ।...'' (ତତ୍ରୈବ, ପୃ. ୩୯୬)

ଏବେ ପୁରାଣୀଙ୍କ ଲେଖାରୁ : ''୧୯୨୧ରେ ମୁଁ ଦ୍ୱିତୀୟଥର ପଣ୍ଡିଚେରୀକୁ ଆସିବାରେ ମୋ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା 'ଶ୍ରୀଅରବିନ୍ଦଙ୍କର ଦର୍ଶନ' । ଦୁଇ ବର୍ଷ ବ୍ୟବଧାନରେ ତାଙ୍କର ଶାରୀରିକ ଅବୟବ ଅସାଧାରଣ ଭାବରେ ରୂପାନ୍ତରିତ ହୋଇ ଉଠିଥିଲା । ଦୁଇ ବର୍ଷ ପୂର୍ବରୁ ତାଙ୍କର ଶରୀର ଜଣେ ସାଧାରଣ ବଙ୍ଗାଳୀଙ୍କ ସଦୃଶ କୃଷ୍ଣବର୍ଣ୍ଣ ଥିଲା, ଯଦିଓ ତାଙ୍କ ମୁଖମଣ୍ଡଳରେ ଦୀପ୍ତି ଓ ଉଜ୍ଜ୍ୱଳତା ଥିଲା ଏବଂ ତାଙ୍କର ଦୃଷ୍ଟି ଥିଲା ତୀକ୍ଷ୍ଣ, ବିଚକ୍ଷଣ । କିନ୍ତୁ ଏଥର ମୁଁ ସେହି ସମାନ ବାସସ୍ଥାନରେ ଶିଢ଼ି ଚଢ଼ି ଉପରକୁ ଯାଇ ଦେଖିଲି ତାଙ୍କର ଗଣ୍ଡଦେଶ ସେଓ ରଙ୍ଗର ଗୋଲାପି ଏବଂ ତାଙ୍କର ସମଗ୍ର ଶରୀରଟି ଲବଣି ସଦୃଶ ଈଷତ୍ ପୀତବର୍ଣ୍ଣ ମିଶ୍ରିତ ଶୁଭ୍ର ଆଲୋକର କୋମଳ ଆଭାରେ ପରିପୂର୍ଣ୍ଣ ।...

''ଏଥର ଶ୍ରୀମା'ଙ୍କୁ ପ୍ରଥମ କରି ଦର୍ଶନ କଲି । ଶ୍ରୀଅରବିନ୍ଦ ତାଙ୍କର ମଧ୍ୟାହ୍ନ ଭୋଜନ ଶେଷ କରି ଉପରକୁ ଯିବା ବେଳେ ଶ୍ରୀମା ଶିଢ଼ି ପାହାଚ ପାଖରେ ହିଁ ତଳ ବାରଣ୍ଡାରେ ଛିଡ଼ା ହୋଇଥିଲେ । ଏପରି ଅପାର୍ଥିବ ଭୁବନମୋହିନୀ ରୂପଶ୍ରୀ ମୁଁ ଇତିପୂର୍ବରୁ କେବେ ବି ଦେଖି ନ ଥିଲି । ସେ ବିଂଶବର୍ଷୀୟା ଅପରୂପା ଯୁବତୀ ସଦୃଶ ଦେଖାଯାଉ ଥିଲେ, ଅଥଚ ତାଙ୍କର ବୟସ ସେତେବେଳେ ଚାଳିଶରୁ ଊର୍ଦ୍ଧ୍ୱ ଥିଲା ।

''...ତା'ପରେ ସମଗ୍ର ବାସଭବନଟି ମଧ୍ୟ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇ ଉଠିଥିଲା । ସାମନାର ଖୋଲା ଅଗଣାଟି ପରିଷ୍କାର-ପରିଚ୍ଛନ୍ନ, ପ୍ରତ୍ୟେକଟି କକ୍ଷରେ ସାଧାରଣ ଅଥଚ ସୁରୁଚିସମ୍ପନ୍ନ ଆସବାବପତ୍ର – ଖଣ୍ଡିଏ ମସିଣା, ଗୋଟିଏ ଚେୟାର ଓ ଛୋଟ ଟେବୁଲଟିଏ । ସମଗ୍ର ବାତାବରଣଟିରେ ନିପୁଣ ନିର୍ମଳତା ଓ ଶୃଙ୍ଖଳା ଭରି ରହିଥାଏ । ନିଃସନ୍ଦେହରେ ଏହା ଶ୍ରୀମା'ଙ୍କର ଉପସ୍ଥିତିର ହିଁ ପ୍ରଭାବ । ତଥାପି ପରିବେଶଟି ବେଶ୍ ଗୁରୁଗମ୍ଭୀର ଥିଲା । (ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲି) ଏହାର କାରଣ ଶ୍ରୀଅରବିନ୍ଦ ଓ ଶ୍ରୀମା ପ୍ରାଣ ଜଗତର ଶକ୍ତିଗୁଡ଼ିକ ସହିତ ତୀବ୍ର ଭାବରେ ସଂଗ୍ରାମରତ ।...''

('Life of Sri Aurobindo', Ed. 1978, P. 296 - 97)

ଏସବୁ 'ସିଦ୍ଧି ଦିବସ'ର ପୂର୍ବ କଥା । ସେସମୟରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା ଯାହାକି ଆଶ୍ରମ ଗଠନର ପରବର୍ତ୍ତୀ ସମୟରେ ବେଶ୍ କେତେକଙ୍କ କ୍ଷେତ୍ରରେ ଘଟିଛି – ବିଦ୍ରୋହ କରି ତଥା ଶ୍ରୀଅରବିନ୍ଦଙ୍କୁ ଅମାନ୍ୟ କରି ପଣ୍ଡିଚେରୀରୁ ଚାଲିଯିବା ।

ଏବେ ଅନିଲବରଣଙ୍କର 'Conversations with Sri Aurobindo'ରୁ ଉଦ୍ଧୃତି :

**୧୬ ଅଗଷ୍ଟ ୧୯୨୬ :**

ଆଜି ଶ୍ରୀଅରବିନ୍ଦ 'ସାନ୍ଧ୍ୟ ବୈଠକ'ରେ କହିଲେ, ''ମୁଁ ଯେତେବେଳେ ପଣ୍ଡିଚେରୀକୁ ଆସିଲି, ମୁଁ ମୋ ନିଜର ସାଧନା ସକାଶେ ମୋର ଅନ୍ତଃକରଣରୁ ଏକ କର୍ମସୂଚୀ ପାଇଥିଲି । ମୁଁ ସେଇଟିକୁ ଅଭ୍ୟାସ କରୁଥିଲି, କିନ୍ତୁ ଅନ୍ୟମାନଙ୍କୁ କିପରି ଏ ଦିଗରେ ସାହାଯ୍ୟ କରିପାରିବି, ସେ ସମ୍ବନ୍ଧରେ କିଛି ଅଗ୍ରଗତି କରିପାରୁ ନ ଥିଲି । ତା'ପରେ 'ମୀରା' ଆସିଲେ; ମୁଁ ତାଙ୍କରି ସହାୟତାରେ ଏହା ପ୍ରାପ୍ତ ହେଲି ।''

('Sri Aurobindo Circle', 1983, P. 44 - 45)

ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ବକ୍ତବ୍ୟର ନିହିତାର୍ଥ ଏମିତି ସୁସ୍ପଷ୍ଟ ଥିଲା ଯେ ଉପସ୍ଥିତ ଜନୈକ ଶିଷ୍ୟ ଅନୁରୋଧପୂର୍ବକ ଗୁରୁଦେବଙ୍କୁ ନିମ୍ନୋକ୍ତ ପ୍ରଶ୍ନ ପଚାରି ସେଇଟିର ବିଶଦ ବ୍ୟାଖ୍ୟା ଚାହିଁଲେ :

ପ୍ରଶ୍ନ : ମୁଁ ଆପଣଙ୍କୁ ଏକ ଔଦ୍ଧତ୍ୟପୂର୍ଣ୍ଣ (audacious) ପ୍ରଶ୍ନ ପଚାରି ପାରେ କି ?

ଶ୍ରୀଅରବିନ୍ଦ : ସେଇଟି କ'ଣ ?

ପ୍ରଶ୍ନ : ଆପଣଙ୍କର ଏହି ଯୋଗରେ ମୀରାଙ୍କର ଅବଦାନ କ'ଣ ?

ଶ୍ରୀଅରବିନ୍ଦ : ତୁମେ ସେହି ପ୍ରଶ୍ନଟି ମୋତେ ପଚାରିପାର କିନ୍ତୁ ମୁଁ ତା'ର ଉତ୍ତର ଦେବାକୁ ଯାଉ ନାହିଁ, କାରଣ ତୁମେ ତାହା ବୁଝିବାକୁ ଏକେବାରେ ଅକ୍ଷମ ।

('Mother India', Dec. 2005, P. 1114)

ଅବଶ୍ୟ ଶ୍ରୀଅରବିନ୍ଦଙ୍କୁ ବେଶ୍ କିଛି ବର୍ଷ ଧରି ଶହ ଶହ ଚିଠି ମାଧ୍ୟମରେ ସାଧକମାନଙ୍କୁ ମା'ଙ୍କ ସମ୍ବନ୍ଧେ କହି ସେମାନଙ୍କୁ ଚିହ୍ନାଇ ଦେବାକୁ ହୋଇଥିଲା ଏବଂ ମା'ଙ୍କୁ ସେମାନେ ଦିବ୍ୟ-ଜନନୀ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ଉଠିଥିଲେ ।

ଶ୍ରୀଅରବିନ୍ଦ ତିରିଶ ଦଶକରେ ଜଣେ ଶିଷ୍ୟଙ୍କୁ ଲେଖିଥିଲେ : ''ଅନିଲବରଣ ତା'ର ପ୍ରଥମ ଦୃଷ୍ଟିପାତରୁ ମା'ଙ୍କୁ ଦିବ୍ୟଜନନୀ ରୂପେ ଚିହ୍ନି ପାରିଥିଲା ଏବଂ ତା'ପରଠୁ ସେ ସର୍ବଦା ଖୁସିରେ ଥିଲା ।''

ମା'ଙ୍କୁ ମୁହୂର୍ତ୍ତକ ମଧ୍ୟରେ ଦିବ୍ୟଜନନୀ ରୂପେ

ସର୍ବାନ୍ତଃକରଣରେ ବରଣ କରିନେବା ପରଠୁ ଅନିଲବରଣ ମା'ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ବେଶ୍ କିଛି ବର୍ଷ ଧରି ତୀବ୍ର ସାଧନାରେ ନିମଗ୍ନ ରହିଥିଲେ । ତାଙ୍କର 'Notes from a Sadhak's Diary' ବୋଧହୁଏ ସାଧନାର ସେହି ସମୟର ସର୍ବୋତ୍କୃଷ୍ଟ ନମୁନା... ।

('Mother India', Nov. 2005, P. 1020)

ନଳିନୀଙ୍କ ଉକ୍ତିରେ : ''ଚାଳିଶ ବର୍ଷ ଧରି ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଅବସ୍ଥାନ କରିଥିଲେ । ପ୍ରଥମ କେତୋଟି ବର୍ଷ ତାଙ୍କୁ ଲାଗିଥିଲା ଆସନ ସ୍ଥିର କରିବାକୁ – ସ୍ଥାନ ବାଛି ନେବାକୁ ଏବଂ ସ୍ଥିର ହୋଇ ସ୍ଥାୟୀ ରୂପେ ସେଠାରେ ଉପବେଶନ କରିବାକୁ । ଆସନ ନିର୍ବାଚନର କଥା ସକଳ ସାଧକ ଓ ସାଧନାର ଇତିହାସରେ ଆମେ ଦେଖିବାକୁ ପାଉ । ତାନ୍ତ୍ରିକମାନଙ୍କର ପଞ୍ଚମୁଣ୍ଡୀର ଆସନର ପ୍ରୟୋଜନ ଥିଲା । ଶ୍ରୀରାମକୃଷ୍ଣଙ୍କର ଥିଲା ପଞ୍ଚବଟୀ । ପାଞ୍ଚ କାହିଁକି ? ହୁଏତ ଯେଉଁ ପାଞ୍ଚୋଟି ଉପାଦାନ ନେଇ ମଣିଷ ଏବଂ ପାଞ୍ଚଟି ଲୋକ ନେଇ ଏ ସୃଷ୍ଟି – ଉପନିଷଦ୍ ତାହାର ନାମକରଣ କରିଛି ଦେହ-ପ୍ରାଣ-ମନ-ବିଜ୍ଞାନ-ଆତ୍ମା । ଋଷିଗଣ ମଧ୍ୟ କହିଛନ୍ତି ପଞ୍ଚକ୍ଷିତି (ବାସସ୍ଥାନ) ବା ପଞ୍ଚକୃଷ୍ଟି (କର୍ଷଣ କ୍ଷେତ୍ର) ବା ପଞ୍ଚଜନର କଥା (ଶ୍ରୀକୃଷ୍ଣଙ୍କର ପାଞ୍ଚଜନ୍ୟ ଶଙ୍ଖର କଥା ସ୍ମରଣ କରିପାରୁ) । ବୁଦ୍ଧଦେବଙ୍କ ସମ୍ବନ୍ଧେ ମଧ୍ୟ କଥିତ ଅଛି ଯେ ବୋଧିଦ୍ରୁମ ମୂଳରେ ଆସନ ପାତି ସେ କହିଲେ, ଏଇ ଯେ ବସିଲି, ଉଠିବି ନାହିଁ – ଶରୀର ଶୁଖିଯାଉ, ଝଡ଼ିପଡୁ, ଯେତେ ଦିନ ପର୍ଯ୍ୟନ୍ତ ଲକ୍ଷ୍ୟ ସିଦ୍ଧି ନ ହୋଇଛି – ଇହାସନେ ଶୁଷ୍ୟତୁ ମେ ଶରୀରମ୍ ।

''ଶ୍ରୀଅରବିନ୍ଦଙ୍କୁ ସ୍ଥାନ, ଆସନ ବାଛି ନେଇ ପ୍ରସ୍ତୁତ କରିବାକୁ ହୋଇଛି ସ୍ଥାନଟିକୁ – ଚଞ୍ଚଳ ବାଲୁକାରାଶି ସର୍ବତ୍ର – ଏହା ଜଗତର ପ୍ରତୀକ, ଚଳମାନ ଜଗତରେ ସବୁକିଛି ଚଳମାନ – ଯତ୍‌କିଞ୍ଚ ଜଗତ୍ୟାଂ ଜଗତ୍, ସେସବୁକୁ ଅପସାରିତ କରି ଶକ୍ତମାଟିରେ ପହୁଞ୍ଚିବାକୁ ହେବ, ଅଗସ୍ତ୍ୟଙ୍କ ସଦୃଶ ଖନିତ୍ର (ଖଣତି) ସାହାଯ୍ୟରେ ଖନନ କାର୍ଯ୍ୟରେ ତାଙ୍କୁ ବହୁ ବର୍ଷ ଅତିବାହିତ କରିବାକୁ ପଡ଼ିଛି । ତାଙ୍କୁ ନିର୍ମାଣ କରିବାକୁ ହେବ ବିରାଟ ସୌଧ, ଭଗବାନଙ୍କ ସକାଶେ ମନ୍ଦିର । ଥରେ ସେ ସ୍ୱପ୍ନ ଦେଖିଥିଲେ ଦେଶ ମାତୃକାର ପ୍ରତିଷ୍ଠା ନିମିତ୍ତ 'ଭବାନୀ ମନ୍ଦିର' – ଏବେ ବି ସେଇଥି ପାଇଁ ଚାହିଁଲେ ଭବାନୀଙ୍କ ସକାଶେ ମନ୍ଦିର, ପୌର ମନ୍ଦିର (Temple City) । ସେଥିନିମିତ୍ତ ଆବଶ୍ୟକ ପକ୍କା ଅଚଳ ଅଟଳ ପ୍ରତିଷ୍ଠା । ଖୋଳିବାକୁ ହେଲା ଯେତେଦୂର ସମ୍ଭବ ଅତଳରେ – କହିପାରେ ପଞ୍ଚସ୍ତମ୍ଭ ପ୍ରୋଥିତ କରିବା ସକାଶେ । ଏ କର୍ମ ସେ ଏକା ହିଁ କରିଥିଲେ ଚାରି ବର୍ଷ ଧରି ୧୯୧୦ରୁ ୧୯୧୪ ମଧ୍ୟରେ – ଏହାପରେ ଶ୍ରୀମା ଆସିଲେ, ଯଦିଓ ଅଳ୍ପ କିଛି ଦିନ ସକାଶେ । ସେହି ସମୟରେ ହିଁ ଭବିଷ୍ୟତର ପରିକଳ୍ପନା ପରିସ୍ଫୁଟ ହୋଇ ଉଠିଲା – କି ବସ୍ତୁ କି ଆକାର ଗ୍ରହଣ କରିବ ତାଙ୍କର ନବସୃଷ୍ଟି । ୧୯୨୪ ଅବଧି ଏହି ପ୍ରତିଷ୍ଠା ଗଠନର କାର୍ଯ୍ୟ ତାଙ୍କର ଚାଲିଥିଲା ଏବଂ ଶ୍ରୀମା'ଙ୍କ ସହିତ ୧୯୨୪ରୁ ୧୯୨୬ ଅବଧି ଉଭୟେ ଏହି ପ୍ରତିଷ୍ଠାକୁ ଶକ୍ତ କରି ଗଢ଼ି ତୋଳିଛନ୍ତି, ପରୀକ୍ଷା କରି ଦେଖିଛନ୍ତି, ଭବିଷ୍ୟତର ଭାର ବହନ ସକାଶେ ଉପଯୁକ୍ତ ଓ ସମର୍ଥ କରି ଧରିଛନ୍ତି । ୧୯୨୬ରୁ ଉପରି ଭାଗର ଗଠନ କାର୍ଯ୍ୟ ଆରମ୍ଭ ହେଲା – ସେହି ଗଠନ ସହିତ ସାଥିରେ ଚାଲିଥିଲା ମନ୍ଦିରର ଅଧିଷ୍ଠାତ୍ରୀ ସ୍ଥାପନା । ପ୍ରଥମ ବାର ବର୍ଷ ସେହି ସ୍ଥାପନାର ପ୍ରବର୍ତ୍ତନା ଏବଂ ପରବର୍ତ୍ତୀ ବାର ବର୍ଷ ସେଇଟିକୁ ସ୍ଥାୟୀ କରିବା । ଏହି କାର୍ଯ୍ୟ ତାଙ୍କର ଯେତେବେଳେ ଶେଷ ହୋଇଛି ସେତେବେଳେ ସେ ନିଜକୁ ଅପସରାଇ ନେଇ ଦଣ୍ଡାୟମାନ ହେଲେ ଅନ୍ୟ ଏକ ନବୀନ କର୍ମ ଓ କର୍ମଧାରା ସକାଶେ ।

''ଶ୍ରୀଅରବିନ୍ଦଙ୍କର ଏହି ପାର୍ଥିବ ଶରୀରର ସମସ୍ତ କର୍ମ ହିଁ ଥିଲା ଭାଗବତୀ ଜନନୀଙ୍କୁ ପାର୍ଥିବ ଦେହରେ, ସ୍ଥାୟୀ ରୂପେ ପ୍ରତିଷ୍ଠିତ କରିବା – ତାଙ୍କର ନବପ୍ରକାଶ ସକାଶେ । ତାଙ୍କର ସ୍ଥୂଳ ସାନ୍ନିଧ୍ୟର ତପୋବଳରେ ଏହି ମନ୍ଦିର – ଯାହାକୁ ଆମେ କହୁ ଆଶ୍ରମ – ଗଢ଼ି ଉଠିଛି; ପ୍ରତିଷ୍ଠିତା ହୋଇଛନ୍ତି ଦେବୀ ଭଗବତୀ ବିଶ୍ୱଜନନୀ । ସୁବର୍ଣ୍ଣ ମନ୍ଦିରରେ ଜୀବନ୍ତ ସିଦ୍ଧିଦେବୀ ଆବିର୍ଭୂତା । ଏଥର ସେ ସ୍ୱୟଂ କର୍ମର ଭାର ଗ୍ରହଣ କରିଛନ୍ତି ଏବଂ ସମସ୍ତ ପୃଥିବୀ ଓ ମାନବଜାତି ଯଦ୍ୱାରା ହୋଇଉଠିବ ତାଙ୍କର ଜୀବନ୍ତ ପ୍ରକାଶ – ଏହି ଲକ୍ଷ୍ୟରେ ତାଙ୍କର କୃପା ଶକ୍ତି ଚିର କ୍ରିୟାରତ ।''

(ନଳିନୀକାନ୍ତ ଗୁପ୍ତଙ୍କ ରଚନା ସଂଗ୍ରହ,
୫ମ ଖଣ୍ଡ, ପୃ. ୩୮୩ - ୩୮୪)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

କାହାଣୀ :

# ଆଶ୍ଚର୍ଯ୍ୟ ପ୍ରଦୀପର ଶେଷକଥା

## ମନୋଜ ଦାସ

ସାଆନ୍ତେ ଏବଂ ଅବୋଲକରା ଯେତେବେଳେ ନିଶାର୍ଦ୍ଧରେ ପରିତ୍ୟକ୍ତ ଘରଟି ଭିତରେ କମ୍ବଳ ପାରିଥିଲେ, ସେତେବେଳେ ଚତୁର୍ଦ୍ଦିଗ ଅନ୍ଧକାର । ପ୍ରଭାତର ମୃଦୁ ଆଲୋକରେ ଅବୋଲକରା ବାହାରକୁ ଅନାଇ ଦେଖିଲା, ନାତିଉଚ୍ଚ ପର୍ବତ-ବଳୟିତ ଉପତ୍ୟକା ଭିତରେ ଏକ ପ୍ରାସାଦ । ପ୍ରାସାଦକୁ ବେଷ୍ଟନ କରିଛନ୍ତି ଛୋଟ ଛୋଟ କେତୋଟି କୋଠା । ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଅବସ୍ଥିତ ଅବୋଲକରାର ଆଶ୍ରୟ ଭିତରକୁ ସେସବୁ ଦିଶୁଥିଲା ଗୋଟିଏ ମଧୁର ସ୍ୱପ୍ନ ଭଳି ଏବଂ ସ୍ୱପ୍ନାବିଷ୍ଟ ସଦୃଶ । ଅବୋଲକରା ବାହାରକୁ ବାହାରି ଆସିଲା ।

ପଣ୍ଡିତେ ସେଯାଏଁ ଶୋଇଥିଲେ । ଅବୋଲକରା ଏକ ନୂତନ ଜନପଦ ସହ ପରିଚିତ ହେବାର ସମ୍ଭାବନାରେ ପୁଲକିତ ହୋଇ ଅପେକ୍ଷା କଲା ।

ଏଡ଼େ ସୁନ୍ଦର ଅଟ୍ଟାଳିକା ଅଥଚ ତା'ର ପରିବେଶ ଏଡ଼େ ନିରବ ! ଅବୋଲକରା ବିସ୍ମୟ ଅନୁଭବ କଲା । ହଠାତ୍ ଦମକାଏ ପ୍ରଚଣ୍ଡ ପବନ ସେ ଉପତ୍ୟକାକୁ ସତେଅବା ଦୋହଲାଇ ଦେଲା ! ଅଟ୍ଟାଳିକାର ଶତାଧିକ ଝରକା କବାଟ ନିର୍ମମ ଭାବରେ ପରସ୍ପର କାନ୍ଥ ଦେହରେ ବାଡ଼େଇ ହେଲେ । ସେମାନଙ୍କୁ କେହି ଆୟତ୍ତ କରିବା ଆଖିରେ ପଡ଼ିଲା ନାହିଁ ।

ଖଣ୍ଡିଏ ଚିକ୍କଣ ପର୍ଦା ଉଡ଼ି ଆସିଲା ପ୍ରାୟ ଅବୋଲକରାର ହାତପାଆନ୍ତା ଯାଏ । ତା'ର ଜରାଜୀର୍ଣ୍ଣ ଅବସ୍ଥା ଦେଖି ଅବୋଲକରା ବୁଝିଲା ବହୁଦିନ ଧରି ସେ ଖଣ୍ଡିକ ମଣିଷର ହେପାଜତରୁ ବଞ୍ଚିତ ଥିଲା ।

ସାଆନ୍ତେ ଆସି ଇତିମଧ୍ୟରେ ଅବୋଲକରା ପଛରେ ଠିଆ ହୋଇଥିଲେ ।

''ଇଏ ଆଜ୍ଞା ଆମେ କୁଆଡ଼େ ଆସିଲୁ ? ଏ ମୁଲକ ତ ଜନଶୂନ୍ୟ ମନେ ହୁଏ !'' ଅବୋଲକରା ପରିବେଷଣ କଲା ତା' ପ୍ରଶ୍ନ ତଥା ମନ୍ତବ୍ୟ ।

''ଅବଶ୍ୟ ଜନଶୂନ୍ୟ । ଶୁଣ ଅବୋଲକରା, କହୁଛି ସେ କଥା ।''

ସାଆନ୍ତେ ଗପିଲେ – ଖୁବ୍ ବେଶୀଦିନ ତଳର କଥା ନୁହେଁ । ଏ ପ୍ରାସାଦ ତୋଳିଥିଲେ ଜଣେ ସମୃଦ୍ଧ ବଣିକ । ନାନା ସହର ନଗରରେ ତାଙ୍କର ଥିଲା ବ୍ୟାପକ କାରବାର । ସାଧୁ ବା ଅସାଧୁ ସେ ପ୍ରସଙ୍ଗ ଆପାତତଃ ଅବାନ୍ତର । ପରିଣତ ବୟସରେ ଶାନ୍ତି ଓ ସ୍ୱାସ୍ଥ୍ୟର ସନ୍ଧାନରେ ସେ ମଧ୍ୟେ ମଧ୍ୟେ ଏଠାକୁ ପଳାଇ ଆସୁଥିଲେ । ଅବଶ୍ୟ ତାଙ୍କ ସହ ଗୋଡ଼ାଇ ଗୋଡ଼ାଇ ଆସୁଥିଲା ରାଜଦରବାର ଓ ନାନା ସାମାଜିକ ଅନୁଷ୍ଠାନରୁ ପ୍ରାପ୍ତ 'ଦାନବୀର', 'ଭଦ୍ରବୀର' ଭଳି ତାଙ୍କର ନାନାଦି ଉପାଧି ତଥା ପ୍ରତିପତ୍ତି – ଅତଏବ ଶାନ୍ତି ଓ ସ୍ୱାସ୍ଥ୍ୟ ତାଙ୍କୁ ମିଳୁଥିଲା କି ନାହିଁ ତାହା ଭିନ୍ନ ପ୍ରସଙ୍ଗ ।

ଦିନେ ତାଙ୍କ ଉଦ୍ୟାନରେ କୂଅଟିଏ ଖୋଳା ହେଉଥିଲା । ସନ୍ଧ୍ୟାବେଳକୁ ଶ୍ରମିକମାନେ ଚାଲିଯିବା ପରେ ବଣିକ ଆସି କାର୍ଯ୍ୟର ଅଗ୍ରଗତି ଦେଖୁଥିଲେ । ଗର୍ତ୍ତ-ନିର୍ଗତ ମାଟି ଉପରେ ସେ ଠିଆ ହୋଇଛନ୍ତି, ଗୋଡ଼ ସାମାନ୍ୟ ଖସିଗଲା । ସେ ନରମ ମାଟି ଭିତରେ ଥିବା କୌଣସି ଧାତବ ବସ୍ତୁ ଦେହରେ ତାଙ୍କ ପାଦ ଘଷି ହୋଇଗଲା । ବସ୍ତୁଟିକୁ ସେ ଉଠାଇ ନେଇ ଦେଖନ୍ତି ତ ତାହା ଗୋଟିଏ ପୁରୁଣା ପ୍ରଦୀପ । ତାଙ୍କ ପାଇଁ ମୂଲ୍ୟହୀନ ସେ ବସ୍ତୁଟିକୁ ସେ ଫୋପାଡ଼ି ଦେବାକୁ ଯାଉଛନ୍ତି ହଠାତ୍ ତାଙ୍କ ଆଗରେ ରୂପ ନେଲା ଅତିକାୟ ବାୟବୀୟ ଏକ ଦାନବ ।

ବଣିକ ଆତଙ୍କିତ ହେଲେ । ଉଦ୍ୟାନ ଭିତରେ ସେତେବେଳେ ଆଉ କେହି ନ ଥିଲେ ।

''ତୁମେ କିଏ ମହାଶୟ ?'' – ବଣିକ କୌଣସି ମତେ ପ୍ରଶ୍ନ କଲେ ।

''ମୁଁ ମହାଶୟ ନୁହେଁ – ତୁମ ଭୃତ୍ୟ । କିନ୍ତୁ ଆଲ୍ଲାଦୀନ ଓ ମୋର ଅନ୍ୟ ଖାଉନ୍ଦମାନେ ମୋତେ ରୂପ ଦେବା ପାଇଁ ପ୍ରଦୀପକୁ ହାତରେ ଘଷୁଥିଲେ, ତୁମ ଭଳି ଗୋଡ଼ରେ ଘସି କେହି ଅପମାନ ଦେଇ ନ ଥିଲେ । ବର୍ତ୍ତମାନ ବୁଝୁଛି ମୋ ପୂର୍ବ ଖାଉନ୍ଦ ତୁମକୁ ମାରି ପକାଇବା ନିମନ୍ତେ ମୋତେ ଆଜ୍ଞା ଦେଇ କିଛି ଭୁଲ୍ କରି ନାହାନ୍ତି ।''

ବଣିକ ଚମକି ପଡ଼ିଲେ । ''ଆଲ୍ଲାଦୀନ ଓ ଆଶ୍ଚର୍ଯ୍ୟ ପ୍ରଦୀପ କଥା ମୁଁ ଆରବ ଦେଶର ସୌଦାଗରମାନଙ୍କଠୁଁ ଶୁଣିଛି ।

କିନ୍ତୁ ମୁଁ ତ ଆଲ୍ଲାଦୀନଙ୍କର କୌଣସି ଅନିଷ୍ଟ କରି ନାହିଁ, ମୋତେ ମାରିବାକୁ ସେ ତୁମକୁ କାହିଁକି କହିଲେ ?''

''ଆଲ୍ଲାଦୀନ କାହିଁକି କହନ୍ତେ ? ସେ ଥିଲେ ଅତ୍ୟନ୍ତ ଭଦ୍ରଲୋକ । ତାଙ୍କ ଅନ୍ତେ କେତେ ଖାଉନ୍ଦଙ୍କ ପରେ ମୁଁ ପଡ଼ିଥିଲି ଜଣେ କ୍ରୂରମତି ସୌଦାଗର ହାତରେ । ସେ ହିନ୍ଦୁସ୍ଥାନରେ ବେପାର ଶେଷ କରି ପ୍ରତ୍ୟାବର୍ତ୍ତନ କଲାବେଳେ ଏଇଠି ଗୋଟାଏ ବାଘ ହାବୁଡ଼ରେ ପଡ଼ିଲେ । ବାଘ ଆକ୍ରମଣରେ ଆହତ ହୋଇ ସେ ମୋତେ ଡାକିବାବେଳକୁ ମୃତ୍ୟୁ ପାଇଁ ଆଉ ବିଳମ୍ବ ନାହିଁ । ମୋଠୁଁ ସେ ଆଉ କିଛି ଲାଭ ପାଇବେ ନାହିଁ, ଅଥଚ ତାଙ୍କ ସାଙ୍ଗସାଥିଙ୍କ ଭିତରୁ କେହି ଜଣେ ମୋର ପ୍ରଭୁ ହେବ, ଏଇ ଦୁଃଖରେ ସେ ଅତିଶୟ କାତର ହେଲେ । ସେହି ଅସହାୟବୋଧ ଭିତରୁ ମୋତେ ଏଇ ନିର୍ଦ୍ଦେଶ ଦେଲେ କି ତାଙ୍କ ପରେ ଯିଏ ପ୍ରଦୀପଟି ଆୟତ୍ତ କରି ମୋତେ ଡାକିବ ତାକୁ ଯେପରି ମୁଁ ହତ୍ୟା କରିବି । ଏହା ପରେ କ୍ରୂରମତି ସୌଦାଗର ମରି ଗଲେ । ତାଙ୍କ ସାଥୀମାନେ କେହି ପ୍ରଦୀପ ଛୁଇଁବାକୁ ସାହସ କଲେ ନାହିଁ । ଏଇଠି ପଡ଼ି ରହି କ୍ରମେ ତାହା ପୋତି ହୋଇଗଲା । ଆଜି ମୋ ସୌଭାଗ୍ୟକୁ ଓ ତୁମ ଦୁର୍ଭାଗ୍ୟକୁ ତୁମେ ମୋତେ ଡକାଇଲ । ମୋ ପୂର୍ବ ଖାଉନ୍ଦଙ୍କ ଆଜ୍ଞାନୁସାରେ ବର୍ତ୍ତମାନ ମୁଁ ତୁମକୁ ମାରିବାକୁ ବାଧ୍ୟ । କିନ୍ତୁ ତୁମେ ବି ମୋ ଖାଉନ୍ଦ । ମୋତେ ଗୋଟାଏ କିଛି ଆଜ୍ଞା ଦିଅ – ସେତକ ପ୍ରଥମେ ତୁଲାଇବି ।'' ଜିନ୍ କହିଲା ଓ ହାତଯୋଡ଼ି ଆଣ୍ଠୁଭାଙ୍ଗି ଠିଆ ହେଲା ।

ବଣିକ ଏଣେ ତେଣେ ଅନାଇଲେ ତ୍ରସ୍ତ ଆଖିରେ । ପଳାଇବାର ଉପାୟ ନାହିଁ – ଜିନ୍ ଅକ୍ଲେଶରେ ଧରି ନେବ । ଜଣେ ମାଳୀ ଉଦ୍ୟାନ ଭିତରକୁ ପଶି ଆସୁଥିଲା; ଜିନ୍‌କୁ ଦେଖି ନିଃଶବ୍ଦରେ ମୂର୍ଚ୍ଛାଗଲା ।

''କୁହ, ହୁକୁମ କ'ଣ !''

''ବାବୁ ଜିନ୍ ! ହୁକୁମ କରି ଲାଭ କ'ଣ – ଯଦି ମୁହୂର୍ତ୍ତକ ପରେ ମରିବି !'' ବଡ଼ ଦୁଃଖପୂର୍ଣ୍ଣ କଣ୍ଠରେ ବଣିକ କହିଲେ ।

''ମହାଶୟ ! ଧୈର୍ଯ୍ୟ ହରାଅ ନାହିଁ । ମୁଁ ଥରେ ବାହାରିଲେ ଦଶ ମିନିଟ କାଳ ହୁକୁମ ଅପେକ୍ଷାରେ ରହିପାରେ । ଭାବିଚିନ୍ତି ମୋତେ ଗୋଟାଏ କିଛି କରିବାକୁ କୁହ ।''

ବଣିକ କିନ୍ତୁ ଜିନ୍ କଥାରେ ଧ୍ୟାନ ନ ଦେଇ ନିଜର ନବନିର୍ମିତ କୋଠାଆଡ଼େ ଅନାଇଥିଲେ । ''ଏତେ ଶ୍ରମ ସ୍ୱୀକାର କରି, ଏତେ ବିତ୍ତ ଖର୍ଚ୍ଚ କରି ଏସବୁ ନିର୍ମାଣ କଲି – ଏଡ଼େ ସହଜ ଏଇଠି କ'ଣ ପ୍ରାଣ ଦେବା ପାଇଁ !'' ସେ କାନ୍ଦ କାନ୍ଦ ହୋଇ କହିଲେ ।

''ମହାଶୟ ! ମୁଁ ସାମାନ୍ୟ ଜିନ୍ ! ତୁମକୁ କେତେଦୂର ବୁଦ୍ଧି ଶିଖାଇ ପାରିବି ! ଶିଖାଇବା ପାଇଁ ମୋର ଅଧିକାର ବି ନାହିଁ । ତୁମେ ମଣିଷ, ସବୁଠାରୁ ବିବେକୀ ଓ ଜ୍ଞାନୀ । ଟିକିଏ ବୁଦ୍ଧି ଖେଳାଅ ହେ ବାବୁ ! ଏମିତି ହୁକୁମ ଦିଅ, ଯାହା ଫଳରେ ତୁମେ ତ୍ରାହି ପାଇଯିବ ।''

''ଜିନ୍ ! କାକୁତିମିନତି କରୁଛି – ମୋତେ ମାର ନାହିଁ ।''

''ବାବୁ ! ତୁମେ କେମିତି ସାମାନ୍ୟ ଏଇ କଥା ବୁଝୁ ନାହଁ ଯେ, ମୋତେ ଖୋସାମଦ କରି ଲାଭ ନାହିଁ ? ମୋ ପୂର୍ବ ଖାଉନ୍ଦଙ୍କ ଆଜ୍ଞା ଅବଜ୍ଞା କରିବା ପାଇଁ ଯେମିତି ମୋର ଶକ୍ତି ନାହିଁ, ସେମିତି ତୁମେ ବି କେବଳ ଆଜ୍ଞା ଦେଲେ ହିଁ ମୁଁ ତାହା ତାମିଲ କରିବି, କାକୁତିମିନତି ପ୍ରତି ଧ୍ୟାନ ଦେବା ଏ ଭୃତ୍ୟର କ୍ଷମତାର ବାହାରେ ।''

''ଜିନ୍ ! ମୋତେ ବଞ୍ଚାଅ !'' ବଣିକ ଏଥର କାନ୍ଦିଲେ ।

''ଓଃ, ତୁମ ନିର୍ବୋଧତା ଯୋଗୁଁ ମୁଁ ପାଗଳ ହୋଇଯିବି ! ଏଣେ ଆଠ ମିନିଟ ଗଲାଣି । ଶୀଘ୍ର ମୁଣ୍ଡ ଖେଳାଅ, ଶୀଘ୍ର । ମୋତେ ଏମିତି ଆଜ୍ଞା ଦିଅ ଯାହା ଦ୍ୱାରା ତୁମର ମଙ୍ଗଳ ହେବ – ମୋର ବି ହେବ । ମୁଁ ମୁକ୍ତି ପାଇଯିବି !''

''ମାତ୍ର ଦୁଇ ମିନିଟ ! ବାବୁ ଜିନ୍ ତୁ କ'ଣ ମୋତେ ନିଶ୍ଚେ ମାରିବୁ ?''

''ତୁମର ବି ଦୁର୍ଭାଗ୍ୟ – ମୋର ବି !'' ଅତ୍ୟନ୍ତ ସନ୍ତପ୍ତ କଣ୍ଠରେ କହିଲା ଜିନ୍ ଓ ବଣିକକୁ ଧରି ନେଲା । ତା'ର ଦୁଇ ଆଙ୍ଗୁଳି ଭିତରେ ବଣିକର କଣ୍ଠ ରୁଦ୍ଧ ହୋଇ ଆସିଲା ।

''ତୁ ମରୁନୁ !'' ହତାଶ ବଣିକ ଏତକ କହି ଚେତା ହରାଇଲେ ।

''ସାବାସ୍ !'' କହିଲା ଜିନ୍ – ''ତୁମେ ଏତକ କହୁ ନ ଥିଲ କାହିଁକି ? ତୁମେ ମଣିଷଗୁଡ଼ା ଏତେ ବୁଦ୍ଧିହୀନ ? ପ୍ରଥମେ ମୋତେ ମରିବାକୁ ଆଜ୍ଞା ଦେଇ ଥିଲେ ତ ତୁମେ ଏତକ କଷ୍ଟ ପାଇ ନଥା'ନ୍ତ !'' ଏହା କହି ଜିନ୍ ହାତମୁଠା ଖୋଲି ଦେଲା । ବଣିକ ତଳେ ପଡ଼ି କିନ୍ତୁ ମରି ଗଲେ – କିଛି ଭୟ, କିଛି କଣ୍ଠରୋଧ ଓ କିଛି ସେ ପତନ ଯୋଗୁଁ ।

ଖାଉନ୍ଦ ହିସାବରେ ବଣିକ ଜିନ୍‌କୁ ଦେଇଥିବା ଆଜ୍ଞା

ଅନୁସାରେ ଜିନ୍ ମରିବାକୁ ବାଧ ଥିଲା । କିନ୍ତୁ ବଣିକକୁ ମାରିଥିବା ଦୁଃଖରେ ସେ ପାଗଳ ପ୍ରାୟ ହୋଇ ଯାହାକୁ ପାଇଲା ତାହାକୁ କଚଡ଼ାଏ ଦେଲା । ପ୍ରାସାଦର କିୟଦଂଶ ଧୂଳିସାତ୍ କରି ତା'ପରେ ସେ ମରିଗଲା – ଅର୍ଥାତ୍ ସେ ଚେତନା ଅଭିଶପ୍ତ ଜିନ୍ ଜୀବନରୁ ମୁକ୍ତି ପାଇଗଲା । ବଣିକ ବଂଶର ଉଦ୍‌ବୃତ୍ତ ଲୋକେ ଓ ପରିଚାରକବର୍ଗ ଉପତ୍ୟକା ଛାଡ଼ି ପଳାଇ ଗଲେ । ଏହିପରି ଭାବରେ ଏ ବସତି ହେଲା ଜନଶୂନ୍ୟ ।

ଅବୋଲକରା ଆବିଷ୍ଟ ଭାବରେ କିଛି ସମୟ ଚୁପ୍ ରହି କହିଲା, ''ଆମେ ମଣିଷଗୁଡ଼ା ବାସ୍ତବରେ ଏଡ଼େ ନିର୍ବୋଧ, ସାଆନ୍ତେ !'' ❑

# ପ୍ରଣମ୍ୟହଂ

## ଗୋପାଳକୃଷ୍ଣ ପଟ୍ଟନାୟକ

ମାଗିବା ଆଗରୁ ସବୁ ତ ଦେଇଛ
ଆଉ କିସ ଅବା ମାଗିବି ମାଆ,
ଦେଇ ନାହଁ ବୋଲି କହିବିନି ଯେଣୁ
ଅନନ୍ତ ଅସୀମ ତୁମରି ଦୟା ।

ଓଠରୁ ତୁମରି ଝରି ପଡୁଛି ମାଆ
ବେଦନା ନିଗ୍ରହ ଆଶୀର୍ବଚନ –
ପୁଲକେ ଉଦ୍‌ବୁଦ୍ଧ କରେ କ୍ଷଣକରେ-
ଦୁଃଖକ୍ଳେଶ ଭରା ଅଭିସ୍ପୃ ପ୍ରାଣ ।

ତଥାପି ମଣିଷ ଅହଙ୍କାର ରଥେ
ଆରୋହୀ କରୁଛି କି ଆସ୍ଫାଳନ,
ସ୍ୱାର୍ଥ, ଲୋଭ, ମୋହ, କ୍ରୋଧ ଚାରି ଚକ
ସେ ରଥର ପୁଣି ସାରଥି ମନ ।

ଯେବେ ଯେଉଁ ଦିଗେ ବାହି ନିଏ ମନ
ସେ ମାର୍ଗରେ ରଥ କରଇ ଗତି,
ଲଗାମ-ବିହୀନ ଅଶ୍ୱ ସମ ହୁଏ
ପ୍ରଶଂସା ଆସକ୍ତ ପ୍ରାଣର ସ୍ଥିତି ।

ରଥୀ-ବିବେକର ଦିଶା ନିର୍ଦ୍ଦେଶକୁ
ଗୁରୁତ୍ୱ ନ ଦିଏ ସାରଥି ତିଳେ,
ବାହି ନିଏ ରଥ ଆତ୍ମ-ବଡ଼ିମାର
ଧ୍ୱଜା ଲହରାଇ ସେ ରଥ ଚୂଳେ ।

ପଦ୍ମପାଦେ ତବ ପ୍ରଣମେ ଜନନି !
ମନକୁ ଦେଖାଅ ସତ୍ୟ ସରଣୀ,
ରୂପାନ୍ତର ପଥେ ବାହି ନେଉ ରଥ
ବିବେକର ଯାହା ଆଦେଶ ମାନି ।

ମନ ସାରଥିକୁ ସଂଯମିତ କର
ପରମ ପ୍ରେମର ଲଗାମ ଦେଇ,
କୃପା କୃପାଣରେ ଅହଂ ଦାନବକୁ
ନିରସ୍ତ୍ର କର ଗୋ କରୁଣାମୟି ! ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୨)

**ମହେନ୍ଦ୍ରନାଥ ସ୍ୱାଇଁ**

**ସୀମାହୀନ ପ୍ରେମର ମୂର୍ଚ୍ଛନା**

ଦିବ୍ୟଜନନୀ ଶ୍ରୀମା ପିଲାଦିନରୁ ଯୋଗାଭ୍ୟାସ କରୁଥିଲେ ବୋଲି ଆମେ ସମସ୍ତେ ପଢ଼ିଛେ ଏବଂ ଜାଣିଛେ । ଏହି ଅଭ୍ୟାସ କରିବାକୁ ମା ପ୍ରୟାସ କରୁ ନ ଥିଲେ, ତାହା ତାଙ୍କ ଭିତରେ ଅବଲୀଳାକ୍ରମେ ଅନୁଷ୍ଠିତ ହେଉଥିଲା । କୈଶୋର ବୟସରୁ ସେ 'ରାଜଯୋଗ' ଓ 'ଗୀତା'ର ଯୋଗରେ ଦକ୍ଷତା ପ୍ରାପ୍ତ ହୋଇ ପାରିଥିଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମା ପରମ ପ୍ରଭୁଙ୍କ ସହିତ ନିଭୃତରେ ମିଳିତ ହେବା ନିମନ୍ତେ ଯୋଗ ପଥରେ ସୋପାନ ପରେ ସୋପାନ ଆରୋହଣ କରି ଚାଲିଥା'ନ୍ତି । ମା'ଙ୍କ ଲିଖିତ ୧୯୧୩ ମସିହାର କେତେକ ପ୍ରାର୍ଥନା ପାଠ କଲେ ଆମେ ଆବିଷ୍କାର କରି ପାରିବା ଯେ ମା'ଙ୍କର ପରମ ପ୍ରଭୁଙ୍କ ସହିତ ମିଳନ ଅନୁଷ୍ଠିତ ହୋଇ ସାରିଛି । ଜୁଲାଇ ୨୩, ୧୯୧୩ ମସିହାର ଧ୍ୟାନ ଓ ପ୍ରାର୍ଥନାରେ ମା ଲେଖନ୍ତି –

"O LORD, inconceivable Splendour, may Thy Beauty spread through all the earth, may Thy Love be kindled in every heart and Thy Peace reign over all.

"A deep and solemn chant, smiling and subtle, rises from my heart, and I do not know whether this chant goes from me to Thee or comes from Thee to me or whether Thou and I and the entire universe are this marvellous chant of which I have just become conscious. . . . Surely there is no longer any Thou or I or any separate universe; only an immense harmony is there, sublime and infinite, which is all things and of which all things will one day grow aware. It is the harmony of boundless Love, Love victorious over all suffering and all obscurity.

"By this law of Love, Thy law, I want to live more and more integrally; to it unreservedly I give myself.

"And all my being exults in an inexpressible Peace."

''ହେ ପ୍ରଭୁ, ହେ ଅଚିନ୍ତ୍ୟ ଚମତ୍କାର, ଆପଣଙ୍କର ସୌନ୍ଦର୍ଯ୍ୟ ସମଗ୍ର ବିଶ୍ୱରେ ବିସ୍ତାରିତ ହେଉ, ଆପଣଙ୍କ ପ୍ରେମ ସକଳ ହୃଦୟରେ ପ୍ରଜ୍ୱଳିତ ହେଉ, ଏବଂ ଆପଣଙ୍କର ପ୍ରଶାନ୍ତି ସମସ୍ତଙ୍କ ଉପରେ ରାଜତ୍ୱ କରୁ ।

''ଏକ ଗଭୀର, ଏକ ପ୍ରଭାବ ବିସ୍ତାରକାରୀ ସଙ୍ଗୀତର ମୂର୍ଚ୍ଛନା, ସ୍ନିଗ୍ଧ ସ୍ମିତହାସ୍ୟଭରା ଏବଂ ଅତୀବ ସୂକ୍ଷ୍ମ, ମୋ ହୃଦୟର ଅଭ୍ୟନ୍ତରରୁ ଉତ୍ଥିତ ହେଉଛି ଏବଂ ମୁଁ ଜାଣେ ନାହିଁ ଏହି ମୂର୍ଚ୍ଛନା ମୋ'ଠାରୁ ଆପଣଙ୍କ ନିକଟକୁ ଯାଉଛି ଅଥବା ଆପଣଙ୍କ ଠାରୁ ମୋ ପାଖକୁ ଆସୁଛି କିଂବା ଆପଣ, ମୁଁ ଏବଂ ଏହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ହିଁ ଏତାଦୃଶ ଅଦ୍ଭୁତ ସଙ୍ଗୀତର ସ୍ୱର-ମୂର୍ଚ୍ଛନା ଯାହା ସମ୍ପର୍କରେ ମୁଁ ସମ୍ପ୍ରତି, ଏଇ କ୍ଷଣି ହିଁ ସଚେତନ ହୋଇ ଉଠୁଛି । ... ନିଶ୍ଚିତ ଭାବରେ ସେଠାରେ ଆପଣ ନାହାନ୍ତି, ମୁଁ ବି ନାହିଁ ଅଥବା କୌଣସି ପୃଥକ୍ ବିଶ୍ୱ ବି ନାହିଁ; କେବଳ ରହିଛି ଏକ ବିପୁଳ ସମୁଚ୍ଚ ଅସୀମ ଛନ୍ଦ, ଗୁରୁତର ପ୍ରଭାବ ବିସ୍ତାରକାରୀ ଏବଂ ଅସୀମ ଅନନ୍ତ, ଯାହା ସକଳ ବସ୍ତୁ, ପଦାର୍ଥ ମଧ୍ୟରେ ବିରାଜିତ ଏବଂ ଦିନ ଆସିବ ଯେତେବେଳେ ସକଳ ବସ୍ତୁରାଜି ଏହି ଅନୁଭୂତି ସମ୍ପର୍କରେ ସଚେତନ ହୋଇ ଉଠିବେ । ଏହା ହିଁ ହେଉଛି ଅସୀମ ପ୍ରେମର ସଙ୍ଗତି, ସମଗ୍ର ଯନ୍ତ୍ରଣା ଏବଂ ସମଗ୍ର ଅନ୍ଧକାର ଉପରେ ପ୍ରେମର ଉଦ୍‌ଘୋଷିତ ବିଜୟ ।

''ପ୍ରେମର ଏହି ବିଧାନ ଦ୍ୱାରା, ଆପଣଙ୍କ ନିୟମ ଭିତରେ ମୁଁ ଅଧିକରୁ ଅଧିକ ପୂର୍ଣ୍ଣତା ମଧ୍ୟରେ ଜୀବନ ବଞ୍ଚିବାକୁ ଚାହେଁ; ଏହା ନିକଟରେ ମୁଁ ନିଃଶେଷରେ ସର୍ବତୋଭାବେ ନିଜକୁ ସମର୍ପିତ କରୁଅଛି ।

''ଏକ ଅବର୍ଣ୍ଣନୀୟ, ଅନିର୍ବଚନୀୟ ପ୍ରଶାନ୍ତି ମଧ୍ୟରେ ମୋର ସମଗ୍ର ସତ୍ତା ବିଜୟ ଉଲ୍ଲାସରେ ନିମଜ୍ଜିତ ହେଉଛନ୍ତି ।''

ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ପରମ ପ୍ରଭୁଙ୍କୁ ସମ୍ବୋଧନ କରିଛନ୍ତି – ତାଙ୍କର ନମ୍ର, ବିନୀତ ଏବଂ ଉତ୍ସର୍ଗୀକୃତ ଭାଷାରେ ଏବଂ ଚମତ୍କାରିତା, ସୌନ୍ଦର୍ଯ୍ୟ, ପ୍ରେମ ଓ ପ୍ରଶାନ୍ତି (Splendour, Beauty, Love and Peace) ଭଳି ଅପରୂପ ଶବ୍ଦ ମାଧ୍ୟମରେ । ଏହି ଚାରିଗୋଟି ଅଲୌକିକ ଶବ୍ଦ ପ୍ରଭୁଙ୍କର ନିଜସ୍ୱ ସମ୍ପଦ, ଯାହାର ପ୍ରକୃତ ମୂଲ୍ୟାୟନ କରିବା ସାଧାରଣ ମାନବ ମନ ଦ୍ୱାରା ଅସମ୍ଭବ ଏବଂ ଏସବୁକୁ ବୁଝିବା ମାନବ ବୁଦ୍ଧିମତ୍ତାର ବହୁ ଊର୍ଦ୍ଧ୍ୱରେ । ଆମେ ଆମର ଇନ୍ଦ୍ରିୟମାନଙ୍କୁ ବ୍ୟବହାର କରି ଏହି ଶବ୍ଦମାନଙ୍କୁ ବୁଝି ସାଇତି ରଖିବାକୁ ଚେଷ୍ଟା କରିଥାଉ, କିନ୍ତୁ ସେମାନଙ୍କର ପ୍ରକୃତ ଅନ୍ତର୍ନିହିତ ସତ୍ୟ, ସ୍ୱରୂପ ଏବଂ ସ୍ୱାଦ ଆସ୍ୱାଦନ କରିବା ଇନ୍ଦ୍ରିୟମାନଙ୍କ ଶକ୍ତିର ବାହାରେ ହୋଇଥିବାରୁ ମା ପରମ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି ଏହି ଚାରିଗୋଟି ଶବ୍ଦମାନଙ୍କର ଉଚ୍ଚତର ସ୍ୱରୂପମାନଙ୍କୁ ସମଗ୍ର ପୃଥିବୀପୃଷ୍ଠରେ ବିସ୍ତାରିତ କରିଦେବା ପାଇଁ, ପ୍ରତ୍ୟେକଙ୍କ ହୃଦୟରେ ''ପ୍ରେମ-ଭାବର ଜ୍ୟୋତିଃ'' ପ୍ରଜ୍ୱଳିତ କରି ଦେବା ପାଇଁ ଏବଂ ସମସ୍ତ ଜୀବସତ୍ତାଙ୍କ ଉପରେ ପ୍ରଶାନ୍ତିର ପ୍ରଭାବକୁ ବିସ୍ତାରିତ କରି ଦେବା ପାଇଁ । ମା ତ ସ୍ୱୟଂ ରୂପାନ୍ତରକାରିଣୀ ଶକ୍ତି, ପୃଥିବୀର ରୂପାନ୍ତର ନିମନ୍ତେ ତାଙ୍କର ଅବତାର । ବୁଝି ହେଉ ନଥିବା ପ୍ରଭୁଙ୍କର ଚମତ୍କାରିତା ଦିବ୍ୟ-ଆଲୋକର ଝଲକକୁ ଦେଖି ପାରୁ ନଥିବା, ଧରି ପାରୁ ନଥିବା ମାନବର ଦୃଷ୍ଟି ପରକ୍ଷଣରେ ଦିବ୍ୟଦୃଷ୍ଟିରେ ରୂପାନ୍ତରିତ ହୋଇ ଯାଇଥିବ ଏବଂ ସେହି ଦିବ୍ୟ-ଦୃଷ୍ଟିରେ ସମଗ୍ର ଧରିତ୍ରୀ ବକ୍ଷରେ ଦିବ୍ୟ-ସୌନ୍ଦର୍ଯ୍ୟ ଲହଡ଼ି ଭାଙ୍ଗୁଥିବାର, ପ୍ରତ୍ୟେକଟି ହୃଦୟରେ ଦିବ୍ୟପ୍ରେମ ବିରାଜିତ ହୋଇଥିବାର ଏବଂ ସମଗ୍ର ସୃଷ୍ଟିରେ ଦିବ୍ୟ-ପ୍ରଶାନ୍ତି ରାଜୁତି କରୁଥିବାର ସମସ୍ତେ ଦେଖି ପାରିବେ । ଆସନ୍ତୁ ଟିକେ ପ୍ରକୃତିସ୍ଥ ହୋଇ ଚିନ୍ତା କରିବା ଏହି ରୂପାନ୍ତରିତ ପରିସ୍ଥିତି, ପରିବେଷ୍ଟନୀ କିପରି ହୋଇଥିବ ।

ଦ୍ୱିତୀୟ ଅନୁଚ୍ଛେଦରେ ମା ତାଙ୍କର ଏକ ଦିବ୍ୟ ଓ ସ୍ୱର୍ଗୀୟ ଅନୁଭବର କଥା ଉଲ୍ଲେଖ କରିଛନ୍ତି । ଏକ ଗଭୀର ମହିମା ମଣ୍ଡିତ, ପ୍ରେରଣା ପ୍ରଦାୟିନୀ ଚମତ୍କାର ସଙ୍ଗୀତର ମୂର୍ଚ୍ଛନା ବା ଛନ୍ଦ ଯାହା ଖୁବ୍ ସୂକ୍ଷ୍ମ ଏକ ସ୍ମିତହାସ୍ୟର ଉଷ୍ମ ତରଳ ଧାରାରେ ଆର୍ଦ୍ର ତାଙ୍କର ହୃଦୟର ଅଭ୍ୟନ୍ତରରୁ ଉପରକୁ ଉଠୁଅଛି । ମା ଖୋଲା ହୃଦୟରେ ପ୍ରଭୁଙ୍କ ପାଖରେ ଜଣାଉଛନ୍ତି, ହେ ପ୍ରଭୁ, ମୁଁ ଜାଣିପାରୁ ନାହିଁ ଏହି ମୂର୍ଚ୍ଛନା ମୋ'ଠାରୁ ଆପଣଙ୍କ ପାଖକୁ ଯାଉଛି ନା ଆପଣଙ୍କ ଠାରୁ ମୋ ପାଖକୁ ଆସୁଛି, ଅଥବା ଆପଣ, ମୁଁ ଓ ସମଗ୍ର ଜଗତ୍ ହେଉଛି ଏହି ଚମତ୍କାର ମୂର୍ଚ୍ଛନାର ଛନ୍ଦ, ଯେଉଁ ଛନ୍ଦରେ ସମସ୍ତେ ବନ୍ଧା ହୋଇଛନ୍ତି, ଏକାକାର ହୋଇ ଯାଇଛନ୍ତି, ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ଯାଇଛନ୍ତି । ପୁନଶ୍ଚ ମା କହୁଛନ୍ତି, ହେ ପ୍ରଭୁ, ଏହି ପ୍ରକାର ଭବ୍ୟ ଦିବ୍ୟ ଅନୁଭୂତି ପୂର୍ବରୁ ମୋ ପାଖକୁ କେବେ ଆସି ନଥିଲା, ବର୍ତ୍ତମାନ ହିଁ ମୁଁ ଏ ସମ୍ବନ୍ଧରେ ସଚେତନ ହେଉଛି । ଅର୍ଥାତ୍, ଦିବ୍ୟଜନନୀ ତାଙ୍କର ପରମ ପ୍ରଭୁ ଓ ସମଗ୍ର ବିଶ୍ୱ ସହିତ ଯେଉଁ ଏକାତ୍ମତା ଭାବ ସମ୍ପର୍କରେ ସଚେତନ ହୋଇଛନ୍ତି ତାହା ଉକ୍ତ ପ୍ରାର୍ଥନାଟିରେ ଉଲ୍ଲେଖ କରି ଆମ୍ଭମାନଙ୍କ ସମ୍ମୁଖରେ ପରଷି ଦେଇଛନ୍ତି, କାରଣ ଆମ୍ଭମାନଙ୍କର ସାଧନା ପଥରେ ଏହା ଏକ ଜାଜ୍ୱଲ୍ୟମାନ ଆଲୋକ ବର୍ତ୍ତିକା ଭାବରେ କାମ କରି ପଥପ୍ରଦର୍ଶନ କରାଇବ । ଦିବ୍ୟଜନନୀ ଶ୍ରୀମା'ଙ୍କ ଭିତରେ ପରମପ୍ରଭୁ ଓ ସମଗ୍ର ବ୍ରହ୍ମାଣ୍ଡର ଦର୍ଶନ ହୋଇପାରିବ ।

ମା ଆମକୁ ଏ ବିଷୟରେ ନିଶ୍ଚିତ କରାଇ ଦେଇଛନ୍ତି ଯେ ସିଏ ସ୍ୱୟଂ, ପରମ ପ୍ରଭୁ ଏବଂ ବିଶ୍ୱଠାରୁ ଅଲଗା ହୋଇ ରହି ନାହାନ୍ତି, ସେମାନେ ଏକାକାର ହୋଇ ଉଠିଛନ୍ତି ଏକ ସଙ୍ଗତିର ଛନ୍ଦର ପ୍ଲାବନରେ । ଦିନେ ନା ଦିନେ ସମଗ୍ର ବସ୍ତୁ, ପଦାର୍ଥ ଏବଂ ଜଡ଼ ଜଗତ୍ ଏକଥା ବୁଝିବାରେ ସମର୍ଥ ହେବେ । କାରଣ ଏହାହିଁ ହେଉଛି ଏକ ଅସୀମ ପ୍ରେମର ସଙ୍ଗୀତମୟ ମୂର୍ଚ୍ଛନା । ଅସୀମ ପ୍ରେମର ସଙ୍ଗତି ଭିତରେ ପ୍ରେମ ହିଁ ସକଳ ପ୍ରକାର ଯନ୍ତ୍ରଣା ଓ ସକଳ ପ୍ରକାର ଅଜ୍ଞାନ ଅନ୍ଧକାର ଉପରେ ବିଜୟ ହାସଲ କରି ପାରିବ ।

ପରମଙ୍କ ପ୍ରେମର ଏକ ସ୍ୱତନ୍ତ୍ର ବିଧାନ ରହିଛି, ଏହି ବିଧାନ ବା ନିୟମ ଭିତରେ ସମ୍ପୂର୍ଣ୍ଣ ରୂପେ ବଞ୍ଚିବା ଏବଂ ସେହି ବିଧାନ ନିକଟରେ ସମ୍ପୂର୍ଣ୍ଣ ରୂପେ ନିଃଶେଷରେ ସମର୍ପିତ ହୋଇଯିବା ପାଇଁ ମା ପ୍ରାର୍ଥନା କରୁଛନ୍ତି ।

"Exults" ଶବ୍ଦର ଅର୍ଥ rejoice, triumphant, ଉଲ୍ଲସିତ ହେବା, ବିଜୟ ଭାବରେ ଫୁଲି ଉଠିବା । ମା କହୁଛନ୍ତି ଯେ ତାଙ୍କ ସମଗ୍ର ସତ୍ତା ଏକ ଅପୂର୍ବ ବିଜୟ ଉଲ୍ଲାସରେ ଫାଟି ପଡୁଛି ଏବଂ ସିଏ ଯେଉଁ ପ୍ରଶାନ୍ତ ଭାବକୁ ଅନୁଭବ କରୁଛନ୍ତି ତାହା ବର୍ଣ୍ଣନା କରିବାକୁ ଶବ୍ଦ ପାଉ ନାହାନ୍ତି । ମାନବ ସତ୍ତା ନିମନ୍ତେ ଏହା ଅତ୍ୟନ୍ତ ଦୁର୍ଲଭ, କେବଳ ଏହି ଦିବ୍ୟ ଅନୁଭବଟିକୁ ମା ପ୍ରକାଶ କରିଛନ୍ତି ତାଙ୍କର ଅଗଣିତ ସନ୍ତାନମାନଙ୍କ ନିମନ୍ତେ

ଯାହାକୁ କଥା ବା ଭାଷାରେ ପ୍ରକାଶ କରି ହେଉ ନ ଥିବ । କିନ୍ତୁ ଅନୁଭବ କରି ହେଉଥିବା ଅଖଣ୍ଡ ଶାନ୍ତି ପ୍ରଭାବର ସ୍ୱାଦ ଜାଣିବା ନିମନ୍ତେ ନିମ୍ନୋକ୍ତ ଘଟଣାଟିକୁ ଅନୁଧ୍ୟାନ କରିବା –

ମା'ଙ୍କୁ ଭଲ ପାଉଥିବା ଏବଂ ମା ଶ୍ରୀଅରବିନ୍ଦଙ୍କ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସପରିବାରେ ବମ୍ବେରେ ବାସ କରୁଥିବା ଜନୈକ ଭଦ୍ର ମହିଳା ନିଜେ ବ୍ୟବହାର କରିବା ନିମନ୍ତେ ମା'ଙ୍କ ପ୍ରତୀକ ଆକାରର ଏକ ସୁବର୍ଣ୍ଣ ପଦକ ତିଆରି କରିଥିଲେ । ସେହି ପଦକରେ ହୀରା ଖଚିତ ହୋଇଥିଲା । ତାଙ୍କର ଇଚ୍ଛା ଥିଲା ପଦକଟିକୁ ମା'ଙ୍କୁ ଦେବେ ଏବଂ ନିବେଦନ କରିବେ ଗ୍ରହଣ କରିବାକୁ । ସେଥିପାଇଁ ସେ ତାକୁ ପିନ୍ଧି ନ ଥିଲେ । ନଭେମ୍ବର ୧୭, ୧୯୭୩ ଦିନ ସେ ସେହି ପଦକଟିକୁ ଅଳ୍ପ ସମୟ ପାଇଁ ପିନ୍ଧିଥିଲେ, ତା'ପରେ ତାକୁ କାଢ଼ି ରଖିଦେଲେ ସେହିଦିନ ଯେଉଁ ସମୟରେ ମା ସ୍ଥୂଳ ଦେହ ତ୍ୟାଗ କଲେ । ସେତିକିବେଳେ ତାଙ୍କୁ କିଛି ଭଲ ଲାଗୁ ନଥାଏ, ଅସ୍ୱସ୍ତିବୋଧ ହେଉଥାଏ, କୌଣସି କାମରେ ମନ ଲାଗୁ ନଥାଏ । ତା' ପରଦିନ, ଅର୍ଥାତ୍ ୧୮ ତାରିଖରେ ମା'ଙ୍କ ଦେହରକ୍ଷା ଖବର ଶୁଣିଲା ପରେ ତାଙ୍କ ପ୍ରକୋଷ୍ଠରେ ଦରଜା ବନ୍ଦ କରି ବହୁତ ସମୟ ମା'ଙ୍କୁ ପ୍ରାର୍ଥନା କଲେ । ସିଏ, ତାଙ୍କ ସ୍ୱାମୀ ଏବଂ ତାଙ୍କର ପୁଅଙ୍କ ନିମନ୍ତେ ବମ୍ବେରୁ ମାଡ୍ରାସ ପର୍ଯ୍ୟନ୍ତ ତିନୋଟି ଉଡ଼ାଜାହାଜ ଟିକେଟ ୧୯ ତାରିଖରେ ମିଳିଗଲା । ସେମାନେ ସେହିଦିନ ସନ୍ଧ୍ୟା ସୁଦ୍ଧା ଆଶ୍ରମରେ ପହଞ୍ଚିଗଲେ । ମା'ଙ୍କର ଦିବ୍ୟ-ଶରୀରକୁ ଗୋଟିଏ କାଉଚ୍ ବା ସୋଫା ଉପରେ ଧ୍ୟାନ ଗୃହରେ ଭକ୍ତମାନଙ୍କର ଦର୍ଶନ ନିମନ୍ତେ ରଖା ଯାଇଥାଏ । ଭଦ୍ରମହିଳା ହୀରାଖଚିତ ସୁନା ଲକେଟଟିକୁ ମା'ଙ୍କ ପାଦ ପାଖରେ ରଖିଦେଲେ । ରାତିସାରା ଆଶ୍ରମ ଭିତରେ ରହିଲେ । ତାଙ୍କ ସ୍ୱାମୀ ଏବଂ ପୁଅ ପଣ୍ଡିଚେରୀରେ ରହୁଥିବା ତାଙ୍କର ଜଣେ ମାମୁଁଙ୍କ ଘରକୁ ଯାଇ ବିଶ୍ରାମ ନେଲେ ।

ରାତିରେ ସେ ପୁରାଣୀଙ୍କ ଗୃହ ସମ୍ମୁଖରେ ବସିଥା'ନ୍ତି, ସେତିକିବେଳେ ତାଙ୍କ ସମ୍ମୁଖରେ ତାଙ୍କ ସ୍ୱାମୀଙ୍କର କ୍ରୋଧାନ୍ୱିତ ରୂପକୁ ତାଙ୍କ ଅନ୍ତର୍ଦୃଷ୍ଟିରେ ଦେଖି ପାରିଲେ । ସେ ଚିତ୍କାର କରି କହୁଥା'ନ୍ତି, "Why did you offer the pendant ?" ''ତୁମେ ପଦକଟି ମା'ଙ୍କୁ କାହିଁକି ଦେଇ ଦେଲ ?'' ଭଦ୍ରମହିଳାଙ୍କ ପାଟିରୁ ହଠାତ୍ ବାହାରିଗଲା, "Mother save me." ''ମା ମୋତେ ରକ୍ଷାକର ।'' ତା'ପରେ ସେ ଆଖି ଖୋଲିଲେ, ଦେଖିଲେ (Mother came near her, lovingly she laid her hand on her head and then vanished.) ମା ତାଙ୍କ ନିକଟକୁ ଆସିଲେ, ହସି ହସି ତାଙ୍କ ମଥା ଉପରେ ହାତ ରଖିଲେ ଏବଂ ତା'ପରେ ଅନ୍ତର୍ଦ୍ଧାନ ହୋଇଗଲେ । ଏହି ଘଟଣା ସହିତ ତାଙ୍କ ହୃଦୟ ଭିତରେ ସ୍ୱାମୀଙ୍କ ପ୍ରତି ଥିବା ଭୟ ମଧ୍ୟ କୁଆଡ଼େ ଉଭେଇଗଲା । ମା'ଙ୍କ ଶରୀରକୁ ସମାଧିସ୍ଥ କରାଗଲା ପରେ ଭଦ୍ର ମହିଳା ଜଣକ ଆଶ୍ରମ ବାହାରକୁ ଆସିଲେ । ସେ ଧ୍ୟାନ ପ୍ରକୋଷ୍ଠରେ ସେହି ୨୦ ତାରିଖ ରାତିରେ ବସିଥିବା ବେଳେ ଆଶ୍ରମର ଜନୈକ ବରିଷ୍ଠ ସାଧକ ଦ୍ୟୁମାନ୍ ଭାଇ ପାହାଚ ଉପରୁ ତଳକୁ ଓହ୍ଲାଉଥା'ନ୍ତି । ତାଙ୍କୁ ଦେଖି ତାଙ୍କ ପାଖକୁ ଆସିଲେ ଏବଂ କହିଲେ "You are very lucky. The pendant you offered is with the Mother." ''ତୁମେ ଖୁବ୍ ଭାଗ୍ୟବାନ୍, ତୁମେ ମା'ଙ୍କୁ ସମର୍ପଣ କରିଥିବା ପଦକଟି ମା'ଙ୍କ ସହିତ ଅଛି ।'' ଅର୍ଥାତ୍ ମା'ଙ୍କ ସହିତ ସମାଧି ଭିତରକୁ ଯାଇଛି ।

ଭଦ୍ରମହିଳା ଜଣକ କିଛି ସମୟ ପାଇଁ ସ୍ତମ୍ଭୀଭୂତ ହୋଇ ଗଲେ; ପାଟିରୁ କଥା ବାହାରୁ ନାହିଁ, କିନ୍ତୁ ଚକ୍ଷୁଦ୍ୱୟରୁ ଆନନ୍ଦାଶ୍ରୁର ଶ୍ରାବଣ । ନିଜ ସ୍ୱାମୀ ଓ ପୁଅ ରହୁଥିବା ମାମୁଁଙ୍କ ଘରକୁ ଦୌଡ଼ିଲେ । ଘରେ ପହଞ୍ଚିବା ମାତ୍ରେ ତାଙ୍କ ସ୍ୱାମୀଙ୍କୁ କହିଲେ, ''ତୁମେ ବହୁତ ଭାଗ୍ୟବାନ୍, ତୁମେ ମୋତେ ଦେଇଥିବା ପଦକଟି ବର୍ତ୍ତମାନ ମା'ଙ୍କ ସହିତ ସମାଧି ଭିତରେ ଅଛି । ଆମେ କେଡ଼େ ଭାଗ୍ୟବାନ୍ ସତେ, ମା ଆମର ନୈବେଦ୍ୟ ଗ୍ରହଣ କରିଛନ୍ତି ।'' ହଠାତ୍ ତାଙ୍କ ସ୍ୱାମୀ କ୍ରୋଧରେ ଫାଟି ପଡ଼ିଲେ, ସେ ଯେଉଁ ଭୟଙ୍କର ରୂପଟିକୁ ତାଙ୍କ ଅନ୍ତର୍ଦୃଷ୍ଟିରେ ଦେଖିଥିଲେ ଠିକ୍ ସେହିପରି । ସେ ଚିତ୍କାର କରି କହୁଥା'ନ୍ତି, 'Why did you give the pendant without asking me ?' ଅର୍ଥାତ୍, 'ତୁମେ ମୋତେ ନ ପଚାରି କାହିଁକି ପଦକଟି ଦେଇ ଦେଲ ?' ଭଦ୍ରମହିଳା କହିଲେ, ମୁଁ ତ ମା'ଙ୍କୁ ସେଇଟିକୁ ନିବେଦନ କରି ଦେଇଛି, ଆଉ ଏଣିକି ତୁମକୁ କୌଣସି ଜିନିଷ ମୋ ପାଇଁ ଆଣିବାକୁ କହିବି ନାହିଁ ।' ସେଇ କଥାରୁ ତାଙ୍କ ସ୍ୱାମୀ ରାଗି ତମ ତମ ହୋଇ ଚାଲିଗଲେ । ବମ୍ବେ ଫେରିବା ପୂର୍ବଦିନ ସେ ସମାଧିକୁ ପ୍ରଣାମ କରିବାକୁ ଯାଇଥା'ନ୍ତି । ପ୍ରଣାମ କରିବା ସମୟରେ ସେ ଦେଖିଲେ, ମା ସମାଧି ଭିତରୁ ବାହାରି ଆସିଲେ ଏବଂ ପଦକଟିକୁ ହାତରେ ଧରିଥା'ନ୍ତି । ତାଙ୍କୁ କହିଲେ, "You became angry only for this ?" ''ତୁମ ସ୍ତ୍ରୀ ମୋ ପ୍ରତି ଥିବା ତାଙ୍କ ଭକ୍ତି, ଶ୍ରଦ୍ଧା ଓ ଭଲ ପାଇବାକୁ ଏହା

ମାଧ୍ୟମରେ ମୋତେ ଅର୍ପଣ କରିଛନ୍ତି, ତୁମେ ଏହାଠାରୁ ବହୁତ ବେଶୀ ପାଇବ ।'' ଏତିକି କହି ମା ଅନ୍ତର୍ଦ୍ଧାନ ହୋଇ ଗଲେ । ବମ୍ବେ ଫେରିବା ବେଳେ ଭଦ୍ରମହିଳା ଜଣକ ଯାଇ ସମାଧିରେ ଜଣାଇଲେ, ''ମା ବହୁ କଷ୍ଟରେ ଏଠି ଗୋଟିଏ ଘର ତିଆରି କରିବାକୁ ମୋ ସ୍ୱାମୀଙ୍କୁ ରାଜି କରାଇଥିଲି, କିନ୍ତୁ ଏବେ ତ ସିଏ ଆଉ ଘର କରିବେ ନାହିଁ, ମୁଁ ଏଠାରେ କିପରି ରହିବି ?'' ଏହା ପରେ ତାଙ୍କ ସ୍ୱାମୀ ଓ ପୁଅ ବମ୍ବେ ଫେରି ଗଲେ ଏବଂ ସେ ଆଶ୍ରମରେ ଆଉ କିଛିଦିନ ରହି ଫେରିଲେ ।

ବମ୍ବେ ଫେରି ଦେଖିଲେ ତାଙ୍କ ସ୍ୱାମୀ ଆଗ ପରି ଆଉ ରାଗୁ ନାହାନ୍ତି; ଶାନ୍ତ ହୋଇ ଯାଇଛନ୍ତି, ନୀରବତା ଭିତରେ ସବୁ କାମ କରି ଯାଉଛନ୍ତି ଏବଂ ସମାଧି ପାଖରେ ଯେଉଁ ଅଲୌକିକ ଘଟଣାଟି ଘଟିଥିଲା ତାହା ମଧ୍ୟ ପ୍ରକାଶ କରୁ ନାହାନ୍ତି । ମା'ଙ୍କ କଥା ସତ ହେଲା, ପଣ୍ଡିଚେରୀରେ ସେ ଗୋଟିଏ ସୁନ୍ଦର ଘର ତିଆରି କଲେ, ତାଙ୍କ ବ୍ୟବସାୟରେ ବହୁତ ଉନ୍ନତି ଘଟିଲା, ଆସ୍ତେ ଆସ୍ତେ ସେ ପରିବର୍ତ୍ତିତ ହୋଇ ସମ୍ପୂର୍ଣ୍ଣ ରୂପେ ମା'ଙ୍କ ପାଖରେ ସପରିବାରେ ସମର୍ପିତ ହୋଇଗଲେ । ଏହାହିଁ ସୀମାହୀନ ଭଲ ପାଇବାର ସଙ୍ଗତିପୂର୍ଣ୍ଣ ମୂର୍ଚ୍ଛନା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.

(୨) How They came to Sri Aurobindo and the Mother - Shyam Kumari.

(୩) Musing on the Mother's Prayers and Meditations - Shyam Kumari.

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୦)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ହୁଏତ ହୋଇପାରେ ଯେଉଁ ମନୋଭାବ (attitude) ତୁମେ ନେଇଛ ସେଇ କାରଣରୁ – ଭାବଟି ହେଉଛି ଏଇ ଯେ ତୁମେ ଭିତରେ ଶାନ୍ତ ରହି ଧୀରେ ଧୀରେ ଯାହା ପରିବର୍ତ୍ତନ କରିବାକୁ ହେବ ତାହା କରିବ ଭବିଷ୍ୟତ୍ ନିମନ୍ତେ କିଛି କିଛି ଜିନିଷକୁ ସ୍ଥଗିତ ରଖି, ଯଦିଓ ମନୋବୃତ୍ତି ଦୃଷ୍ଟିରୁ ତାହା ଭୁଲ୍ ନୁହେଁ – ତେବେ ସେଇଟା ତୁମକୁ କିଛି ଶିଥିଳ କରି ଦେଇଛି, ଚରିତ୍ରର ବହିର୍ଭାଗରେ (ବାସନା ଇତ୍ୟାଦି ବିଷୟରେ) ସବୁ ଜିନିଷର ଇଚ୍ଛାନୁଯାୟୀ ଚାଲିବାର ସୁଯୋଗ ଦେଇଛି ଯାହାକୁ କି ଉଚିତ ଥିଲା ସଂଯତ କରି ରଖିବା । ଏଇ ସଂକଳ୍ପ ହିଁ ହୁଏତ ଖୋଲି ଦେଇଛି ଏଇ ଅଂଶ ମଧ୍ୟ ଦେଇ ପୁରାତନ ବୃତ୍ତିର ଗତିପଥ, ଯେଉଁ ଅଂଶ ଆଦୌ ପ୍ରସ୍ତୁତ ନ ଥିଲା ପରିବର୍ତ୍ତନ ନିମନ୍ତେ ଏବଂ ବିରୋଧୀ ଶକ୍ତି ତୁମକୁ ପ୍ରହରାରତ ଅବସ୍ଥାରୁ ଘୁଞ୍ଚି ଯିବାର ଦେଖି ତାହାରି ସୁଯୋଗ ନେଇଛି ସହଜରେ ଆକ୍ରମଣ କରିବା ଲାଗି । ସେମାନେ ସର୍ବଦା ସୁଯୋଗ ପାଇବା ପାଇଁ ସଜାଗ ଥାଆନ୍ତି ଏବଂ ସାଧକମାନଙ୍କ ଦିଗରୁ ସେମାନଙ୍କୁ ସେ ସୁଯୋଗ ନ ଦେବା ଲାଗି ଯଥେଷ୍ଟ ସଜାଗତା ଆବଶ୍ୟକ । ଏହା ବି ସମ୍ଭବ ହୋଇପାରେ ଯେ ସାଧକମାନଙ୍କର ଚେତନାରେ ଚାପ ଦେବା ପାଇଁ ଭଗବତ୍ ଶକ୍ତି ଏକ ଚାପ ସଙ୍ଗରେ ନେଇ ସାଧାରଣ ପରିବେଶରେ ଅବତରଣ କରିଛନ୍ତି, ଯେଉଁଥିପାଇଁ ସାଧକମାନେ ଆହୁରି ପ୍ରସ୍ତୁତ, ଆହୁରି ଜାଗ୍ରତ୍ ହେବେ ଏବଂ ବର୍ତ୍ତମାନ ସେମାନେ ସେମାନଙ୍କର ପ୍ରକୃତିଗତ ମାମୁଲି ଗତିବୃତ୍ତି ମଧ୍ୟରେ ଯେତେଟା ଲିପ୍ତ ରହିଛନ୍ତି, ସେଥିରୁ ଯେପରି ଆହୁରି କମ୍ ଲିପ୍ତ ରହନ୍ତି, ସେଥିପାଇଁ ଏଇ ଚାପ ଏଇ ଅଂଶ ଉପରେ ପଡ଼ିଛି ଏବଂ ଏହାର ପ୍ରତିରୋଧ ବହୁ ଦିନ ଧରି ବେଶୀ ଭାଗରେ ନିଷ୍କ୍ରିୟ ରହିବା ଫଳରେ ଏଇ ଚାପରେ ବର୍ତ୍ତମାନ ହଠାତ୍ ତାହା ସକ୍ରିୟ ହୋଇ ଉଠିଛି ।

(୨୯ .୦୩. ୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଅନ୍ତରାତ୍ମା, ଚୈତ୍ୟ-ପୁରୁଷ ସମ୍ବନ୍ଧରେ ଯାହା ଲେଖିଛ ତାହା ଏକେବାରେ ଠିକ୍ କିନ୍ତୁ ଯେତେବେଳେ ଅନ୍ତରାତ୍ମା ସମ୍ବନ୍ଧରେ ଲୋକମାନେ ଆଲୋଚନା କରନ୍ତି ସେମାନେ ତାହାକୁ ଅନ୍ୟ କିଛି ବୋଲି ମନେ କରନ୍ତି । ସମୟ ସମୟରେ 'ଆର୍ଯ୍ୟ' ପତ୍ରିକାରେ ଯାହାକୁ ମୁଁ ବାସନା-ରୂପୀ ଆତ୍ମା ବୋଲି ଉଲ୍ଲେଖ କରିଛି – ତାହା ହେଉଛି ପ୍ରାଣ ତା'ର ସମ୍ମିଶ୍ରିତ ଆସ୍ପୃହା, ବାସନା, ଭଲମନ୍ଦ ଓ ସମସ୍ତ ଲୋଲୁପତା, ଆବେଗ, ସୂକ୍ଷ୍ମ ଏବଂ ସ୍ଥୂଳ ଅଥବା ଇନ୍ଦ୍ରିୟଜନିତ ପ୍ରବେଗ; ଯାହା ମନର ଆଦର୍ଶ-ପ୍ରବଣତା ଏବଂ ଚୈତ୍ୟିକ ପ୍ରେରଣାର ପ୍ରଭାବର ଚାପ ଦ୍ୱାରା ପ୍ରଭାବିତ । କିନ୍ତୁ ମନ ଏବଂ ପ୍ରାଣ କେବେ କେବେ ଚୈତ୍ୟିକ ପ୍ରେରଣାର ପ୍ରଭାବାଧୀନ ବି ହୁଏ । ଚୈତ୍ୟସତ୍ତା ଯେତେବେଳ ପର୍ଯ୍ୟନ୍ତ ଆବରିତ ଥାଏ, ସେତେବେଳ ପର୍ଯ୍ୟନ୍ତ ତା'ର ନିଜର ଭାବକୁ ବ୍ୟକ୍ତ କରେ ମନ ଓ ପ୍ରାଣର ମାଧ୍ୟମରେ ଏବଂ ସେତେବେଳେ ତା'ର ଆସ୍ପୃହା ମନ ଓ ପ୍ରାଣର ବଶତାରେ ଥିବା ହେତୁ ମିଶ୍ରିତ ଏବଂ ଅତିରଞ୍ଜିତ ହୁଏ । ଏହିପରି ଆବୃତ ଚୈତ୍ୟିକ ପ୍ରେରଣା ଚିନ୍ତା ମଧ୍ୟ ଦେଇ ମନ ମଧ୍ୟରେ ନିଜକୁ ପ୍ରକାଶ କରି ପାରେ ଭାଗବତ ଜ୍ଞାନ ଲାଭର ଆକୁଳ ଆକାଂକ୍ଷା ଦ୍ୱାରା; ଇଉରୋପୀୟମାନେ ଯାହାକୁ କହି ଥାଆନ୍ତି ବୁଦ୍ଧିଗତ ପ୍ରେମ ଲାଳାୟିତ ଭଗବାନଙ୍କ ପାଇଁ । ଏଇ ଭାବଟି ଖୁବ୍ କଷ୍ଟଦାୟକ ହୋଇପାରେ ପ୍ରାଣର ପ୍ରକୃତି ନିମନ୍ତେ, ତା'ର ଅଶାନ୍ତ ଲାଳସା, ପ୍ରଚଣ୍ଡ ପ୍ରବେଗ, ବାସନା, ଅତ୍ୟନ୍ତ ଉତ୍ତାପ ସହ ଉତ୍ସାହ, ଉଦ୍‌ବେଗାତ୍ମକ ଭାବାଳୁତା, ଆଚ୍ଛନ୍ନତା, ଅବସାଦ, ହତାଶା ଇତ୍ୟାଦି ନିମନ୍ତେ । ଚୈତ୍ୟିକ ସତ୍ତାର କିଛି ଏକ ଦୁଃଖ ଥାଇପାରେ ଯେତେବେଳେ ଭଗବାନଙ୍କ ପ୍ରତି ଆକୁଳ ଆକାଂକ୍ଷା ବିରୋଧରେ କିଛି ଘଟୁଥାଏ; କିନ୍ତୁ ସେଇ ଦୁଃଖ ମଧ୍ୟରେ ପୀଡ଼ା, ଅବସାଦ ବା ହତାଶାର କୌଣସି ସ୍ପର୍ଶ ନ ଥାଏ । ତା'ହେଲେ ମଧ୍ୟ ଅବିମିଶ୍ର ଚୈତ୍ୟିକ ପଥ ଧରି ସମସ୍ତେ ଭଗବାନଙ୍କର ନିକଟବର୍ତ୍ତୀ ହୋଇ ପାରନ୍ତି ନାହିଁ, ଅନ୍ତତଃ ସେଇ ସମୟରେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ ଭଗବାନଙ୍କ ସମ୍ବନ୍ଧରେ ଏକେବାରେ ସ୍ପର୍ଶ-କାତରତାବିହୀନ

ହେବାଠାରୁ ମାନସିକ ଅବା ପ୍ରାଣିକ ପନ୍ଥା ଧରି ତାଙ୍କ ସମୀପବର୍ତ୍ତୀ ହେବା ପ୍ରାୟ ହିଁ ପ୍ରୟୋଜନୀୟ ଏବଂ ଆହୁରି ଭଲ ସୂତ୍ରପାତ । ଉଭୟ କ୍ଷେତ୍ରରେ ଏହାହିଁ ହେଉଛି ଅନ୍ତରାତ୍ମାର ଡାକ – ଆତ୍ମାର ପ୍ରେରଣା – ରୂପ ଏବଂ ରଙ୍ଗ ଗ୍ରହଣ କରେ କେବଳ ମାନସିକ ଏବଂ ପ୍ରାଣିକ ପ୍ରକୃତିରେ ଚାପ ଦେବା ପାଇଁ ।

(୨୯.୦୫.୩୬)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

## ଭାରତ ସମ୍ପର୍କରେ ଶ୍ରୀମା

ସମଗ୍ର ସୃଷ୍ଟିରେ ପୃଥିବୀର ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସ୍ଥାନ ରହିଛି, କାରଣ ଅନ୍ୟାନ୍ୟ ଗ୍ରହ ଭଳି ନ ହୋଇ ଏହା ନିଜର କେନ୍ଦ୍ରରେ ଏକ ଚୈତ୍ୟସତ୍ତାକୁ ବହନ କରି ହୋଇଉଠିଛି କ୍ରମବିକାଶଶୀଳ । ଏହି ପୃଥିବୀରେ ଭାରତ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଏକ ଭଗବତ୍ ନିର୍ବାଚିତ ଦେଶ ।

*

ଭାରତ ଓ ପୃଥିବୀର ସୁରକ୍ଷା ନିମନ୍ତେ ଆଧ୍ୟାତ୍ମିକ ଜ୍ଞାନ ସହ ସୁସଂହତ ସଂକଳ୍ପର ଏକ ସମର୍ଥ ଓ ଶକ୍ତିଶାଳୀ ସଙ୍ଗଠନ ଗଢ଼ି ଉଠିବା ଦରକାର । ଭାରତ ହିଁ ସେହି ଦେଶ ଯେ ପୃଥିବୀ ପାଇଁ ଦିବ୍ୟସତ୍ୟ ଆଣି ଦେଇପାରେ । ପୃଥିବୀ ଆଗରେ ଭାରତ ନିଜର ବାର୍ତ୍ତା ପହଞ୍ଚାଇ ଦେଇପାରିବ କେବଳ ଭାଗବତ ସଂକଳ୍ପ ଓ ଶକ୍ତିକୁ ପ୍ରକଟ କରିବା ଦ୍ୱାରା, ପାଶ୍ଚାତ୍ୟର ବସ୍ତୁବାଦକୁ ଅନୁକରଣ କରିବା ଦ୍ୱାରା ନୁହେଁ । ଭଗବାନଙ୍କ ସଂକଳ୍ପକୁ ଅନୁସରଣ କରି ଭାରତ ଆଧ୍ୟାତ୍ମିକ ଶୈଳରାଜିର ଶିଖରରେ ଶୋଭା ପାଇବ ଏବଂ ଜାଜ୍ୱଲ୍ୟମାନ ମୁକୁଟ ପରି ଏହି ପୃଥିବୀକୁ ଦିବ୍ୟସତ୍ୟର ବାଟ ଦେଖାଇବ ଓ ବିଶ୍ୱ ଏକତାକୁ ସଙ୍ଗଠିତ କରିବ ।

*

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇ ଉଠିବ ଦିବ୍ୟଜୀବନର ବାର୍ତ୍ତାବହ ।

*

ଭାରତ ହେଉଛି ସେହି ଦେଶ ଯେଉଁଠି ଚୈତ୍ୟବିଧାନର ଶାସନ କାର୍ଯ୍ୟକାରୀ ହୋଇପାରିବ ଏବଂ ତାହା ନିଶ୍ଚୟ ହେବ ଓ ଏଠାରେ ସେଥିପାଇଁ ସମୟ ଆସିଯାଇଛି । ତା' ଛଡ଼ା ଏହି ଦେଶ ପାଇଁ ତାହା ହିଁ ଏକମାତ୍ର ସମ୍ଭାବ୍ୟ ମୁକ୍ତି, କାରଣ ଯଦିଓ ଦୁର୍ଭାଗ୍ୟବଶତଃ ଏହି ଦେଶର ଚେତନା ଏକ ବିଦେଶୀ ଜାତିର ପ୍ରଭାବ ଓ ଆଧିପତ୍ୟ ଦ୍ୱାରା ଆଚ୍ଛାଦିତ ହୋଇ ଯାଇଥିଲା କିନ୍ତୁ ସେସମସ୍ତ ସତ୍ତ୍ୱେ ଏହାର ରହିଛି ଏକ ଅନନ୍ୟ ଆଧ୍ୟାତ୍ମିକ ପରମ୍ପରା ଓ ଉତ୍ତରାଧିକାର ।

*

ପୃଥିବୀର କଲ୍ୟାଣ ପାଇଁ ଭାରତକୁ ରକ୍ଷା କରିବାକୁ ହେବ କାରଣ କେବଳ ଭାରତ ହିଁ ପୃଥିବୀକୁ ଶାନ୍ତି ଓ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ ଦିଗରେ ନେତୃତ୍ୱ ଦେଇପାରେ । ❑

# କବି ନିଶିକାନ୍ତ

## (୧)

''ହେ ପାବକ-ପିତା ! ମାତା ମହୀୟସୀ !
ଆମି ତୁମାଦେର୍ ଲୀଲାତେ
ଏଇ ଅବନୀତେ ଏସେଛି ଏବାର୍
ଚିନ୍ମୟ ମଧୁ ବିଲାତେ,
ତାଇ ଆଜି ମୋର ମୃଣ୍ମୟ-ତନୁ
ଉଜ୍ଜ୍ୱଳ କରି ଜ୍ୱାଳି ପ୍ରତି ଅଣୁ
ତଡ଼ିତ୍-ଶିଖାର ଚୁମ୍ବନ ଆନେ
ଧରାର୍ ଅଧରେ ମିଲାତେ ।''

('ଉତ୍ସର୍ଗପତ୍ର', 'ଦିଗନ୍ତ' କାବ୍ୟଗ୍ରନ୍ଥ) — ନିଶିକାନ୍ତ

୧୧ ଏପ୍ରିଲ ୧୯୩୪ର ଏକ ନମ୍ର କମ୍ର ସକାଳ । ପଣ୍ଡିଚେରୀ ଆଶ୍ରମର ପୂର୍ବ ପାର୍ଶ୍ୱରେ ଥିବା ଏକ ଅଟ୍ଟାଳିକା (ବର୍ତ୍ତମାନର 'ଡିସ୍‌ପେନ୍‌ସରି')ର ପ୍ରଧାନ ଦରଜାରେ ଜଣେ ନବାଗତ ଯୁବକ ଠକ୍ ଠକ୍ ଶବ୍ଦ କଲେ । ଅନ୍ତେବାସୀ ଜଣକ ଭିତରୁ ଦରଜାଟି ଖୋଲିଦେଲେ । ଯୁବକଟି ପ୍ରଣାମ ଜଣାଇ କହିଲେ :

— ଆପଣ ନୀରଦବରଣ ?

— ପ୍ରଣାମ, ହଁ !

— ମୋର ନାମ ନିଶିକାନ୍ତ ରାୟଚୌଧୁରୀ । ମୁଁ କଲିକତାର ଶାନ୍ତିନିକେତନରୁ ଆସିଛି ।

ଯୁବକଟିର ହାତରେ ସୁଟକେଶ; କୃଷ୍ଣ ବର୍ଣ୍ଣ, ଦୀର୍ଘ ଯାତ୍ରା ହେତୁ ବେଶଭୂଷା କିଞ୍ଚିତ୍ ମଳିନ; କାନ୍ଧରେ ଚାଦର, ସରଳ, ସାବଲୀଳ ଆଗ୍ରୀବାଲମ୍ବିତ କୁଞ୍ଚିତ କେଶଗୁଚ୍ଛ, ଅପେକ୍ଷାକୃତ ବଡ଼ ସ୍ୱପ୍ନିଳ ଆୟତ ନେତ୍ରଯୁଗଳ, ଦେଖିଲେ ପ୍ରତୀୟମାନ ହୁଏ ବୟସ ଦୃଷ୍ଟିରୁ ଦେହର ଗଠନ ବେଶ୍ ଭାରି, ସଂଯତ ଏବଂ ଶିଷ୍ଟ ହାବଭାବ ।

ସେତେବେଳକାର ଆଶ୍ରମ ନିୟମାନୁସାରେ ଅଜଣା ଅଚିହ୍ନା କୌଣସି ବ୍ୟକ୍ତିଙ୍କୁ ନିଜ ବାସସ୍ଥାନ ଭିତରକୁ ନେଇ ବସାଇବାର ଅନୁମତି ନ ଥିବାରୁ ନୀରଦବରଣ ତାଙ୍କୁ ତାଙ୍କ ଘର ସାମନା ବାରଣ୍ଡାରେ ବସିବାକୁ ଆସନ ପାତି ଦେଲେ । ସେଦିନ ଏବଂ ପରବର୍ତ୍ତୀ ସମୟରେ ନିଶିକାନ୍ତଙ୍କ ସହିତ କଥାବାର୍ତ୍ତା କରି ତାଙ୍କ ସମ୍ବନ୍ଧରେ ଯେଉଁସବୁ କଥା ଜାଣିଲେ ତା' ଏହିପରି ଥିଲା —

ପିଲାଦିନୁ ନିଶିକାନ୍ତ କଲିକତାର ଶାନ୍ତିନିକେତନରେ ଲାଳିତପାଳିତ । ସେ ଏକାଧାରରେ ଜଣେ କବି ଓ ଚିତ୍ରକର । ପ୍ରଥମ ସାକ୍ଷାତ୍‌ରେ ହିଁ ସେ କବିଗୁରୁ ରବୀନ୍ଦ୍ରନାଥଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହୋଇ ଉଠିଥିଲେ । ତାଙ୍କର ସ୍ନେହ ଓ ଯତ୍ନରେ ଲାଳିତପାଳିତ ହୋଇ ସେ ବଙ୍ଗଳା ସାହିତ୍ୟର ସୂକ୍ଷ୍ମ, ଗଭୀର, ଦୁର୍ବୋଧ ଶୈଳୀ ସମ୍ବନ୍ଧେ ଜ୍ଞାନ ଆହରଣରେ ବ୍ରତୀ ହୋଇଛନ୍ତି । ଚିତ୍ରକଳାରେ ତାଙ୍କର ଗୁରୁ ଓ ପଥପ୍ରଦର୍ଶକ ହେଉଛନ୍ତି ସ୍ୱନାମଧନ୍ୟ ଅବନୀନ୍ଦ୍ରନାଥ ଏବଂ ନନ୍ଦଲାଲ । ସତରେ କି ଅପୂର୍ବ ସୁଯୋଗ ! ସୂକ୍ଷ୍ମ ଦର୍ଶନରେ ତାଙ୍କର ସହଜାତ ପ୍ରବୃତ୍ତି ରହିଛି । ସୂକ୍ଷ୍ମ ଜଗତର ଅପ୍ରକାଶ୍ୟ ପ୍ରହେଳିକାସବୁକୁ ତୂଳୀ ମାଧ୍ୟମରେ ବିଭିନ୍ନ ରଙ୍ଗରେ ଆଲୋକମୟ, ଜ୍ୟୋତିର୍ମୟ କରି ପ୍ରକାଶ କରିପାରନ୍ତି; ବିଭିନ୍ନ ଦେବଦେବୀଙ୍କର ଅପରୂପ ଅବୟବ, ଭାସ୍ୱର ଆକୃତିସବୁ ତାଙ୍କର ଅନ୍ତର୍ଦୃଷ୍ଟିରେ ପ୍ରତିଭାତ ହୁଅନ୍ତି । ନୀରଦଙ୍କ ସହିତ ତାଙ୍କ ଘନିଷ୍ଠତା ବଢ଼ିବା ପରେ ସେ କହିଥିଲେ, ଏପରିକି ଶ୍ରୀମା'ଙ୍କର ବାହ୍ୟ ଆକୃତି ମଧ୍ୟ ତାଙ୍କର ସୁପରିଚିତ ଥିଲା; ସେ ଶ୍ରୀମା'ଙ୍କୁ ବାର ବାର ସୂକ୍ଷ୍ମ ଦୃଷ୍ଟିରେ ଦର୍ଶନ କରିଥିଲେ । ଏହିସବୁ ସୂକ୍ଷ୍ମ ଦର୍ଶନର ଅଭିନବତ୍ୱ ଓ ଅପ୍ରତ୍ୟାଶିତ ତାତ୍ପର୍ଯ୍ୟପୂର୍ଣ୍ଣ ବିସ୍ମୟତାସବୁ ତାଙ୍କର ବିଭିନ୍ନ କବିତାରେ ଅପାର୍ଥିବ ସୌନ୍ଦର୍ଯ୍ୟ ଓ ମୌଳିକତାର ଛନ୍ଦୋମୟ ଭାବାନୁଗରେ ଗୁନ୍ଥା ହୋଇ ଲିପିବଦ୍ଧ ହୋଇଛି । ରବୀନ୍ଦ୍ରନାଥ ତାଙ୍କର ଶ୍ରଦ୍ଧାବାନ୍ ଛାତ୍ରଟିର କବିତା-ସୃଜନରେ ସମ୍ପୂର୍ଣ୍ଣ ରୂପେ ହତବୁଦ୍ଧି ହୋଇ ଉଠିଛନ୍ତି, ଅପ୍ରତିଭ ଭାବରେ ମନ୍ତ୍ରମୁଗ୍ଧ ହୋଇଛନ୍ତି । ଅତ୍ୟନ୍ତ ଶ୍ରଦ୍ଧାରେ ଛାତ୍ରଟିର ନାମ ରଖିଛନ୍ତି 'ଚାନ୍ଦ୍‌କବି' ।

ଦିନେ ରବୀନ୍ଦ୍ରନାଥ ତାଙ୍କର ସ୍ୱରଚିତ ଏକ ଉପନ୍ୟାସରେ ମୁଖ୍ୟ ନାୟକଗଣଙ୍କ ମଧ୍ୟରେ ଜଣଙ୍କ ନାମ କ'ଣ ଦେବେ ବୋଲି ତାଙ୍କର ଏହି ଛାତ୍ରଟିକୁ ପଚାରିବାରୁ ଛାତ୍ରଟି ତତ୍‌କ୍ଷଣାତ୍ ସ୍ୱତଃପ୍ରବୃତ୍ତ ହୋଇ କହି ଉଠିଲେ 'ନୀରଦବରଣ' ! ଏପରିକି ଛାତ୍ରଟି ଏହି ନାମ ଉଚ୍ଚାରଣ କରିବା ମାତ୍ରେ ଏକ ଉଜ୍ଜ୍ୱଳ ମୁଖମଣ୍ଡଳ ତାଙ୍କ ସାମନାରେ ଉଦ୍ଭାସିତ ହୋଇ ଉଠିଥିଲା । ସେହି ମୁଖମଣ୍ଡଳଟି ଥିଲା ଶ୍ରୀଅରବିନ୍ଦ ଆଶ୍ରମସ୍ଥିତ ନୀରଦଙ୍କର ।

ସେଦିନ ନୀରଦଙ୍କ ଦରଜାରେ ଠକ୍ ଠକ୍ ଶବ୍ଦ କରିବା ପରେ ସେ ଯେତେବେଳେ ଦରଜାଟି ଭିତରୁ ଖୋଲି ନିଶିକାନ୍ତଙ୍କ ସାମନାରେ ଛିଡ଼ା ହେଲେ ସେ ଦେଖିଲେ ତାଙ୍କର ସେଇ ସୂକ୍ଷ୍ମ ଦର୍ଶନରେ ଦେଖିଥିବା ସମାନ ମୁଖମଣ୍ଡଳ, ଅଥଚ ନୀରଦଙ୍କ ଚେହେରାରେ ସେତେଟା ଉଜ୍ଜ୍ୱଳତା ନ ଥିଲା, ତଥାପି ସମାନ; ତେଣୁ ସେ ନୀରଦଙ୍କୁ ପଚାରି ଥିଲେ, 'ଆପଣ ନୀରଦବରଣ ?' (ଅବଶ୍ୟ ଅନେକ ପୂର୍ବରୁ ଜଣେ ବନ୍ଧୁଙ୍କଠାରୁ ପଣ୍ଡିଚେରୀରେ 'ନୀରଦବରଣ' ବୋଲି ଜଣେ ବ୍ୟକ୍ତି ଅଛନ୍ତି ଜାଣି ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରିଥିଲେ ।)

ସେଦିନ ରବୀନ୍ଦ୍ରନାଥ ଏହି ନାମଟିରେ ଆପ୍ୟାୟିତ ହୋଇଥିଲେ ସତ, କିନ୍ତୁ କହିଥିଲେ, 'ନାମଟି ଖୁବ୍ ଭଲ, କିନ୍ତୁ 'ବରଣ' ନୁହେଁ, ମୁଁ ସେଇଟିକୁ 'ରଂଜନ' କରିବି, ଅର୍ଥାତ୍ 'ନୀରଦରଂଜନ' । କାହିଁକି ନା 'ନୀରଦବରଣ' ଅର୍ଥ 'କଳାମେଘ' କିନ୍ତୁ 'ନୀରଦରଂଜନ' ଅର୍ଥ 'ବିଜୁଳି' । ଛାତ୍ରଟି କିନ୍ତୁ 'ନୀରଦବରଣ'ର ଏହି ଅର୍ଥରେ ସନ୍ତୁଷ୍ଟ ନ ଥିଲେ ।

କିନ୍ତୁ ନିଶିକାନ୍ତଙ୍କର ଏହିସବୁ ଅସାଧାରଣ ସାମର୍ଥ୍ୟ ବା ପ୍ରବଣତା ଏବଂ ବିଭିନ୍ନ ଗଣ୍ୟମାନ୍ୟ ବ୍ୟକ୍ତିଙ୍କର ଶ୍ରଦ୍ଧା, ସ୍ନେହ, ସହାନୁଭୂତି ଓ ସଦିଚ୍ଛା ତାଙ୍କ ଅନ୍ତରର ତୀବ୍ର ଆସ୍ପୃହାଗ୍ନିକୁ ଜ୍ୱଳନ୍ତ ରଖିବାରେ ଯଥେଷ୍ଟ ନ ଥିଲା । କବିଗୁରୁ ତାଙ୍କୁ ଶାନ୍ତିନିକେତନରେ ଚିରଦିନ ସକାଶେ ରଖିବାକୁ ଆପ୍ରାଣ ଚେଷ୍ଟା ଚଳାଇଥିଲେ ମଧ କିଛି ବି ଫଳ ହୋଇ ନ ଥିଲା । ଛାତ୍ରଟି ତ ଏକ ରହସ୍ୟମୟ ବହ୍ନିର ଅପରୂପ ଉସର ସ୍ୱର୍ଶ ପାଇଛି, ସେ ନିଶ୍ଚିତ ରୂପେ ସେହି ଦୀପ୍ତିମୟ ତାରକାର ସନ୍ଧାନରେ ଯାତ୍ରାରମ୍ଭ କରିବ ହିଁ କରିବ । ତେଣୁ ସେ ତାଙ୍କର ସମସ୍ତ କାବ୍ୟକୃତିକୁ ଜଳାଞ୍ଜଳି ଦେଇ ଶାନ୍ତିନିକେତନର ସୁନା ପଞ୍ଜୁରିରୁ ଉଡ଼ି ପଳାଇ ଆସିଛନ୍ତି । କିନ୍ତୁ ଯିବେ କେଉଁଠିକୁ ?

ଏମିତି ଅନ୍ଧ ଭାବରେ ନିଜର ଗନ୍ତବ୍ୟସ୍ଥଳର ସନ୍ଧାନରେ ଭ୍ରମଣ କରୁ କରୁ ନିଶିକାନ୍ତ ବୁଦ୍ଧଗୟାରେ ଆସି ପହଞ୍ଚି ସୌଭାଗ୍ୟବଶତଃ ଅକସ୍ମାତ୍ ନୀରଦଙ୍କର ଜଣେ ଦୂର ସମ୍ପର୍କୀୟଙ୍କୁ ଭେଟିଛନ୍ତି । ସେ ଯୁବକଟିର ଆନ୍ତର ଅନ୍ୱେଷଣରେ ପ୍ରୀତ ହୋଇ ପଣ୍ଡିଚେରୀରେ ଯୋଗ-ସାଧନାରେ ବ୍ରତୀ ଥିବା ନୀରଦବରଣଙ୍କ ସମ୍ବନ୍ଧେ ଉଲ୍ଲେଖ କରିଛନ୍ତି । ନିଶିକାନ୍ତ ସେହି ନାମ ଶୁଣିବା ମାତ୍ରେ ହଠାତ୍ ଯେମିତି ଏକ ନିଶ୍ଚିତ ପଥର ଇଙ୍ଗିତ ପାଇଲେ । ତତ୍‌କ୍ଷଣାତ୍ ସେ କହି ଉଠିଛନ୍ତି, ''ତାଙ୍କର ନାମ ନୀରଦବରଣ ? ତା'ହେଲେ ମୁଁ ନିଶ୍ଚିତ ରୂପେ ପଣ୍ଡିଚେରୀ ଯିବି । ପଣ୍ଡିଚେରୀ ହେଉଛି ମୋ ସକାଶେ ବିଧିନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳ । ମୋର ପୂର୍ବ ସୂକ୍ଷ୍ମଦର୍ଶନର ତା'ହେଲେ ନିଶ୍ଚିତ ରୂପେ କିଛି ତାତ୍ପର୍ଯ୍ୟ ରହିଛି !''

ନୀରଦଙ୍କ ସମ୍ପର୍କୀୟ ମଧ ତାଙ୍କର ତୀବ୍ର ଏଷଣାରେ ଇନ୍ଧନ ଯୋଗାଇ ସଦିଚ୍ଛାରେ ଏହି ମର୍ମରେ କହିଛନ୍ତି ଯେ ପଣ୍ଡିଚେରୀ ହେଉଛି ଯେମିତି ଏକ ଯୋଗ-ହସ୍‌ପିଟାଲ୍ ଯେଉଁଠି ବୈରାଗ୍ୟ-ପାଗଳାମିରୁ ନିବୃତ୍ତି ପାଇବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ସକାଶେ ଏହା ସର୍ବୋତ୍ତମ ଆଶ୍ରୟସ୍ଥଳ । ସେଠାରେ ରହିବା ସକାଶେ ଅନୁମତି ବା ସ୍ୱୀକୃତିର ବାଛବିଚାରର ପ୍ରଶ୍ନ ଉଠେ ନାହିଁ । କହିବାବାହୁଲ୍ୟ ଯେ ସେତେବେଳେ ପଣ୍ଡିଚେରୀ ଆଶ୍ରମ ସମ୍ବନ୍ଧେ ବାହାର ଜଗତର ଲୋକେ ଖୁବ୍ କମ୍ ଜାଣିଥିଲେ । ପ୍ରକୃତରେ ଏହା ହେଉଛି ଏପରି ଏକ ସାଧନାପୀଠ ଯେଉଁଠିକି ବିନାନୁମତିରେ କେହି ବି ରହି ପାରିବେ ନାହିଁ, ଏପରିକି ପୂର୍ବରୁ ପ୍ରବେଶାଧିକାର-ପତ୍ର ପ୍ରାପ୍ତ ନ ହୋଇ ଏହା ଭିତରକୁ କେହି ବି ପ୍ରବେଶ କରିପାରିବେ ନାହିଁ ।

ସେ ଯାହାହେଉ, ନିଶିକାନ୍ତ ପୂର୍ବୋକ୍ତ ବ୍ୟକ୍ତିଙ୍କଠାରୁ ପଣ୍ଡିଚେରୀ କଥା ଶୁଣି ତାଙ୍କର ଅନ୍ତରାତ୍ମା ଶାନ୍ତ ହୋଇ ଉଠିଛି । ଶାନ୍ତ-ସମାହିତ ଚିତ୍ତରେ ସେ ଦିନେ ବୁଦ୍ଧଗୟା ନିକଟସ୍ଥ ନିରଞ୍ଜନା ନଦୀ ତଟରେ ଧାନ କରିବାକୁ ଯାଇଛନ୍ତି । ଘଣ୍ଟା ଘଣ୍ଟା ଧରି ସେ ଗଭୀର ଧାନସ୍ଥ ଥିବାବସ୍ଥାରେ ଜ୍ୟୋତିର୍ମୟ ବୁଦ୍ଧଙ୍କର ମୂର୍ତ୍ତି ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଛନ୍ତି : 'ଯଦିଓ ମୁଁ ମୋର ସିଦ୍ଧି ଏହି ପୀଠସ୍ଥାନରେ ଲାଭ କରିଛି, ମୁଁ ଏହାର ଚଉହଦିରେ ଆବଦ୍ଧ ହୋଇ ରହି ନାହିଁ ।' ନିଶିକାନ୍ତ ଯେତେବେଳେ ତାଙ୍କର ଏହି ସୂକ୍ଷ୍ମ-ଦର୍ଶନ କଥା ସ୍ଥାନୀୟ ବୌଦ୍ଧ ପୁରୋହିତଗଣଙ୍କୁ କହିଲେ, ସେମାନେ ଏକଥାକୁ ଆଦୌ ଗୁରୁତ୍ୱ ଦେଲେ ନାହିଁ ଏହି ଦୃଷ୍ଟିରୁ ଯେ ଯିଏ ନିର୍ବାଣ ପ୍ରାପ୍ତ ହୋଇଛନ୍ତି, ସିଏ ପୁଣି ଏହି ପୃଥିବୀକୁ ଫେରି ଆସିବେ କେମିତି ?

[ଏଠାରେ ସ୍ମରଣରେ ଆସେ ଫ୍ରାନ୍ସରେ ଶ୍ରୀମା ଥରେ (୧୯୧୪ ପୂର୍ବରୁ) ମାଦାମ୍ ନୀଲ୍ (ଆଲେକ୍‌ଜାନ୍ଦ୍ରା ଡେଭିଡ୍ ନୀଲ୍)ଙ୍କର ଭାଷଣ ଶୁଣୁଥିବା ବେଳେ ମାଦାମ୍‌ଙ୍କର ପାଖରେ ବୁଦ୍ଧଙ୍କୁ ଦର୍ଶନ କଲେ, ଜ୍ୟୋତିର୍ମୟ ଅପରୂପ ମୂର୍ତ୍ତି ! ଭାଷଣ ପରେ ଶ୍ରୀମା'ଙ୍କର ଜନୈକ ସହଗାମିନୀ ତାଙ୍କୁ ମାଦାମ୍‌ଙ୍କ ସହିତ ପରିଚୟ କରିଦେବା ଅବକାଶରେ ଶ୍ରୀମା ତାଙ୍କର ସୂକ୍ଷ୍ମ ଦର୍ଶନ କଥା ମାଦାମ୍‌ଙ୍କୁ କହିବାରୁ ସେ ଆଦୌ ବିଶ୍ୱାସ କଲେ ନାହିଁ ଏବଂ ତଦୁପରି ଟିକିଏ ଜୋର୍ ଦେଇ କହିଲେ ଯେ ଯିଏ ନିର୍ବାଣ

ପ୍ରାପ୍ତ ହୋଇଛନ୍ତି, ସେ ପୁଣି କିପରି ପାର୍ଥିବ ଜଗତକୁ ଫେରି ଆସିବେ ? — ଏହା ଏକେବାରେ ଅସମ୍ଭବ !! ଶ୍ରୀମା କିନ୍ତୁ ତାଙ୍କର ଆନ୍ତର ଶକ୍ତିର ତୀବ୍ରତାରେ କହିଥିଲେ, 'କିନ୍ତୁ ମୁଁ ବୁଦ୍ଧଙ୍କୁ ଆପଣଙ୍କ ପଶ୍ଚାତରେ ଦେଖିଛି — ନିଶ୍ଚିତ ରୂପେ ଦେଖିଛି !'... ମାଦାମ୍ ପରେ ଶ୍ରୀମା'ଙ୍କର ଘନିଷ୍ଠ ବନ୍ଧୁ ହୋଇ ଉଠିଥିଲେ ।

(Georges Van Vrekhem : The Mother, The story of Her Life, Ed. 2011, P. 80)]

ଏହାପରେ ନିଶିକାନ୍ତ ସାରନାଥ ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ ଅତିଥି-ସେବାପରାୟଣ ପଣ୍ଡିତଗଣ ତାଙ୍କୁ ଅତ୍ୟନ୍ତ ଆଦରରେ ରଖିଛନ୍ତି ଏବଂ ତାଙ୍କର ରହିବା ସକାଶେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏକ ସ୍ଥାୟୀ ବାସଗୃହ ମଧ୍ୟ ବନ୍ଦୋବସ୍ତ କରି ଦେଇଛନ୍ତି । କିନ୍ତୁ ଯାହାଙ୍କୁ କବିଗୁରୁଙ୍କର କୁହୁକମନ୍ତ୍ର ବାନ୍ଧି ପାରି ନାହିଁ, ତାଙ୍କୁ ଏହି ପଣ୍ଡିତଗଣଙ୍କର ମାୟାଜାଲ କିପରି ଅଟକାଇ ପାରିବ ! ବିଶେଷ କରି ବୁଦ୍ଧଙ୍କର ଗମ୍ଭୀର ପବିତ୍ର ଦିବ୍ୟବାଣୀ ଶ୍ରବଣ କରିବା ପରେ !! ଅସମ୍ଭବ । ଅନ୍ତରରେ ତ ସିଏ ଆଉ ଏକ ଦୁର୍ବାର ଚୁମ୍ବକ-ଶକ୍ତି ପ୍ରତି ଅହରହ ଆକର୍ଷିତ ହୋଇ ରହିଛନ୍ତି — 'ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ! ଆଉ ପଣ୍ଡିଚେରୀର ନୀରଦବରଣ !'

ତେଣୁ ପରିଶେଷରେ ସେ ପୂର୍ବ ବର୍ଣ୍ଣିତ ଘଟଣାନୁଯାୟୀ ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମକୁ ଆସି ନୀରଦବରଣଙ୍କ ଦ୍ୱାରଦେଶରେ ହାଜିର ହୋଇଛନ୍ତି ।

ସକାଳୁ ସକାଳୁ ନୀରଦବରଣ ନବାଗତ ଯୁବକଙ୍କୁ ଅଭ୍ୟର୍ଥନା କରି ଆଣି ଟିକିଏ ଅଡୁଆରେ ପଡ଼ିଲେ । ମାତ୍ର ଗୋଟିଏ ବର୍ଷ ଆଗରୁ ସେ ଏଠାରେ ସ୍ଥାୟୀ ଭାବରେ ରହିବାକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନୁମତି ପ୍ରାପ୍ତ ହୋଇଛନ୍ତି । ଏବଂ ଜନୈକ ପୁରୁଖା ସାଧକ କ୍ଷୀରୋଦ-ଦା'ଙ୍କ ତତ୍ତ୍ୱାବଧାନରେ ଆଶ୍ରମର କାଠ-ଗୋଦାମରେ କର୍ମରତ ରହିଛନ୍ତି । ଏଇ କିଛି ଦିନ ପୂର୍ବରୁ ତାଙ୍କର ପ୍ରଥମ ବାସସ୍ଥାନ 'ବୋଧି-ହାଉସ୍'ରୁ ସ୍ଥାନାନ୍ତରିତ ହୋଇ ଆଶ୍ରମ ନିକଟସ୍ଥ ଏହି ବାସଭବନକୁ ଆସି ରହିଛନ୍ତି । ତେଣୁ ସେ ତ ଏବେ ନବଦୀକ୍ଷିତ, ଔପଚାରିକ ଭାବରେ ଆଶ୍ରମରେ ଅଧିଷ୍ଠିତ ବି ହୋଇ ନାହାନ୍ତି । ତାଙ୍କ ପକ୍ଷରେ ଏହି ନବାଗତ ଅତିଥିଙ୍କ ସକାଶେ ଆଶ୍ରମରେ କି ପ୍ରକାର ବନ୍ଦୋବସ୍ତ ଅଛି,— କହିବାକୁ ଗଲେ ଏ ସମ୍ବନ୍ଧେ ସେ ଆଦୌ କିଛି ଜାଣି ନାହାନ୍ତି । ପରେ ସେ ଆଶ୍ରମର ତଦାନୀନ୍ତନ ସେକ୍ରେଟାରୀ ନଳିନୀକାନ୍ତ ଗୁପ୍ତଙ୍କ ସହିତ କଥାବାର୍ତ୍ତା କଲେ । ସେ କହିଲେ ଆପାତତଃ ନିଶିକାନ୍ତ ବାହାରେ ଏକ ଘରଭଡ଼ା ନେଇ ସେଠାରେ ରହିବେ ।

ଇତିମଧ୍ୟରେ ଆଶ୍ରମରେ ଖବର ରଟିଯାଇଛି ଯେ ଶାନ୍ତିନିକେତନରୁ ଜଣେ ବଡ଼ କବି ଆଶ୍ରମକୁ ଆସିଛନ୍ତି । ତାଙ୍କର କେତେକ କବିତା କଲିକତାର ତଦାନୀନ୍ତନ ମୁଖ୍ୟ ପତ୍ରିକା 'ବିଚିତ୍ରା'ରେ ପ୍ରକାଶ ପାଇଛି । ସେ ମଧ୍ୟ ଜଣେ ଉଚ୍ଚକୋଟୀର ଚିତ୍ରକର । ଚିତ୍ରକଳାରେ ତାଙ୍କର ଗୁରୁ ଓ ପଥପ୍ରଦର୍ଶକ ହେଉଛନ୍ତି ସ୍ୱନାମଧନ୍ୟ ଅବନୀନ୍ଦ୍ରନାଥ ଓ ନନ୍ଦଲାଲ । ସର୍ବୋପରି ରବୀନ୍ଦ୍ରନାଥଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହେଉଛନ୍ତି ଏଇ ଉଦୀୟମାନ ତରୁଣ କବି । ଏକଥା ଶୁଣିବା ମାତ୍ରେ ଆଶ୍ରମର ସୁରେଶ ଚକ୍ରବର୍ତ୍ତୀ ଓ ଦିଲୀପ କୁମାର ରାୟ ତାଙ୍କ ସହିତ ଯାଇ ସାକ୍ଷାତ୍ କରିଛନ୍ତି ।

ନିଶିକାନ୍ତଙ୍କର ଭାଗ୍ୟ ଖୋଲିଗଲା । ଦିଲୀପ କୁମାର ତାଙ୍କର ସଦା-ପ୍ରସାରିତ ବାହୁଛାୟାରେ ତାଙ୍କୁ ଗ୍ରହଣ କଲେ ଏବଂ ତାଙ୍କର କୃତିତ୍ୱ ଓ ଗୁଣାବଳି ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ଲେଖି ଜଣାଇଲେ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. Nirodbaran : 'Nishikanta : Poet in Crisis', Mother India, Oct. 1959

୨. ନୀରଦବରଣ : ରଚନା ବିଚିତ୍ରା, 'କବି ନିଶିକାନ୍ତେର୍ ଜୀବନ-ସଂକଟେ' ।

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୩)

## ଗୟାଧର ଦାଶ

### ମାତାପିତାଙ୍କର ଚେତନାଗତ ବିକୃତି ହିଁ ଶିଶୁ ଉପରେ କୁପ୍ରଭାବ ପକାଏ

ଅନନ୍ତ ଜୀବନକୁ ଆମେ ନିଜେ ସୀମିତ କରିବାକୁ ସର୍ବଦା ପ୍ରୟାସ କରିଥାଉ । ଛୋଟ ଛୋଟ ବିଷୟକୁ ନେଇ ବ୍ୟସ୍ତ ରହିବା ଏବଂ ପରିବାରର ପରିସୀମା ମଧ୍ୟରେ କୂପମଣ୍ଡୁକ ହୋଇ ବଞ୍ଚିବା ସକାଶେ ଇଚ୍ଛା ପ୍ରକାଶ କରୁ । ପିଲାମାନେ ମଧ୍ୟ ଆମଠାରୁ ସେଇଆ ଶିଖନ୍ତି । ସାଧାରଣତଃ ପ୍ରତ୍ୟେକ ମାତାପିତା ନିଜର ବ୍ୟକ୍ତିଗତ ଜୀବନର ସମସ୍ୟା, ଦୁଃଖସୁଖ, ହାନିଲାଭ, କ୍ରିୟା-ପ୍ରତିକ୍ରିୟା, ଏପରିକି ସାମାଜିକ, ରାଜନୈତିକ, ଅର୍ଥନୈତିକ, ନୈତିକ ଅଗ୍ରଗତି ଓ ଅଧୋଗତିକୁ ନେଇ ସର୍ବଦା ଚିନ୍ତିତ ଥାଆନ୍ତି । ପିଲାମାନଙ୍କର ଭବିଷ୍ୟତକୁ ନେଇ ସେମାନେ ଅତିଶୟ ଚିନ୍ତିତ । ପିଲାଟି ସମାଜରେ ପ୍ରତିଷ୍ଠିତ ହେଉ, ଭଲ ଚାକିରି କରି ବାହାସାହା ହୋଇ ଅନେକ ଧନ ଉପାର୍ଜନ କରି ସୁଖରେ ରହୁ, କୌଣସି ଅଭାବ ଅସୁବିଧା ନ ରହୁ, ବୃଦ୍ଧାବସ୍ଥାରେ ସେମାନଙ୍କର ଯତ୍ନ ନେବା ସହ ସେମାନଙ୍କ ମାନସମ୍ମାନକୁ ଅକ୍ଷୁଣ୍ଣ ରଖୁ ଏବଂ ବଂଶର ଗୌରବ ବଢ଼ାଉ, ଏହା ହିଁ ପ୍ରତ୍ୟେକ ମାତାପିତା ଉଣାଅଧିକେ ଚାହାଁନ୍ତି । ଏ ପ୍ରକାର ଆଶା ଓ ଆକାଙ୍କ୍ଷା ଖୁବ୍ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ହେଲେ ବି ପରୋକ୍ଷରେ ଏଥିରେ ଆମର ସ୍ୱାର୍ଥ ଲୁଚି ରହିଥାଏ । ଏପରି କି ପିଲାଟି ସର୍ବଦା ବିପଦମୁକ୍ତ ହେଉ, ତା'ର ଚଲାପଥ କଣ୍ଟକଶୂନ୍ୟ ହେଉ ଏବଂ ଏହା ହେଉ, ତାହା ହେଉ ବୋଲି ଆମେମାନେ ଭଗବାନଙ୍କଠାରେ ପ୍ରାର୍ଥନା କରିଥାଉ । ପିଲାଟି ଯଦି ଜୀବନର ସକଳ ଅବସ୍ଥା — ଭଲ-ମନ୍ଦ, ସମ୍ପଦ-ବିପଦ ଭିତର ଦେଇ ଗତି ନ କରେ ତେବେ ସେ ପିଲା ଜୀବନ-ସଂଗ୍ରାମରେ ସଫଳ ଯୋଦ୍ଧା ହୋଇ ପାରେନା, ଅଧିକାଂଶ କ୍ଷେତ୍ରରେ ସେ ନିଜକୁ ଅସୁରକ୍ଷିତ ମଣିଥାଏ । ଅନ୍ୟ ପକ୍ଷରେ ଆମର ପ୍ରାର୍ଥନା ଏପରି ହେବା ଉଚିତ ଯେ — ହେ ପରମ ପ୍ରଭୁ ! ତୁମେ ଦେଇଥିବା ଏଇ ଅମୂଲ୍ୟ ସମ୍ପଦର ସଦ୍-ବ୍ୟବହାରରେ ମୋତେ ଜ୍ଞାନ, ଶକ୍ତି ଓ ସାହସ ପ୍ରଦାନ କର । ସକଳ କ୍ଷେତ୍ରରେ କେବଳ ତୁମରି ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

ମାତାପିତା ଓ ଶିକ୍ଷକଙ୍କର ଭାବନା, ଆବେଗ, ସ୍ୱଭାବ ତଥା ଆଚରଣରେ ଯଦି କପଟ, ଛଳନା ଓ ମିଥ୍ୟାଚାର ଥାଏ, ତେବେ ସେହି ମିଥ୍ୟାଚାରର ସ୍ପନ୍ଦନଗୁଡ଼ିକ ପିଲାଟିର ମନ ଭିତରକୁ ପ୍ରବେଶ କରି ଚେତନାକୁ କଳୁଷିତ କରିଥାଏ । ପିଲାମାନେ ଅନେକ କ୍ଷେତ୍ରରେ ମାତାପିତାଙ୍କର ଏହି ଭଳି କଦର୍ଯ୍ୟ ମନୋବୃତ୍ତି ତଥା ମନ୍ଦ ପ୍ରକୃତିର ଶିକାର ହୁଅନ୍ତି । ଏଥିରୁ ବହୁତ କମ୍ ପିଲା ନିଜକୁ ମୁକ୍ତ ରଖି ପାରନ୍ତି ଯେଉଁମାନେ ନିଜର ଅନ୍ତରାତ୍ମା ପ୍ରତି ସଚେତନ ଥାଆନ୍ତି । ଏପରିକି ମାତାପିତାଙ୍କର ଈର୍ଷା, ପରଶ୍ରୀକାତରତା, କ୍ରୋଧ, ଲୋଭ, ମୋହ, କାମପିପାସା, ଆତ୍ମଗର୍ବ, ବର୍ବରତା, ଅସାଧୁତା, ସଂକୀର୍ଣ୍ଣତା, ଅଜ୍ଞାନତା, ସ୍ୱାର୍ଥପରତା, ଅମାନୁଷିକତା ଆଦିର ସ୍ପନ୍ଦନଗୁଡ଼ିକ ପିଲାର ଚରିତ୍ରରେ ପ୍ରତିଫଳିତ ହୁଏ । ପିତା ଯଦି ଦୁର୍ନୀତିଗ୍ରସ୍ତ ହୋଇ ଧନ ଉପାର୍ଜନ କରି ପିଲାମାନଙ୍କର ପାଠପଢ଼ା ତଥା ପରିବାରର ଭରଣପୋଷଣରେ ଖର୍ଚ୍ଚ କରେ, ତେବେ ପିଲାଟି କିପରି ସଚ୍ଚୋଟ ହେବ ବୋଲି ଆମେ ଆଶା କରି ପାରିବା ? ପ୍ରତିଟି କଥାରେ ଆମେ ଯଦି ମିଛ କହିବା, ତେବେ ପିଲାଟି ସତ କହୁ ବୋଲି ଆମେ ଆଶା କରି ପାରିବା କି ? ନିଜର ଆଚାର ବ୍ୟବହାର ଶୁଦ୍ଧ ନ ହେଲେ, ଆମେ ପିଲା ପାଖରେ ନ୍ୟୂନ ହୋଇଯିବା । ମାତାପିତାଙ୍କର କର୍ମ, ଚିନ୍ତା ଓ କଥା ହିଁ ପିଲାକୁ ପ୍ରେରଣା ଦିଏ, ଜୀବନକୁ ଦୁଃଖମୟ କିଂବା ସୁଖମୟ କରିଥାଏ । ପିଲା ଯଦି ବଡ଼ ହୋଇ ମାତାପିତାଙ୍କୁ ନ ପଚାରେ ତେବେ ମାତାପିତା ନିଜର କର୍ମ ପାଇଁ ଦଣ୍ଡିତ ହୁଅନ୍ତି ଏବଂ ଅନ୍ତରର କୋହକୁ ଚାପି ରଖି ସବୁ ସହି ଯାଆନ୍ତି । ନିଜର ଭାଗ୍ୟକୁ ଦୋଷ ଦିଅନ୍ତି ଏବଂ କେତେକ ମାତାପିତା ନିଜ ପୁତ୍ର ଓ କନ୍ୟାମାନଙ୍କର ଅମଙ୍ଗଳ ମଧ୍ୟ ଚିନ୍ତା କରନ୍ତି । ଏସବୁ ପଛରେ ମାତାପିତାଙ୍କର ଦୁରଭିସନ୍ଧି ପ୍ରଚ୍ଛନ୍ନ ହୋଇ ରହିଥାଏ । ନିଜ ପିଲା ପାଇଁ ସେମାନଙ୍କର ଏ ପ୍ରକାର ଦୁଃଖ ଯନ୍ତ୍ରଣା ହେଉଛି ଏକ ପ୍ରକାର ଦଖଲମୂଳକ ଆତ୍ମ-ଅନୁକମ୍ପା ।

ନିଜ ପିଲାର ସୁରକ୍ଷା ପାଇଁ ମାତାପିତାମାନେ ବହୁ ମାତ୍ରାରେ ଚିନ୍ତିତ । କ'ଣ ଖାଇବେ, କ'ଣ ପିନ୍ଧିବେ, କ'ଣ

ପଢ଼ିବେ, କିପରି ଚଳିବେ, କିପରି କଥାବାର୍ତ୍ତା କରିବେ, ଏମିତି କର, ସେମିତି କର, ଏହା ଠିକ୍, ଏହା ଠିକ୍ ନୁହେଁ, ଏପରି ନାନା ଉପଦେଶାତ୍ମକ ଶବ୍ଦ ବ୍ୟବହାର କରି ମାତାପିତାମାନେ ପିଲାମାନଙ୍କ ପଛରେ ଅହରହ ଧାଇଁ ଥାଆନ୍ତି । ଜୀବନ ପ୍ରତି ସମ୍ବେଦନଶୀଳ ହେବା, ଜୀବନକୁ ନିଜସ୍ୱ ଧାରାରେ ଦେଖିବା ଓ ବୁଝିବାକୁ ପିଲାମାନଙ୍କ ପାଖରେ ସମୟ ନ ଥାଏ । ସବୁବେଳେ ବାଧ୍ୟ ଶିଶୁ ପରି ଧାଇଁ ଧପଡ଼ି ଜବରଦସ୍ତ ମସ୍ତିଷ୍କକୁ ଭାରାକ୍ରାନ୍ତ କରିବା, ସଂଘର୍ଷର ମୁକାବିଲା କରି ସଫଳତା ଲାଭ କରିବା ଯଦି ଜୀବନର ଲକ୍ଷ୍ୟ ହୁଏ ତେବେ ସେ ପିଲାଟି ନିଜର ହୋଇ ପାରେନା କି ପରିବାରର ହୋଇ ପାରେନା । ଏପରିକି ସେ ମାନବସମାଜର ହୋଇ ପାରେନା, କାହାରି ବି ହୋଇ ପାରେନା । ସବୁ କଥାରେ ଯଦି ସେ ବଡ଼ମାନଙ୍କୁ ମାନି ଚଳିବ, ସମାଜକୁ ଅନୁସରଣ କରିବ, ନିଜ ସ୍ୱାର୍ଥ ପାଇଁ ଲଢ଼େଇ କରି ଚାରିପଟରେ ସୁରକ୍ଷା ପାଚେରି ଗଢ଼ି ବସିବ, ତେବେ ସେ କାହାର ହେବ ? ଖାଇପିଇ ଆରାମ କରିବା ତଥା ମଉଜ ମଜଲିସରେ ସମୟ କଟାଇବା ହିଁ ଜୀବନ ସର୍ବସ୍ୱ ହୋଇ ଉଠିବ ଏବଂ ସେ ପିଲା ପଶୁର ଜୀବନଟିଏ ବଞ୍ଚିବାକୁ ବାଧ୍ୟ ହୋଇଯିବ । ଏ ପ୍ରକାର ପିଲାମାନଙ୍କ ଠାରୁ ନୂତନ ସମାଜ, ନୂତନ ମାନବଜାତି ପ୍ରତିଷ୍ଠାର ଆଶା ରଖି ପାରିବା କି ?

ଶ୍ରୀମା କହନ୍ତି, ''ନିଜର ସଂକୀର୍ଣ୍ଣ ବ୍ୟକ୍ତିଗତ ଜୀବନକୁ ନେଇ ବ୍ୟସ୍ତ ରହିବା ଠାରୁ ବଳି ଆଉ କିଛି କଦର୍ଯ୍ୟ ବସ୍ତୁ ଏ ସଂସାରରେ ନାହିଁ । ଏ ପ୍ରକାର ବ୍ୟକ୍ତିଙ୍କୁ ଜୀବନ ଗୋଟିଏ ପ୍ରକାର ଶୂନ୍ୟ, ଫମ୍ପା, ନିରର୍ଥକ ଜୀବନ ଭଳି ବୋଧ ହେଉଥାଏ । ଜୀବନରେ ତାଙ୍କର ଆଉ ଆଗ୍ରହ ନ ଥାଏ । ଏମିତି ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ଛୋଟିଆ ପରିବାରକୁ ନେଇ ବ୍ୟସ୍ତ ଥାଆନ୍ତି ଏବଂ ଯଦି ପିଲାର ଟିକିଏ କାଶ ହେଲା, ତେବେ ସେମାନେ ଘଣ୍ଟା ଘଣ୍ଟା ଧରି ବିରକ୍ତିକର ଚିନ୍ତାରେ ହିଁ କାଳ କଟାନ୍ତି । ଯଦି ଖାଦ୍ୟ ଟିକିଏ ସ୍ୱାଦକର ହୋଇ ନାହିଁ, ତେବେ ସେମାନେ କଳି କରିବାରେ ମାତି ଯାଆନ୍ତି କିଂବା ଯଦି ଜଣେ ଚାକିରି ହରାଇ ଆଉ ଗୋଟିଏ ଚାକିରି ଖୋଜି ପାଉ ନାହାନ୍ତି, ତେବେ ସେ କାନ୍ଦି କୁରେଇ ବଡ଼ ଦୁଃଖରେ କହନ୍ତି, କେମିତି ମୁଁ ମୋ ପିଲାଙ୍କ ମୁଖରେ ଆହାର ଦେବି ? ସତେ ଯେପରି ସେମାନେ ଗୋଟିଏ ଗାତ ଭିତରେ ଜିଆର ଜୀବନ ବିତାଉ ଥାଆନ୍ତି ।''

(CWM.- Vol. 5, p. 393 - 394)

ପ୍ରାୟଶଃ ମାତାପିତାମାନେ ବର୍ତ୍ତମାନର ପରିସ୍ଥିତିକୁ ନେଇ ବହୁତ ଚିନ୍ତିତ । ଏହି ସଂସାର ଏଭଳି ଭାବେ ଗଠିତ ହୋଇଛି ଯେ ସବୁଗୁଡ଼ାକ ଖାଲି ଅପ୍ରୀତିକର ଦେଖା ଯାଉଛି । ପ୍ରତ୍ୟେକ ପରିସ୍ଥିତି ବା ଘଟଣା ଭିତରେ ଆମେ କେବଳ ଅପ୍ରୀତିକର ଦିଗଟିକୁ ଦେଖି ଭଲ ଭିତରେ ମନ୍ଦ ଚିନ୍ତା କରିଥାଉ । ପିଲାଟି ଯଦି ଏକ ବିଶେଷ ଶୁଦ୍ଧ ପରିବେଶ ମଧ୍ୟରେ ନ ଥାଏ, ତାକୁ ଯଦି ସମାଜରେ ଛାଡ଼ି ଦିଆଯାଏ, ଯେଉଁଠି ଭଲମନ୍ଦ ଭରି ରହିଛି, ତେବେ ସେ ଏପରି ବସ୍ତୁ ବା ଉପାଦାନର ନିକଟବର୍ତ୍ତୀ ହୁଏ, ଯାହା ତା'ର ଚେତନାକୁ କଳୁଷିତ କରେ ଏବଂ କୁ-ଶିକ୍ଷା ଦେଇଥାଏ । ସାଧାରଣତଃ ପିଲାମାନେ ଏହି ଦିଗ ପ୍ରତି ସହଜରେ ଆକର୍ଷିତ ହୋଇ ଥାଆନ୍ତି । ପୁତ୍ର ଓ କନ୍ୟାମାନେ ଖରାପ ଦିଗ ପ୍ରତି ଆକର୍ଷିତ ନ ହୁଅନ୍ତୁ ବୋଲି ମାତାପିତା ଆଶା ରଖନ୍ତି; କିନ୍ତୁ ନିଜର ମନୋବୃତ୍ତି, ସଂସ୍କାର, ଆଚରଣ ଅଶୁଦ୍ଧ ଥିବାରୁ ତାହା ସର୍ବଦା ପିଲାମାନଙ୍କୁ କୁ-ମନ୍ତ୍ରଣା ଦେଇଥାଏ । ଏକଥା ସେମାନେ ଭୁଲି ଯାଆନ୍ତି ।

ଶ୍ରୀମା କହନ୍ତି, ''ସୁଖରେ ବଞ୍ଚିବାର ଅଧିକାର ଆମର ଅଛି । ଏହି ଧାରଣାଟି ବାସ୍ତବରେ ଯେକୌଣସି ପ୍ରକାରେ ଜୀବନ ବିତାଇବା ଲାଗି ଆମକୁ ପ୍ରବୃତ୍ତ କରାଇ ଥାଏ । ଏହି ଧାରଣା, ଏହାର ଅନ୍ଧ ଆକ୍ରମଣାତ୍ମକ ଅହଂକାର ଦ୍ୱାରା ମଣିଷକୁ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ, ଦୁଃସ୍ଥତା, ହତାଶା, ନିରାଶା ଏବଂ ଅଧିକାଂଶ ସମୟରେ ଧ୍ୱଂସ ଆଡ଼କୁ ପରିଚାଳିତ କରି ନିଏ । ବର୍ତ୍ତମାନ ସଂସାରର ପରିସ୍ଥିତି ଯାହା ଏଥିରେ ଆମ ଜୀବନର ଲକ୍ଷ୍ୟ ବ୍ୟକ୍ତିଗତ ସୁଖଲାଭ କରିବା ନୁହେଁ, ମାତ୍ର ବ୍ୟକ୍ତି ସତ୍ତାକୁ କ୍ରମେ ସତ୍ୟ ଚେତନାକୁ ଉଠାଇ ନେବା ।''

(CWM.- Vol. 12, p. 18)

ପୁନଶ୍ଚ ଶ୍ରୀମା କହନ୍ତି, ''ବ୍ୟକ୍ତିକୁ ତା'ର ଜୀବନରେ ଓ ସମାଜରେ ସଫଳତା ଲାଭ କରିବା ସକାଶେ ପ୍ରସ୍ତୁତ କରାଇବା ଶିକ୍ଷାର ଲକ୍ଷ୍ୟ ନୁହେଁ । ଶିକ୍ଷାର ଲକ୍ଷ୍ୟ ହେଉଛି ବ୍ୟକ୍ତିର ପରିପୂର୍ଣ୍ଣତାର କ୍ଷମତାକୁ ତା'ର ଚରମ ଶିଖରକୁ ଉଠାଇ ନେବା ।''

(CWM.- Vol. 12, p. 12)

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପଯୋଗିତାବାଦକୁ ପ୍ରାଧାନ୍ୟ ଦେଇଛି । କେଉଁ ପାଠ ପଢ଼ିଲେ ଭଲ ଚାକିରି ମିଳି ପାରିବ ଏବଂ କ୍ଷମତା, ପ୍ରତିପତ୍ତି, ମର୍ଯ୍ୟାଦା, ସମ୍ମାନ ପ୍ରାପ୍ତ ହେବା ସହ ଗଦା ଗଦା ଅର୍ଥ କମାଇବା ସମ୍ଭବ ହୋଇପାରିବ । ମାତାପିତାମାନେ ନିଜର ପିଲାମାନଙ୍କୁ ସେହି ଭଳି ପାଠ

ପଢ଼ାଇବା ପାଇଁ ତତ୍ପରତା ପ୍ରକାଶ କରୁଛନ୍ତି । ଏହା ପ୍ରକୃତରେ ଏକ ବିକୃତ ମନୋଭାବ, ସୁସ୍ଥ ସମାଜ ଗଠନରେ ଅସ୍ୱାସ୍ଥ୍ୟକର ଲକ୍ଷଣ । ବଡ଼ ହୋଇ ପିଲାମାନେ ଯେତେବେଳେ ଆତ୍ମ ସମୀକ୍ଷା କରିବେ ସେତେବେଳେ ନିଜର କୁ-ପ୍ରବୃତ୍ତି, ଦୁଶ୍ଚରିତ୍ର ପାଇଁ ସେମାନେ ପ୍ରଥମେ ନିଜର ମାତାପିତା ଓ ବଂଶ ପରମ୍ପରାକୁ ଦାୟୀ କରିବେ । ପୁତ୍ର ଯଦି ପାଠପଢ଼ି ବେକାର ହୋଇ ବସେ, କନ୍ୟାର ଯଦି ବିବାହ ହୋଇ ନ ପାରେ ବା ବିବାହ ପରେ ଶାଶୁ ଘରେ ଖୁସି ନ ଥାଏ, ତେବେ ମାତାପିତାଙ୍କ ମୁଣ୍ଡ ବିନ୍ଧିବା ସ୍ୱାଭାବିକ । ଏ ପ୍ରକାର ଅବସ୍ଥା ପାଇଁ ସେମାନେ ହିଁ ମୁଖ୍ୟତଃ ଦାୟୀ ବୋଲି ମନେ କରନ୍ତି । ସେମାନେ ଏକଥା ଭୁଲି ଯାଆନ୍ତି ଯେ ଏହି ଜନ୍ମରେ ନିର୍ଦ୍ଦିଷ୍ଟ ପୁତ୍ର ବା କନ୍ୟାର ମାତାପିତା ହେବାର ସୌଭାଗ୍ୟ ସେମାନଙ୍କୁ ମିଳିଛି । ପୂର୍ବ ଜନ୍ମରେ ସେମାନେ ମାତାପିତା ନ ଥାଇ ପାରନ୍ତି କି ପରଜନ୍ମରେ ହୋଇ ନ ପାରନ୍ତି । ସେମାନେ ଶିଶୁକୁ ଜନ୍ମ ଦିଅନ୍ତି; କିନ୍ତୁ କର୍ମ ଦେଇ ନ ଥା'ନ୍ତି । ଅନେକ ଜନ୍ମର ସଂସ୍କାର ଓ ଅନୁଭୂତି ନେଇ ଶିଶୁଟି ଜନ୍ମ ନେଇଥାଏ । ଏପରିକି ମାତାପିତା ତଥା ପରିବେଶ ନିର୍ବାଚନରେ ଯଦି କୌଣସି ଭୁଲ୍ ହୁଏ ତେବେ ଶିଶୁଟି ବହୁଦିନ ପର୍ଯ୍ୟନ୍ତ ସଂସାରରେ ରହି ପାରେନା, ମର ଶରୀରକୁ ତ୍ୟାଗ କରେ ।

ଶିଶୁ ଏକ ବିବର୍ତ୍ତନଶୀଳ ସତ୍ତା ବା ବର୍ଦ୍ଧିଷ୍ଣୁ ଆତ୍ମା । ଆତ୍ମବିକାଶ ମାର୍ଗରେ ସେ ଅନେକ ଜନ୍ମ ଦେଇ ଏହି ଜନ୍ମରେ ପହଞ୍ଚିଛି । ସେହି ଆତ୍ମବିକାଶ ମାର୍ଗରେ ଅନୁକୂଳ ପରିବେଶ ଯୋଗାଇ ଦେବା ଏବଂ ତା'ର ସ୍ୱଧର୍ମ ପ୍ରତି ସଚେତନ କରାଇ ଦେବାରେ ଯତ୍ନଶୀଳ ହେବା ହିଁ ପ୍ରତ୍ୟେକ ଅଭିଭାବକ ବା ମାତାପିତାଙ୍କର କର୍ତ୍ତବ୍ୟ । ଏହି ପ୍ରକାର ମନୋଭାବ ନେଇ ଯଦି ମାତାପିତା ନିଜର ପୁତ୍ର ଓ କନ୍ୟା ରୂପେ ପାଇଥିବା ଭଗବତ୍ ଦତ୍ତ ସମ୍ପଦ ବା ବିଭୁ ପ୍ରସାଦର ସଦ୍ ବ୍ୟବହାର କରନ୍ତି, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାର ରଥଟି ଆଗକୁ ନିର୍ବିଘ୍ନରେ ମାଡ଼ି ଚାଲିବ ।

## ଚୈତ୍ୟସତ୍ତାର ନିର୍ବାଚନ

ଶିଶୁଟିଏ ଜନ୍ମ ନେବା ପୂର୍ବରୁ ତା'ର ଚୈତ୍ୟସତ୍ତା କିପରି ସବୁକିଛି ନିର୍ବାଚନ କରିଥାଏ, ସେ ବିଷୟରେ ଶ୍ରୀମା କହନ୍ତି – ''ଆଗରୁ ଚୈତ୍ୟସତ୍ତା ଅନେକଗୁଡ଼ିଏ ଅଭିଜ୍ଞତା ହାସଲ କରିଥାଏ । ତେଣୁ ସେ ଭଲଭାବେ ଜାଣିଥାଏ ଯେ ଏ ଦେଶରେ ତା' ଚେତନାର ଗୋଟିଏ ନିର୍ଦ୍ଦିଷ୍ଟ ଅଂଶ ବିକାଶ ପ୍ରାପ୍ତ ହୋଇଛି, ସେ ଦେଶରେ ଆଉ ଗୋଟିଏ ଅଂଶ ବିକାଶ ପ୍ରାପ୍ତ ହୋଇଛି ଇତ୍ୟାଦି; ତେଣୁ ସେ ଏଭଳି ଏକ ସ୍ଥାନ ବାଛେ ଯାହାକି ତା'ର ଉନ୍ନତି ନିମନ୍ତେ ଅତ୍ୟନ୍ତ ସହଜ ଓ ଅନୁକୂଳ ହୋଇଥିବ । ଦେଶ, ଜୀବନଯାପନ କରିବାର ବ୍ୟବସ୍ଥା, ମାତାପିତାଙ୍କର ମୋଟାମୋଟି ସ୍ୱଭାବ, ଏପରିକି ଶରୀରଟିର ଅବସ୍ଥା, ଏହାର ଭୌତିକ ଗଠନ ପ୍ରଣାଳୀ ଓ ଏହାର ଗୁଣ ଧର୍ମ ଇତ୍ୟାଦି ତାହାର ଆବଶ୍ୟକ ହେଉଥିବା ଅନୁଭୂତିରେ ସହାୟକ ହେବ ନା ନାହିଁ ତାହା ମଧ୍ୟ ସେ ବିଚାର କରେ । ସେ ଟିକିଏ ବିଶ୍ରାମ ନିଏ ଏବଂ ଠିକ୍ ସମୟରେ ବିଶ୍ରାମ ତ୍ୟାଗ କରେ । ତା'ପରେ ପୃଥିବୀର ଯେଉଁ ଅଂଶକୁ ଓ ଯେଉଁ ପରିବେଶକୁ ସେ ବାଛି ଥାଏ ତାହାରି ଉପରେ ନିଜର ଚେତନାକୁ ଏକାଗ୍ର କରେ ବା ପ୍ରାୟ ସେହିପରି ହିଁ କରିଥାଏ । ଏ କ୍ଷେତ୍ରରେ ଟିକିଏ ତଫାତ୍ ଥାଏ, କାରଣ ଚୈତ୍ୟ ଚେତନାରେ ଥିଲାବେଳେ ଜଣେ ଏହି ସ୍ଥୂଳ ଭୌତିକ ଚେତନାଠାରୁ ବହୁତ ଦୂରରେ ଥାଏ ଏବଂ ଏହାକୁ ସେତେ ସ୍ପଷ୍ଟ ଦୃଷ୍ଟିରେ ଦେଖିପାରେ ନାହିଁ । ଯାହା ଦେଖେ ତାହା ଏକ ପ୍ରାୟାନୁମାନ ହୋଇଥାଏ, କେବଳ ସେ ଏହି ଦୃଷ୍ଟିରେ ହିଁ ଦେଖିଥାଏ । ଦେଶ ଓ ପରିବେଶ ସମ୍ବନ୍ଧରେ ସେ ଆଦୌ କୌଣସି ଭୁଲ୍ କରେ ନାହିଁ ଏବଂ ବାଛିଥିବା ବ୍ୟକ୍ତିମାନଙ୍କର ଅନ୍ତର ସ୍ପନ୍ଦନକୁ ସେ ବେଶ୍ ସ୍ପଷ୍ଟ ଭାବରେ ଦେଖିପାରେ; ତେବେ ତଥାପି ଏଥିରେ କୌଣସି ଭୁଲ୍‌ଭଟକା ଘଟି ଯାଇପାରେ । ମାତ୍ର ଯଦି ଠିକ୍ ଏହି ସମୟରେ ପୃଥିବୀପୃଷ୍ଠରେ ଏପରି ଗୋଟିଏ ଦମ୍ପତି ଥିବେ ବା ହୁଏତ ଏପରି ଜଣେ ନାରୀ ବାସ କରୁଥିବେ ଯାହାଙ୍କ ମଧ୍ୟରେ ଏକ ଚୈତ୍ୟ ଅଭୀପ୍ସା ରହିଥାଏ ଏବଂ ଯିଏକି କୌଣସି ଏକ କାରଣରୁ, କାହିଁକି ବା କିପରି ଏସବୁ ନ ଜାଣି, ଏକ ଅତ୍ୟନ୍ତ ଅସାଧାରଣ ସନ୍ତାନ ପାଇବାକୁ ଇଚ୍ଛା କରୁ ଥାଆନ୍ତି, ଅନନ୍ୟ ବିରଳ ଅବସ୍ଥାର ଜବାବ ଦେବା ଭଳି ସନ୍ତାନଟିଏ ପାଇବାକୁ ଇଚ୍ଛା କରୁ ଥାଆନ୍ତି; ଯଦି ସେହି ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ ଏହି ଅଭୀପ୍ସାଟି ଥାଏ ତେବେ ତାହା ଏକ ପ୍ରକାର ସ୍ପନ୍ଦନ ସୃଷ୍ଟି କରେ, ଏକ ଚୈତ୍ୟ ଆଲୋକ ସୃଷ୍ଟି କରେ, ସଙ୍ଗେ ସଙ୍ଗେ ଚୈତ୍ୟସତ୍ତାଟି ତାହା ଦେଖିବାକୁ ପାଏ ଏବଂ କୌଣସି ଦ୍ୱିଧା ନ ରଖି ସେହି ଆଲୋକ ଆଡ଼କୁ ଧାଇଁ ଯାଏ । ତା'ପରେ ଠିକ୍ ସେହି ମୁହୂର୍ତ୍ତରୁହିଁ (ଯାହାକି ହେଉଛି ଗର୍ଭାଧାନର ସମୟ) ତାହା ଶିଶୁଟିର ଗଠନ ଉପରେ ସତତ ଦୃଷ୍ଟି ରଖିବାକୁ ଆରମ୍ଭ କରେ, ଯେପରି କି ସେହି ଗଠନ ତା'ର ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଯେତେଦୂର ସମ୍ଭବ ଅଧିକ ଅନୁକୂଳ ହୋଇ ପାରିବ ।''

(MCW - Vol. 4, p. 145)

ପୁନଶ୍ଚ ଶ୍ରୀମା କହନ୍ତି, ‘‘ଏହି ଶରୀରଟିକୁ ତ୍ୟାଗ କରି ଚାଲିଯିବା ପୂର୍ବରୁ ଚୈତ୍ୟସତ୍ତା ନିଷ୍ପତ୍ତି କରି କହେ : ‘ଆର ଥରକୁ ମୁଁ ଅମୁକ ରାଜ୍ୟରେ ଜନ୍ମଗ୍ରହଣ କରିବି... ।’ ବର୍ତ୍ତମାନ ସେ ଏପରି ଏକ ଶରୀରକୁ ତ୍ୟାଗ କରି ଅନ୍ୟତ୍ର ଯାଉଛି ଯାହା ଉପରେ କି ତା’ର କର୍ତ୍ତୃତ୍ୱ ଥିଲା, ଯାହା ଉପରେ ସେ କ୍ରିୟା କରି ପାରୁଥିଲା ଏବଂ ନିଜର ଅଭିବୃଦ୍ଧି ଲାଗି ଶରୀରଟିର ଉପଯୋଗ କରି ପାରୁଥିଲା । ସିଏ ଏବେ କହିବାକୁ ଆରମ୍ଭ କରୁଛି : ‘‘ଆର ଥରକୁ ମୁଁ ଏକ ମଧ୍ୟମ ଧରଣର ପରିବେଶରେ ଜନ୍ମଗ୍ରହଣ କରିବି, ଯାହାକି ନିମ୍ନ ସ୍ତରର ହୋଇ ନ ଥିବ କି ଉଚ୍ଚ ସ୍ତରର ହୋଇ ନ ଥିବ, ଯେଉଁଠି ଏତେ ଅଧିକ ପରିମାଣରେ ବାହ୍ୟ ଜୀବନଯାପନ କରିବା ଲାଗି ଆଦୌ କିଛି (ଏହି କଥାଟିକୁ ଆଉ କେମିତି ବା କହିବି ?) ନ ଥିବ, ଯେଉଁଠାରେ ଅତ୍ୟଧିକ କ୍ଷମତା ନ ଥିବ ଅଥବା ଅତ୍ୟଧିକ ଦୁଃଖଭୋଗ ବି ନ ଥିବ – ଏହା ସମ୍ପୂର୍ଣ୍ଣ ଭାବରେ ମଧ୍ୟମ ଧରଣର ହୋଇ ରହିଥିବ, ମଝି ମଝିଆ ଏକ ଜୀବନ ହୋଇ ରହିଥିବ ।’’ ସେ ଏପରି ଏକ ଜୀବନ ଗ୍ରହଣ କରିବାକୁ ଠିକ୍ କରେ । ଆବଶ୍ୟକୀୟ ବିଶ୍ରାମ ନେବା ଲାଗି, ଅନୁଭବ କରିଥିବା ଅଭିଜ୍ଞତାଟିକୁ ପ୍ରସ୍ତୁତ କରିବା ଲାଗି ସେ ଚୈତ୍ୟ ଜଗତକୁ ଫେରିଯାଏ । ନିଜର ଏହି ନିଷ୍ପତ୍ତିଟିକୁ ସେ ମନେ ରଖିଥାଏ, ଏବଂ ପୁନର୍ବାର ଅବତରଣ କରିବା ପୂର୍ବରୁ, ଯେତେବେଳେ ଲାଭ କରିଥିବା ଅଭିଜ୍ଞତାକୁ ଭଲଭାବେ ନିଜ ଦେହରେ ମିଶାଇ ସାରିଥାଏ, ଯେତେବେଳେ ଫେରିବାର ସମୟ ଆସି ପହଞ୍ଚେ ଏବଂ ପୃଥିବୀକୁ ପୁଣି ଥରେ ଫେରି ଆସିବାର ସମୟ ଆସି ଉପସ୍ଥିତ ହୁଏ, ସେତେବେଳେ ସେ ସେହି ରାଜ୍ୟରେ ଥାଇ ଏହି ଭୌତିକ ଜଗତକୁ ଦେଖେ । ଆମେ ଭୌତିକ ବସ୍ତୁ ସକଳକୁ ଯେପରି ଭାବେ ଦେଖୁଛନ୍ତି, ସେ ସେଗୁଡ଼ିକୁ ସେପରି ଭାବେ ଆଦୌ ଦେଖିପାରେ ନାହିଁ । ତଥାପି ପାର୍ଥକ୍ୟଗୁଡ଼ିକ ସମ୍ପର୍କରେ ଏହା ପୂର୍ବାଭାସ ପାଇପାରେ । ପରିବେଶମାନଙ୍କରେ ଥିବା ପାର୍ଥକ୍ୟ ଏବଂ ସେହି ପରିବେଶରେ ସମ୍ପନ୍ନ ହେଉଥିବା କ୍ରିୟାବଳୀରେ ଥିବା ପାର୍ଥକ୍ୟ ଆଦିକୁ ସେଠାରୁ ସ୍ପଷ୍ଟ ଭାବେ ଦେଖି ହୁଏ, ଅତ୍ୟନ୍ତ ସ୍ପଷ୍ଟ ଭାବେ ଦେଖି ହୁଏ... । ଏବଂ ତଳକୁ ଓହ୍ଲାଇ ଆସିବା ପୂର୍ବରୁ ସେହି ଉର୍ଦ୍ଧ୍ୱରେ ଥାଇ ତାହା ତା’ର ନିଜର ଅନୁକୂଳ ସ୍ପନ୍ଦନକୁ ଖୋଜିବାକୁ ଲାଗେ ଏବଂ ସେଗୁଡ଼ିକୁ ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରେ । ମନେହୁଏ, ସତେ ଯେପରି ତାହା ଯେଉଁ ସ୍ଥାନରେ ଆସି ଓହ୍ଲାଇବାକୁ ଯାଉଛି, ଠିକ୍ ସେହି ସ୍ଥାନଟିକୁ ଲକ୍ଷ୍ୟ କରି ଓହ୍ଲାଇବାରେ ଲାଗିଛି । କିନ୍ତୁ ଏହା ଏକ ଆନୁମାନିକ ବିଷୟ, କାରଣ ଏହି କ୍ଷେତ୍ରରେ ଆଉ ଗୋଟିଏ ସର୍ତ୍ତର ପୂରଣ ମଧ୍ୟ ଆବଶ୍ୟକ ହୋଇଥାଏ । କେବଳ ସେ କ’ଣ ନିର୍ବାଚନ କରିଛି ତାହା ଯଥେଷ୍ଟ ହୁଏ ନାହିଁ; ନିମ୍ନରୁ ମଧ୍ୟ ଏକ ଅଭୀପ୍ସା ଓ ଏକ ଗ୍ରହଣଶୀଳତାର ଆବଶ୍ୟକ ହୋଇଥାଏ । ତାହା ଯେଉଁ ପରିବେଶଟିକୁ ନିର୍ବାଚନ କରିଛି, ତାହା ମଧ୍ୟରେ ଏହିପରି ଜଣେ କେହି ରହିଥିବା ଆବଶ୍ୟକ, ସାଧାରଣତଃ ମାଆ ରହିଥିବା ଆବଶ୍ୟକ (ବେଳେବେଳେ ମାତାପିତା ଉଭୟଙ୍କର ରହିବା ଆବଶ୍ୟକ ହୋଇଥାଏ, ମାତ୍ର ଶିଶୁର ମାଆ ହେଉଛି ସବୁଠାରୁ ଅଧିକ ଅପରିହାର୍ଯ୍ୟ) ଯାହାର ଏପରି ଏକ ଅଭୀପ୍ସା ବା ଏକ ଗ୍ରହଣଶୀଳତା ରହିଥିବା ଦରକାର ଯାହା ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇ ରହିଥିବ ଏବଂ ଉଚ୍ଚତର କୌଣସି ବସ୍ତୁ ଲାଗି ଉନ୍ମୁକ୍ତ ହୋଇ ରହିଥିବ, ସେଥି ଲାଗି ତାଙ୍କର ଏକ ସଚେତନ ଅଭୀପ୍ସା ନିଶ୍ଚୟ ଥିବ । ଏହି ଅଭୀପ୍ସା ହିଁ ଚୈତ୍ୟସତ୍ତା ଲାଗି ଏକ ଆଲୋକ ପ୍ରଜ୍ୱଳିତ କରି ଦିଏ । ଯେଉଁ ପରିବେଶଟିରେ ତାହା ଜନ୍ମ ନେବାକୁ ଇଚ୍ଛା କରୁଛି, ତାହା ଲାଗି ସେହି ପରିବେଶଟିର ପ୍ରତିନିଧିତ୍ୱ କରୁଥିବା ଶରୀରଟି ମଧ୍ୟରେ ଯଦି ତାହାର ନିଜର ପ୍ରକ୍ଷେପିତ ଇଚ୍ଛାଶକ୍ତି ଦ୍ୱାରା ପ୍ରଭାବିତ ହୋଇ ଏକ ଟିକି ଆଲୁଅ ଜଳି ଉଠେ, ତେବେ ଚୈତ୍ୟସତ୍ତା ସେଇଥିରୁ ଜାଣିପାରେ ଯେ ତାକୁ ସେହି ଆଧାରଟି ମଧ୍ୟକୁ ହିଁ ଯିବାକୁ ହେବ ।’’

(MCW - Vol. 5, p. 214)

ଏପରି ଏକ ଅଭୀପ୍ସା ଏକାନ୍ତ ଆବଶ୍ୟକ । ମାତାପିତାଙ୍କର ଅଭୀପ୍ସା ଅନୁସାରେ ଚୈତ୍ୟସତ୍ତାଟି ଆଧାର ନିର୍ବାଚନ କରୁଥିବାରୁ ଜନ୍ମ ନେଉଥିବା ସଦ୍ୟ ଶିଶୁଟି ତା’ର ମାଆର ହିଁ ଏକ କ୍ଷୁଦ୍ର ଅଂଶ ହୋଇ ରହିଥାଏ ଏବଂ ମାଆ ଯେଉଁ ଚେତନାରେ ରହିଥାଏ ସେହି ଚେତନାର ଗୁଣ ଓ ଧର୍ମର ପ୍ରଭାବ ଶିଶୁଟି ଉପରେ ପଡ଼ିଥାଏ ।

(କ୍ରମଶଃ)

❑❑❑

# ମହାଶକ୍ତିଙ୍କ ପାର୍ଥିବ ଅଭିଯାତ୍ରା

## (୨)

## କୁମାର ଚନ୍ଦ୍ର ମିଶ୍ର

ପୂର୍ବରୁ କୁହାଯାଇଛି ଯେ ଦିବ୍ୟଜନନୀ ଶ୍ରୀମା ଗଳ୍ପ ଓ କଥୋପକଥନ ଛଳରେ ଅନେକ ଆଧ୍ୟାତ୍ମିକ ଗୂଢ଼ ରହସ୍ୟ ଓ ତତ୍ତ୍ୱ ପରିବେଷଣ କରି ଯାଇଛନ୍ତି । ଏତତ୍ ଦ୍ୱାରା ଜଣେ ପାଠକ ପ୍ରେରଣା ପାଇ ଉତ୍ସାହ, ଉଦ୍ଦୀପନା ସହ ସାଧନା ମାର୍ଗରେ ଅଗ୍ରସର ହୋଇପାରେ । ଏଠାରେ ସେହିପରି କେତୋଟି ବିଷୟ ଉତ୍ଥାପନ କରିବା ଲାଗି ପ୍ରୟାସ କରାଯାଇଛି ।

ବାହାଉଲ୍ଲା (ଜନ୍ମ : ୧୮୧୭ – ମୃତ୍ୟୁ : ୧୮୯୨ ମସିହା) ଇରାନ ଦେଶର ତେହେରାନ୍‌ଠାରେ ଜନ୍ମଲାଭ କରିଥିଲେ । ସେ ଥିଲେ ବାହାଇ ଧର୍ମ ସମ୍ପ୍ରଦାୟର ପ୍ରତିଷ୍ଠାତା । ବାହାଇ ଧର୍ମ ଅନ୍ୟାନ୍ୟ ଯାବତୀୟ ଧର୍ମର ମୌଳିକ ସତ୍ୟଗୁଡ଼ିକୁ ସ୍ୱୀକାର ଓ ସମ୍ମାନ କରେ ଓ ସମସ୍ତ ମାନବସମାଜର ଏକତ୍ୱ ଓ ସମାନତା ଉପରେ ଗୁରୁତ୍ୱ ଆରୋପ କରେ । ବର୍ତ୍ତମାନ ପୃଥିବୀରେ ପ୍ରାୟ ଅଶୀ ଲକ୍ଷ ବ୍ୟକ୍ତି ଉକ୍ତ ଧର୍ମର ଅନୁରକ୍ତ ବା ଅନୁଗତ ହୋଇ ବିଭିନ୍ନ ଦେଶରେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା ଜଣାଯାଏ । ଏହି ଧର୍ମ ପ୍ରଥମେ ୧୮୬୩ ମସିହାରେ ପର୍ସିଆ (ବର୍ତ୍ତମାନର ଇରାନ) ଦେଶରେ ଉଦ୍ଭୁତ ହୋଇ କାଳ କ୍ରମେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସମ୍ପ୍ରସାରିତ ହୋଇଥିଲା । ବାହାଉଲ୍ଲାଙ୍କ ଆଧୁନିକ ପ୍ରଗତିଶୀଳ ଚିନ୍ତାଧାରା ଯୋଗୁଁ ସେ ତଦାନୀନ୍ତନ ପାରମ୍ପରିକ ମୌଳବାଦି ଇସଲାମ ଧର୍ମାନୁଳମ୍ୱନ କରୁଥିବା ରାଷ୍ଟ୍ରମାନଙ୍କର ଚକ୍ଷୁଶୂଳ ହୋଇ ଥିଲେ । ପରିଣାମରେ ନିଜ ଦେଶରୁ ବିତାଡ଼ିତ ହୋଇ ପ୍ରାୟ ଚାଳିଶ ବର୍ଷ କାଳ ସେ ବନ୍ଦୀଶାଳାରେ ଜୀବନ ଅତିବାହିତ କରିଥିଲେ । ୧୮୯୨ ମସିହାରେ ତାଙ୍କର ମୃତ୍ୟୁ ପରେ ବାହାଇ ଧର୍ମର ନେତୃତ୍ୱ ତାଙ୍କ ସୁପୁତ୍ର ଅବଦୁଲ୍ ବାହା ନେଇଥିଲେ । ଦିବ୍ୟଜନନୀ ଶ୍ରୀମାଙ୍କ ସହ ତାଙ୍କର ପରିଚୟ ହେବା ପରେ ବନ୍ଧୁତା ଗଢ଼ି ଉଠିଥିଲା । ଶ୍ରୀମାଙ୍କର କାହାଣୀଟି ହେଲା :

''ସୁଫୀମାନଙ୍କର ବିଚାର ଅପେକ୍ଷା ତାଙ୍କର ବିଚାରଗୁଡ଼ିକ ଅଧିକ ପ୍ରଗତିଶୀଳ ଏବଂ ଅଧିକ ପ୍ରଶସ୍ତମନା ବୋଲି କହି ସେଗୁଡ଼ିକର ପ୍ରଚାର କରୁଥିବା ଦୋଷରେ ଯେଉଁ ପ୍ରସିଦ୍ଧ ବାହାଉଲ୍ଲାଙ୍କୁ କାରାଦଣ୍ଡ ଦିଆ ଯାଇଥିଲା ସିଏ (ଅବଦୁଲ୍ ବାହା) ବାହାଉଲ୍ଲାଙ୍କର ପୁତ୍ର ଥିଲେ । ରକ୍ଷଣଶୀଳ ମୁସଲମାନମାନେ ବାହାଉଲ୍ଲାଙ୍କ ବିଚାରଗୁଡ଼ିକୁ ଭାରି କ୍ଷତିକାରକ ବୋଲି ବିଚାର କରୁଥିଲେ । ବାହାଉଲ୍ଲାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ତାଙ୍କ ପିତାଙ୍କର ଧର୍ମ ବିଚାରଗୁଡ଼ିକର ପ୍ରଚାର କରିବା ଲାଗି ଦୃଢ଼ ସଂକଳ୍ପବଦ୍ଧ ହୋଇ ଥିଲେ ଓ ସେହି ଉଦ୍ଦେଶ୍ୟରେ ସେ ପୃଥିବୀର ଅନେକ ଦେଶକୁ ଯାତ୍ରା କରିଥିଲେ । ସେ ଜଣେ ଅତି ଚମତ୍କାର ପ୍ରକୃତିର ବ୍ୟକ୍ତି ଥିଲେ । ତାଙ୍କ ଜୀବନର ଆକାଙ୍କ୍ଷା ଯେତିକି ମହାନ୍ ଓ ବିରାଟ ଥିଲା, ନିଜ ଜୀବନରେ ସେ ସେତିକି ସରଳ ହୋଇ ରହିଥିଲେ । ମୁଁ ତାଙ୍କୁ ଭାରି ଭଲ ପାଉଥିଲି... ।

''ଦିବ୍ୟ ପରମସତ୍ତାଙ୍କ ପାଇଁ ତାଙ୍କର ଆନ୍ତରିକତା ଓ ଆକାଙ୍କ୍ଷା ପ୍ରକୃତରେ ଭାରି ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥିଲା । ଦିନେ ମୁଁ ତାଙ୍କ ପାଖରେ ଉପସ୍ଥିତ ଥିବା ସମୟରେ ତାଙ୍କର ଶିଷ୍ୟମାନଙ୍କୁ ସେ ଏକ ଭାଷଣ ଦେବାର ଥାଏ । ମାତ୍ର ଅସୁସ୍ଥ ଥିବାରୁ ସେ ବିଛଣାରୁ ଉଠି ବି ପାରୁ ନ ଥିଲେ । ସମ୍ଭବତଃ ସେହି କାରଣରୁ ବୈଠକଟି ବିଳମ୍ବିତ ହେବାକୁ ପଡ଼ିଥା'ନ୍ତା । ମୁଁ ତାଙ୍କ ପାଖକୁ ଯିବାରୁ ସେ ମୋତେ କହିଲେ, 'ଆଜି ଆପଣ ଯାଆନ୍ତୁ ମୋ କାମଟି ତୁଲାଇ ଦେବେ ।' ସେ କଥା ଶୁଣି ମୁଁ ଭାରି ଆଚମ୍ବିତ ହୋଇ ପଡ଼ିଲି । କାରଣ ମୋତେ ଏପରି ଏକ ଅନୁରୋଧ କରାଯିବ ବୋଲି ଆଗରୁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି । ମୁଁ ତାଙ୍କୁ କହିଲି, 'ମୁଁ ତ ଆପଣଙ୍କ ସମ୍ପ୍ରଦାୟର ଜଣେ ସଦସ୍ୟ ନୁହେଁ ଏବଂ ଏ ବିଷୟରେ ମୋତେ ଆଦୌ କିଛି ହେଲେ ଜଣା ନାହିଁ । ତେଣୁ ମୁଁ ଆପଣଙ୍କ ଶିଷ୍ୟମାନଙ୍କୁ କିପରି କୌଣସି ବିଷୟରେ କିଛି କହି ପାରିବି ?' ମାତ୍ର ସିଏ ଜୋର୍ କରି କହିଲେ, 'ସେଥିରେ କିଛି ଯାଏ ଆସେ ନାହିଁ । ଆପଣ ଯାହା ଇଚ୍ଛା କରିବେ, କହିବେ ଓ ତାହାହିଁ ଯଥାର୍ଥ ହେବ । ଆପଣ ଯାଆନ୍ତୁ ଓ କିଛି କୁହନ୍ତୁ । ପ୍ରଥମେ ଉପବେଶନ ଗୃହରେ କିଛି ସମୟ ଏକାଗ୍ର ହୋଇ ବସିବେ ଓ ତା'ପରେ ଭାଷଣଟିକୁ ଦେବେ ।' ଶେଷରେ ମୋତେ ତାଙ୍କରି କଥା କଥାନୁସାରେ ହିଁ କାର୍ଯ୍ୟ କରିବାକୁ ହେଲା ।''

(CWM, Vol. 2, p. - 108)

ଶ୍ରୀମା ଅତି ସରଳ ଓ ସାବଲୀଳ ରୀତିରେ ତାଙ୍କର ବକ୍ତବ୍ୟ ପରିବେଷଣ କରିଥିଲେ । ସମବେତ ବାହାଇ ଭକ୍ତଗଣ ସାରଗର୍ଭକ ପ୍ରବଚନଟି ଶୁଣି ମୁଗ୍ଧ ହୋଇଥିଲେ । ପରବର୍ତ୍ତୀ କାଳରେ ଅବଦୁଲ୍ ବାହା ଦିବ୍ୟଜନନୀଙ୍କୁ ପ୍ୟାରିସରେ ବାହାଇ ସମ୍ପ୍ରଦାୟର ନେତୃତ୍ୱ ନେବା ଲାଗି ଅନୁରୋଧ କରିଥିଲେ । କିନ୍ତୁ ଦିବ୍ୟଜନନୀ ଶ୍ରୀମା ପ୍ରସ୍ତାବଟିକୁ ରୋକଠୋକ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ମଧ୍ୟ ଏହିପରି ଅଚାନକ ଏକ ଜନସମୁଦ୍ରକୁ ସମ୍ବୋଧନ କରିବା ଲାଗି ଅନୁରୋଧ କରାଯାଇଥିଲା । ବିଷୟାନ୍ତର ମନେ ହେଲେ ବି ଘଟଣାଟି ବ୍ୟକ୍ତ କରିବାର ଉତ୍କଣ୍ଠା ସମ୍ବରଣ କରି ହେଉ ନାହିଁ ।

ଜାନୁଆରୀ ୧୯୦୮ ମସିହାରେ ଯୋଗୀ ବିଷ୍ଣୁ ଭାସ୍କର ଲେଲେଙ୍କ ପରାମର୍ଶ କ୍ରମେ ଶ୍ରୀଅରବିନ୍ଦ କେବଳ ତିନି ଦିନ ମଧ୍ୟରେ ମନକୁ ସମ୍ପୂର୍ଣ୍ଣ ନୀରବ କରି ଦେଇଥିଲେ । ଏହାକୁ ଦେଶ ଓ କାଳାତୀତ ନୀରବ ବ୍ରହ୍ମ ଉପଲବ୍ଧି ବୋଲି କୁହାଯାଏ, ଯାହାକୁ ସାଧନ କରିବା ଲାଗି ମୁନି, ଋଷିମାନଙ୍କୁ ବର୍ଷ ବର୍ଷ ଧରି ସାଧନା କରିବାକୁ ହୁଏ । ଏତଦ୍ ଦ୍ୱାରା ଶିଖରଚୁମ୍ବୀ ମେଘଶୂନ୍ୟ ନିର୍ମଳ ନୀଳ ଆକାଶ ତୁଲ୍ୟ ମନଟି ସମ୍ପୂର୍ଣ୍ଣ ରୂପେ ଭାବନା ଓ ଚିନ୍ତା ଶୂନ୍ୟ ହୋଇଯାଏ । ଏପରି ମାନସିକ ସ୍ଥିତିରେ କୌଣସି ଭାବପ୍ରବଣତା, ଅସ୍ଥିରତା, ଉଦ୍‌ବେଗ ବା ଉତ୍ତେଜନାର ତିଳେ ମାତ୍ର ଆଭାସ ରହେ ନାହିଁ । ଉକ୍ତ ଅବସରରେ ଏକ ବିରାଟ ଜନସମୁଦ୍ରକୁ ସମ୍ବୋଧନ କରିବା ଲାଗି ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କରାଯାଇଥିଲା । ଏପରି ଅଭାବନୀୟ ପରିସ୍ଥିତିରେ ଶ୍ରୀଅରବିନ୍ଦ ଲେଲେଙ୍କ ପରାମର୍ଶ ଲୋଡ଼ି ଥିଲେ । ଲେଲେ କହିଥିଲେ ଜନତା ସମ୍ମୁଖରେ ଠିଆ ହୋଇ ହସ୍ତ ଯୋଡ଼ି ଜନତା ଜନାର୍ଦ୍ଦନଙ୍କୁ ପ୍ରଣାମ କରିବ । ଆସ୍ତେ ଆସ୍ତେ ଯାହା କହିବା କଥା ତାହା ଆପେ ଆପେ ତୁମ ମୁଖରୁ ନିଃସୃତ ହେବ । ତାହାହିଁ ହୋଇଥିଲା – ସ୍ତବ୍ଧ ଜନତା ଦୀର୍ଘ ସମୟ ବ୍ୟାପୀ ନିରବତା ଓ ଏକାଗ୍ରତା ସହ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷଣଟି ଶୁଣି କୃତକୃତ୍ୟ ହୋଇଥିଲେ ।

ବାହାଇ ଭକ୍ତଗଣଙ୍କୁ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ପ୍ରବଚନର କିଛି ବାଣୀ ନିମ୍ନରେ ଉଦ୍ଧାର କରାଗଲା ।

''ମନୁଷ୍ୟମାନଙ୍କ ନିକଟକୁ ଈଶ୍ୱରଙ୍କର ସନ୍ଦେଶ ବହନ କରି ଆଣିଥିବା ପ୍ରତ୍ୟେକ ଧର୍ମଗୁରୁ ଏବଂ ପ୍ରତ୍ୟେକ ଶିକ୍ଷାଦାତା ଅନ୍ତତଃ ଗୋଟିଏ କଥାକୁ ସମ ସ୍ୱର ହୋଇ କହି ଯାଇଛନ୍ତି । ସେମାନେ ସମସ୍ତେ ଆମକୁ ଏହି ଶିକ୍ଷାଟି ଦେଇଛନ୍ତି ଯେ ଆମର ଜୀବନ ମଧ୍ୟରେ ଯଥାର୍ଥ କର୍ମ ରୂପେ ସେଗୁଡ଼ିକର ରୂପାନ୍ତର ନ ଘଟିବା ପର୍ଯ୍ୟନ୍ତ ପୃଥିବୀର ବୃହତ୍ତମ ସତ୍ୟଗୁଡ଼ିକ ମଧ୍ୟ କେବଳ ନିଷ୍ଫଳ ହୋଇ ହିଁ ରହିଥିବ । ସେମାନଙ୍କ ସମ୍ମୁଖରେ ପ୍ରକାଶିତ ହୋଇଥିବା ସତ୍ୟଟିକୁ ଦୈନନ୍ଦିନ ଜୀବନରେ ବଞ୍ଚିବାର ଯେ ଏକାନ୍ତ ପ୍ରୟୋଜନ ରହିଛି, ସେମାନେ ସେହି କଥାଟିକୁ ଘୋଷଣା କରିଛନ୍ତି । ସେମାନେ ଘୋଷଣା କରି କହିଛନ୍ତି ଯେ ସେମାନେ ସିନା ବାଟଟିକୁ ଦେଖାଇ ଦେଇ ଯାଉଛନ୍ତି, ମାତ୍ର ଆମକୁ ହିଁ ସେହି ବାଟଟିରେ ଚାଲିବାକୁ ପଡ଼ିବ, ଆଉ ଅନ୍ୟ କେହି ବ୍ୟକ୍ତି ସିଏ ଯେତେ ବଡ଼ ହୋଇଥାଉ ପଛକେ, ଆମ ଲାଗି ଆମ କାର୍ଯ୍ୟଟିକୁ କଦାପି କରି ଦେଇଯିବେ ନାହିଁ ।

୧୯୫୦ ଓ ୧୯୬୯ ମସିହାର ନବବର୍ଷ ବାଣୀ ଦିବ୍ୟଜନନୀଙ୍କ ତଦନୁରୂପ ସନ୍ଦେଶ ବହନ କରେ, ଯଥା :

"Don't speak. Act.
Don't announce. Realise."

(CWM, Vol. 15, p. 169)

''କଥା କୁହ ନାହିଁ – କାର୍ଯ୍ୟ କର ।
ଘୋଷଣା କର ନାହିଁ – ଉପଲବ୍ଧି କର ।''

– ଶ୍ରୀମା

"No words – acts."

(CWM, Vol. 15, p. 175)

''ବାକ୍ୟ ନୁହେଁ – କର୍ମ''

– ଶ୍ରୀମା

ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଦିବ୍ୟଜନନୀ ଶ୍ରୀମା ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଥମ କଥା ହେଲା ମହାପୁରୁଷଗଣ ଉଚିତ ମାର୍ଗ ଦର୍ଶାଇ ଥା'ନ୍ତି । କିନ୍ତୁ ଆମେ ସେହି ମାର୍ଗକୁ ସ୍ୱୟଂ ଅନୁସରଣ କରିବା ଆବଶ୍ୟକ ।

"It is no use reading books of guidance if one is not determined to live what they teach."

(CWM, Vol. 10, p. 1) – The Mother

''ପଥପ୍ରଦର୍ଶନକାରୀ ଗ୍ରନ୍ଥସବୁକୁ ପଢ଼ିବା ନିରର୍ଥକ ଯଦି ସେସବୁ ଯେଉଁ ଶିକ୍ଷା ଦିଅନ୍ତି ସେଗୁଡ଼ିକୁ ଜୀବନରେ ଅନୁସରଣ କରିବା ପାଇଁ ଜଣେ ସଂକଳ୍ପବଦ୍ଧ ନୁହେଁ ।''

– ଶ୍ରୀମା

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା ସତ୍ୟାନୁସନ୍ଧାନ ନ କରି ସତ୍ୟ ସମ୍ପର୍କରେ କେବଳ ଅବଗତ ହୋଇଗଲେ ତାହା ଯଥେଷ୍ଟ ନୁହେଁ । ତାହାକୁ ଦୈନନ୍ଦିନ ଜୀବନରେ ପ୍ରତି ମୁହୂର୍ତ୍ତରେ ଆଚରଣ କରିବା ଆବଶ୍ୟକ । ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଯେପରି କୌଣସି ପ୍ରଭେଦ ବା ବିରୋଧ ନ ରହେ ।

ଶ୍ରୀମାଙ୍କ ଉକ୍ତିରେ :

"A drop of practice is better than an ocean of theories, advices and good resolutions."

(CWM, Vol. 14, p. 208)

ଅର୍ଥାତ୍, ''ବିନ୍ଦୁଏ ମାତ୍ର ଅଭ୍ୟାସ ସାଗର ପରିମାଣ ତତ୍ତ୍ୱ, ଉପଦେଶ ଓ ଉତ୍ତମ ସଂକଳ୍ପ ଅପେକ୍ଷା ଶ୍ରେୟସ୍କର ।''

– ଶ୍ରୀମା

"It is good to read a Divine Teaching.
It is better to learn it.
The best is to live it."

(MCW, Vol. 14, p. 209)

''ଦିବ୍ୟ-ଗ୍ରନ୍ଥ ପାଠ କରିବା ଭଲ ।
ସେଥିରୁ ଶିକ୍ଷା ଲାଭ କରିବା ଉତ୍ତମ ।
ତଦନୁଯାୟୀ ଜୀବନଯାପନ କରିବା ହେଲା ସର୍ବୋତ୍ତମ ।''

– ଶ୍ରୀମା

ଏକ ଭାଷଣର ଭୂମିକାରେ ଶ୍ରୀମା ଯାହା କହିଥିଲେ : ''ଅବଦୁଲ୍ ବାହା ଆମକୁ ଏ କଥାଟି ଅନେକ ଥର କହିଛନ୍ତି – 'କଥା କୁହ ନାହିଁ, କାର୍ଯ୍ୟ କରି ଯାଅ; କାର୍ଯ୍ୟ କରୁ ନଥିଲେ ଏହି ଶବ୍ଦଗୁଡ଼ିକର ଆଦୌ କୌଣସି ମୂଲ୍ୟ ନାହିଁ । ଆମକୁ ଏହି ପୃଥିବୀ ଲାଗି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ରହିବାକୁ ପଡ଼ିବ ।'

''ପ୍ରକୃତରେ ଏହି କଥାଟି ଏକାନ୍ତ ଆବଶ୍ୟକ ଯେ ଆମ ପ୍ରତ୍ୟେକଙ୍କୁ ପୃଥିବୀରେ ଏକ ଦୃଷ୍ଟାନ୍ତ ହୋଇ ରହିବାକୁ ପଡ଼ିବ । ଚିରନ୍ତନ ସତ୍ୟଗୁଡ଼ିକ ସହିତ ଏକ ଅନ୍ତର୍ଗତ ଯୋଗସୂତ୍ର ସ୍ଥାପିତ ହୋଇ ପାରିଲେ କିପରି ସକଳ ଦ୍ୱନ୍ଦ୍ୱକୁ ସମଞ୍ଜସତାରେ ଏବଂ ସକଳ ଦୁଃଖକୁ ଶାନ୍ତିରେ ପରିଣତ କରି ଦିଆଯାଇ ପାରିବ ସେହି କଥାଟିକୁ ଦର୍ଶାଇ ଦେଇ ପାରିଲେ ହିଁ ଆମେ ସେମାନଙ୍କୁ ବିମୋଚନକାରୀ ମାର୍ଗଟିରେ ବାଟ ଚାଲିବା ଲାଗି ପ୍ରକୃତରେ ପ୍ରବର୍ତ୍ତାଇ ପାରିବା । କେବଳ ଏହି ଶିକ୍ଷାଟିକୁ ଉପସ୍ଥାପନ କରି ଅବଦୁଲ୍ ବାହା ସନ୍ତୁଷ୍ଟ ହୋଇ ଯାଇ ନାହାନ୍ତି । ସିଏ ନିଜେ ସେହି ଅନୁସାରେ ଜୀବନ ବଞ୍ଚିଛନ୍ତି ଓ ସେଥିରେ ହିଁ ତାଙ୍କର ସକଳ ପ୍ରବର୍ତ୍ତନା ଶକ୍ତି ନିହିତ ହୋଇ ରହିଛି ।

''ପ୍ରକୃତରେ ଅବଦୁଲ୍ ବାହାଙ୍କୁ ସ୍ୱଚକ୍ଷୁରେ ଦେଖିଥିବା କେଉଁ ଲୋକ ତାଙ୍କର ସମ୍ମୁଖକୁ ଆସି ଏହି ପରିପୂର୍ଣ୍ଣ ସଜ୍ଜନତା, ସୁମଧୁର ପ୍ରଶାନ୍ତି ଏବଂ ସ୍ଥିରତାକୁ ତାଙ୍କ ସତ୍ତା ମଧ୍ୟରୁ ନିର୍ଗତ ହେଉ ଥିବାର ଅନୁଭବ କରି ନାହିଁ ?

''ବାହାଉଲ୍ଲା ଯେଉଁସବୁ ସତ୍ୟର ପରିଚୟ ଲାଭ କରି ଥିଲେ, ତାଙ୍କର ପୁତ୍ର ସେସବୁକୁ ନେଇ ହିଁ ତାଙ୍କର ଆନ୍ତର ଜୀବନରେ ଅନୁକ୍ଷଣ ବଞ୍ଚିଛନ୍ତି; ଏବଂ ସେହି କାରଣରୁ ହିଁ ସେହି ସତ୍ୟଗୁଡ଼ିକ ତାଙ୍କ ମୁଖରୁ ଉଚ୍ଚାରିତ ହେବା ସମୟରେ ଆମ ଲାଗି ଅଧିକ ସୁବୋଧ ଏବଂ ହୃଦ୍‌ବୋଧକାରୀ ହୋଇ ପାରୁଛି ।

''ଆପଣମାନଙ୍କ ଭିତରୁ କେତେକ ହୁଏତ ଏପରି ଭାବୁଥିବେ : 'ଅବଦୁଲ୍ ବାହା ସ୍ୱୟଂ ଗୁରୁ ବୋଲି ସିନା ଏହି ସୌନ୍ଦର୍ଯ୍ୟକୁ ଉପଲବ୍ଧି କରି ପାରିବେ । କିନ୍ତୁ ଆମେ...'

''ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ପ୍ରକାର ପ୍ରୟାସ କରିବାର ଦାୟିତ୍ୱଟିକୁ ଏଡ଼େଇ ଦେବା ଲାଗି, ଆମ ଅନିଚ୍ଛା ସତ୍ତ୍ୱେ ଏହାଠାରୁ ଅଧିକ ଭଲ କୌଣସି କାରଣ ଆସି କଦାପି ଜୁଟି ନଥା'ନ୍ତା । କିନ୍ତୁ ତାହାକୁ କେବଳ ଆଳସ୍ୟ ପ୍ରଣୋଦିତ ବାହାନା ବୋଲି ହିଁ କୁହାଯାଇ ପାରିବ ।''

(CWM, Vol. 2, p. - 109-110)

ଦିବ୍ୟଜନନୀ ଅନ୍ୟତ୍ର କହି ଯାଇଛନ୍ତି : "Why do men want to worship ? It is far better to become than to worship.

It is the reluctance to change that makes one worship."

(CWM, Vol. 15, p. 28)

''ଲୋକେ କାହିଁକି ପୂଜା କରିବାକୁ ଇଚ୍ଛା କରୁଥା'ନ୍ତି ? ପୂଜା କରିବା ଅପେକ୍ଷା ଉତ୍ତରୋତ୍ତର କିଛି ହୋଇ ଉଠିବା ଅଧିକ ଭଲ ।

ଆମେ ବଦଳିବାକୁ ଅମଙ୍ଗ ହୋଇଥାଉ ବୋଲି ପୂଜା କରିବାକୁ ଇଚ୍ଛା କରୁ ।''

(ମାତୃବାଣୀ, ଭାଗ - ୧୫, ପୃ. ୪୨)

ସାଧାରଣତଃ ଆମେ (ଲୋକମାନେ) ଭଗବାନଙ୍କୁ ଫୁଲ, ଚନ୍ଦନ, ଧୂପ, ଦୀପ, କର୍ପୁର ଓ ଭୋଗ ଦେଇ ମନେ

ମନେ ସନ୍ତୋଷ ଲାଭ କରିଥାଉ । ପଞ୍ଚ ଉପଚାର ପୂଜା ଯଦି ମନକୁ ନ ପାଇଲା ବା ମନବୋଧ ନ ହେଲା ତେବେ ଷୋଡ଼ଶ ଉପଚାରରେ ଆରାଧନା କରି ଆଉ ଟିକିଏ ଅଧିକା ସନ୍ତୋଷ ଲାଭ କରିଥାଉ । କିନ୍ତୁ ନିଜେ ତିଳେ ମାତ୍ର ବଦଳି ନ ଥାଉ । ନଡ଼ିଆଟିଏ ଭାଙ୍ଗି ଦେଇ ମୁଣ୍ଡିଆଟିଏ ମାରି ଦେବା ଅତି ସହଜ କଥା । କିନ୍ତୁ ନିଜେ ବଦଳିବା ଲାଗି, କିଛି ହେବା ଲାଗି ସର୍ବଦା ପ୍ରୟାସ କରିବାକୁ ହୁଏ । ତେବେ ନିଜର ପରିବର୍ତ୍ତନ ବିମୁଖତା ହିଁ ଜଣକୁ ପୂଜା କରିବା ଲାଗି ପ୍ରେରିତ କରିଥାଏ । କିନ୍ତୁ ପୂଜା କରିବା ଅପେକ୍ଷା ନିଜେ କିଛି ଉତ୍ତମ ଗୁଣର ଅଧିକାରୀ ହେବା, ଅହଂଶୂନ୍ୟ ହେବା, ନିଜେ କିଛି ହୋଇ ଉଠିବା ଶ୍ରେୟସ୍କର । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଅମୃତତୁଲ୍ୟ ବାଣୀ ହେଲା –

"Adore and what you adore attempt to be."

(Collected Plays and Stories, p. 527)

''ଉପାସନା କର ଓ ଯାହାଙ୍କୁ ଉପାସନା କର ତାହା ପରି ହେବା ଲାଗି ପ୍ରୟାସ କର ।''

– ଶ୍ରୀଅରବିନ୍ଦ

(କ୍ରମଶଃ) ❑


*My heart is at peace, my mind is free from impatience, and in all things I rely on Thy will with the smiling confidence of a child.*

*(MCW, Vol. 15, p. 211)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

# ସୁସ୍ଥତାର ପରମ ଗୋପନୀୟତା

## (୨)

**ସୂର୍ଯ୍ୟକାନ୍ତି ମହାନ୍ତି**

### ବିଶ୍ୱାସ

ବାରଗୋଟି ମନଃଶକ୍ତି ମଧ୍ୟରୁ 'ବିଶ୍ୱାସ' ହେଉଛି ଏକ ପ୍ରମୁଖ ଶକ୍ତିକେନ୍ଦ୍ର । ଏହାର ଅବସ୍ଥିତି କର୍ଣ୍ଣ ଓ ଚକ୍ଷୁ ଦ୍ୱୟର ଉପରି ଭାଗରେ – ମସ୍ତିଷ୍କର ଠିକ୍ କେନ୍ଦ୍ରରେ ପିନିଅଲ୍ ଗ୍ରନ୍ଥି (pineal gland)ରେ । ଏହା ଏକ ରହସ୍ୟମୟ ଗ୍ରନ୍ଥି ଭାବରେ ପରିଚିତ । ଚିକିତ୍ସା ବିଜ୍ଞାନ କହେ ଏହା ଆଲୋକ ପ୍ରତି ମଣିଷର ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ମସ୍ତିଷ୍କର ବିକାଶ ମଧ୍ୟ କରେ ।

ମନୁଷ୍ୟର ବିଶ୍ୱାସ ଭାବନା ସହ ସ୍ୱତନ୍ତ୍ର ଭାବରେ ଏହା ସମ୍ପର୍କିତ । ଯେତେବେଳେ ଏହି ଗ୍ରନ୍ଥି ଉଦ୍ଦୀପିତ ହୁଏ, ଏହା ଭୂଲମ୍ବ ଭାବରେ ଛିଡ଼ା ହୋଇ ମସ୍ତିଷ୍କର କ୍ଷମତାକୁ ଉଚ୍ଚତର ଚେତନା ସହ ବିଲୀନ କରାଇ ଦିଏ । ଫଳରେ ସୃଷ୍ଟି ହୁଏ ପ୍ରଚଣ୍ଡ ଶକ୍ତି, ଯାହାର କାର୍ଯ୍ୟ ଅତୀବ ବିସ୍ମୟକର ହୋଇଥାଏ । ଏପରିକି ଏହି ଶକ୍ତି ପର୍ବତକୁ ବି ଘୁଞ୍ଚାଇ ଦେଇ ପାରେ । ଜଣେ ବୈଜ୍ଞାନିକ କହିଥିଲେ, ଯଦି କେବେ ନିଜର ସ୍ୱପ୍ନ ସାକାର କରିବାକୁ ଇଚ୍ଛା କର, ତା' ହେଲେ ବିନା ସନ୍ଦେହରେ ଏହି ବିଶ୍ୱାସ କେନ୍ଦ୍ରକୁ କାର୍ଯ୍ୟକାରୀ କରାଅ । ଏହି ମନଃଶକ୍ତିର ଅଛି ସ୍ୱତନ୍ତ୍ର ଗୁରୁତ୍ୱ । ଏହା ଦର୍ଶାଏ ଯେ ଜଣେ ଯାହା କାନରେ ଶୁଣେ ବା ଆଖିରେ ଦେଖେ, ତାହାକୁ ସେ ବିଶ୍ୱାସ କରେ ଏବଂ ତା' ଜୀବନରେ ବି ଏହାକୁ ପରିପ୍ରକାଶ କରେ । ଏଣୁ ବିଶ୍ୱାସରୂପକ ଶକ୍ତିର ଅପବ୍ୟବହାରରେ ସାଧାରଣତଃ ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି ପ୍ରଭାବିତ ହୁଅନ୍ତି ।

ଭାରତୀୟ ଦର୍ଶନ ଶାସ୍ତ୍ର ଅନୁଯାୟୀ ସହସ୍ରାର ଚକ୍ରରେ ପିନିଅଲ୍ ଗ୍ରନ୍ଥିର ଅବସ୍ଥିତି । ଏହାର ଧ୍ୱନି ହେଉଛି ଓମ୍, ଯାହାର ପୌନଃପୁନ୍ୟ (frequency) ୭.୮୩ ହାର୍ଜ (ହାର୍ଜର ଅର୍ଥ ପ୍ରତି ସେକେଣ୍ଡରେ ସ୍ପନ୍ଦନର ହାର) ଅଟେ । ଏହି ହାରକୁ ବୈଜ୍ଞାନିକ Shuman ଗଣନା କରି ସ୍ଥିର କରି ଥିବାରୁ ଏହାକୁ Shuman Resonance କୁହାଯାଏ । ଏହି ଓମ୍ ଧ୍ୱନି ପିନିଅଲ୍ ଗ୍ରନ୍ଥିକୁ ପ୍ରତିଧ୍ୱନିତ କରି ମନୁଷ୍ୟର DNAକୁ ପ୍ରଭାବିତ କରେ । ସେହିପରି ସହସ୍ରାର ଚକ୍ର ଇନ୍ଦ୍ରଧନୁର ସମସ୍ତ ରଙ୍ଗରେ ଦୀପ୍ତିମୟ ହୋଇଥିଲେ ମଧ୍ୟ ବାଇଗଣୀ ରଙ୍ଗ ନିଜର ଉଜ୍ଜ୍ୱଳତା ବଜାୟ ରଖିଥାଏ । ଏହି ରଙ୍ଗର ଥାଏ ସବୁଠାରୁ କମ୍ ତରଙ୍ଗ ଦୈର୍ଘ୍ୟ (wave length) ଏବଂ ଏହାର ଧର୍ମ ସର୍ବଦା ଉପଶମକାରୀ । ଏଣୁ ସହସ୍ରାର ଚକ୍ରରେ ଥିବା ପିନିଅଲ୍ ଗ୍ରନ୍ଥିର ଅନୁଭୂତି ହେଉଛି ଯେପରି କି ମଣିଷ ତା' ନିଜ ଘରେ ନିଶ୍ଚିନ୍ତରେ ଅଛି । ବାସ୍ତବରେ ଦର୍ଶନ ତତ୍ତ୍ୱ ଅନୁଯାୟୀ ଏହି ଗ୍ରନ୍ଥିଠାରୁ ମଣିଷ ଜୀବନର ଯାତ୍ରା ଆରମ୍ଭ ହୁଏ ଏବଂ ପୁନଶ୍ଚ ତା' ଜୀବନର ବିକାଶ ପରେ ସର୍ବଶେଷରେ ସେହି ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରେ । ଏଣୁ ଏହା ହେଉଛି ମଣିଷର ବ୍ୟକ୍ତିଗତ ଶକ୍ତି-କ୍ଷେତ୍ର ଯାହା ବିଶ୍ୱବ୍ରହ୍ମାଣ୍ଡ ସହ ଏକ ହୋଇଯାଏ । ଏହା ମଧ୍ୟ ଭୌତିକ ଜଗତ୍ ଓ ଆଧାତ୍ମିକ ଜଗତ୍ ମଧ୍ୟରେ ସଂଯୋଜକ ଭାବରେ ଭୂମିକା ନିର୍ବାହ କରେ ।

ଏପରି ଅବସ୍ଥାରେ ସାଧାରଣ ଲୋକମାନେ ଭାବିଥା'ନ୍ତି ଯେ 'ବିଶ୍ୱାସ' କଥାଟା କେବଳ ଜଣକର ଧାର୍ମିକ ଅଭିଜ୍ଞତା ସହିତ ସମ୍ପର୍କିତ । ମାତ୍ର ଏହା ହେଉଛି ଏକ ମନଃଶକ୍ତି ଯାହାକୁ ସର୍ବଦା ଜଣେ ତା' ଜୀବନରେ ବ୍ୟବହାର କରୁଥାଏ । କାରଣ, ଏହା ସୁସ୍ଥତା, ସମୃଦ୍ଧି ଓ ଆନନ୍ଦର ପରିସରକୁ ପ୍ରଭାବିତ କରୁଥାଏ । ଏପରିକି ସାମାନ୍ୟ କିଛି ବିଶ୍ୱାସ ଏକ ବିରାଟ କାର୍ଯ୍ୟ ବି କରି ଦେଇପାରେ ।

କାହିଁକି ବିଶ୍ୱାସର ଶକ୍ତି ଏତେ ପ୍ରଭାବଶାଳୀ ? କାରଣ ଏହାକୁ ପୂର୍ଣ୍ଣ କାର୍ଯ୍ୟକାରୀ କରାଗଲେ ଏଥିରୁ ସୃଷ୍ଟ ପ୍ରଚଣ୍ଡ ଶକ୍ତି ବିଦ୍ୟୁତ୍ ଶକ୍ତିଠାରୁ ହଜାର ହଜାର ଗୁଣ ଅଧିକ ହୋଇଥାଏ ଏବଂ ଅନ୍ୟ କୌଣସି ମନଃଶକ୍ତି ଦ୍ୱାରା ଏହା ପ୍ରଭାବିତ ହୋଇ ନ ଥାଏ । ଏହି ଇଲେକ୍‌ଟ୍ରୋନିକ୍ ଶକ୍ତିକୁ ମଣିଷ କାର୍ଯ୍ୟକାରୀ କରିଥାଏ ମୁଖ୍ୟତଃ କଥା କହିବା ବା ତା' ଭାଷା ମାଧ୍ୟମରେ । ଯେତେବେଳେ ସେ କିଛି କହେ ତା' ଶରୀରରେ ଏକ ରାସାୟନିକ ପରିବର୍ତ୍ତନ ସଂଘଟିତ ହୁଏ । କାରଣ ମଣିଷର କଥା ତା' ଜୀବନ ସ୍ରୋତକୁ ନିୟନ୍ତ୍ରଣ କରେ । ଏହିପରି ଭାବରେ ଜଣକର କଥା ବା ଭାଷାରେ ଥାଏ ଜୀବନ ପ୍ରଦାନକାରୀ ଶକ୍ତି । ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଯାଉଛି :

ଏକଦା ଜଣେ ବ୍ୟବସାୟୀ କଠିନ ଗଣ୍ଠିବାତ ଓ ଫୁଲା ରୋଗରେ ପୀଡ଼ିତ ହେଲେ । ଉନ୍ନତ ଓ ସଫଳ ଚିକିତ୍ସା ସତ୍ତ୍ୱେ ତାଙ୍କର ଯନ୍ତ୍ରଣା କମ୍ ହେଲା ନାହିଁ । ଏହା ଦୁରାରୋଗ୍ୟ ବୋଲି ଡକ୍‌ଟର ଜଣାଇ ଦେଲେ । ସେ କାମ କରି ନ ପାରିବାରୁ ପରିବାରର ଅବସ୍ଥା ଅତି ଶୋଚନୀୟ ହୋଇଗଲା । ଦୁଃଖରେ ସେ ଭାଙ୍ଗି ପଡ଼ିଲେ । ଏହା ମଧ୍ୟରେ ତାଙ୍କର ଜଣେ ବନ୍ଧୁଙ୍କ ପରାମର୍ଶ କ୍ରମେ ସେ ଜଣେ ଆରୋଗ୍ୟ ବିଷୟକ ପରାମର୍ଶଦାତାଙ୍କୁ ସାକ୍ଷାତ୍ କଲେ । ତାଙ୍କ କଥାନୁଯାୟୀ ରୋଗୀ ମନକୁ ଶାନ୍ତ କରିବାକୁ ଚେଷ୍ଟା କଲେ ଏବଂ ନିଜକୁ ନିଜେ କହି ହେଲେ, ''ଭଗବାନ୍ ମୋ ସହିତ ସର୍ବଦା ଅଛନ୍ତି । ସେ ମୋର ଶକ୍ତି । ସେ ମୋର ଚିକିତ୍ସକ । ମୋର କାହାରି ପ୍ରତି କ୍ରୋଧ ନାହିଁ । ମୁଁ ଦୟାଶୀଳ, ସ୍ନେହଶୀଳ । ଏ ପୃଥିବୀକୁ ମୁଁ ବହୁତ ଭଲ ପାଏ । ସମସ୍ତ ମଣିଷଙ୍କ ପ୍ରତି ମୋର ଶ୍ରଦ୍ଧା ଓ ସଦିଚ୍ଛା ଅଛି । ମୁଁ କଦାପି ଅସୁସ୍ଥ ନୁହେଁ । ମୋର ଯନ୍ତ୍ରଣା କମ୍ ହୋଇ ଯାଉଛି । ନିଶ୍ଚିତ ଭାବରେ ମୁଁ ସୁସ୍ଥ ।''

ଏସବୁ କଥା ଥିଲା ତାଙ୍କ ବିଶ୍ୱାସର ଶବ୍ଦ ଏବଂ ସେ ତାଙ୍କର ମନକୁ ସମ୍ପୂର୍ଣ୍ଣ ଶାନ୍ତ କରିପାରି ଥିଲେ । ଏପରି ଅବସ୍ଥାରେ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ତାଙ୍କର ଯନ୍ତ୍ରଣା ବହୁ ପରିମାଣରେ କମିଗଲା । ତା'ପରେ ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ହେବାରେ ଲାଗିଲା ଏବଂ ପ୍ରାୟ ତିନି ମାସ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନିଜ କାର୍ଯ୍ୟ କ୍ଷେତ୍ରରେ ଯୋଗ ଦେଇ ପାରିଲେ । ଏ ଘଟଣାର ତିରିଶ ବର୍ଷ ପରେ ମଧ୍ୟ ବ୍ୟକ୍ତି ଜଣକ ଅଶୀ ବର୍ଷ ବୟସରେ ବି ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ ଅଛନ୍ତି ।

ଏ କ୍ଷେତ୍ରରେ ଦେଖାଯାଏ ଜଣେ ଯେତେବେଳେ ନିଜର ସବୁକିଛି ନକାରାତ୍ମକ ଚିନ୍ତାଧାରାକୁ ବାହାର କରି ପୃଥିବୀ ପ୍ରତି, ମାନବସମାଜ ପ୍ରତି, ଭଗବାନଙ୍କ ପ୍ରତି ତଥା ନିଜ ଜୀବନ ପ୍ରତି ପ୍ରେମ, ଭକ୍ତି ଓ ବିଶ୍ୱାସ ଭାବ ସୃଷ୍ଟି କରିପାରେ, ସେତେବେଳେ ତା' ପିନିଅଲ୍ ଗ୍ରନ୍ଥିରେ ବିଶ୍ୱାସ ରୂପକ ଶକ୍ତି କାର୍ଯ୍ୟକାରୀ ହୋଇ ଏଭଳି ଅଲୌକିକ ଘଟଣା ଘଟାଇଥାଏ । ଏ ବିଷୟରେ ଷୋଡ଼ଶ ଶତାବ୍ଦୀର ଜଣେ ସୁଇସ୍ ଜର୍ମାନ୍ ଚିକିତ୍ସକ ପାରାସେଲସସ୍ (Paracelsus) କହିଥିଲେ ଯେ ବିଶ୍ୱାସ ହିଁ ସମସ୍ତ ରୋଗରୁ ମୁକ୍ତି ଦେବ । ଶ୍ରୀମା କହନ୍ତି, "Medicines have little effect; it is the faith in the medicines that cures."

(CWM, Vol. - 15, p. 170)

ଅର୍ଥାତ୍, ଔଷଧର ପ୍ରଭାବ କମ୍; ଔଷଧ ଉପରେ ଥିବା ବିଶ୍ୱାସ ହିଁ ଆରୋଗ୍ୟ କରେ ।

ମଣିଷ ଯାହାକିଛି ଭାବେ, ତାହାହିଁ ତା'ର ବିଶ୍ୱାସ ହୋଇଥାଏ । ଏହି ବିଶ୍ୱାସ ଜଣକର ଶରୀରର ବ୍ୟବସ୍ଥାକୁ ନିୟନ୍ତ୍ରିତ କରେ । ମାତ୍ର ଏହା ଶୃଙ୍ଖଳିତ କି ବିଶୃଙ୍ଖଳିତ ତାହା ତା'ର ମନୋଭାବ ଉପରେ ନିର୍ଭର କରେ । ଅର୍ଥାତ୍, ବିଶ୍ୱାସ ସମାନ ଭାବରେ ଉଭୟ ଦିଗରେ କାମ କରେ । ଯିଏ ଭୁଲ୍ ଭାବରେ ବା ନକାରାତ୍ମକ ଭାବରେ ଚିନ୍ତା କରେ, ବିଶ୍ୱାସ ରୂପକ ଶକ୍ତି ତା' ଜୀବନରେ ଆଣିଦିଏ ଅନ୍ଧକାର । ଅପର ପକ୍ଷରେ ସକାରାତ୍ମକ ଚିନ୍ତା କରୁଥିବା ଲୋକର ଜୀବନ ଓ ତା' ପରିବେଶ ବିଶ୍ୱାସର ପ୍ରଚଣ୍ଡ ଶକ୍ତିରେ କିପରି ଆଲୋକିତ ହୋଇ ଉଠେ ତାହା ନିମ୍ନୋକ୍ତ ଘଟଣାରୁ ସୁସ୍ପଷ୍ଟ ।

ବମ୍ବେର ଜଣେ ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡକ୍‌ଟର ମେଡ୍‌ଲେଙ୍କୁ ତାଙ୍କର ଏକ ଗବେଷଣାଗତ ସନ୍ଦର୍ଭ ପାଇଁ ପୁରସ୍କାର ଦେବାକୁ ଘୋଷଣା କରାଗଲା । ସମାରୋହରେ ଯୋଗ ଦେବା ପାଇଁ ତଥା ପୁରସ୍କାର ଗ୍ରହଣ କରିବା ଉଦ୍ଦେଶ୍ୟରେ ଡକ୍‌ଟର ମେଡ୍‌ଲେ ବିମାନ ଦ୍ୱାରା ଦିଲ୍ଲୀ ଯାତ୍ରା ଆରମ୍ଭ କଲେ । ଠିକ୍ ସମୟରେ ବିମାନ ଉଡ଼ିବା ଆରମ୍ଭ କଲା । ମାତ୍ର ଅଳ୍ପ ସମୟର ଉଡ଼ାଣ ପରେ ମଧ୍ୟବର୍ତ୍ତୀ କୌଣସି ଏକ ସ୍ଥାନରେ ବିମାନର ଜରୁରୀକାଳୀନ ଅବତରଣ ହେଲା । ପାଇଲଟ୍ ଜଣକ ଜଣାଇ ଦେଲେ ଯେ ପରବର୍ତ୍ତୀ ଫ୍ଲାଇଟ୍ ଅଛି ଦଶଘଣ୍ଟା ପରେ । ଶେଷରେ ଅନ୍ୟ ଉପାୟ ନ ପାଇ ନିଜର ଗନ୍ତବ୍ୟ ସ୍ଥଳକୁ ଏକ କାର୍ ଭଡ଼ା କରି ଯିବାକୁ ଡକ୍‌ଟର ସ୍ଥିର କଲେ ।

ଏକ ଘଣ୍ଟା ଭିତରେ କାର୍ କିଛି ପଥ ଅତିକ୍ରମ କରୁ ନ କରୁଣୁ ଅଚାନକ ପାଗ ବଦଳିବାରେ ଲାଗିଲା ଏବଂ ଜୋର୍‌ରେ ବର୍ଷା ହେବାକୁ ଲାଗିଲା । ରାସ୍ତାର ସୂଚନାଫଳକ ଠିକ୍ ଭାବରେ ଦେଖା ନ ଯିବାରୁ କାର୍‌ଟି ଭୁଲ୍ ରାସ୍ତାରେ ଚାଲିଲା । ଏପଟେ ବର୍ଷା ବଢ଼ି ବଢ଼ି ଚାଲିଲା । କେଉଁଠି ଟିକେ ଆଶ୍ରୟ ମିଳିଯିବ ତାହା ଖୋଜିବା ଆବଶ୍ୟକ ହେଲା । ଯାହାହେଉ, ଅଳ୍ପ ଦୂରରେ ଗୋଟିଏ ଛୋଟ ଦୋକାନ ଘର ଦେଖାଗଲା । ସେଠାରେ ପହଞ୍ଚି ସେମାନେ ନିକଟରେ ଥିବା ଘରର କବାଟରେ ଆଘାତ କଲେ । ଜଣେ ମହିଳା କବାଟ ଖୋଲିଲେ ଏବଂ ସେମାନଙ୍କୁ ସ୍ୱାଗତ କରି ଭିତରକୁ ନେଇଗଲେ । ଘରଟି ତାଙ୍କର ଏକଦମ୍ ସାଧାରଣ ଥିଲା । ମହିଳା ଜଣକ ଅତିଥିଦ୍ୱୟଙ୍କୁ ଚା' ଓ ବିସ୍କୁଟରେ ଆପ୍ୟାୟିତ କରି କହିଲେ, ''ମୋର ପ୍ରାର୍ଥନାର ସମୟ

ହୋଇଗଲାଣି । କ'ଣ ଆପଣମାନେ ମୋ ସହିତ ପ୍ରାର୍ଥନା କରିବେ ?'' ଡକ୍ଟର ଶାନ୍ତ ଭାବରେ ମନା କରିଦେଲେ । ମହିଳା ଜଣକ ପ୍ରଦୀପ ଜଳାଇ ପ୍ରାର୍ଥନା କରିବାକୁ ଲାଗିଲେ ଏବଂ ପ୍ରାର୍ଥନା ସମୟରେ ମଝିରେ ମଝିରେ ସେଠାରେ ଥିବା ଏକ ଛୋଟ ଝୁଲଣାକୁ ହଲାଉ ଥିଲେ ।

ମହିଳାଙ୍କର ପ୍ରାର୍ଥନା ଶେଷ ହେବା ପରେ ଡକ୍ଟର ତାଙ୍କୁ କେତୋଟି ପ୍ରଶ୍ନ ପଚାରିଲେ : ''ପ୍ରଥମେ କୁହ ଏହି ପ୍ରାର୍ଥନାରେ କିଛି ସୁଫଳ ମିଳିଛି କି ? ଦ୍ୱିତୀୟତଃ ଭଗବାନ୍ କେବେ ତୁମର ଡାକ ଶୁଣିଛନ୍ତି କି ? ମୋର ଶେଷ ପ୍ରଶ୍ନ ହେଲା, ତୁମେ ଏହି ଝୁଲଣାକୁ କାହିଁକି ବାରଂବାର ହଲାଉଥିଲ ?''

ଏହା ଶୁଣି ମହିଳାଙ୍କ ମୁଖମଣ୍ଡଳରେ ଦୁଃଖର ଛାୟା ଖେଳିଗଲା । ସେ କହିଲେ, ''ମୋର ଦୁଇ ବର୍ଷର ପୁଅର ଜନ୍ମରୁ ହିଁ ହୃଦ୍‌ରୋଗ ଅଛି । ବମ୍ବେର ପ୍ରସିଦ୍ଧ ଡକ୍ଟର ମେଡ୍‌ଲେଙ୍କ ଛଡ଼ା ଏହାର ଚିକିତ୍ସା କେହି କରି ପାରିବେ ନାହିଁ । ମାତ୍ର ତାଙ୍କ ପାଖକୁ ଯିବା ପାଇଁ ବି ମୋ ପାଖରେ ପଇସା ନାହିଁ । ମୁଁ ପ୍ରତିଦିନ ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ କୌଣସି ପ୍ରକାରେ ମୋତେ ତାଙ୍କ ପାଖରେ ପହଞ୍ଚାଇ ଦିଅନ୍ତୁ ଏବଂ ମୋ ପୁଅକୁ ଜୀବନ ଦାନ କରନ୍ତୁ । ମୋର ବିଶ୍ୱାସ ଅଛି ଯେ ଦିନେ ଭଗବାନ୍ ନିଶ୍ଚୟ ମୋତେ ସାହାଯ୍ୟ କରିବେ ।''

ଏଥିରେ ଡକ୍ଟର ସ୍ତବ୍ଧ ଚକିତ ହୋଇ ଗଲେ । କିଛି ସମୟ ବିତିଯିବା ପରେ ତାଙ୍କ ଯାତ୍ରା ପଥରେ ଘଟି ଯାଇଥିବା ସମସ୍ତ ଘଟଣା ଉପରେ ଚିନ୍ତା କରିବାକୁ ଲାଗିଲେ । କେଡ଼େ ଅଦ୍ଭୁତ ଯୋଗାଯୋଗ ! କେଡ଼େ ଚମତ୍କାର ଘଟଣା ! ସେ ପଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ବି ପାଇଗଲେ ।

କିଛି କ୍ଷଣ ପରେ ଡକ୍ଟର ଏହି ଭଦ୍ରମହିଳାଙ୍କୁ ନିଜର ପରିଚୟ ଦେଇ ବର୍ଷା ବନ୍ଦ ହୋଇଯିବା ପରେ ପୁରସ୍କାର ପାଇଁ ଦିଲ୍ଲୀ ନ ଯାଇ ମା ଓ ଶିଶୁଙ୍କୁ ସାଥିରେ ଧରି ଚିକିତ୍ସା ପାଇଁ ବମ୍ବେ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ ।

ଏହା ଥିଲା ବିଶ୍ୱାସ ରୂପକ ଶକ୍ତିର ଏକ ନିଶ୍ଚୟତାର ଅବସ୍ଥା । ଏଠାରେ ଅନ୍ୟ ଜଣେ ବିଖ୍ୟାତ ଡକ୍ଟରଙ୍କ ଚିକିତ୍ସାର କାର୍ଯ୍ୟଧାରା ଉପରେ ଆଲୋକପାତ କରୁଛି । ଉନବିଂଶ ଶତାବ୍ଦୀରେ ଆମେରିକାର ଜଣେ ଚିକିତ୍ସକ Dr. Phineas Quinby ମାନସିକ ରୋଗର ଆରୋଗ୍ୟ ପାଇଁ ବିଖ୍ୟାତ ଥିଲେ । ଯେତେବେଳେ ରୋଗୀମାନେ ତାଙ୍କ ପାଖକୁ ଯାଉଥିଲେ, ଡକ୍ଟର ସେମାନଙ୍କୁ ବସାଇ ତାଙ୍କର ଜୀବନ ଓ ଚିନ୍ତାଧାରା ସମ୍ବନ୍ଧରେ ଶାନ୍ତ ଭାବରେ ଆଲୋଚନା କରୁଥିଲେ । ଏଥିରୁ ରୋଗୀ ମନର ଗଭୀରରେ ଜମି ରହିଥିବା ନକାରାତ୍ମକ ଧାରଣାକୁ ଜାଣି, ରୋଗର ମୂଳ କାରଣକୁ ପରିବର୍ତ୍ତନ କରିବା ପାଇଁ ବୁଝାଉଥିଲେ । ଆଉ ଯେତେବେଳେ ସେମାନଙ୍କର ବିଶ୍ୱାସ ବଦଳୁଥିଲା, ସେ ସୁସ୍ଥ ହୋଇ ଯାଉଥିଲେ । ଡକ୍ଟର କହୁଥିଲେ ଯେ ରୋଗର ସ୍ଥିତି ଥାଏ ବିଶ୍ୱାସରେ । ଜଣେ ତା' ମତ ଠିକ୍ କରିଦେଲେ, ସେ ରୋଗମୁକ୍ତ ହୋଇଯିବ ।

ବିଶ୍ୱାସର ଶକ୍ତି କଥା ରାମାୟଣ ଯୁଗରେ ବି ଜଣାଥିଲା । ଲକ୍ଷ୍ମଣଙ୍କର ଶକ୍ତିଭେଦ ସମୟରେ ଯେତେବେଳେ ହନୁମାନ ଲଙ୍କାର ବୈଦ୍ୟରାଜଙ୍କୁ ଜୋର୍ କରି ଉଠାଇ ଆଣିଥିଲେ ଲକ୍ଷ୍ମଣଙ୍କର ଚିକିତ୍ସା ଉଦ୍ଦେଶ୍ୟରେ, ସେତେବେଳେ ବୈଦ୍ୟ ଶତ୍ରୁପକ୍ଷର ରୋଗୀକୁ ଚିକିତ୍ସା କରିବେ ନାହିଁ ବୋଲି ମନା କରି ଦେଲେ । ତେବେ ଶ୍ରୀରାମ ତାଙ୍କୁ ଅନୁରୋଧପୂର୍ବକ କହିଥିଲେ ଯେ ବୈଦ୍ୟ ଓ ରୋଗୀର ସମ୍ପର୍କ ହେଉଛି ଅଦୃଶ୍ୟ ବିଶ୍ୱାସର ହିଁ ସମ୍ପର୍କ । ସେଠାରେ ଶତ୍ରୁ, ମିତ୍ର ବା ଅନ୍ୟ କିଛି କାମ କରେ ନାହିଁ । ଏକଥାରେ ବୈଦ୍ୟ ନିଜର ଭୁଲ୍ ବୁଝିପାରି ଦେବ ଚିକିତ୍ସକ ଶ୍ରୀଧନ୍ୱନ୍ତରୀଙ୍କ ଉଦ୍ଦେଶ୍ୟରେ ଉପରକୁ ହାତ ଉଠାଇ କ୍ଷମା ମାଗିଥିଲେ ଏବଂ ଆୟୁର୍ବେଦର ସଦୁପଯୋଗ କରିବା ପାଇଁ ଶ୍ରୀରାମଙ୍କୁ ସମ୍ମତି ପ୍ରଦାନ କରି ଚିକିତ୍ସା ଆରମ୍ଭ କରିଥିଲେ ।

ଏହିପରି ଭାବରେ ଯୁଗ ଯୁଗ ଧରି ଭାରତୀୟ ଦର୍ଶନ, ବିଜ୍ଞାନ, ଚିକିତ୍ସା, ସଂସ୍କୃତି ଆଦି ସମସ୍ତ ସ୍ତରରେ ବିଶ୍ୱାସର ଶକ୍ତି କାମ କରି ଆସୁଛି ।

ଶ୍ରୀମା କହନ୍ତି, "Finally it is faith that cures."

(CWM, Vol. 5, P. 172)

ଅର୍ଥାତ୍, ''ସର୍ବଶେଷରେ ବିଶ୍ୱାସହିଁ ଆରୋଗ୍ୟ କରେ ।''

(କ୍ରମଶଃ)

❑❑❑

ଶରୀର ଯଦି ଆରୋଗ୍ୟ ଲାଭ କରିବା ଲାଗି ସ୍ଥିର କରିଛି, ତା'ହେଲେ ଏହା ନୀରୋଗ ହୋଇଯିବ ।

— ଶ୍ରୀମା

# ଆମ ଶରୀର

## (୨୮)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତର ପାଇଁ ମା'ଶ୍ରୀଅରବିନ୍ଦଙ୍କ ସାହାଯ୍ୟ

ଏ ପୃଥିବୀରେ ମଣିଷର ସୃଷ୍ଟି ଆରମ୍ଭରୁ ତାକୁ ମନରୂପୀ ଏକ ଚେତନା ପ୍ରାପ୍ତ ହୋଇଛି । ଏହି ମନ ଯଦିଓ ଯୋଜନା, ପରିକଳ୍ପନା ଓ ସନ୍ତୁଳନ ରକ୍ଷା କରି ମଣିଷକୁ ପଶୁଠାରୁ ଏକ ଭିନ୍ନ ଜୀବଜାତି ରୂପେ ପ୍ରତିଷ୍ଠା କରି ପାରିଛି ତଥାପି କେତେକ କ୍ଷେତ୍ରରେ ମନେହୁଏ ସେ କେବଳ ଏକ କଥା କହି ପାରୁଥିବା ପଶୁ ହୋଇ ରହିଛି । ଏହି ବିକୃତ, ଅପାରଗ, ଅକ୍ଷମ, ଦ୍ୱନ୍ଦ୍ୱଯୁକ୍ତ ଜୀବଜାତି କ୍ରମବିବର୍ତ୍ତନର ଶେଷ ପରିଣତି ହୋଇ ନପାରେ । ଭଗବାନଙ୍କର ସୃଷ୍ଟି ଏପରି ଏକ ଅପୂର୍ଣ୍ଣ, ଦୁଃଖ-କଷ୍ଟ-ରୋଗ-ଯନ୍ତ୍ରଣା ମୃତ୍ୟୁରେ ଜର୍ଜରିତ ହେଉଥିବା ମଣିଷଠାରେ କ'ଣ ଶେଷ ହୋଇଯିବ ? ଏହା କେବେ ବି ସୃଷ୍ଟିକର୍ତ୍ତାଙ୍କର ପରିକଳ୍ପନା ନୁହେଁ ।

ଏହି ସୃଷ୍ଟିର ଆରମ୍ଭ ହୋଇଥିଲା ଅନ୍ଧକାରରୁ ଅର୍ଥାତ୍ ନିଶ୍ଚେତନାରୁ । ଏ ବିଷୟରେ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟର ପ୍ରାରମ୍ଭରେ ଉଲ୍ଲେଖ କରି ଛନ୍ତି : ''As in a dark beginning of all things,...'' ଏ ପୃଥିବୀରେ ଦୃଶ୍ୟମାନ ସମସ୍ତ ବସ୍ତୁ ଅନ୍ଧକାରରୁ ହିଁ ସୃଷ୍ଟ । ବିଜ୍ଞାନ ମଧ୍ୟ ଏ ସିଦ୍ଧାନ୍ତରେ ଏକମତ । ବସ୍ତୁର ମୂଳ ଉପାଦାନ ଆମେ ପରମାଣୁ ବୋଲି ଜାଣିଥିଲୁ, କିନ୍ତୁ ଆଧୁନିକ ବୈଜ୍ଞାନିକ କହନ୍ତି ପରମାଣୁ ବସ୍ତୁର ମୂଳ ଉପାଦାନ ନୁହେଁ – 'dark particle' ହେଲା ଏହାର ମୂଳ ଉପାଦାନ । ଏହି 'dark particle'ରୁ କିପରି ବସ୍ତୁ ତିଆରି ହୁଏ – ଏ କଥା ଭାରତର ବୈଜ୍ଞାନିକ ସତ୍ୟେନ୍ଦ୍ର ନାଥ ବୋଷ ପ୍ରଥମେ ଆବିଷ୍କାର କରିଥିଲେ । ଏ ବିଷୟରେ ଏ ଲେଖକର ନବପ୍ରକାଶରେ 'ଭଗବତ୍ ଅଣୁ କଣିକା' ନାମକ ଏକ ଲେଖାରେ ପ୍ରକାଶିତ ହୋଇଛି ।

ଯାହା ବି ହେଉ ଏହି ସୃଷ୍ଟି ନିଶ୍ଚେତନାର ସମସ୍ତ ବିକୃତି ନେଇ ଗଢ଼ି ଉଠିଛି ଏବଂ ଏହାର ସୃଷ୍ଟିକର୍ତ୍ତା ଓ ପରିଚାଳକ ହେଲେ ଅଧିମାନସ ଚେତନାର ଦେବଦେବୀମାନେ । ଅଧିମାନସର ମାୟାର ଆବରଣରେ ଘୋଡ଼ାଇ ହୋଇ ସବୁ ଜୀବଜନ୍ତୁ ଓ ମଣିଷ ସୃଷ୍ଟି ହୋଇଛନ୍ତି । ଅବଶ୍ୟ ମଣିଷ ଏକ ସଚେତନ ଜୀବ ଜାତି ହୋଇଥିବାରୁ ସେ ଅଧ୍ୟାତ୍ମ-ଚେତନା ସ୍ତରକୁ ଯାଇ ଏହି ମାୟାକୁ କାଟି ପାରିଥାଏ – କେବଳ ଚେତନାରେ । କିନ୍ତୁ ଏହା ଦ୍ୱାରା ବସ୍ତୁର ଅର୍ଥାତ୍ ଶରୀରର ଗୁଣ-ଧର୍ମ ସମାନ ରହିଯାଏ । ତେଣୁ ଏ ପୃଥିବୀରୁ ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ତଥା ମୃତ୍ୟୁକୁ ସମୂଳେ ବିନାଶ କରାଯାଇ ପାରି ନାହିଁ । ବରଂ ଏହା ବଢ଼ି ଚାଲିଛି । ତେବେ ଏହାର ସମାଧାନ କ'ଣ ?

ଏହାର ସମାଧାନ ହେଲା ଏକ ପ୍ରକାର ନୂତନ ବସ୍ତୁ ଏ ପୃଥିବୀରେ ସୃଷ୍ଟି କରିବା । ଏହା ହେଲା 'supra-matter' । ଏହି 'supra-matter'କୁ ନେଇ ଏକ ନୂତନ ଜୀବଜାତି ଏ ପୃଥିବୀପୃଷ୍ଠରେ ଜନ୍ମ ହେବ ଏବଂ ଏହାର ନାମ ହେବ 'ଅତିମାନବ' । ଏହି ଅତିମାନବକୁ ଜନ୍ମ ଦେବା ପାଇଁ ଶ୍ରୀମାଶ୍ରୀଅରବିନ୍ଦ ଯୁଗ୍ମ ଅବତାର ରୂପେ ଏ ପୃଥିବୀରେ ଅବତରଣ କରିଥିଲେ । ସେମାନଙ୍କର ସାଧନା ବଳରେ ଆଜି ଏ ପୃଥିବୀରେ ଏକ ନୂତନ ସୃଷ୍ଟିର ଦ୍ୱାର ଉନ୍ମୁକ୍ତ ହୋଇଛି । ଏହି ନୂତନ ଜଗତର ସୃଷ୍ଟି ପାଇଁ ଅଧିମାନସ ଚେତନାର ଊର୍ଦ୍ଧ୍ୱରେ ଥିବା ଅତିମାନସ ଚେତନାକୁ ଅବତରଣ କରାଇଛନ୍ତି । ଏହି ଚେତନା ହେଲା ରୂପାନ୍ତରକାରୀ ଚେତନା । ଏହି ରୂପାନ୍ତରକାରୀ ପ୍ରଖର ଚେତନାର ଆଲୋକଧାରା ବିକିରଣ କରିବାକୁ ଆରମ୍ଭ କରିଛି, ସେହି ସ୍ୱର୍ଣ୍ଣ-ଦୀପ୍ତ ଆଲୋକରୁ ମଣିଷ ଆଉ ନିଜକୁ ଲୁଚାଇ ପାରିବ ନାହିଁ । ତାକୁ ଏହି ମହାଚେତନାର ସମୁଦ୍ରରେ ଅବଗାହନ କରିବାକୁ ହେବ । ତା'ର ସମସ୍ତ ଅତୀତକୁ ଜଳାଞ୍ଜଳି ଦେବାକୁ ହେବ ଏବଂ ଏହି ରୂପାନ୍ତରକାରୀ ଶକ୍ତିକୁ ଧାରଣ କରିଥିବା ମାତୃଶକ୍ତିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ହେବ ।

ପ୍ରକୃତ ପକ୍ଷେ ମା ହିଁ ତାଙ୍କର ସନ୍ତାନମାନଙ୍କୁ ନିଜ କୋଳରେ ଧାରଣ କରି ପୃଥିବୀ ଚେତନା ସହିତ ତାଙ୍କ ଶରୀର ରୂପାନ୍ତର ମଧ୍ୟ କରୁଥିଲେ । ଶ୍ରୀଅରବିନ୍ଦ ସୂକ୍ଷ୍ମଭୌତିକ ସ୍ତରରେ ରହି ମା'ଙ୍କୁ ତଥା ଏ ପୃଥିବୀକୁ ସାହାଯ୍ୟ କରୁଛନ୍ତି । ଶେଷରେ ମା'ଙ୍କ ସୂକ୍ଷ୍ମଭୌତିକ ସ୍ତରରେ ଶରୀର ରୂପାନ୍ତର ହୋଇପାରିଛି

ଏବଂ ଏହି ଶରୀର ରୂପାନ୍ତର କ୍ରିୟାକୁ କ୍ଷିପ୍ର ଗତିରେ ସମ୍ପନ୍ନ କରିବା ପାଇଁ ସେ ନିଜ ସ୍ଥୂଳ-ଶରୀରକୁ ତ୍ୟାଗ କରି ତାଙ୍କ ସହସ୍ର ସନ୍ତାନଙ୍କ ଭିତରେ ଅଭିବ୍ୟକ୍ତ ହେଲେ । ଏହାର କାରଣ ହେଲା କେବଳ ଗୋଟିଏ ଶରୀର ରୂପାନ୍ତର ହେଲେ ଏ ପୃଥିବୀରେ ଶରୀର ରୂପାନ୍ତର ସିଦ୍ଧି ପ୍ରତିଷ୍ଠା ହୋଇ ପାରି ନଥା'ନ୍ତା । ଏ ବିଷୟରେ ଆମକୁ କେବଳ ସଚେତନ ହେବାକୁ ପଡ଼ିବ, ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ସଂକଳ୍ପ ଓ ମା'ଙ୍କର କ୍ରିୟା ଆମ ଭିତରେ କିପରି କାର୍ଯ୍ୟ କରୁଛି ସେ ବିଷୟରେ ସଚେତନ ହୋଇ ତାଙ୍କ ନିର୍ଦ୍ଦେଶ, ତାଙ୍କ ଉପଦେଶକୁ ଯନ୍ତ୍ର ରୂପେ ପାଳନ କରିବାକୁ ହେବ ।

ଏହି ରୂପାନ୍ତର କ୍ରିୟା କେବେ ହେଲେ ବ୍ୟକ୍ତିଗତ ନୁହେଁ । କେହି ଯଦି କେବଳ ନିଜ ଶରୀରର ରୂପାନ୍ତର ପାଇଁ ଚେଷ୍ଟା କରିବ ତାହା ବିଫଳତାରେ ପର୍ଯ୍ୟବେଶିତ ହେବ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ଅତିମାନସ ଯୋଗର ସାଧକର କାମ ନିଜ କାର୍ଯ୍ୟ ଭାବେ କରିବ ନାହିଁ, ତା' ବଦଳରେ ଏହାକୁ ଭଗବାନଙ୍କ କାର୍ଯ୍ୟ ଭାବରେ କରିବ ଯାହା ପାଇଁ ସେ ତା'ର ନିଜ ସର୍ତ୍ତାବଳୀ ନୁହେଁ କେବଳ ଭଗବାନଙ୍କ ସର୍ତ୍ତାବଳୀକୁ ତାକୁ ମାନିବାକୁ ପଡ଼ିବ । ଆମ ଯୋଗ ଆମ ପାଇଁ ନୁହେଁ ଏହା ହେଲା ଭଗବାନଙ୍କ ପାଇଁ ।''

(Letters on Yoga, Part : III, p. 1318)

ଖାଲି ଏତିକି ନୁହେଁ, ତୁମର ଚେତନାକୁ ଏତେ ବିଶାଳ କରିବାକୁ ହେବ ଯେ ବିଶ୍ୱର ସବୁକିଛି ଯେପରି ଏହା ଧାରଣ କରିପାରିବ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି :

"On the contrary, the sadhaka of the integral Yoga will not be satisfied until he has included all other names and forms of Deity in his own conception, seen his own Ishta Devata in all others, unified all Avatars in the unity of Him who descends in the Avatar, welded the truth in all teachings into the harmony of the Eternal Wisdom."

(*The Synthesis of Yoga*, p. 66)

ଅର୍ଥାତ୍, ''ବିପରୀତ ପକ୍ଷେ ପୂର୍ଣ୍ଣଯୋଗର ସାଧକ ସେପର୍ଯ୍ୟନ୍ତ ସନ୍ତୁଷ୍ଟ ହେବ ନାହିଁ ଯେପର୍ଯ୍ୟନ୍ତ ସେ ଅନ୍ୟ ସକଳ ଉପାସ୍ୟ ଦେବତାଙ୍କ ନାମ ଏବଂ ରୂପକୁ ନିଜ ଧାରଣାରେ ଅନ୍ତର୍ଭୁକ୍ତ ନ କରିଛି, ନିଜ ଇଷ୍ଟ ଦେବତାଙ୍କୁ ଅନ୍ୟମାନଙ୍କ ଇଷ୍ଟ ଦେବତା ମଧ୍ୟରେ ନ ଦେଖିଛି, ସବୁ ଅବତାରଙ୍କୁ ଭଗବାନଙ୍କ ସହିତ ଏକ କରି ନ ଦେଖିଛି ଯେ କି (ଭଗବାନ୍) ଏହି ଅବତାରଙ୍କ ଭିତରେ ଅବତରଣ କରି ସବୁ ଯୁଗ ଓ ସବୁ ଶିକ୍ଷାଦାନରେ ସେହି ଅନନ୍ତ ଜ୍ଞାନର ସାମଞ୍ଜସ୍ୟତାକୁ ରକ୍ଷା କରି ସତ୍ୟକୁ ପ୍ରକାଶ କରନ୍ତି ।''

ଅତଏବ ଏହି ଶରୀର ରୂପାନ୍ତର କାମ ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ଓ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କର । ଅର୍ଥାତ୍ ମା'ଶ୍ରୀଅରବିନ୍ଦଙ୍କ ସାହାଯ୍ୟ ବିନା ଶରୀର ରୂପାନ୍ତର କାମ ହୋଇପାରିବ ନାହିଁ । ଶ୍ରୀଅରବିନ୍ଦଙ୍କ ସାହାଯ୍ୟ ବିଷୟରେ ମା କହୁଛନ୍ତି :

"Sri Aurobindo is constantly in the subtle physical, very active there. I see him almost daily, and last night I spent many hours with him.

If you become conscious in the subtle physical you will surely meet him, it is what he called the true physical – it has nothing to do with the psychic."

(MCW., Vol. - 13, p. 13)

ଅର୍ଥାତ୍, ''ଶ୍ରୀଅରବିନ୍ଦ ସତତ ସୂକ୍ଷ୍ମଭୌତିକ ଭୂମିରେ ଅବସ୍ଥିତ ରହିଛନ୍ତି, ସେଠାରେ ଅତ୍ୟନ୍ତ ସକ୍ରିୟ ହୋଇ ରହିଛନ୍ତି । ପ୍ରାୟ ପ୍ରତିଦିନ ତାଙ୍କ ସହିତ ମୋର ଭେଟ ହେଉଛି, ଏବଂ କାଲି ରାତିରେ ମୁଁ ତାଙ୍କ ସହିତ ଦୀର୍ଘ ସମୟ ଅତିବାହିତ କରିଛି ।

ଯଦି ତୁମେ ସୂକ୍ଷ୍ମଭୌତିକ ଭୂମିରେ ସଚେତନ ହୋଇ ପାରିବ, ତେବେ ତୁମର ନିଶ୍ଚିତ ଭାବରେ ତାଙ୍କ ସହିତ ଭେଟ ହେବ; ସିଏ ସେହି ଭୂମିକୁ ଯଥାର୍ଥ ଭୌତିକର ଭୂମି ବୋଲି କହୁଥିଲେ — ଏହି ଭୂମିଟିର ଚୈତ୍ୟ ଭୂମି ସହିତ କୌଣସି ସମ୍ବନ୍ଧ ନାହିଁ ।''

ବାସ୍ତବରେ ସ୍ଥୂଳ ଶରୀର ଯାହା କରିପାରେ ତା'ଠାରୁ ଶହେଗୁଣ ଅଧିକ କାର୍ଯ୍ୟ ଏହି ସୂକ୍ଷ୍ମ ଭୌତିକ ଶରୀରରେ କରାଯାଇପାରେ । ମା ନିଜେ ଏ କଥା ସ୍ପଷ୍ଟ କରି କହିଛନ୍ତି : ''କର୍ମ ନିମନ୍ତେ ଶକ୍ତି ମଧ୍ୟରେ ସେଠାରେ ରହିଛି ଏକ ପାର୍ଥକ୍ୟ । ସେ (ଶ୍ରୀଅରବିନ୍ଦ) ତାଙ୍କର ସ୍ଥୂଳ ଶରୀରରେ ଥିବା ଅପେକ୍ଷା

ବର୍ତ୍ତମାନ ଅଧିକ କର୍ମ, ଅଧିକ କର୍ମଶକ୍ତି ଲାଭ କରିଛନ୍ତି । ତା'ଛଡ଼ା ଏଥି ସକାଶେ ସେ ଶରୀର ତ୍ୟାଗ କଲେ, କାରଣ ଏହି ଭାବେ କାର୍ଯ୍ୟ କରିବା ଆବଶ୍ୟକ ଥିଲା ।''

(୨୦ ଡିସେମ୍ବର, ୧୯୭୨)

ଶ୍ରୀଅରବିନ୍ଦ ନିଜ ସମ୍ପର୍କରେ କହୁଛନ୍ତି : ''ମୋର ସ୍ପର୍ଶ ସର୍ବଦା ରହିଛି; ଏଥିପାଇଁ ଜଣକୁ ଶିଖିବାକୁ ପଡ଼ିବ ଏହାକୁ ଅନୁଭବ କରିବା ପାଇଁ – କେବଳ ବାହ୍ୟ ସମ୍ପର୍କ କୌଣସି ଏକ ମାଧ୍ୟମ ଦେଇ ନୁହେଁ – ଯେପରି ଏକ ଯନ୍ତ୍ରଣାର ସ୍ପର୍ଶ – ଏହା ହେଲା ଏକ ସିଧାସଳଖ କ୍ରିୟା ମନ, ପ୍ରାଣ, ହୃଦୟ ଓ ଶରୀରରେ । ତେଣୁ ତୁମର ବାଧା କମିଯିବ ବା ଆଦୌ ରହିବ ନାହିଁ ।''

(Sri Aurobindo on Himself, p. 264)

ନିଜର ସହାୟତା ସମ୍ପର୍କରେ ଶ୍ରୀମା ମଧ୍ୟ କହୁଛନ୍ତି,

''My help is there for all those who need it – it's the ego that prevents from receiving it.'' (Mother's Agenda - 13, p. 155)

ଅର୍ଥାତ୍, ''ମୋ ସାହାଯ୍ୟ ସମସ୍ତଙ୍କ ପାଇଁ ରହିଛି ଯେଉଁମାନେ ଏହା ଚାହାନ୍ତି – ଅହଂକାରହିଁ ଏହାକୁ ଗ୍ରହଣ କରିବା ପାଇଁ ବାଧା ଦେଇଥାଏ ।''

ମା'ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ବିଷୟରେ ଶ୍ରୀମା ନିଜେ କହୁଛନ୍ତି : ''ଶ୍ରୀଅରବିନ୍ଦ (ସର୍ବଦା) ରହିଛନ୍ତି ଏକ ପୋଷଣକାରୀ ସତ୍ତା ଭାବରେ ଏବଂ ମୁଁ ଏକ ସାହାଯ୍ୟକାରୀ ଭାବରେ । ବାସ୍ତବରେ ଏହି ଦୁଇ ସତ୍ତା କେବଳ ଗୋଟିଏ ସତ୍ତାକୁ ବୁଝାଏ । ତୁମେ ନିରୀକ୍ଷଣ କଲେ ବୁଝିପାରିବ ଗୋଟିଏ ହେଲା ସାକ୍ଷୀ ଚେତନା ଏବଂ ଅନ୍ୟଟି ହେଲା କ୍ରିୟାଶୀଳ ଚେତନା ବା ଶକ୍ତି ।'' (The Supreme, p. 80)

ଏହିପରି ଭାବରେ ଶ୍ରୀମାଶ୍ରୀଅରବିନ୍ଦ ଯୁଗ୍ମ ଅବତାର ରୂପରେ ଆମ ଭିତରେ, ବାହାରେ ସର୍ବତ୍ର, ସର୍ବଦା ରହିଛନ୍ତି ଏହି ନୂତନ ଅତିମାନସ ଜଗତର ରଚନା ପାଇଁ । 'ମା' ବହିରେ ଶ୍ରୀଅରବିନ୍ଦ କହୁଛନ୍ତି : ''କିନ୍ତୁ ମନୁଷ୍ୟର ପ୍ରକୃତି ସୀମାବଦ୍ଧ, ଆତ୍ମାଭିମାନୀ, ତମୋଗ୍ରସ୍ତ ହୋଇଥିବାରୁ ଏହିସବୁ ମହତ୍ତର ସତ୍ତାକୁ ଧାରଣ କରିବା ଅଥବା ସେସବୁର ବିପୁଳ କ୍ରିୟାବେଗ ସହ୍ୟ କରିବା ତାହାର ସାଧ୍ୟାତୀତ । ଯେତେବେଳେ ରୂପାନ୍ତରିତ ମନ-ପ୍ରାଣ-ଦେହରେ ଶକ୍ତି ଚତୁଷ୍ଟୟ ତାଙ୍କର ମୁକ୍ତ ସୁସମଞ୍ଜସ ଲୀଳା ପ୍ରତିଷ୍ଠିତ କରିବେ, କେବଳ ସେତେବେଳେ ହିଁ ଏହି ଅନ୍ୟାନ୍ୟ ବିରଳତର ଶକ୍ତି ପାର୍ଥିବ ଧାରାରେ ନିଜକୁ ପ୍ରକାଶିତ କରିପାରିବେ ଏବଂ ସେତେବେଳେ ହିଁ ଅତିମାନସର କ୍ରିୟା ସମ୍ଭବ ହେବ ।''

(ମା' ବହି, ପୃ. ୫୬ - ୫୭)

ତେବେ ଦିବ୍ୟଜନନୀ ତାଙ୍କ ସନ୍ତାନମାନଙ୍କୁ ଆଶ୍ୱାସନା ଦେଇ କହୁଛନ୍ତି : ''କେବେହେଲେ ଭୁଲିଯାଅ ନାହିଁ ଯେ ତୁମେ ଏକୁଟିଆ ନୁହଁ । ଭଗବାନ୍ ତୁମ ସହିତ ରହିଛନ୍ତି, ସାହାଯ୍ୟ କରୁଛନ୍ତି ଏବଂ ପରିଚାଳନା କରୁଛନ୍ତି । ସେ ହେଲେ ତୁମର ସାଥୀ ବା ସହଚର ଯେ କେବେ ବି ନିରାଶ କରନ୍ତି ନାହିଁ, ସେ ହେଲେ ତୁମର ବନ୍ଧୁ ଯାହାଙ୍କ ପ୍ରେମ ତୁମକୁ ଆରାମ ଦେଇଥାଏ ଓ ତୁମକୁ ଶକ୍ତିଶାଳୀ କରିଥାଏ । ବିଶ୍ୱାସ ରଖ ଏବଂ ସେ ତୁମ ପାଇଁ ସବୁ କରିଦେବେ ।''

(MCW. Vol. 15, p. 189)

ମଣିଷର ସ୍ଥିତି ଓ ପ୍ରକୃତି ଖୁବ୍ ବିଚିତ୍ର । ମୁହୂର୍ତ୍ତକ ଭିତରେ ସେ ଦିବ୍ୟଜନନୀଙ୍କର ସମସ୍ତ ପ୍ରତିଶ୍ରୁତି ଭୁଲିଯାଏ । ତା'ର ଅବଚେତନାରେ ପୁଞ୍ଜିଭୂତ ହୋଇ ରହିଥିବା ଅନ୍ଧକାର ଶକ୍ତି ଯୋଗୁଁ ରୂପାନ୍ତରକୁ କ୍ରିୟାଶୀଳ ନ କରିବା ପାଇଁ ତାହା ପ୍ରଚଣ୍ଡ ବାଧା ସୃଷ୍ଟି କରିଥାଏ ।

ଆମେ ପ୍ରାୟଶଃ ନୈତିକ ଚିନ୍ତାଧାରାକୁ ପାଥେୟ କରି ସାଧନା କରିଥାଉ, ପାପ ପୁଣ୍ୟର ବିଚାରକୁ ମାନଦଣ୍ଡ ରୂପେ ବ୍ୟବହାର କରୁ । ମୁଁ ପାପୀ, ଭଗବାନ୍ ମୋତେ କରୁଣା କରିବେ ନାହିଁ ବୋଲି ଭାବିଥାଉ । ଏ ବିଷୟରେ ମା ଖୁବ୍ ସ୍ପଷ୍ଟରୂପେ ବୁଝାଇ ଦେଇଛନ୍ତି : ''Whatever may be the past, whatever may be the faults committed, whatever the ignorance in which one might have lived, one carries deep within oneself the supreme purity which can translate itself into a wonderful realisation.''

(MCW. Vol. 3, p. 215)

ଅର୍ଥାତ୍, ''ତୁମର ଅତୀତ ଯାହା ବି ହେଉ ନା କାହିଁକି, ଯାହା ବି ଭୁଲ-ଭ୍ରାନ୍ତି କରିଥାଅ ନା କାହିଁକି, ଯାହା ବି ଅଜ୍ଞାନତା ଭିତରେ ତୁମେ ବାସ କରିଥାଅ ନା କାହିଁକି, ତୁମ ଗଭୀର ଅନ୍ତରରେ ତୁମେ ପରମ ପବିତ୍ରତାକୁ ଧାରଣ କରିଥାଅ ଯେ କି ନିଜକୁ ଅନୂଦିତ କରି ତୁମକୁ ଅଦ୍ଭୁତ ଉପଲବ୍ଧିମାନ ପ୍ରଦାନ କରିଥାଏ ।''

ଏ ବିଷୟରେ ବୁଦ୍ଧଙ୍କ ଲିଖିତ ଧମ୍ମପଦରୁ ଏକ ଉଦାହରଣ ଦେଇ ମା କହିଛନ୍ତି : ''We should seek the company of the sage who shows us our faults, as if he were showing us a hidden treasure;...''

(MCW. Vol. 3, p. 219)

ଅର୍ଥାତ୍, ''ଆମେ ମହାତ୍ମା ବ୍ୟକ୍ତିଙ୍କ ସାହଚର୍ଯ୍ୟ ଚାହିଁଥାଉ ଯେ କି ଆମର ଭୁଲ୍‌କୁ ଦେଖାଇ ଥାଆନ୍ତି – ଯେପରିକି ସେ ଆମକୁ ଏକ ଗୁପ୍ତଧନର ସନ୍ଧାନ ଦେଉଛନ୍ତି;...''

ମା କହୁଛନ୍ତି : ''ସବୁକିଛି ମୋ ହାତରେ ଛାଡ଼ିଦିଅ ଏବଂ ଏହି ସ୍ରୋତରେ (ଶରୀର ରୂପାନ୍ତର) ନିଜକୁ ଦେଇଦିଅ – ଏବଂ ତୁମକୁ ପଥ ଦେଖାଇ ସାହାଯ୍ୟ କରାଯିବ । ମୋର ପୃଥିବୀପୃଷ୍ଠରେ ଅବତରଣ କରିବାର ଉଦ୍ଦେଶ୍ୟ ହେଲା ଶରୀର ରୂପାନ୍ତର କାମ ତଥା ପୃଥିବୀର ରୂପାନ୍ତର କାମକୁ ସମ୍ପନ୍ନ କରିବା ପାଇଁ । ଏହି କାମ ହୋଇ ପାରିବ ଅତିମାନସର ରୂପାନ୍ତର କ୍ରିୟାବଳରେ । ଯଦି ମୁଁ ମଣିଷରୂପୀ ଜୀବଜାତି ଭିତରେ ଏହି ଅତିମାନସର ବୀଜକୁ ବୁଣି ଦେଇପାରେ ପୃଥିବୀ-ପୃଷ୍ଠରେ ଏହାର କ୍ରିୟା ଧାରାବାହିକ ଭାବେ ଅବ୍ୟାହତ ରହିବ । ଯଦିଓ ଏହି ବସ୍ତୁର ହଜାରେ ଭାଗରୁ ଭାଗେ ଯାହା ମୁଁ ବହନ କରିଛି ତାହା ଏହି କାମ ପାଇଁ ଯଥେଷ୍ଟ ହେବ ।''

(The Supreme, p. 53)

ଏଠାରେ ମା ତାଙ୍କ ଶରୀରରେ ଅତିମାନସ ଦ୍ୱାରା ରୂପାନ୍ତରିତ ହୋଇଥିବା ଅମର ଶରୀର କୋଷକୁ ବୀଜ ବୋଲି କହୁଛନ୍ତି । ଏହାହିଁ ହେଲା ଅତିମାନସ ବୀଜ । ଆଜି ମାନବ-ଜାତି ଭିତରେ ଏହି ବୀଜ ବପନ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଏବେ ବି ସେହି କାର୍ଯ୍ୟ ଅବ୍ୟାହତ ରହିଛି । ଯଦି ଜଣେ କେହି ପୂର୍ଣ୍ଣ ଗ୍ରହଣଶୀଳତାର ସହିତ ମହାସମାଧିକୁ ସ୍ପର୍ଶ କରିବ ତା' ଭିତରେ ଏକ ସ୍ୱତନ୍ତ୍ର ସ୍ପନ୍ଦନ ଅନୁଭବ କରିବ – ଏଥିରେ ସନ୍ଦେହ ନାହିଁ ।

ଆମେ ଆମର ଅର୍ଦ୍ଧ-ଆଲୋକିତ ମନକୁ ନେଇ, ତା'ର ଅହଂକାର, ତା'ର ଆଧିପତ୍ୟକୁ ନେଇ ଶରୀର ରୂପାନ୍ତରର ପ୍ରକ୍ରିୟାକୁ କେବେହେଲେ ବୁଝିପାରିବୁ ନାହିଁ । ଆମ ଧାରଣା, ଆମ ତଥାକଥିତ ବିଜ୍ଞାନ ମଧ୍ୟ ପୂର୍ଣ୍ଣରୂପେ ବଦଳି ଯିବ । ଅର୍ଥାତ୍ ଏ ପୃଥିବୀରେ କେବଳ ଏକମାତ୍ର ବ୍ୟକ୍ତିରୂପ ରହିବ ସମସ୍ତ ଶରୀର ଭିତରେ, ତାହା ହେଲା ମା'ଙ୍କର ବ୍ୟକ୍ତିରୂପ । ଏହିପରି ଅନେକ କଥା ଯାହା ଏବେ ଆମେ ବୁଝି ପାରିବୁ ନାହିଁ । ସମସ୍ତଙ୍କ ଭିତରେ ସେହି ଏକହିଁ ଚେତନା କାର୍ଯ୍ୟ କରିବାକୁ ଆରମ୍ଭ କଲେ ଆମକୁ ଆଉ ବାର୍ତ୍ତାଳାପ କରିବା ଦରକାର ହେବ ନାହିଁ । କେବଳ ଇଚ୍ଛାଶକ୍ତି ଓ ସଂକଳ୍ପ ଶକ୍ତି ଦ୍ୱାରା ସବୁ ଘଟିତ ହେବ ।

ଅତଏବ ଆମେ ଯେତେ ଶୀଘ୍ର ଏହି ବିଭାଜିତ, ବିକୃତ, ଦ୍ୱନ୍ଦ୍ୱଯୁକ୍ତ ମନକୁ ତ୍ୟାଗ କରି ନିଜକୁ ଭବିଷ୍ୟତ୍ ହାତରେ ଛାଡ଼ିଦେବୁ ସେତେ ଶୀଘ୍ର ଏ ଧରାପୃଷ୍ଠରେ ଅତିମାନବ ଜନ୍ମ ନେବ । ମା କହୁଛନ୍ତି ''All those who are born now and are here asked to participate in this (transformation), they prepared for it in previous lives.''

(15 April 1972) (Mother's Agenda - Vol. 13, p. 157)

ଅର୍ଥାତ୍ : ''ଯେଉଁମାନେ ଏବେ ଏହି ପୃଥିବୀରେ ଜନ୍ମ ଗ୍ରହଣ କରିଛନ୍ତି ଏବଂ ଏଠାରେ ଅଛନ୍ତି ସେମାନେ ଏହା ଚାହିଁଥିଲେ ଏହି ରୂପାନ୍ତର କାମରେ ଭାଗନେବା ପାଇଁ, ସେମାନେ ଏଥିପାଇଁ ଅତୀତରେ ବହୁ ଜନ୍ମ ଧରି ନିଜକୁ ପ୍ରସ୍ତୁତ କରିଛନ୍ତି ।''

ସର୍ବୋପରି ଆମର ଏ ଧରାପୃଷ୍ଠରେ ସୃଷ୍ଟି ସର୍ଜନା ହେବାର ରହସ୍ୟକୁ ଆନ୍ତରିକ ପ୍ରଚେଷ୍ଟା ଓ ନିରବଚ୍ଛିନ୍ନ ପ୍ରୟାସ ଦ୍ୱାରା ଆବିଷ୍କାର କରିବାକୁ ହେବ । ଦିବ୍ୟଜନନୀ ଓ ପରମ ପ୍ରଭୁଙ୍କର ଯୋଗ୍ୟତମ ସେବକ ଓ ସନ୍ତାନ ହେବାର ଯୋଗ୍ୟତା ଅର୍ଜନ କରିବାକୁ ହେବ । ସୁଦୂର ପ୍ରସାରୀ ଲକ୍ଷ୍ୟ ପଥରେ ଆମର ପ୍ରୟାସ କ୍ଷୀଣତମ ହେଲେ ବି ନିଷ୍ଠାପର ପ୍ରାର୍ଥନା କେବେ ବି ବ୍ୟର୍ଥ ହୁଏ ନାହିଁ ।

ଦିବ୍ୟଜନନୀଙ୍କର ତାଙ୍କର ସନ୍ତାନମାନଙ୍କ ପାଇଁ ଅନୁପମ ପ୍ରତିଶ୍ରୁତି ଆମର ପାଥେୟ :

"All sincere prayers are granted,
every call is answered."

(CWM. Vol. 15, p. 208)

"ସକଳ ନିଷ୍ଠାପର ପ୍ରାର୍ଥନା ଫଳବତୀ ହୁଏ,
ପ୍ରତ୍ୟେକ ଆବାହନର ଉତ୍ତର ମିଳେ ।''

(କ୍ରମଶଃ)

❑❑❑

# ଶ୍ରମର ଆନନ୍ଦ

ବହୁବର୍ଷ ପୂର୍ବେ ଯୁକ୍ତରାଷ୍ଟ୍ର ଆମେରିକାରେ ଜଣେ ଧନୀଲୋକ ବାସ କରୁଥିଲେ, ଯିଏକି ସେ ଦେଶର ବିତ୍ତଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ । ସେ ଯାହାହେଉ ତଥାକଥିତ ସଫଳତା ସତ୍ତ୍ୱେ ସେ ସର୍ବଦା ଦୁଃଖ, ଉଦାସ ଓ ଅନ୍ତର୍ଦାହର ଶିକାର ହେଉଥିଲେ । ତାଙ୍କର ଜଣେ ବନ୍ଧୁ ତାଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଉପଦେଶ ଦେଲେ । ପ୍ରଥମେ ସେ ଡାକ୍ତରଙ୍କୁ ଦେଖା କରିବାକୁ ଇଚ୍ଛା କରୁ ନ ଥିଲେ, କିନ୍ତୁ ପରେ ଟିକିଏ ପରୀକ୍ଷା କରାଇ ନେବା ପାଇଁ ସ୍ଥିର କଲେ । ତେଣୁ ସେ କେତେକ ଡାକ୍ତରଙ୍କ ସହ ସାକ୍ଷାତ୍ କଲେ, କିନ୍ତୁ ସେଥିରେ କିଛି ଫଳ ମିଳିଲା ପରି ସେ ଅନୁଭବ କରିପାରିଲେ ନାହିଁ । ବନ୍ଧୁ ଜଣକ ପୁଣି ଅନ୍ୟ ଜଣେ ଡାକ୍ତରଙ୍କ ନାମ ଦେଇ କହିଲେ, ସେ ନିଶ୍ଚୟ ତାଙ୍କୁ ସାହାଯ୍ୟ କରିବେ ।

ଯେତେବେଳେ ଧନୀ ବ୍ୟକ୍ତି ଜଣକ ଡାକ୍ତରଙ୍କ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କଲେ, ଡାକ୍ତର ତାଙ୍କ ମୁହଁକୁ ଚାହିଁ କହିଲେ, ''ଆପଣ କ'ଣ ପ୍ରକୃତରେ ବିଶ୍ୱାସ କରି ପାରୁଛନ୍ତି ଯେ ମୁଁ ଆପଣଙ୍କୁ ଭଲ କରିପାରିବି ?''

– ''ଏ କି ପ୍ରକାର ପ୍ରଶ୍ନ ?'' ଧନୀ ବ୍ୟକ୍ତିଜଣକ ବିରକ୍ତି ପ୍ରକାଶ କରି କହିଲେ । ''ମୁଁ ଯଦି ବିଶ୍ୱାସ କରି ନ ଥା'ନ୍ତି, ତେବେ ଆପଣଙ୍କ ନିକଟକୁ ଆସିଥା'ନ୍ତି କାହିଁକି ?''

ଡାକ୍ତର ଜଣକ ଶାନ୍ତ ଭାବେ କହିଲେ, ''ମୁଁ ବର୍ତ୍ତମାନ ଆପଣଙ୍କୁ ସାହାଯ୍ୟ କରିପାରିବି ନାହିଁ, ଆପଣ ଯାଇପାରନ୍ତି ।''

ଗୃହକୁ ଫେରିବା ପରେ ସେହି ଦିନ ରାତିରେ ଧନୀ ବ୍ୟକ୍ତି ଜଣକ ଭାବିଲେ, ''ମୁଁ ଡାକ୍ତରଙ୍କ ନିକଟକୁ ଗଲି, ତାଙ୍କର ସାହାଯ୍ୟ ଚାହିଁଲି । କିନ୍ତୁ ସେ ସାହାଯ୍ୟ କରିବା ପରିବର୍ତ୍ତେ ମୋତେ ଚାଲିଯିବାକୁ କହିଲେ । ସେ କ'ଣ ଜାଣନ୍ତି ନାହିଁ ମୁଁ କିଏ ? ତାଙ୍କର ଏତେ ସାହସ ଯେ ସେ ମୋତେ ଫେରାଇ ଦେଲେ ।''

ତେଣୁ ତା' ପରଦିନ ଧନୀବ୍ୟକ୍ତି ଜଣକ ପୁଣି ସେହି ମାନସିକ ବିଶେଷଜ୍ଞଙ୍କ ପ୍ରକୋଷ୍ଠକୁ ଯାଇ ଡାକ୍ତରଙ୍କୁ ଦେଖା କରିବାକୁ ଦାବି କଲେ । ସେ ଆସିବା ଜାଣି ଡାକ୍ତର ତାଙ୍କ ସଚିବଙ୍କ ଦ୍ୱାରା ଖବର ପଠାଇଲେ ଯେ ସେ ଆସନ୍ତା ତିନିଦିନ ଯାଏଁ କାର୍ଯ୍ୟବ୍ୟସ୍ତ ରହିବେ ଏବଂ ତିନିଦିନ ପର୍ଯ୍ୟନ୍ତ ତାଙ୍କୁ ଦେଖିବାର ସୁଯୋଗ ନ ଥିବାରୁ ସେ ପରେ ଆସିପାରନ୍ତି ।

ଧନୀ ଲୋକ ଜଣକ ନିଜର ଅହଂ ସମ୍ବରଣ ନ କରିପାରି ଭାବିଲେ, ''ଦେଖ ! ମୁଁ ଜଣେ କୋଟିପତି ହୋଇ ଜଣେ ଡାକ୍ତରର କାର୍ଯ୍ୟାଳୟ ଦ୍ୱାରରେ ଠିଆ ହୋଇଛି ଅଥଚ ତାଙ୍କର ମୋତେ ଦେଖା କରିବା ପାଇଁ ସମୟ ନାହିଁ । ସେ କ'ଣ ଭାବିଛନ୍ତି କି ତାଙ୍କ ପଛରେ ଗୋଡ଼ାଇବା ପାଇଁ ମୋର ପ୍ରଚୁର ସମୟ ଅଛି ?''

ସେହିଦିନ ଅପରାହ୍ଣରେ ସେ ବିଗତ ଦୁଇ ଦିନର ଘଟଣା ବିଷୟରେ ଚିନ୍ତା କରିବାକୁ ଲାଗିଲେ । ସେ ଭାବିଲେ, ''ଏହି ଡାକ୍ତର ଜଣକ ହୁଏତ ଭଲ ହୋଇଥାଇ ପାରନ୍ତି, ସେ ମୋ ଅର୍ଥ ପ୍ରତି ଆଗ୍ରହାନ୍ୱିତ ଜଣା ଯାଉ ନାହାନ୍ତି । ଯଦି ସେ କୃପଣ ହୋଇଥା'ନ୍ତେ, ତେବେ ସେ ମୋତେ କହିଥା'ନ୍ତେ ସାହାଯ୍ୟ କରିବେ ଏବଂ ପ୍ରତିବଦଳରେ ବହୁ ଅର୍ଥ ଦାବୀ କରିଥା'ନ୍ତେ ।'' ତେଣୁ ଏ ସମସ୍ତ ବିଷୟକୁ ଚିନ୍ତା କରି ଧନୀ ବ୍ୟକ୍ତିଜଣକ ଠିକ୍ କଲେ ଯେ ସେ ତୃତୀୟଥର ପାଇଁ ଡାକ୍ତରବାବୁଙ୍କୁ ଦେଖା କରିବେ । ଏତେବେଳକୁ ତାଙ୍କର ଅହଂଭାବ କିଛି ପରିମାଣରେ ପ୍ରଶମିତ ହୋଇ ଆସିଲାଣି ଏବଂ ତାଙ୍କର ଡାକ୍ତରଙ୍କ ଉପରେ ଆସ୍ଥା ବୃଦ୍ଧି ପାଇଲାଣି ।

ଯେତେବେଳେ ସେ ଡାକ୍ତରଙ୍କ ପ୍ରକୋଷ୍ଠ ଭିତରେ ପ୍ରବେଶ କରି ଗୋଟିଏ ଚୌକି ଉପରେ ବସିଲେ, ଡାକ୍ତର ତାଙ୍କୁ ପ୍ରଶ୍ନ କଲେ, ''ଆପଣ କ'ଣ ପ୍ରକୃତରେ ସୁସ୍ଥ ରହିବାକୁ ଚାହାନ୍ତି ?''

ବ୍ୟକ୍ତି ଜଣକ କହିଲେ, ''ଆଜ୍ଞା ହଁ !''

ମୁଁ ଯାହା ପରାମର୍ଶ ଦେବି ଆପଣ ତାହା ପାଳନ କରିବେ ତ ? – ଡାକ୍ତର ପ୍ରଶ୍ନ କଲେ ।

ବ୍ୟକ୍ତି ଜଣକ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ତହୁଁ ଡାକ୍ତର କହିଲେ, ''ପ୍ରଥମେ ଆପଣ ଗୋଟିଏ କାର୍ଯ୍ୟ କରନ୍ତୁ, ଯାହା ଆପଣଙ୍କୁ ସର୍ବଦା ବ୍ୟସ୍ତ ରଖିବ ଓ କିଛି ଗଠନମୂଳକ କାର୍ଯ୍ୟ କରିବାରେ ସାହାଯ୍ୟ କରିବ । ମୁଁ ଚାହେଁ ଆପଣ ଗୋଟିଏ ଛୋଟିଆ ଗୃହ ନିର୍ମାଣ କରିବେ । ଆପଣ ଗୃହ ନିର୍ମାଣର ସମସ୍ତ କାର୍ଯ୍ୟ ନିଜେ ହିଁ କରିବେ ।''

ବ୍ୟକ୍ତି ଜଣକ ଆନ୍ତରିକତାର ସହ ସାହାଯ୍ୟ ଇଚ୍ଛା କରୁଥିବା କାରଣରୁ ସେ ମାନସିକ ରୋଗ ବିଶେଷଜ୍ଞଙ୍କ ଉପଦେଶ ପାଳନ କରିବାକୁ ଆରମ୍ଭ କଲେ । ପରଦିନ ସକାଳୁ

ଖୁବ୍ ଶୀଘ୍ର ବିଛଣା ତ୍ୟାଗ କରି ସେ ନିକଟସ୍ଥ ଜଙ୍ଗଲରେ ଖଣ୍ଡେ ଜମି କିଣିଲେ । ତା'ପରେ ଗୋଦାମକୁ ଯାଇ କାଠ ଜିନିଷ ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସମ୍ବନ୍ଧୀୟ ବସ୍ତୁସବୁ କିଣି ଆଣିଲେ । ପ୍ରତ୍ୟେକ ଦିନ ସେ କଠିନ ପରିଶ୍ରମ କରିବାକୁ ଲାଗିଲେ ଓ ରାତିରେ ସୁଖନିଦ୍ରା ଗଲେ । ଗୃହଟି ଯେତେବେଳେ ସମ୍ପୂର୍ଣ୍ଣ ରୂପ ନେବାକୁ ଗଲା, ସେ ତାଙ୍କ ପରିଶ୍ରମର ଫଳ ଉପଭୋଗ କଲେ । ଦିନେ ସେ ଉପଲବ୍ଧି କଲେ ଯେ ସେ ତାଙ୍କର ଅବସାଦ ଦୂର କରି ପାରିଛନ୍ତି ଏବଂ ସେ ସୁଖୀ ଓ ସ୍ୱାସ୍ଥ୍ୟବାନ୍ ହୋଇ ପାରିଛନ୍ତି ।

ବାସ୍ତବିକ୍, ଆମେ ଯଦି ଆମ ସମୟର ସଦ୍-ଉପଯୋଗ କରି ପାରିବା ତେବେ ସୁଖର ସନ୍ଧାନ ପାଇପାରିବା । କଠିନ ପରିଶ୍ରମର ଫଳ ଅତ୍ୟନ୍ତ ଆନନ୍ଦଦାୟକ ।

(ସଂଗ୍ରହ : ଗୌରବମୟ କଥା ଓ ଉପକଥା
କଥାକାର : ପରମହଂସ ପ୍ରଜ୍ଞାନାନନ୍ଦ) ❑

# ଏ ସଂଘର୍ଷ ଚୂଡ଼ାନ୍ତ ନିଶ୍ଚୟ

## ଜ୍ୟୋସ୍ନାରାଣୀ ଦାଶ

କୁରୁକ୍ଷେତ୍ର ଯୁଦ୍ଧଠାରୁ ସହସ୍ର ଗୁଣରେ ବଳି
ଆଉ ଏକ ଭୟଙ୍କର ଯୁଦ୍ଧ
ମଣିଷର ମନ, ପ୍ରାଣ,
ଚେତନାକୁ ଆବୋରି ବସିଛି,
ସମ୍ପୂର୍ଣ୍ଣ ନୂତନ ଏକ
ପୂର୍ଣ୍ଣତର, ଦିବ୍ୟତର ଉପଲବ୍ଧି ଲାଗି ।

ଏକ ଦିଗେ ଚେତନାର କ୍ରମ-ବିକାଶରେ
ଦିବ୍ୟ ସୃଜନୀ-ଶକ୍ତିର ଆହ୍ୱାନ
ଅନ୍ୟ ଦିଗେ ନିୟନ୍ତ୍ରଣହୀନ
ଧ୍ୱଂସକାରୀ ଆସୁରିକ ଶକ୍ତିର
ପ୍ରମତ୍ତ ପ୍ରଳାପ ।

କିଏ ସେ କରିବ ଶାସନ ଏ ସ୍ୱର୍ଣ୍ଣିମ ଧରାକୁ
ମାଟି, ପାଣି, ପବନରେ ଗଢ଼ା
ତା'ର ଅଧିବାସୀ ଓ ସେମାନଙ୍କ ପ୍ରଗତି ପଥକୁ ।

ଏହିପରି ଏକ ସଂକଟ ବେଳାରେ
ଅବତରି ଆସେ ଦେଖ
ଏକ ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି
ଧରାପୃଷ୍ଠେ ଆଣିବାକୁ ରୂପାନ୍ତର
ପ୍ରତିଷ୍ଠା କରିବା ପାଇଁ ଦିବ୍ୟ-ଜୀବନର ।

ଏ ସଂଘର୍ଷ ଯେତେ ତୀବ୍ର ପ୍ରବଳ ହେଲେ ବି
ଉଚ୍ଚତର ଆଧ୍ୟାତ୍ମିକ ଶକ୍ତିର ସେ
ବରାଭୟ କରୁଣା ପରଶେ
ଅନୁପମ ଶାନ୍ତି ଏକ ଅବତରି ଆସି
ଧୋଇ ନେବ ସବୁ ତାପ, କ୍ଲେଶ ।
ଦିବ୍ୟଜନନୀଙ୍କ ବରାଭୟ ଲଭି
ରୂପାନ୍ତର ପାବଚ୍ଛରେ
ଆତ୍ମହାର ଦୀପଶିଖା ଜାଳି
ମାନବ-ଚେତନାର ଯାତ୍ରା ହେବ ଊର୍ଦ୍ଧ୍ୱାୟିତ ।

ଧରା ହେବ ଦିବ୍ୟସ୍ୱର୍ଗ
ଦିବ୍ୟ-ମନ, ଦିବ୍ୟ-ପ୍ରାଣ, ଦିବ୍ୟ-ଶରୀରରେ
ମଣିଷ ରଚିବ ଏଠି ଦେବର ଜୀବନ । ❑



# ଯାହାକୁ ରଖନ୍ତି ଅନନ୍ତ

ଶମୀକ ମୁନିଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେବାର ପଦ୍ଧତି ଟିକିଏ ଭିନ୍ନ ଧରଣର ଥିଲା, ଶାସ୍ତ୍ର ଅଭ୍ୟାସ କରିବା ବା ପାଠ ମୁଖସ୍ଥ କରିବା, ତା'ର ଅର୍ଥ ଓ ବ୍ୟଞ୍ଜନା ପଛରେ ଅଧିକ ମନଧ୍ୟାନ ଦେବାକୁ ବିଦ୍ୟାଶିକ୍ଷାର ଶେଷ କଥା ବୋଲି ସିଏ ମନେକରୁ ନ ଥିଲେ । ସିଏ କହୁଥିଲେ – ଚକ୍ଷୁ ଖୋଲା ରଖ, ଏ ଜଗତ ସଂସାରରୁ, ଜୀବ-ଜଗତରୁ, ଘଟଣାସମୂହରୁ ଶିକ୍ଷା ପାଇପାରିବ; ଯାହା ଦେଖୁଛ ତାକୁ ବାହାରିଆ ଭାବରେ ନଦେଖି, ତା'ର ପଶ୍ଚାତକୁ ଯାଇ ତା'ର କାରଣଟିକୁ ଦେଖ, ସେଇଥିରୁ ଭଗବତ୍ ଲୀଳା ପ୍ରତ୍ୟକ୍ଷ କରି ପାରିବ; କିଛି ବି ଜିନିଷ ହଠାତ୍ ଘଟିଯାଏ ନାହିଁ, ତାହାର ପୂର୍ବାପର ସଂପର୍କ ଥାଏ, କାର୍ଯ୍ୟ-କାରଣ ସଂପର୍କ ଥାଏ । ତେଣୁ କାର୍ଯ୍ୟଟିଏ ଦେଖିଲେ କାରଣଟିକୁ ଅନୁସନ୍ଧାନ କର, ବାହ୍ୟ ରୂପରେ ଅଟକି ନଯାଇ, ତା' ପଶ୍ଚାତରେ ସୂକ୍ଷ୍ମାକାରରେ ସୂକ୍ଷ୍ମଲୋକରେ ଯେଉଁ ଅଦେଖା ହାତ ଏସବୁକୁ ନିୟନ୍ତ୍ରଣ କରୁଛି – ସେଇ ସର୍ବନିୟନ୍ତାଙ୍କ ପରିଚାଳନାକୁ ଲକ୍ଷ୍ୟକର । ସେ ଶିଷ୍ୟମାନଙ୍କୁ କହୁଥିଲେ, ''ଆହୁରି ପଛକୁ ଯାଅ, ଆହୁରି ଗଭୀରକୁ ଯାଅ, ପ୍ରତ୍ୟକ୍ଷର ଗଭୀରରେ ଥିବା ଅପ୍ରତ୍ୟକ୍ଷକୁ ପାଇବାକୁ ଯତ୍ନବାନ୍ ହୁଅ, ସେଇଟିକୁ ଅନୁଧ୍ୟାନ କର । ଜୀବନ ଏକ ମୁକ୍ତ ପୁସ୍ତକ, ସେଇଥିରୁହିଁ ଶିକ୍ଷାଲାଭ କର ।''

ସମୟ ଥିଲା ମହାଭାରତ ଯୁଦ୍ଧର । ସେଇ କୁରୁକ୍ଷେତ୍ରର ପାଖାପାଖି ଅଞ୍ଚଳରେ ଶମୀକ ମୁନିଙ୍କର ଆଶ୍ରମ ଥିଲା । ମଝିରେ ମଝିରେ ସେ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ଭ୍ରମଣରେ ବାହାରୁ ଥିଲେ, ରାସ୍ତାଘାଟରେ କିଛି ଦର୍ଶନୀୟ ଜିନିଷ ପାଖରେ ଅଟକିଯା'ନ୍ତି ଓ ସେମାନଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତି । ବସ୍ତୁସ୍ଥିତି ଦେଖି ପର୍ଯ୍ୟାଲୋଚନା କରି ସେ ନିଜର ଶିଷ୍ୟମାନଙ୍କୁ ଅନୁଭବପୂର୍ଣ୍ଣ ଜ୍ଞାନ ଦିଅନ୍ତି, ଯାହାଫଳରେ ସେମାନଙ୍କର ଜଗତ୍ ସଂପର୍କୀୟ ଜ୍ଞାନ, ଆତ୍ମଜ୍ଞାନର ସହାୟକ ହେବ । ସେଦିନ ସିଏ ପ୍ରଭାତ ହେବା ଆଗରୁ ମହାଭାରତ ଯୁଦ୍ଧର ପ୍ରାନ୍ତରକୁ ସେମାନଙ୍କୁ ନେଇଗଲେ । ସେଠି ମୃତ୍ୟୁନାମ୍ନୀ ମହାକାଳର କରାଳ-ଲୀଳା ସେମାନଙ୍କୁ ଦେଖାଉ ଥିଲେ – କେଉଁଠି କେଉଁ ବୀରର ମୁଣ୍ଡ, କେଉଁଠି ମସ୍ତକବିହୀନ ଶବ, କେଉଁଠି ବିରାଟକାୟ ହାତୀ ମରିପଡ଼ିଛି, କେଉଁଠି ଦ୍ରୁତଗାମୀ ଅଶ୍ୱ ରଥଚାପାରେ ମୃତ୍ୟୁଲାଭ କରିଛି, ପ୍ରାନ୍ତର ଚତୁର୍ଦ୍ଦିଗରେ ବୀରମାନଙ୍କ ହାତରୁ ଖସିପଡ଼ିଥିବା ଅସ୍ତ୍ରଶସ୍ତ୍ର ବିକ୍ଷିପ୍ତ ହୋଇ ପଡ଼ିଛି । ଏସବୁ ଦେଖାଇ ସେ ଗର୍ବସ୍ଫୀତ ମଣିଷମାନଙ୍କର ଅହଂକାରର ପରିଣାମ ବୁଝାଉଥିଲେ । ସେତିକିବେଳେ ଶିଷ୍ୟଟିଏ ଦୌଡ଼ିଯାଇ ବିରାଟ ଘଣ୍ଟାଟିକୁ ଉଠାଇ ପକାଇଲା ସତେ ଯେମିତି ଦୈବପ୍ରେରିତ ହୋଇ । ଏତେ ବଡ଼ ଘଣ୍ଟା କେଉଁ ହସ୍ତୀର ଗଳଦେଶରୁ ଛିଣ୍ଡିପଡ଼ିଛି, ଗୁରୁଙ୍କୁ ଦେଖାଇବା ହିଁ ତା'ର ଉଦ୍ଦେଶ୍ୟ ଥିଲା, ମାତ୍ର ଏ କ'ଣ ସେ ଦେଖୁଛି – ସେଇ ଘଣ୍ଟା ତଳେ ସୁରକ୍ଷିତ ପକ୍ଷୀଶାବକ ଦୁଇଟି ଏକ ଛୋଟ ନୀଡ଼ ସହିତ ପଡ଼ିରହିଛନ୍ତି । ଯେଉଁଠି ହଜାର ହଜାର ସଂଖ୍ୟାରେ ମନୁଷ୍ୟ ତଥା ହାତୀଘୋଡ଼ାଙ୍କର ଭୟଙ୍କର ମୃତ୍ୟୁ, ତାହାରି ଭିତରେ ସଦ୍ୟ ଅଣ୍ଡା ଫୁଟାଇ ବାହାରିଥିବା ଦୁଇଟି ପକ୍ଷୀଶାବକଙ୍କର ଜନ୍ମ – ଆଶ୍ଚର୍ଯ୍ୟଚକିତ ହୋଇ ସେଇ ଦୁଇଟି ପକ୍ଷୀଶାବକଙ୍କୁ ବାଳକଟି ଗୁରୁଙ୍କ ନିକଟକୁ ଉଠାଇ ନେଲା । ଶିଷ୍ୟମାନେ ରୁଣ୍ଡ ହୋଇଗଲେ ଗୁରୁଙ୍କୁ ଘେରି ଏହି ଆଶ୍ଚର୍ଯ୍ୟକର ଘଟଣାଟି କେମିତି ଘଟିଲା ଜାଣିବାକୁ ।

ଗୁରୁ କହିଲେ – ଏଇ ପ୍ରାନ୍ତରରେ କେଉଁଠି କେଉଁଠି ବୃକ୍ଷ ରହିଛି । ବୃକ୍ଷ-କୋଟରରେ ପକ୍ଷୀମାନେ ନୀଡ଼ ବାନ୍ଧି ରହିଛନ୍ତି । ମାତ୍ର ଏ ଘୋର ଯୁଦ୍ଧ ସମୟରେ କେତେ ବୃକ୍ଷ ସହିତ ବିହଙ୍ଗ ଯେ ଆହତ ଓ କ୍ଷତିଗ୍ରସ୍ତ ହେଲେ ତା'ର ଠିକଣା ନାହିଁ । ସେଥିରୁ ଗର୍ଭିଣୀ ପକ୍ଷୀଟିଏ ବାହାରି ଆକାଶ ମାର୍ଗରେ ଉଡ଼ିଯାଉଥିଲା । ସେତେବେଳେ ତା' ଦେହରେ ଶରଟିଏ ଆସି ଆଘାତ କଲା । ସେଇ ମୁହୂର୍ତ୍ତରେ ସେ ଡାକିଲା – ହେ ପ୍ରଭୁ, ନାରାୟଣ, ମୋର ଏ ଗର୍ଭର ଶିଶୁ ଦୁଇଟିଙ୍କୁ ରକ୍ଷାକର । ମୋର ମୃତ୍ୟୁ ତ ନିଶ୍ଚିତ, ତଥାପି ମୋ ଗର୍ଭର ଏଇ ଅଣ୍ଡା ଦୁଇଟି ଯେପରି ମୃତ୍ୟୁଲାଭ ନ କରି ବଞ୍ଚି ରହିବେ । ତାହା ତୁମେ ଦେଖିବ । ତୁମ ହାତରେ ହିଁ ସେଇ ଦୁଇଟିକୁ ମୁଁ ଅର୍ପଣ କଲି, ହେ ଶରଣାଗତ-ବତ୍ସଳ, ସେମାନଙ୍କ ଜୀବନ ତୁମ ହାତରେ ।

ଏଇପରି କହିବା ବେଳେ ପକ୍ଷିଣୀଟିର ମୃତ୍ୟୁ ହେଲା । ତା' ଗର୍ଭରୁ ଅଣ୍ଡାଦୁଇଟି ଆକାଶରୁ ଖସିପଡ଼ିଲା । ଦୈବକୃପାରୁ ନ ଭାଙ୍ଗି ଯୁଦ୍ଧପ୍ରାନ୍ତରରେ ଆସି ପଡ଼ିଲା ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ଦୌଡ଼ିଯାଉଥିବା ଗୋଟିଏ ହାତୀର ଗଳାରୁ ଛିଡ଼ି ବଡ଼ ଘଣ୍ଟାଟିଏ ତା' ଉପରେ ପଡ଼ିଗଲା, ଯେପରି ତାକୁ ବାହାର ଆଘାତରୁ ଘୋଡ଼ାଇ ରଖିବାକୁ । ସେଇ ପ୍ରାନ୍ତରରେ

କେତେ ଦଳାଦଳି, କେଡ଼େ ବେଗରେ ରଥୀ, ମହାରଥୀ, ସୈନ୍ୟସାମନ୍ତ ଏବଂ ଅଶ୍ୱ, ହସ୍ତୀର ଯିବାଆସିବା, ଅଥଚ ସେସବୁ ଭିତରେ ଏଇ ଅଣ୍ଡା ଦୁଇଟି ଅକ୍ଷତ ରହିଗଲା – ପ୍ରଭୁଙ୍କର କି ବିଚିତ୍ର ଲୀଳା ! ମୃତ୍ୟୁଦେବତାଙ୍କର ପ୍ରତିକ୍ଷଣର କାର୍ଯ୍ୟବ୍ୟସ୍ତତା ଭିତରେ ଜୀବନଯଜ୍ଞର ଏଇ ଲୀଳାଟି ତୁମ୍ଭେମାନେ, ହେ ବାଳକବୃନ୍ଦ ! ପ୍ରତ୍ୟକ୍ଷ କର – ଭଗବାନଙ୍କର ବାହୁଛାୟାର ଅଦ୍ଭୁତ ଅନୁପ୍ରବେଶ ଫଳରେ ଅଣ୍ଡା ଦୁଇଟି ଏହା ଭିତରେ ଶାବକ ହୋଇଗଲେଣି– ଘଣ୍ଟା ଭିତରର ଉଷ୍ଣତା ମାତୃ-ଡେଣାର ଉଷ୍ଣତା ପ୍ରଦାନ କରିଛି । ସେଥିରୁ ସଦ୍ୟଜାତ ଶାବକ ଦୁଇଟି ବାହାରି ଆସିଛନ୍ତି । ସେଇପରି କୌଣସି ଦୈବ-ପ୍ରେରଣା ବଶରେ ଆମ୍ଭେମାନେ ଏଠାରେ ପହଞ୍ଚି ଗଲେ, ସତେ ଯେମିତି କେହି ଆମକୁ ଏ ଦୁଇଟିଙ୍କୁ ଅଭୟ ଆଶ୍ରୟ ଦେବାକୁ ପଠାଇ ଦେଇଛି ।

ଭଗବାନଙ୍କ ଲୀଳାହିଁ ଏଇପରି, ତାହା ମାନୁଷୀ କାର୍ଯ୍ୟକାରଣକୁ ଅପେକ୍ଷା କରେ ନାହିଁ । ଆମର ପାଇବାର ଯୋଗ୍ୟତାକୁ ପରୀକ୍ଷା କରେ ନାହିଁ, ତାହା ତାଙ୍କର ଦିବ୍ୟତାର ଧାରାକୁ ହିଁ ଅନୁସରଣ କରେ । ଯାହାକୁ ଅନନ୍ତଦେବ ରକ୍ଷା କରିବାକୁ ହାତ ବଢ଼ାଇ ଦେଇଛନ୍ତି, ବଳଶାଳୀ କାଳ ତା'ର କି କ୍ଷତି କରିପାରିବ !''

ଏହା କହି ଆଚାର୍ଯ୍ୟ ଶମୀକ ତାଙ୍କ ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ଆଶ୍ରମକୁ ଫେରି ଆସିଲେ । ସଦ୍ୟଜାତ ଶାବକ ଦୁଇଟିଙ୍କର ପାଳନ ପୋଷଣର ଭାର ଶିଷ୍ୟମାନଙ୍କ ହାତରେ ସମର୍ପି ଦେଲେ । କହିଲେ, ଯେଉଁ ଯୋଗେଶ୍ୱର ଏ ଜଗତ୍ ସଂସାରର ନିୟନ୍ତା ତାଙ୍କ ପାଖରେ କ୍ଷୁଦ୍ର ବୋଲି କିଛି ନାହିଁ । ପକ୍ଷିଣୀଟିର କାତର ପ୍ରାର୍ଥନା ସେ ଶୁଣି ତୁରନ୍ତ ତା'ର ସନ୍ତାନର ରକ୍ଷାର୍ଥେ ଆପଣା ଇଚ୍ଛାମୟ ସ୍ୱରୂପକୁ ପ୍ରକଟ କଲେ । ସାମାନ୍ୟତମ ଶୁଭେଚ୍ଛା ତାଙ୍କର ଅଗୋଚର ରହେ ନାହିଁ । କ୍ଷୀଣ ଦୁର୍ବଳ କଣ୍ଠର ପ୍ରାର୍ଥନାଟି ମଧ୍ୟ ତାଙ୍କ କାନରେ ପହଞ୍ଚିବାକୁ ବାଟ ଭୁଲେ ନାହିଁ । ସେଇ କୃପାମୟ ଜୀବର କଲ୍ୟାଣ ନିମିତ୍ତ, ତା'ର ସୁରକ୍ଷା ଓ ବିକାଶ ନିମିତ୍ତ ସଦା ତତ୍ପର । ସେ ସହସ୍ର-ପାଣି, ସହସ୍ରପାଦ, ଅନନ୍ତ ଚକ୍ଷୁ ଓ କର୍ଣ୍ଣ ବିଶିଷ୍ଟ ସଦାଜାଗ୍ରତ୍ ପ୍ରଭୁଙ୍କୁ, ଅନନ୍ତ ପରମେଶ୍ୱରଙ୍କୁ ସର୍ବଦା ସ୍ମରଣ ରଖ, ତୁମ ସମ୍ମୁଖରେ ରହିଛନ୍ତି ବୋଲି ଅନୁଭବ କର ।

(ସଂଗୃହୀତ) ❑

---

ସମର୍ପଣ ହେଉଛି ଲକ୍ଷ୍ୟପ୍ରାପ୍ତି ପାଇଁ ଅପରିହାର୍ଯ୍ୟ ମାଧ୍ୟମ – ଏହାହିଁ ଆମ ସାଧନାର ପ୍ରଥମ ତତ୍ତ୍ୱ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଅହଂଭାବ, ପ୍ରାଣିକ ଦାବିସକଳ ଓ କାମନାବାସନାରାଜିକୁ ପ୍ରଶ୍ରୟ ଦିଆଯାଉଥିବ, ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ସମର୍ପଣ ଅସମ୍ଭବ । ସେଥିପାଇଁ ଚେତନାରେ ଯେତେବେଳେ ପ୍ରାଣିକ ଗତିବୃତ୍ତିସବୁ ଉପରକୁ ଉଠିଆସନ୍ତି ବା ମିଶି ରହିଥା'ନ୍ତି, ସେତେବେଳେ ତୁମେ ସେସବୁକୁ ନିଃଶେଷରେ ପ୍ରତ୍ୟାଖ୍ୟାନ କରି ଚାଲିଥିବ । ତୁମେ ଯଦି ଏପରି ପ୍ରତ୍ୟାଖ୍ୟାନ କରିବାରେ ଦୃଢ଼ ରହିବ, ତେବେ ତାହା କ୍ରମେ ନିଜର ଶକ୍ତି ହରାଇବ ଓ ଶେଷରେ ନିଶ୍ଚିହ୍ନ ହୋଇଯିବ ।

ସର୍ବଦା ଅନ୍ତରରେ ବାସ କର ଏବଂ ଯାହାକିଛି କରିବ, ନିଜକୁ ସେଥିରେ ସଂଶ୍ଳିଷ୍ଟ ନ ରଖି କରିବ । ତେବେ କୌଣସି ବିରୋଧୀ ଶକ୍ତି କିଛି ଅଘଟଣ ଘଟାଇ ପାରିବ ନାହିଁ । ଯଦି କିଛି ଘଟାଇବ, ତାହା ଯଥେଷ୍ଟ ଶକ୍ତିଶାଳୀ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମଧ୍ୟ କେବେ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ ।

ଯେତେ କଷ୍ଟ ହେଲେ ମଧ୍ୟ ଦିବ୍ୟ ଓ ଶାଶ୍ୱତ ଜନନୀଙ୍କ ନିକଟରେ ଆତ୍ମନିବେଦନ କରିବା ହିଁ ହେଉଛି ଆମର ପ୍ରଭାବଶାଳୀ ମାଧ୍ୟମ ଏବଂ ଏକମାତ୍ର ଆଶ୍ରୟ – ତାଙ୍କ ପାଖରେ ଆତ୍ମନିବେଦନ କରିବାର ଅର୍ଥ ଆମ ପ୍ରକୃତି ହୋଇଉଠେ ତାଙ୍କରି ହାତରେ ଥିବା ଏକ ଯନ୍ତ୍ର; ଆମର ଆତ୍ମା ହୋଇଉଠେ ଦିବ୍ୟଜନନୀଙ୍କ ଆଲିଙ୍ଗନ ମଧ୍ୟରେ ଥିବା ଏକ ଶିଶୁ ।

(ପୂର୍ଣ୍ଣଯୋଗ – ବାସ୍ତବ ଦିଗ୍‌ଦର୍ଶନ) – ଶ୍ରୀଅରବିନ୍ଦ

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** *ପୂର୍ଣ୍ଣାଙ୍ଗ ଶିକ୍ଷା ଯେ ସଫଳତା ହାସଲ କରିବ, ଏ ଆଶା ନାହିଁ । ଗାନ୍ଧିଜିଙ୍କ ମୌଳିକ ଶିକ୍ଷା ଏବଂ ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନରେ ପ୍ରବର୍ତ୍ତିତ ଶିକ୍ଷାର ଯେଉଁ ଦଶା ହେଲା, ପୂର୍ଣ୍ଣାଙ୍ଗ ଶିକ୍ଷାର ଶେଷ ପରିଣତି ତାହାହିଁ ହେବ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ; ଉପଯୁକ୍ତ ଶିକ୍ଷକ ମଧ୍ୟ ନାହାନ୍ତି ।*

**ଉତ୍ତର :** ଠିକ୍ ଏହିପରି ତୀବ୍ର, କଠୋର ସନ୍ଦେହ, ଅକଳ୍ପନୀୟ ବାଧାବିଘ୍ନ ହୋଇଥିଲା ସ୍ୱରାଜ ଆନ୍ଦୋଳନ ସମୟରେ । ତାହା ହେବା ସତ୍ତ୍ୱେ ଯେପରି ଭାରତ ସ୍ୱତନ୍ତ୍ର ହୋଇଥିଲା ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାରେ ସନ୍ଦେହ ଏବଂ ବାଧାବିଘ୍ନ ହେବା ସତ୍ତ୍ୱେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଚଳିତ ହେବ । ଭାରତର ସ୍ୱରାଜ ଆନ୍ଦୋଳନ ସମୟରେ ପ୍ରଧାନ ପ୍ରଧାନ ଅଳ୍ପ କେତେକ ନେତା ଏହାକୁ ଆରମ୍ଭ କରିଥିଲେ । କିନ୍ତୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଅଫିସର ସହିତ ଅଧିକାଂଶ ବ୍ୟକ୍ତି କହୁଥିଲେ, ''ସ୍ୱରାଜ ଆନ୍ଦୋଳନ କରିବା ବ୍ୟକ୍ତି ଭାରତବର୍ଷର ସର୍ବନାଶ କରୁଅଛନ୍ତି । ୧୮୮୮ରେ ସିପାହି-ବିଦ୍ରୋହ ଯେପରି ବିଫଳ ହୋଇଥିଲା ଏବଂ ଭାରତର ସର୍ବନାଶ କରିଥିଲା, ଏହି ଆନ୍ଦୋଳନ ମଧ୍ୟ ବିଫଳ ହେବ ଏବଂ ବ୍ରିଟିଶ ସରକାର ଦ୍ୱାରା ଭାରତର ବହୁ ଧନ, ଜନ ନଷ୍ଟ ହେବ । ଭାରତ ସ୍ୱତନ୍ତ୍ର ହେବାର ସମୟ ଆସି ନାହିଁ ।'' ଭାରତ ସ୍ୱତନ୍ତ୍ର ହେବା ପର୍ଯ୍ୟନ୍ତ ବହୁସଂଖ୍ୟକ ବ୍ୟକ୍ତିଙ୍କର ଏହି ଧାରଣା ଥିଲା । ଭାରତ ସ୍ୱତନ୍ତ୍ର ହେବାକୁ ଭାଇସ୍‌ରାୟ ଘୋଷଣା କରି ସାରିଥିଲେ । ମୁଁ ଜଣେ ଆଇ. ସି. ଏସ୍. ଅଫିସରଙ୍କୁ ପଚାରିଲି, ''ବ୍ରିଟିଶ ସରକାର ଘୋଷଣା କରି ସାରିଲେଣି, ଏବେ ତ ଭାରତ ସ୍ୱାଧୀନ ହୋଇଯିବ !'' ସେ ଦୃଢ଼ତାର ସହିତ କହିଲେ, ''ଅସମ୍ଭବ ! ବ୍ରିଟିଶ ମହାନ୍ କୌଶଳୀ ତଥା ଶକ୍ତିଶାଳୀ; ଭାରତକୁ ସ୍ୱତନ୍ତ୍ରତା କଦାପି ଦେବ ନାହିଁ । ଏହି ପରି କହିବ, ଶେଷ ମୁହୂର୍ତ୍ତରେ ଏପରି କୌଶଳ କରିବ ଯେ ଭାରତ ସ୍ୱତନ୍ତ୍ରତା ପାଇପାରିବ ନାହିଁ ।'' ଏହାର ଅଳ୍ପ ଦିନ ପରେ ଭାରତ ସ୍ୱତନ୍ତ୍ର ହେଲା ।

କୌଣସି ଉତ୍ତମ କାର୍ଯ୍ୟ ଆରମ୍ଭ ହୁଏ ଅଳ୍ପ ବ୍ୟକ୍ତିଙ୍କ ଦ୍ୱାରା । ଅବିଶ୍ୱାସ, ସନ୍ଦେହ କରନ୍ତି ବହୁତ ବ୍ୟକ୍ତି । ଏହା ନୂତନ କଥା ନୁହେଁ, ଅନାଦି କାଳରୁ ଉତ୍ତମ କାର୍ଯ୍ୟ ଆରମ୍ଭରେ ଏହି ପରି ସନ୍ଦେହ, ଅବିଶ୍ୱାସ, ବାଧାବିଘ୍ନ ଚାଲି ଆସୁଅଛି । କିନ୍ତୁ ମନୁଷ୍ୟର ସନ୍ଦେହ, ଅବିଶ୍ୱାସ ଥିବା ସତ୍ତ୍ୱେ ବି ଭଗବାନଙ୍କ ସଙ୍କଳ୍ପ ସଫଳ ହୋଇ ଆସୁଅଛି । ଗୋଟିଏ କାର୍ଯ୍ୟ ବିଫଳ ହେଲେ ଅନ୍ୟ କାର୍ଯ୍ୟ ଯଦି କରା ହେଉ ନ ଥା'ନ୍ତା, ତେବେ ବ୍ୟକ୍ତିର ତଥା ସଂସାରର ଉନ୍ନତି ହେବାର ରାସ୍ତା ବନ୍ଦ ହୋଇଥା'ନ୍ତା । କିନ୍ତୁ ଏପରି ହୁଏ ନାହିଁ । ବୈଜ୍ଞାନିକମାନେ ପରୀକ୍ଷା କରି ବାର ବାର ବିଫଳ ହେବା ସତ୍ତ୍ୱେ ବାର ବାର ଚେଷ୍ଟା କରନ୍ତି, ଶେଷରେ ସଫଳ ହୁଅନ୍ତି ।

ଗାନ୍ଧିଜିଙ୍କ ମୌଳିକ ଶିକ୍ଷା, ରବୀନ୍ଦ୍ରନାଥ ଠାକୁରଙ୍କର ଶାନ୍ତିନିକେତନ ଶିକ୍ଷା ସଦୃଶ ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ । ସେସବୁ ଶିକ୍ଷାଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପୂର୍ଣ୍ଣ ଭିନ୍ନ ।

ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ଗୋଟିଏ ଧାରା ବା ପ୍ରଣାଳୀ; ଆଗମନୀ ଅତିମାନସ ସତ୍ୟ ଯୁଗ ପ୍ରତିଷ୍ଠାର ଗୋଟିଏ ଭିତ୍ତି । ଏହି ପୃଥିବୀରେ ଅତିମାନସ ସତ୍ୟଯୁଗ ପ୍ରତିଷ୍ଠା ଅବଶ୍ୟମ୍ଭାବୀ, ଯାହା ଭଗବାନଙ୍କର ସଂକଳ୍ପ ଏବଂ ସୃଷ୍ଟିର ଉଦ୍ଦେଶ୍ୟ । ଏହା ସିଦ୍ଧ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବା ଦ୍ୱାରା । ଶ୍ରୀଅରବିନ୍ଦଙ୍କ ଯୋଗର ତିନୋଟି ପଦ୍ଧତି ବା ତିନୋଟି ଧାରା – ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ଯେଉଁ ଯୋଗ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ବିକାଶ ସହିତ ଆତ୍ମାର ବିକାଶ ହେବ, ସେଥିରେ ହିଁ ବ୍ୟକ୍ତି ହେବ ପୂର୍ଣ୍ଣାଙ୍ଗ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସମ୍ପୂର୍ଣ୍ଣ ମୁକ୍ତ ହେବ ଏବଂ ଏହି ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା ହେବ । ଏହାହିଁ ଭଗବତ୍ ନିର୍ଦ୍ଦିଷ୍ଟ ।

ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ତାହା ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଯେତେ ଅଗ୍ରସର ହେଉଥିବେ ସେହି ଅନୁପାତରେ ପରିବାରରୁ କଳି, ମନୋମାଳିନ୍ୟ, ସମାଜରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଅଭାବ, ବେକାର ସମସ୍ୟା କ୍ରମଶଃ କମ୍ ହେବାକୁ ଲାଗିବ । ବ୍ୟକ୍ତିର ମନ-ପ୍ରାଣ-ଶରୀରର ସମ୍ବନ୍ଧ ବିଶ୍ୱତତ୍ତ୍ୱ ସହିତ ଥିବାରୁ ବ୍ୟକ୍ତିର ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ବିଶ୍ୱତତ୍ତ୍ୱର ରୂପାନ୍ତର ହେବ । କିଛି ସଂଖ୍ୟାରେ ବ୍ୟକ୍ତି ଲକ୍ଷ୍ୟରେ ପହଞ୍ଚିଲେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ସଂସାରରୁ ସମ୍ପୂର୍ଣ୍ଣ ରୂପେ ଅନ୍ୟାୟ,

ଅସତ୍ୟ, ମିଥ୍ୟାଚାର, ଅଭାବ ଦୂର ହେବ । ଅଭାବର ମୂଳ କାରଣ ହେଉଛି ତୀବ୍ର ଇଚ୍ଛାର ଅଭାବ, ଶ୍ରମକାତରତା । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ଜୀବନର ଲକ୍ଷ୍ୟ ଗ୍ରହଣ କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଲେ ତା' ମଧ୍ୟରେ ଥିବା ଅନ୍ୟାନ୍ୟ ଦୋଷତ୍ରୁଟି ଦୂର ହେବା ସଙ୍ଗେ ସଙ୍ଗେ ଆଳସ୍ୟ ରୂପାନ୍ତର ହେବ ଏବଂ କାର୍ଯ୍ୟ କରିବା ସକାଶେ ତୀବ୍ର ଇଚ୍ଛା ତଥା କାର୍ଯ୍ୟକାରିତା ଶକ୍ତିର ବିକାଶ ହେବ । ବ୍ୟକ୍ତି ତୀବ୍ର ଇଚ୍ଛା ସହ କର୍ମରେ ତତ୍ପର ହେଲେ ନିଜର ଅଭାବ ଦୂର ହେବା ସଙ୍ଗେ ସଙ୍ଗେ ଦେଶ ସମୃଦ୍ଧିଶାଳୀ ହେବ ।

କ୍ରମବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଜଡ଼, ପ୍ରାଣ ଓ ମନ ବିଶିଷ୍ଟ ମାନବ ପର୍ଯ୍ୟନ୍ତ ପହଞ୍ଚି ଅଛି । ମନୁଷ୍ୟ ମଧ୍ୟରେ ଥିବା ଆତ୍ମାର ବିକାଶ ସମୟ ଆସିଯାଇଛି । ସେହି ସକାଶେ ଶ୍ରୀଅରବିନ୍ଦ ଶ୍ରୀମା ଏହି ସଂସାରକୁ ଆସି ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରି ଅଛନ୍ତି । ଭିନ୍ନ ଭିନ୍ନ ବ୍ୟକ୍ତି ପାଠଚକ୍ର, ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଦ୍ୱାରା ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ସମ୍ବନ୍ଧେ ସଚେତ ହେବେ ଏବଂ ବ୍ୟକ୍ତି, ପରିବାର ତଥା ସମାଜ ପରିଚାଳିତ ହେଉଥିବା କୌଣସି ଉତ୍ତମ କର୍ମକୁ ତ୍ୟାଗ ନ କରି, ଭଗବତ୍ ଉଦ୍ଦେଶ୍ୟରେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରିବେ; ତେବେ ସେମାନଙ୍କ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବ । ଯେଉଁମାନଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ, ସେହିମାନେ ହେବେ ଅତିମାନବ ।

ଯଦି କ୍ରମବିକାଶକୁ ବିଶ୍ୱାସ କରିବା, ଯଦି ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ବୋଲି ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣ କରିବା, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରଚଳିତ ହେବାରେ ସନ୍ଦେହ କରିବାର ଅବକାଶ ନାହିଁ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ପୁରାତନ ଯୁଗ ସମାପ୍ତ ହୋଇ ଯାଇଛି; ନୂତନ ଅତିମାନସ ସତ୍ୟଯୁଗ ପୃଥିବୀରେ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ପୁରାତନ ଯୁଗର ସମସ୍ତ ପଦ୍ଧତି ଭାଙ୍ଗି ଚୂରମାର ହୋଇ ଯାଉଅଛି । ପୁରାତନ ନୈତିକ ପଦ୍ଧତି ଭାଙ୍ଗି ଯାଇଥିବା ତଥା ନୂତନ ଅତିମାନସ ସତ୍ୟକୁ ଗ୍ରହଣ ନ କରି ଥିବାର ସନ୍ଧିକ୍ଷଣ ଯୋଗୁଁ ବ୍ୟକ୍ତି, ପରିବାର ଓ ସମାଜରେ ଅକଳ୍ପନୀୟ ବିଶୃଙ୍ଖଳା ହେଉଅଛି । ଅଧିକ ସଂଖ୍ୟାରେ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଏହି ଅତିମାନସ ଶକ୍ତିକୁ ଗ୍ରହଣ କଲେ କ୍ରମଶଃ ଏହି ବିଶୃଙ୍ଖଳା ଦୂର ହେବ ଏବଂ ସତ୍ୟ ପ୍ରତିଷ୍ଠା ହେବ । ଏହି ରହସ୍ୟ ଜାଣିବାର ବ୍ୟାପକ ଉପାୟ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭାଙ୍ଗିଯିବ ନାହିଁ; କ୍ରମଶଃ ଅଧିକରୁ ଅଧିକ ବ୍ୟାପକ ରୂପେ ପ୍ରସାରିତ ହେବ ।

ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ ଅନ୍ୟ ଯୁକ୍ତି ହେଲା – ''ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ । ଉପଯୁକ୍ତ ଶିକ୍ଷକ ମଧ୍ୟ ମିଳିବେ ନାହିଁ ।''

ଭାରତରେ ସ୍ୱରାଜ ଆନ୍ଦୋଳନ ନ କରି ଯଦି ସମୟକୁ ଅପେକ୍ଷା କରି ବସି ରହିବାକୁ ହୋଇଥା'ନ୍ତା, ତେବେ ଆଜି ପର୍ଯ୍ୟନ୍ତ ବି ସମୟ ଆସି ନଥା'ନ୍ତା । ଉପଯୁକ୍ତ ସମୟ ବା ପ୍ରସ୍ତୁତି ଆସେ ବ୍ୟକ୍ତି ପ୍ରଯତ୍ନ କଲେ । ଯଦି ପ୍ରସ୍ତୁତି ବା ସମୟ ପୂର୍ବରୁ ଆସନ୍ତା, ତେବେ ବ୍ୟକ୍ତିକୁ ପ୍ରଯତ୍ନ କରିବାକୁ ବା ପ୍ରସ୍ତୁତ ହେବାକୁ ପଡ଼ନ୍ତା ନାହିଁ । ଅନ୍ୟ ବ୍ୟକ୍ତି ମେସିନ୍ ସଦୃଶ ତାକୁ ପିଟିପାଟି ତିଆରି କରି ଦିଅନ୍ତେ, ଯେପରି କ୍ରମବିକାଶ ଜଡ଼ରୁ ପଶୁ ପର୍ଯ୍ୟନ୍ତ ହୋଇଥିଲା । ଏହି ନିୟମ ଥିଲା ପଶୁ ପର୍ଯ୍ୟନ୍ତ । ମନୁଷ୍ୟର ବୁଦ୍ଧି ବିକଶିତ ହେବାରୁ ଏହି ନିୟମ ଭଗବାନଙ୍କ ବିଧାନ ଅନୁସାରେ ପରିବର୍ତ୍ତିତ ହୋଇଗଲା । ମନୁଷ୍ୟ ବୁଦ୍ଧିମାନ୍ ହେବାରୁ ତାକୁ ପ୍ରସ୍ତୁତ ହେବାକୁ ହେଲା । କିନ୍ତୁ ତା'ର ପ୍ରସ୍ତୁତିରେ ସାହାଯ୍ୟ କଲେ ଭଗବାନ୍ । ପଶୁ ପଢ଼ୁ ନ ଥିଲେ, ଘର କରୁ ନ ଥିଲେ, ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରୁ ନ ଥିଲେ, ରେଳ କି ମୋଟର କରି ନ ଥିଲେ । ମନୁଷ୍ୟକୁ ଏହିସବୁ କରିବାକୁ ହେଲା । ଯଦି ଏସବୁ କାର୍ଯ୍ୟ ମନୁଷ୍ୟ କରିପାରେ, ତେବେ ରୂପାନ୍ତର କାର୍ଯ୍ୟର ପ୍ରସ୍ତୁତି ଆପେ ଆପେ ହୋଇଯିବ ! ସେ କିଛି ନ କରି ଖାଲି ଉପରକୁ ଚାହିଁ ବସିଥିବ !

ସମୟ ଆସିବାର ସ୍ପଷ୍ଟ, ନିର୍ବିବାଦ ଲକ୍ଷଣ ହେଉଛି ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହେବା; ସମୟ ନ ଆସିଲେ ବ୍ୟକ୍ତିର ଚାହିଁବା ଉତ୍ପନ୍ନ ହୁଏ ନାହିଁ । ଶହେବର୍ଷ ପୂର୍ବେ ରୂପାନ୍ତର ବିଷୟରେ କେହି ଧାରଣା କରି ନ ଥିଲେ । ଚାହିଁବା ହେଲେ ବ୍ୟକ୍ତି ପ୍ରଯତ୍ନ କରେ, ତେବେ ଲକ୍ଷ୍ୟ ସିଦ୍ଧି ଆବଶ୍ୟକ ହୁଏ । ବ୍ୟକ୍ତିର ଚାହିଁବା ଏବଂ କର୍ମର ଶିଥିଳତା ତଥା ତୀବ୍ରତା ଉପରେ କାର୍ଯ୍ୟ ସିଦ୍ଧିର କମ୍ ବା ବେଶୀ ସମୟ ନିର୍ଭର କରେ । ବ୍ୟକ୍ତିର ଚାହିଁବା ଯେତେ ତୀବ୍ର ହୁଏ, ସେ ସେତେ ଉତ୍ତମ ରୂପେ ପଢ଼ିପାରେ, ଉତ୍ତମ କାର୍ଯ୍ୟ କରିପାରେ, ବ୍ୟବସାୟରେ ଉନ୍ନତି କରେ, ଗବେଷଣାରେ ମଧ୍ୟ ସଫଳତା ପାଏ । ଶ୍ରେଷ୍ଠ ଆଇନଷ୍ଟାଇନଙ୍କ

ହୋଇପାରେ, ଉତ୍ତମ ଡାକ୍ତର ହୋଇପାରେ, ଉତ୍ତମ ରାଜନୈତିକ ନେତା ହୋଇପାରେ । ତୀବ୍ର ଚାହିଁବାରେ ଭଗବତ୍ ପ୍ରାପ୍ତି ବି ହୋଇଥାଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ହିଁ ସାଧକର ତୀବ୍ର ଚାହିଁବା (ଅଭୀପ୍‌ସା) ହେଲେ ସେ ତା'ର ମନ, ପ୍ରାଣ, ତଥା ଜଡ଼ ଶରୀରକୁ ମା'ଙ୍କ ଚରଣରେ ସମର୍ପଣ କରିପାରେ ।

ସମର୍ପିତ ମନ-ପ୍ରାଣ ଶରୀରରେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । ଏହାର ସମୟ ଆସିବାର ନିର୍ବିବାଦ ପ୍ରମାଣ ହେଉଛି ଚାହିଁବା ଉତ୍ପନ୍ନ ହେବା । ଯେଉଁ ବ୍ୟକ୍ତିମାନଙ୍କ ହୃଦୟ ଉନ୍ମୁକ୍ତ ଅଛି ସେହିମାନଙ୍କର ଚାହିଁବା ଉତ୍ପନ୍ନ ହୋଇଅଛି । ସେମାନେ ଅଭାବ, ଦୁଃଖ, କଷ୍ଟକୁ ପରୁଆ ନ କରି, ନିଜ ପରିବାରର ସ୍ୱାର୍ଥ ତ୍ୟାଗ କରି ପ୍ରାଣପଣେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତିଷ୍ଠା କାର୍ଯ୍ୟରେ ଲାଗି ପଡ଼ିଛନ୍ତି । ଏହା ବନ୍ଦ ହେବ ନାହିଁ, କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହେବ ।

କୌଣସି କାର୍ଯ୍ୟ ଆରମ୍ଭରେ ଅଳ୍ପ ସଂଖ୍ୟକ ବ୍ୟକ୍ତି ଆରମ୍ଭ କରନ୍ତି । ପରେ କ୍ରମଶଃ ଏହାର ପ୍ରସାର ହୁଏ । ଯେପରି ସ୍ୱରାଜ ଆନ୍ଦୋଳନରେ ହୋଇଥିଲା । ''ପୂର୍ଣ୍ଣାଙ୍ଗ ଶିକ୍ଷା ସମାଜରେ ପ୍ରୟୋଗ କରିବାର ବେଳ ଆସି ନାହିଁ ।'' – ଏହା ଯଦି ଠିକ୍ ହୁଏ ତେବେ ଆଶ୍ରମ ବିଦ୍ୟାଳୟରେ ଗୋଟିଏ ଗୋଟିଏ ପିଲାଙ୍କୁ ଶିକ୍ଷା ଦେବା ସକାଶେ ଗୋଟିଏ ପରିବାର କିଂବା ସେ ପିଲାର ମାଆ ପଣ୍ଡିଚେରୀରେ ଘରଭଡ଼ା ନେଇ ପିଲାକୁ ପାଖରେ ରଖି ରହୁଛନ୍ତି କାହିଁକି ? ଏବଂ ଆଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଛନ୍ତି ବା କାହିଁକି ? ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଗୋଟିଏ ପରିବାର ନୁହେଁ, କେତେକ ପରିବାର କେବଳ ଗୋଟିଏ ପିଲାକୁ ଶିକ୍ଷାଦେବା ସକାଶେ ପଣ୍ଡିଚେରୀରେ ରହିଅଛନ୍ତି । କାରଣ ଅତି ଛୋଟ ପିଲାଙ୍କୁ ବୋର୍ଡ଼ିଂରେ ରଖା ହୁଏ ନାହିଁ ।

କହିପାରନ୍ତି, ''ଆଶ୍ରମ ସ୍କୁଲ ସହିତ ବାହାରେ ହେଉଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ତୁଳନା କରାହୋଇ ପାରିବ ନାହିଁ ।'' କିନ୍ତୁ ୧୯୪୨ରେ ଯେତେବେଳେ ଆଶ୍ରମରେ ସ୍କୁଲ ଆରମ୍ଭ ହୋଇଥିଲା, ସେତେବେଳେ ଦୁଇ ଚାରିଟି ପିଲାଙ୍କୁ ନେଇ ଜଣେ ମାଷ୍ଟର ପଢ଼ାଉ ଥିଲେ । ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାର କୌଣସି ପ୍ରଣାଳୀ ନ ଥିଲା । କେବଳ ସାଧାରଣ ପ୍ରଣାଳୀରେ ଆରମ୍ଭ ହୋଇଥିଲା । ପରେ ତାହା ବିକାଶ କରିଚାଲିଲା । ବର୍ତ୍ତମାନ ମଧ୍ୟ ପୂର୍ଣ୍ଣତା ପ୍ରାପ୍ତ ହୋଇ ନାହିଁ, ବିକାଶ ମାର୍ଗରେ ଗତିକରି ଚାଲିଛି । ଯେତେବେଳେ କିଛି ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ହେବ, ସେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷା ମଧ୍ୟ ପୂର୍ଣ୍ଣତା ପ୍ରାପ୍ତ ହେବ ।

ଅନ୍ୟ ଯୁକ୍ତି ହେଲା – ପୂର୍ଣ୍ଣାଙ୍ଗ ଶିକ୍ଷା ସକାଶେ ଉପଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମିଳିବେ ନାହିଁ ।

ଏହି ଯୁକ୍ତି ଅନୁସାରେ ବିଚାର କଲେ ଦେଖିବା ବର୍ତ୍ତମାନ ଆଶ୍ରମ ସ୍କୁଲରେ ସେପରି ଉପଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ନାହାନ୍ତି । ଆଶ୍ରମରେ ମଧ୍ୟ ଜଣେ ସାଧକଙ୍କର ମନ-ପ୍ରାଣ-ଶରୀର ରୂପାନ୍ତର ହୋଇ ନାହିଁ । ଆଶ୍ରମ ଆଦର୍ଶରେ ବାହାରେ ସାଧନାଳୟ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହୋଇଅଛି । ଆଶ୍ରମ ଶିକ୍ଷାକେନ୍ଦ୍ରରେ ଉପଯୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଆଶ୍ରମରେ ଉପଯୁକ୍ତ ସାଧକ ନ ଥିବା ସତ୍ତ୍ୱେ ଆଶ୍ରମ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯଦି ପରିଚାଳିତ ହେଉଅଛି, ସେହିପରି ବାହାରେ ଉପଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ନ ଥାଇ ମଧ୍ୟ ତାହା ପରିଚାଳିତ ହେବ । ବନ୍ଦ ହେବାର କୌଣସି କାରଣ ନାହିଁ ।

ପୂର୍ବେ ଆଲୋଚନା ହୋଇଛି, ''ପୂର୍ଣ୍ଣାଙ୍ଗ ଶିକ୍ଷା କେବଳ ପ୍ରଚଳିତ ଶିକ୍ଷା ସଦୃଶ ନୁହେଁ । ଏହା ଜୀବନର ଲକ୍ଷ୍ୟ ପ୍ରାପ୍ତିର ସାଧନା । ବ୍ୟକ୍ତି ଯେତେବେଳେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା ମାର୍ଗରେ ପ୍ରବେଶ କରନ୍ତି, ତାଙ୍କର ସେତେବେଳେ ଭଗବତ୍ ପ୍ରାପ୍ତିର ସମସ୍ତ ବିରୋଧୀ ଗୁଣଧର୍ମ – କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସାଧକ କେବଳ ତୀବ୍ର ଇଚ୍ଛା ନେଇ ସାଧନା ମାର୍ଗରେ ପ୍ରବେଶ କରନ୍ତି । ସାଧନାରେ ଅଗ୍ରସର ହେବା ଅନୁପାତରେ ତା'ର ସମସ୍ତ ଦୋଷ କ୍ରମଶଃ ଦୂର ହୁଏ । ପ୍ରତ୍ୟେକ କର୍ମକ୍ଷେତ୍ରରେ ଏହାହିଁ ନିୟମ ।

ବ୍ୟକ୍ତି ଆଇ. ଏ. ଏସ୍. ପାସ୍ କରନ୍ତି, ଚାକିରି ବି ପାଆନ୍ତି, କିନ୍ତୁ ଉପଯୁକ୍ତତା ପ୍ରାପ୍ତ କରିବା ସକାଶେ ଟ୍ରେନିଂ ନିଅନ୍ତି; କାର୍ଯ୍ୟରେ ଅଭିଜ୍ଞତା ପ୍ରାପ୍ତ ହେଲେ ସେ ଉପଯୁକ୍ତ ଅଫିସର ହୁଅନ୍ତି । ଏହି ପରି ହୁଏ ଡାକ୍ତର, ଇଞ୍ଜିନିୟର ତଥା ଓକିଲଙ୍କର । ସବୁ କ୍ଷେତ୍ରରେ ଯଦି କାର୍ଯ୍ୟ କରିବା ଦ୍ୱାରା ଅଭିଜ୍ଞତା ପ୍ରାପ୍ତ ହେଲେ ବ୍ୟକ୍ତି ଉପଯୁକ୍ତ ହୁଅନ୍ତି, ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ, ଶିକ୍ଷୟିତ୍ରୀ ଆରମ୍ଭରୁ ଉପଯୁକ୍ତ ହୁଅନ୍ତେ କିପରି ?

ରୂପାନ୍ତର ଯୋଗରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ଆବଶ୍ୟକ । କିନ୍ତୁ ଯେଉଁମାନେ ଗାର୍ହସ୍ଥ୍ୟାଶ୍ରମରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ନ କରି 'ମା', ଏହି ନାମ ଜପ କରୁଛନ୍ତି,

ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରୁଛନ୍ତି, ଘର ପରିବାର ସବୁକିଛି ମା'ଙ୍କର ମନେ କରି ମା'ଙ୍କ ସେବା ଭାବରେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରୁଛନ୍ତି, ନିୟମିତ ଧ୍ୟାନ କରୁଛନ୍ତି ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ କରୁଛନ୍ତି; ପାଠଚକ୍ର, ସେମିନାର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରୁଅଛନ୍ତି, ଏମାନଙ୍କର ସାଧନା କରିବା ଦ୍ୱାରା କ୍ରମଶଃ ପ୍ରାଣ ଶୁଦ୍ଧ ହେବ ଏବଂ ଗାର୍ହସ୍ଥ୍ୟାଶ୍ରମରେ ରହି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିବା ଦ୍ୱାରା ବହୁତ ସଂଖ୍ୟାରେ ସାଧକ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରୁ ଅଛନ୍ତି । ସେହିମାନେ ଯଦି ସାଧନା କରି ନ ଥା'ନ୍ତେ ତେବେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ କଦାପି ପାଳନ କରିପାରି ନ ଥା'ନ୍ତେ । ସାଧନାର ପ୍ରଣାଳୀ ହେଉଛି ବ୍ୟକ୍ତି ଯେଉଁ ପରିସ୍ଥିତିରେ ଅଛନ୍ତି ସେହି ପରିସ୍ଥିତିରେ ତାଙ୍କର ଅଭୀପ୍ସା ଉତ୍ପନ୍ନ ହେଲେ ସେ ସାଧନା ଆରମ୍ଭ କରିବେ । ସାଧନାରେ ପ୍ରଗତି ଅନୁସାରେ କ୍ରମଶଃ ଦୋଷ, ଦୁର୍ଗୁଣ ଦୂର ହେବ ।

ଯେଉଁମାନେ ଗୃହ, ପରିବାର ତ୍ୟାଗ କରି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ସାଧନା କରନ୍ତି, ସେମାନଙ୍କର ମଧ୍ୟ ଅନ୍ୟାନ୍ୟ ଦୁର୍ଗୁଣସବୁ ଥାଏ । ସାଧନାର ଉନ୍ନତି ଅନୁସାରେ ସେମାନଙ୍କର ଦୋଷତ୍ରୁଟିର ରୂପାନ୍ତର ହୁଏ । ଠିକ୍ ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ।

ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଆମେ ଯେଉଁ ଦୃଷ୍ଟିରେ ଦେଖୁଛୁ ସେହି ଦୃଷ୍ଟି ଅନୁସାରେ ଆମେ କହିଥାଆନ୍ତୁ, ''ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ବ୍ୟକ୍ତି ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରିପାରିବେ ନାହିଁ; ସେମାନେ ସାଧକ ନୁହନ୍ତି ।'' ଆମର କହିବା ଯଦି ଯଥାର୍ଥ ହୁଅନ୍ତା ତେବେ ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି କେହି ବି ସାଧନା କରନ୍ତେ ନାହିଁ କିଂବା ପରେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ଅନୁସାରେ ପୃଥିବୀରେ ଯେଉଁ ଅତିମାନବ-ଜାତି ପ୍ରତିଷ୍ଠା ହେବା କଥା ତାହା ହୋଇ ପାରନ୍ତା ନାହିଁ ।

ଅତଏବ ବର୍ତ୍ତମାନ ସମାଜ ଯେଉଁ ପରିସ୍ଥିତିରେ ଅଛି ସେହି ପରିସ୍ଥିତିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବୋର୍ଡ଼ ଅଧୀନରେ ପରୀକ୍ଷା ଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧିକ ସଂଖ୍ୟାରେ ହେଲେ ସେତେବେଳେ ସମାଜ ତଥା ଗଭର୍ଣ୍ଣମେଣ୍ଟ ପୂର୍ଣ୍ଣାଙ୍ଗ ଶିକ୍ଷାର ଉପଯୋଗିତା ଏବଂ ଆବଶ୍ୟକତା ହୃଦୟଙ୍ଗମ କରିବେ ଏବଂ ତାକୁ ସ୍ୱୀକୃତି ଦେବେ । ଏହି ଅବସ୍ଥାକୁ ଅପେକ୍ଷା କରି ବସି ରହିଲେ ଏ ପରିସ୍ଥିତି କଦାପି ଆସିବ ନାହିଁ । ବର୍ତ୍ତମାନ ଯେପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଉଛି, ଏହିପରି ଅଧିକରୁ ଅଧିକ ହେଲେ ସେ ପରିସ୍ଥିତି ନିଶ୍ଚୟ ଆସିବ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ଦ୍ୱିତୀୟ ଖଣ୍ଡ, ପୃଷ୍ଠା ୮୪-୮୭) ❑

ଚେତନାର ଏହି ପରିବର୍ତ୍ତନ ଓ ଏଥିଲାଗି ପ୍ରସ୍ତୁତି ଅଧିକାଂଶ ସମୟରେ ଏକ ଅଣ୍ଡା ମଧ୍ୟରେ କୁକୁଡ଼ା ଛୁଆ ଗଠିତ ହେବା ସହିତ ତୁଳନା କରାଯାଏ : ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଣ୍ଡା ସେଇ ଏକାଭଳି ରହେ, ସେଥିରେ କୌଣସି ପରିବର୍ତ୍ତନ ହୁଏ ନାହିଁ, କେବଳ କୁକୁଡ଼ା ଛୁଆ ଯେତେବେଳେ ପୂର୍ଣ୍ଣରୂପେ ଆକାର ଧାରଣ କରେ, ସମ୍ପୂର୍ଣ୍ଣ ସତେଜ ଥାଏ, ସେତେବେଳେ ଏହା ନିଜେ ସେଇ ଖୋଳକୁ ଏହାର ଛୋଟ ଥଣ୍ଟଦେଇ କଣାକରେ ଏବଂ ସେଥିରୁ ବାହାରି ଆସେ । ଚେତନାର ପରିବର୍ତ୍ତନ ସମୟରେ ଠିକ୍ ସେହିପରି କିଛି ଘଟିଥାଏ । ଅନେକ ସମୟ ପର୍ଯ୍ୟନ୍ତ ତୁମର ଧାରଣା ହୁଏ ଯେ କିଛି ବି ହେଉ ନାହିଁ, ତୁମର ଚେତନା ଯେପରି ଥିଲା ସେହିପରି ରହିଛି; ଏପରିକି ତୁମର ଯଦି ଏକ ତୀବ୍ର ଆସ୍ପୃହା ଥାଏ ତେବେ ମଧ୍ୟ ତୁମେ ଏକ ପ୍ରତିରୋଧ ଅନୁଭବ କରିପାର, ଯେପରି ଘୁଞ୍ଚୁ ନ ଥିବା ଏକ କାନ୍ଥ ଉପରେ ତୁମେ ଧକ୍କା ମାରୁଛ । କିନ୍ତୁ ଯେତେବେଳେ ଭିତରେ ଭିତରେ ତୁମେ ପ୍ରସ୍ତୁତ ହୋଇ ସାରିଛ, ଏକ ଶେଷ ପ୍ରଚେଷ୍ଟାରେ ତୁମ ସତ୍ତାର ଖୋଳ ଉପରେ ଖୁମ୍ପି ଦିଅ, ସବୁ ଜିନିଷ ଖୋଲିଯାଏ ଏବଂ ତୁମେ ଅନ୍ୟ ଏକ ଚେତନାକୁ ଉଦ୍‌ଗତ ହୋଇଯାଅ ।

— ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଦୁର୍ଯୋଗ ନିହିତ ସମ୍ଭାବ୍ୟ 'ସଙ୍କେତ'

ବିପୁଳ ତାତ୍ପର୍ଯ୍ୟ ନିହିତ ୨୦୨୦ ମସିହା ଭାବରେ ଚିହ୍ନିତ ମହାକାଳର ଏ ଅଂଶ ବିଶେଷରେ । ଏକ ଶତାବ୍ଦୀ ତଳେ, ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ଶ୍ରୀମା ପଣ୍ଡିଚେରୀରେ ଦ୍ୱିତୀୟ ଥର ଉପନୀତ ହୋଇଥିଲେ; ଭାରତ ବର୍ଷକୁ ଆପଣାର ଆତ୍ମିକ ଭୂଖଣ୍ଡ ରୂପେ ସାବ୍ୟସ୍ତ କରିଥିଲେ । ତାଙ୍କ ଅନନ୍ୟ ଜୀବନ କାଳରେ ସେ ଶ୍ରୀଅରବିନ୍ଦଙ୍କ ଉଦ୍‌ଘାଟିତ ନବ୍ୟ ଜୀବନ-ଦର୍ଶନକୁ ସହସ୍ର ଅଭୀପ୍ସୁଙ୍କ ନିମନ୍ତେ ସୁଗମ କରିଦେଲେ; ଅସୁମାରି ନରନାରୀଙ୍କୁ ଦେଲେ ଏକ ନୂତନ ଭବିଷ୍ୟତର ନିଶ୍ଚୟତା ।

ସେ ମହାଜୀବନର ମହନୀୟତା ଭାଷାରେ ଅଭିବ୍ୟକ୍ତ କରିବା ସମ୍ଭବପର ନୁହେଁ; ଯେମିତି ଭାଷାରେ ବର୍ଣ୍ଣନା କରାଯାଇ ପାରେନା କୌଣସି ଏକ ପୁଷ୍ପର ମହକ । ତାହା ଅନୁଭୂତି ଓ ଉପଲବ୍ଧିର ବ୍ୟାପାର ।

ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀରେ ପଦାର୍ପଣର ଏକଶତ ଏକ ଦଶନ୍ଧି ପୂର୍ତ୍ତି ତଥା ଶ୍ରୀମାଙ୍କର ସ୍ଥାୟୀ ପଦାର୍ପଣର ଶତବାର୍ଷିକୀ ବହୁବିଧ ଅନୁଷ୍ଠାନ ମାଧ୍ୟମରେ ପାଳିତ ହେବାର ଯୋଜନା ଥିଲା । ବିଶ୍ୱବ୍ୟାପୀ ଅନୁରାଗୀମାନେ ସେ ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲାବେଳେ ହିଁ ଆରମ୍ଭ ହେଲା ଅପ୍ରତ୍ୟାଶିତ ଦୁର୍ଯୋଗ – କରୋନା ବ୍ୟାଧି । ପୃଥିବୀର ଇତିହାସରେ ଏଭଳି ଭୟାବହତାର କୌଣସି ଦୃଷ୍ଟାନ୍ତ ନାହିଁ ।

ସାର୍ବଜନୀନ ସ୍ତରରେ ଆମେ ଏଥିରୁ କ'ଣ ଶିକ୍ଷାଲାଭ କରୁଛୁ କିଂବା ସେ ସମ୍ପର୍କରେ ଚିନ୍ତା କରୁଛୁ, ତାହା ଏକ ପ୍ରଶ୍ନ । ଏ ପ୍ରଚଣ୍ଡ ବିଷାଦମୟ ପରିସ୍ଥିତି ଓ ବାତାବରଣ ଭିତରେ ମଧ୍ୟ କୌଣସି କ୍ଷମତାଶାଳୀ ଦେଶର ସୀମା ବିସ୍ତାର ଉଦ୍ୟମ ଭଳି ଔଦ୍ଧତ୍ୟ, ସନ୍ତ୍ରାସବାଦ, ଚୋରି-ଡକାୟତି, ହତ୍ୟାକାଣ୍ଡ, ନାନା କିସମର ବିକୃତି, ବ୍ୟକ୍ତି, ଦଳ ଓ ଗୋଷ୍ଠୀସବୁ ଭିତରେ ଅହଂର ପ୍ରତିଯୋଗିତା, ଆମୋଦପ୍ରମୋଦ, ବିଶୃଙ୍ଖଳ ଆଚରଣ – ସ୍ୱାଭାବିକ ସମୟରେ ଯେପରି ଚାଲିଥାଏ, ସେ ପରମ୍ପରା ଅବ୍ୟାହତ ରହିଛି । ମାନବ ସଭ୍ୟତା, ମଣିଷର ସମସ୍ତ ପ୍ରଗତି ଓ ବୈଜ୍ଞାନିକ ବିକାଶ ପ୍ରତି ଅଟ୍ଟହାସ କରୁଥିବା ଏକ ବିଶ୍ୱବ୍ୟାପ୍ତ ବ୍ୟାଧି ଜରିଆରେ ପ୍ରକୃତି ଆମକୁ କୌଣସି ବିଶେଷ ଶିକ୍ଷା ଅଥବା ଚେତାବନୀ ଦେବାକୁ ଉଦ୍ୟମ କରୁଥାଇପାରେ – ଏଭଳି ସମ୍ଭାବନା ସାମୂହିକ ଭାବରେ ଦେଶ ବିଦେଶର ଶାସକବର୍ଗ କିଂବା ସାଧାରଣ ଜନତାର ଚେତନାକୁ ଆଲୋଡ଼ିତ କରିଛି ବୋଲି ମନେ ହେଉ ନାହିଁ ।

ତେବେ ତାହା ଏକ ବ୍ୟାପକ ପ୍ରସଙ୍ଗ । ଆପାତତଃ ଆମେ ଶ୍ରୀଅରବିନ୍ଦ-ଅନୁରକ୍ତମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ କିଞ୍ଚିତ୍ ନିଷ୍କପଟ, ଏକାଗ୍ର ଚିନ୍ତା କରିବା ଆସନ୍ତୁ ।

ଉତ୍ସବ ଅନୁଷ୍ଠାନର ସାମାଜିକ ଓ ସାଂସ୍କୃତିକ ମୂଲ୍ୟ ବହୁତ । ଶ୍ରୀମାଶ୍ରୀଅରବିନ୍ଦଙ୍କର ଅବଦାନର ବହୁ ଦିଗ ସମ୍ପର୍କରେ ସେସବୁ ଦ୍ୱାରା ସମାଜ ସଚେତନ ହୁଏ । କିନ୍ତୁ ଯେଉଁମାନେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ମୌଳିକ ଶିକ୍ଷାରେ ଅନୁପ୍ରାଣିତ ହୋଇ ଅଧ୍ୟାତ୍ମମୁଖୀ ଜୀବନଧାରା ଆଦରି ନେଇଛନ୍ତି, ସେମାନଙ୍କର ପ୍ରକୃତ କର୍ମ କ'ଣ ? ସଭା ସମିତି ଓ ସଙ୍ଗଠନ ବା ପ୍ରଚାର ଇତ୍ୟାଦି ଆନୁସଙ୍ଗିକ କର୍ମ – ଯଦି ସେସବୁ ଆମେ ଆମ ସାଧନାର ମାଧ୍ୟମ ଭାବରେ ବାସ୍ତବରେ ନିରହଙ୍କାର ଓ ସମ୍ପୂର୍ଣ୍ଣ ନିରାସକ୍ତ ରହି କରୁଥିବୁ । ସେସବୁ କିନ୍ତୁ ପ୍ରାଥମିକ କର୍ମ ନୁହେଁ । ପ୍ରାଥମିକ କର୍ମ ହେଲା ଆପଣାର ଚେତନାକୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଲୋକରେ ଆଲୋକିତ, ପ୍ରସାରିତ କରିବା । ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଶ୍ରୀମା ଶ୍ରୀଅରବିନ୍ଦ କେତେଥର ଏ ଦିଗରେ ଆମ ଆତିଶଯ୍ୟ ଲକ୍ଷ୍ୟ କରି ସେସବୁର ବିଶେଷ ମୂଲ୍ୟ ନାହିଁ ବୋଲି ସତର୍କ କରି ଦେଇଛନ୍ତି । ଯାହା ସତ୍ୟ, ସମୟ ଅନୁସାରେ ତାହା ନିଜକୁ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଧାରାରେ ସାବ୍ୟସ୍ତ କରିବା ଅନିବାର୍ଯ୍ୟ ।

ଅନ୍ୟମାନଙ୍କୁ ଏ ସମ୍ପର୍କରେ ଏ ଲେଖକ ଭଳି ବ୍ୟକ୍ତିର ପରାମର୍ଶ ଦେବା ତା'ର ଅଧିକାର-ବହିର୍ଭୂତ କଥା, କାରଣ ଏ ଲେଖକ ମଧ୍ୟ ବହିରାନୁଷ୍ଠାନରେ ହିଁ ନିଜକୁ ଅଧିକ ମାତ୍ରାରେ ସମ୍ପୃକ୍ତ କରି ଆସିଛି । କିନ୍ତୁ ମନେ ହୁଏ, ଏହି ମହାନ୍ ବର୍ଷରେ ହିଁ ବିଧାତା ଆମକୁ ଉତ୍ସବ ଅନୁଷ୍ଠାନ, ସଭାସମିତି ଇତ୍ୟାଦିର ଆୟୋଜନ କରିବାରୁ ବଞ୍ଚିତ ରଖିବାର ତାତ୍ପର୍ଯ୍ୟ ହୋଇପାରେ ଆମକୁ ଆମର ପ୍ରାଥମିକ ଧର୍ମ ସମ୍ପର୍କରେ ସଚେତନ କରିଦେବା ।

ଏ ଦୁର୍ଯୋଗର 'ସୁଯୋଗ' ନେଇ ଆମେ ଆପଣା ଭିତରେ ଏହି ସମ୍ଭାବନାର ଅନୁଶୀଳନ କରିବା ଆସନ୍ତୁ ।

**– ମନୋଜ ଦାସ** ❑

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 8** **R.N.I. No. 18163/70.**
Navaprakash (Monthly), August, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

**ସାବିତ୍ରୀ**

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**